# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୭/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, September 27/2023 Page 16 | ₹ 7.00

୪୯ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 303 | ମୂଲ୍ୟ ₹୭/-





**ପୂଜାଙ୍କ ବିବାହ ନେଇ ଚର୍ଚ୍ଚା**
ସାଉଥ୍ ଅଭିନେତ୍ରୀ ପୂଜା ହେଗ୍‌ଡେ ମୁମ୍ବାଇର ଜଣେ କ୍ରିକେଟରଙ୍କୁ ଡେଟ୍ କରୁଥିବା ସହ ତାଙ୍କୁ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ୧୨

୧୪ **ନେହାଙ୍କୁ ରୌପ୍ୟ**
ଏସିଆନ୍ ଗେମ୍ସର ସେଲିଂ ଇଭେଣ୍ଟରେ ମଙ୍ଗଳବାର ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ନେହା ଠାକୁର।






ଏସିଆନ ଗେମ୍ସରେ ମଙ୍ଗଳବାର ଇକ୍ୱେଷ୍ଟ୍ରେନ (ଅଶ୍ୱଚାଳନା)ର ଡ୍ରେସେଜ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର (ବାମରୁ) ଦିବ୍ୟାକ୍ରିତି ସିଂ, ସୁଦୀପ୍ତି ହାଜେଲା, ଅନୁଶ ଅଗ୍ରୱାଲ ଓ ବିପୁଲ ହ୍ରିଦୟ ଛେଡା।

# ଅଶ୍ୱଚାଳନାରେ ଭାରତକୁ ସ୍ୱର୍ଣ୍ଣ

## ଏସିଆନ ଗେମ୍ସ: ୪୧ ବର୍ଷ ପରେ ସଫଳତା

ହାଙ୍ଗଝୋ, ୨୬।୯(ପି.ଟି.)

ଚଳିତ ଏସିଆନ ଗେମ୍ସର ଇକ୍ୱେଷ୍ଟ୍ରେନ (ଅଶ୍ୱଚାଳନା) ଇଭେଣ୍ଟରେ ଭାରତକୁ ଐତିହାସିକ ସ୍ୱର୍ଣ୍ଣିମ ସଫଳତା ମିଳିଛି। ପ୍ରତିଯୋଗିତାରେ ଭାରତୀୟ ଡ୍ରେସେଜ (ମିକ୍ସଡ) ଟିମ୍ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ସୁଦୀପ୍ତି ହାଜେଲା, ଦିବ୍ୟାକ୍ରିତି ସିଂ, ବିପୁଲ ହ୍ରିଦୟ ଛେଡା ଓ ଅନୁଶ ଅଗ୍ରୱାଲ ମଙ୍ଗଳବାର ଏହି ସଫଳତା ପାଇଛନ୍ତି। ଭାରତୀୟ ଦଳ ମୋଟ ୨୦୯.୨୦୫ ପର୍ସେଣ୍ଟେଜ ପଏଣ୍ଟ ହାସଲ କରି ପୋଡିୟମରେ ଶୀର୍ଷସ୍ଥାନ ମଣ୍ଡନ କରିଥିଲା। ଚାଇନା ୨୦୪.୮୮୨% ଓ ହଂକଂ ୨୦୪.୮୫୨% ପଏଣ୍ଟ ପାଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଦୀର୍ଘ ୪୧ ବର୍ଷ ବ୍ୟବଧାନରେ ଭାରତ ପ୍ରଥମଥର ପାଇଁ ଅଶ୍ୱଚାଳନା ଇଭେଣ୍ଟରୁ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ☞ପୃଷ୍ଠା-୪

# ହାଇକୋର୍ଟ ବିଚାରପତି ନିଯୁକ୍ତିରେ ବିଳମ୍ବ କରୁଛି କେନ୍ଦ୍ର

## ୭୦ ନାଁ ୧୦ ମାସ ହେଲା ପଡ଼ିରହିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୯

ସୁପ୍ରିମକୋର୍ଟ କଲେଜିୟମ ବିଭିନ୍ନ ହାଇକୋର୍ଟରେ ବିଚାରପତି ନିଯୁକ୍ତି ଓ ବଦଳି ପାଇଁ ୭୦ ନାମ ସୁପାରିସ୍ କରିଥିବାବେଳେ ତାହା କେନ୍ଦ୍ର ସରକାରଙ୍କ ପାଖରେ ପଡ଼ିରହିଛି। ବିଚାରପତି ନିଯୁକ୍ତିରେ ବିଳମ୍ବକୁ ନେଇ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗରେ ସମାଧାନରେ ଆର୍ଟର୍ନି ଜେନେରାଲଙ୍କ କାର୍ଯ୍ୟାଳୟ ସହଯୋଗ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ବିଚାରପତି ନିଯୁକ୍ତି ଓ ବଦଳିରେ ବିଳମ୍ବକୁ ନେଇ ଜଷ୍ଟିସ୍ ସଞ୍ଜୟ କିଶନ କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ପଡ଼ିରହିଥିବା ସୁପାରିସ୍ ଉପରେ ସରକାର କ'ଣ ନିର୍ଦ୍ଦେଶ ଦେଇଛନ୍ତି, ତାହା ଉପରେ ରିପୋର୍ଟ ଦେବାକୁ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ସପ୍ତାହେ ସମୟ ଲୋଡ଼ିଛନ୍ତି। ତେବେ ପରବର୍ତ୍ତୀ ଶୁଣାଣି ମଧ୍ୟରେ ଏନେଇ ପଦକ୍ଷେପ ନିଆ ନ ଗଲେ ଆମେ ଚୁପ୍ ରହିବୁ ନାହିଁ ବୋଲି ବିଚାରପତି ଜଷ୍ଟିସ୍ କୌଲ୍ କହିଛନ୍ତି।

ଗତ ସପ୍ତାହ ସୁଦ୍ଧା ୮୦ ସୁପାରିସ୍ କେନ୍ଦ୍ର ନିକଟରେ ପଡ଼ିରହିଥିବାବେଳେ ଇତିମଧ୍ୟରେ ୧୦ଟି ନାଁକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏବେ ଅଟକି ରହିଥିବା ୭୦ ସୁପାରିସ୍ ମଧ୍ୟରୁ ୨୬ଟି ହେଉଛି ବିଚାରପତିଙ୍କ ବଦଳି ସମ୍ପର୍କିତ ସୁପାରିସ୍। ୭ ନାଁକୁ ପୁନର୍ବାର ସୁପାରିସ କରାଯାଇଥିବାବେଳେ ୯ଟି ନାଁକୁ କେନ୍ଦ୍ର ନ ଫେରାଇ ଅଟକାଇ ରଖିଛି। ଗୋଟିଏ ସୁପାରିସ ଏକ ସମ୍ବେଦନଶୀଳ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତିକୁ ନେଇ ରହିଛି। ଗତବର୍ଷ ନଭେମ୍ବରରୁ ଏଗୁଡ଼ିକ ସରକାରଙ୍କ ପାଖରେ ପଡ଼ିରହିଥିବାବେଳେ ନିଯୁକ୍ତି ଦିଆଯାଉ ନ ଥିବା ଖଣ୍ଡପୀଠ କହିଛନ୍ତି।

# ଗୁଣି ସନ୍ଦେହରୁ ଦମ୍ପତିଙ୍କୁ ହତ୍ୟା

ମୋହନା,୨୬।୯ (ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ଥାନା ଘୋଡ଼ାପଙ୍କା ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ସୋମବାର ରାତିରେ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ କପିଳେନ୍ଦ୍ର ମଲ୍ଲିକ ଓ ସ୍ତ୍ରୀ ସସ୍ମିତା ମଲ୍ଲିକ। ଏହି ଘଟଣାରେ ପୋଲିସ ଗ୍ରାମର ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁବାସ ମଲ୍ଲିକ, ଜଲେନ୍ଦ୍ର ମଲ୍ଲିକ, ହେମନ୍ତ ମଲ୍ଲିକ, ମିଥୁନ ମଲ୍ଲିକ, ବୁଡୁ ମଲ୍ଲିକ, ଚୈତନ୍ୟ ମଲିକ, ଚନ୍ଦନ ମଲ୍ଲିକ ଓ କାମୁନ ମଲ୍ଲିକ।

କପିଳେନ୍ଦ୍ର ଗୁଣିଗାରେଡ଼ି କରୁଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ଗତ ଫେବୃୟାରୀ ୧୧ରେ କେତେଜଣ ଅଜଣା ଲୋକ ତାଙ୍କୁ ଗୁଳି ମାଡ଼ କରିଥିଲେ। ସେ ଗୁରୁତର ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହୋଇଥିଲେ। ସୁସ୍ଥ ହୋଇ ଆସିବା ପରେ ସେ ଭୟରେ ଅଡ଼ବା ଗ୍ରାମରେ ଭଡ଼ାଘର ନେଇ ରହୁଥିଲେ। ପ୍ରାୟ ଏକମାସ ହେବ ଗାଁକୁ ଆସିଥିଲେ। ସୋମବାର ରାତି ପ୍ରାୟ ୮ଟାରେ କପିଳେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଘରେ ଥିଲେ। ଏହି ସମୟରେ କେତେଜଣ ଯୁବକ ପଶିଆସି ଏକ ଟାଙ୍ଗିଆରେ କପିଳେନ୍ଦ୍ରଙ୍କୁ ଅତର୍କିତ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସ୍ତ୍ରୀ ସସ୍ମିତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଭୟରେ ସେ ଦୌଡ଼ି ଉପରସାହିସ୍ଥିତ ବାପା ଘରକୁ ପଳାଇଯିବାକୁ ଚେଷ୍ଟା କରୁଥିଲାବେଳେ ରାସ୍ତାରେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଆର.ଉଦୟଗିରି ଏସଡିପିଓ, ଥାନା ଏସ୍‌ଆଇ ଓ ଅଡ଼ବା ଥାନା ଏସ୍‌ଆଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମଙ୍ଗଳବାର ସକାଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କପିଳେନ୍ଦ୍ରଙ୍କ ମୃତଦେହ ତଳସାହିସ୍ଥିତ ନିଜ ଘରୁ ଓ ସସ୍ମିତାଙ୍କ ମୃତଦେହ ଉପରସାହିସ୍ଥିତ ତାଙ୍କ ବାପା ଘରୁ ଜବତ କରିଥିଲା। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ☞ପୃଷ୍ଠା-୪

# ପ୍ରଭାତ ବିଶ୍ୱାଳଙ୍କ ବିରୋଧରେ ଇଡିର ଚାର୍ଜଶିଟ୍

**ସିଶୋର୍ ଚିଟ୍‌ଫଣ୍ଡ୍ ମାମଲା**

ଭୁବନେଶ୍ୱର,୨୬।୯ (ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାର ଆର୍ଥିକ କାରବାର ଦିଗକୁ ନେଇ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀଙ୍କ ବିରୋଧରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟ (ପିଏମ୍‌ଏଲ୍)ରେ ଦ୍ୱିତୀୟ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଏଥିସହ ସିଶୋରର ଦୁଇଟି କମ୍ପାନୀ ସିଶୋର୍ ସିକ୍ୟୁରିଟି ଲିଃ ଓ ସିଶୋର୍ ମଲ୍ଟିପର୍ପୋଜ କୋ-ଅପରେଟିଭ୍ ଲିଃର ଦୁଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ହାଇଡ୍ରୋଜେନ୍

# ଆପାର୍ଟମେଣ୍ଟ କ୍ରେତା ସଂଘକୁ କ୍ଷମତା

## ■ କମନ୍ ଏରିଆ ଉପରେ ରହିବ ମାଲିକାନା ■ ବିଧାନସଭାରେ ବିଲ୍ ଗୃହୀତ

ଭୁବନେଶ୍ୱର,୨୬।୯ (ଅନିଲ ଦାସ)

ବହୁ ପ୍ରତୀକ୍ଷା ପରେ ଆପାର୍ଟମେଣ୍ଟ ମାଲିକ(କ୍ରେତା)ମାନଙ୍କୁ ସୁରକ୍ଷା ଦେବା ସକାଶେ ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ବିଲ୍-୨୦୨୩କୁ ମଙ୍ଗଳବାର ବିଧାନସଭାରେ ଗୃହୀତ କରାଇଛନ୍ତି।। ଏଥିରେ ଆପାର୍ଟମେଣ୍ଟ କ୍ରେତାମାନଙ୍କ ସଂଘକୁ ଅଧିକ କ୍ଷମତା ଦିଆଯାଇଛି। ସଂଘର ବାଇ-ଲ ଅନୁଯାୟୀ ଆପାର୍ଟମେଣ୍ଟ ପରିଚାଳିତ ହେବ।

ନୂଆ ବିଧେୟକ ବ୍ୟବସ୍ଥା ଅନୁଯାୟୀ ବିଲ୍‌ଡର କିମ୍ବା ପ୍ରମୋଟର କ୍ରେତାମାନଙ୍କୁ ଅକୁପାନ୍ସି ସାର୍ଟିଫିକେଟ ଦେବାର ୩୦ ଦିନ ମଧ୍ୟରେ ସଂଘକୁ କମନ ଏରିଆର ସମସ୍ତ ମୂଳ ପ୍ରମାଣପତ୍ର ଦେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ କ୍ରେତାଙ୍କଠାରୁ ସିକ୍ୟୁରିଟି, ଆଡ୍‌ଭାନ୍ସ ଆକାରରେ ନେଇଥିବା ସମସ୍ତ ଅର୍ଥ ୩୦ ଦିନ ମଧ୍ୟରେ ଫେରାଇବେ। ରିୟଲ ଇଷ୍ଟେଟ୍ ଅଧିନିୟମ(ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ଅନୁଯାୟୀ ପ୍ରକଳ୍ପରେ ୫୦ ପ୍ରତିଶତ ଅଥବା ୭ ଜଣ କ୍ରେତା ହେବା ପରେ ସଂଘ ଗଠନ କରାଯିବ। ପୂର୍ବରୁ ମାଲିକ ସଂଘ ସାଧାରଣ ଅଞ୍ଚଳ(କମନ ଏରିଆ)ରୁ ମାଲିକାନା ହକ୍ ପାଇପାରୁ ନ ଥିଲା। ଏହି ବିଧେୟକ ପାରିତ ହେବା ପରେ ଉକ୍ତ ଅଞ୍ଚଳ ମାଲିକାନା ସଂଘଠାରେ ନ୍ୟସ୍ତ ହେବ। ଏଥିସହିତ ଆପାର୍ଟମେଣ୍ଟ ବିକ୍ରି, ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ ଆଦି କ୍ଷେତ୍ରରେ କମନ ଏରିଆ ହସ୍ତାନ୍ତର କରାଯାଇପାରିବ। ମାତ୍ର ଉକ୍ତ ଅଂଶକୁ କୌଣସି ଉଦ୍ଦେଶ୍ୟରେ ଖଣ୍ଡ ଖଣ୍ଡ କରାଯାଇପାରିବ ନାହିଁ। ପ୍ରତ୍ୟେକ ମାଲିକ ବିଧେୟକରେ ଥିବା ଚୁକ୍ତି, ସର୍ତ୍ତ ଓ କଟକଣାକୁ ମାନିବାକୁ ବାଧ୍ୟ ହେବେ। ଯଦି କେହି ଏହାକୁ ଉଲ୍ଲଂଘନ କରିବେ ଆପାର୍ଟମେଣ୍ଟ ମାଲିକ ସଂଘ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ କ୍ଷତିଭରଣା କରିପାରିବେ। ଏଥିସହିତ ନିଜ ଅଧୀନରେ ଥିବା ଆପାର୍ଟମେଣ୍ଟ ଉପରେ ମାଲିକମାନେ ଋଣ କରିପାରିବେ।

**ଅକୁପାନ୍ସି ସାର୍ଟିଫିକେଟ ବିନା ଘର ବାଣ୍ଟିଲେ ପ୍ରମୋଟର ଗଣିବେ ୫ ଲକ୍ଷ ଜରିମାନା**

ପୂର୍ବରୁ ଆପାର୍ଟମେଣ୍ଟ ବିକ୍ରୟ କରୁଥିବା ପ୍ରମୋଟରଙ୍କ ନାମରେ କମନ ଏରିଆର ରେକର୍ଡ ଅଫ୍ ରାଇଟସ୍ (ଆର୍‌ଓଆର୍) ରହୁଥିଲା। ଏହି ବିଧେୟକ ପାରିତ ହେବା ପରେ ଉକ୍ତ ଅଞ୍ଚଳ ଆପାର୍ଟମେଣ୍ଟ ଆସୋସିଏଶନ ନାମରେ ରେଜିଷ୍ଟ୍ରେଶନ ଅଧିନିୟମ-୧୯୦୮ ଅନୁଯାୟୀ ରେଜିଷ୍ଟ୍ରି କରାଯିବ। ତେବେ ରିୟଲ ଇଷ୍ଟେଟ ଅଧିନିୟମ (ବିନିୟମ ଓ ଉନ୍ନୟନ) ଆଇନ-୨୦୧୬ ପରେ ଯଦି କୌଣସି ଆପାର୍ଟମେଣ୍ଟ ବିକ୍ରି ହୋଇଥିବ ଏବଂ କମନ ଏରିଆ ଆସୋସିଏଶନ ନାମରେ ଆର୍‌ଓଆର୍ ହୋଇ ନ ଥିବ ସେ କ୍ଷେତ୍ରରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍-୨୦୨୩ ବ୍ୟବସ୍ଥା ଅନୁଯାୟୀ ୩ ମାସ ମଧ୍ୟରେ ରେଜିଷ୍ଟ୍ରି କରାଯିବାକୁ ବ୍ୟବସ୍ଥା ହୋଇଛି। ପଞ୍ଜୀକରଣ ସମୟରେ ଓଡ଼ିଶା ରିୟଲ ଇଷ୍ଟେଟ ବିନିୟାମକ ପ୍ରାଧିକରଣ(ରେରା) ପଞ୍ଜୀକରଣ ପ୍ରମାଣପତ୍ର ଦେବାକୁ ହେବ। ଆପାର୍ଟମେଣ୍ଟ ମାଲିକମାନେ ସଂଘର ବାଇ-ଲ'କୁ ମାନି ଚଳିବାକୁ ହେବ। କମନ ଏରିଆ ଯେଉଁ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ କେବଳ ସେହି ଉଦ୍ଦେଶ୍ୟରେ ହିଁ ବ୍ୟବହାର କରାଯିବ। ଆପାର୍ଟମେଣ୍ଟ ସଂଘର ନୀତିନିୟମକୁ କୌଣସି ପରିସ୍ଥିତିରେ ବାଧା ଦେବା କିମ୍ବା ହସ୍ତକ୍ଷେପ କରାଯାଇ ପାରିବ ନାହିଁ। ମାଲିକମାନେ ନିଜ ଆପାର୍ଟମେଣ୍ଟକୁ ନିଜ ଖର୍ଚ୍ଚରେ ମରାମତି କିମ୍ବା ରକ୍ଷଣାବେକ୍ଷଣ କରିପାରିବେ। ମାତ୍ର ସାଧାରଣ ସ୍ଥାନରେ ଥିବା କୌଣସି ଭାଗକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ। ☞ପୃଷ୍ଠା-୪

# ୱାହିଦା ରେହମାନଙ୍କୁ ଦାଦା ସାହେବ ଫାଲ୍‌କେ

## ଗଞ୍ଜାମ କଳା ପରିଷଦ ମଞ୍ଚରେ ପ୍ରଥମେ ନୃତ୍ୟ ପରିବେଷଣ କରିଥିଲେ

### ୫ ଦଶନ୍ଧିର କ୍ୟାରିୟର, ୯୦ ଫିଲ୍ମରେ ଅଭିନୟ

ନୂଆଦିଲ୍ଲୀ,୨୬।୯



ବର୍ଷୀୟାନ ଅଭିନେତ୍ରୀ ୱାହିଦା ରେହମାନଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯିବ। ଦେଶର ଅନ୍ୟତମ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜଣାଶୁଣା ୱାହିଦା 'ପ୍ୟାସା', 'ସିଆଇଡି', 'କାଗଜ କେ ଫୁଲ', 'ଖାମୋସି' ଏବଂ 'ତ୍ରିଶୂଳ' ଭଳି ଫିଲ୍ମରେ ନିଜ ଅଭିନୟର ଯାଦୁକରୀ ଦେଖାଇ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ତାଙ୍କୁ ଭାରତୀୟ ସିନେମା ଜଗତର ଏହି ସର୍ବୋଚ୍ଚ ସମ୍ମାନ ଦିଆଯିବା ନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଘୋଷଣା କରିଛନ୍ତି। ଚଳଚ୍ଚିତ୍ର ଜଗତ ପ୍ରତି ୱାହିଦାଙ୍କ ଅବଦାନ ଉଲ୍ଲେଖନୀୟ। ତାଙ୍କୁ ଦାଦାସାହେବ ଫାଲ୍‌କେ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରାଯିବ ବୋଲି ଅନୁରାଗ ନିଜ ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି। ଏଥିସହ ୱାହିଦାଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ☞ପୃଷ୍ଠା-୪

# 'ପୁଅ କହିଲେ, ଝିଅ ଦେଲେ'

## କ୍ୟାପିଟାଲ ହସ୍ପିଟାଲରେ ଶିଶୁ ବଦଳ ଅଭିଯୋଗ

ଭୁବନେଶ୍ୱର, ୨୬।୯ (ଅସମାପିକା ସାହୁ)

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ନବଜାତ ଶିଶୁ ଅଦଳବଦଳ ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମେ ପୁଅ ଜନ୍ମ ହୋଇଥିବା କହି ପରେ ଝିଅ ଦିଆଯାଇଥିବା ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ନବଜାତ ଶିଶୁର ବାପା ତଥା କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ପ୍ରାଣକୃଷ୍ଣ ବିଶ୍ୱାଳ। ମଙ୍ଗଳବାର ସେ ଏ ସଂକ୍ରାନ୍ତରେ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଜଣାଇବା ସହ ଶିଶୁର ଡିଏନ୍‌ଏ ଟେଷ୍ଟ ଦାବି କରିଛନ୍ତି। ଏପରିକି ଡିଏନ୍‌ଏ ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ନବଜାତ ଶିଶୁକୁ ନେବେ ନାହିଁ ବୋଲି ପ୍ରାଣକୃଷ୍ଣ କହିଛନ୍ତି। ଏଥିସହ ସେ କ୍ୟାପିଟାଲ ଥାନାରେ ମଧ୍ୟ ଏନେଇ ଏତଲା ଦେଇଛନ୍ତି। ତେବେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ମଧ୍ୟ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ପ୍ରାଣକୃଷ୍ଣଙ୍କ ଅଭିଯୋଗ ଅନୁସାରେ, ଗର୍ଭଯନ୍ତ୍ରଣା ବଢ଼ିବାରୁ ସ୍ତ୍ରୀଙ୍କୁ ସୋମବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ସେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୧୦ଟାରେ ତାଙ୍କର ପୁଅ ହୋଇଥିବା ନେଇ ମେଡିକାଲ କର୍ମଚାରୀ କହିଥିଲେ। ପରେ ଜଣେ ନର୍ସ ଶିଶୁଟିକୁ ତାଙ୍କ ଶାଶୁଙ୍କୁ ଦେଇଥିଲେ। ☞ପୃଷ୍ଠା-୪




ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୭ ସେପ୍ଟେମ୍ବର, ୨୦୨୩

**ଦୋକାନରୁ ୨୫ କୋଟିର ଗହଣା ଲୁଟ୍**

ନୂଆଦିଲ୍ଲୀର ଭୋଗଲ ଅଞ୍ଚଳରେ ଥିବା ଏକ ଜୁଏଲେରୀ ଦୋକାନର ଷ୍ଟ୍ରଙ୍ଗ୍‌ରୁମ୍ କାନ୍ଥରେ କଣା କରି ଚୋରମାନେ ୨୫ କୋଟି ଟଙ୍କା ମୂଲ୍ୟର ଗହଣା ନେଇ ଚମ୍ପଟ୍ ମାରିଛନ୍ତି। ଦିଲ୍ଲୀରେ ଏହା ସବୁଠୁ ବଡ଼ ଡକାୟତି ଘଟଣା। ପୋଲିସ ଏହାର ତଦନ୍ତ ଚଳାଇଥିବା କହିଛି। ଦୋକାନ ମାଲିକ ସଞ୍ଜୀବ ଜୈନଙ୍କ କହିବା ଅନୁଯାୟୀ ତାଙ୍କ ଦୋକାନ ରବିବାର ବନ୍ଦ ରହିଥିଲା। ମଙ୍ଗଳବାର ଦୋକାନ ଖୋଲିଲା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା।

# ପକ୍ଷ ଛେଦନ ନା 'ଇଣ୍ଡିଆ'କୁ ଡର

**ଭାଜପାର ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ନେତା ଶିବରାଜ ସିଂ ଚୌହାନ ଜାତୀୟ ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା। କିନ୍ତୁ ଚଳିତବର୍ଷ ଶେଷ ଆଡ଼କୁ ହେବାକୁ ଥିବା ମଧ୍ୟପ୍ରଦେଶ ନିର୍ବାଚନରେ ସେ ଦଳୀୟ ଗୁରୁତ୍ୱ ହରାଇପାରନ୍ତି। ତାଙ୍କୁ ଭାଜପା ଆଉ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରି ନ ପାରେ ବୋଲି ଆଶଙ୍କା ଉପୁଜିଛି। କାରଣ ୨୩୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଜାରି ୭୯ ଜଣିଆ ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ୪ ଜଣ ଏମ୍‌ପି ଥିବାବେଳେ ମୁଖ୍ୟମନ୍ତ୍ରୀ ଶିବରାଜଙ୍କୁ ଏଯାଏ ଟିକେଟ ଦିଆଯାଇନାହିଁ। ଏପରି କି ସେ କେଉଁ ଆସନରୁ ଲଢ଼ିବେ ତାହା ମଧ୍ୟ ଦଳ ସ୍ପଷ୍ଟ କରୁନାହିଁ। ଭାଜପାର ଏହି ପକ୍ଷ ଛେଦନ ରଣନୀତି ଶିବରାଜଙ୍କ ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ ଲଗାଇଛି।**


ଶିବରାଜ ସିଂ ଚୌହାନ

**ଭାଜପା ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନାମ ନାହିଁ**

## ଶିବରାଜଙ୍କ ରାଜନୈତିକ ଭବିଷ୍ୟତ ଉପରେ ପ୍ରଶ୍ନଚିହ୍ନ

**ନୂଆଦିଲ୍ଲୀ/ଭୋପାଳ,୨୬।୯**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୨୦୧୮ ନଭେମ୍ବର ୨୮ରେ ଅନୁଷ୍ଠିତ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ୧୧୪ ଆସନ ଦଖଲ କରିଥିବା କଂଗ୍ରେସ ଝୁଲା ସରକାର ଗଠନ କରିଥିଲା। ଭାଜପା ୧୦୯ ଆସନରେ ସୀମିତ ରହିଥିଲେ ବି ଏପରି ପେଞ୍ଚ କରିଥିଲା ଯେ, କଂଗ୍ରେସ ସରକାରର ପତନ ଘଟିଥିଲା। ଜ୍ୟୋତିରାଦିତ୍ୟ ସିନ୍ଧିଆ ବିଦ୍ରୋହୀ ସାଜି ୨ ଡଜନରୁ ଉର୍ଦ୍ଧ୍ୱ ଅନୁଗତ ବିଧାୟକଙ୍କୁ ନେଇ ଭାଜପାରେ ସାମିଲ ହୋଇଥିଲେ। ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଏଥିପାଇଁ ସିନ୍ଧିଆଙ୍କୁ କେନ୍ଦ୍ରମନ୍ତ୍ରୀ କରି ପୁରସ୍କୃତ କରାଯାଇଥିଲା। କଂଗ୍ରେସର ୫ ବର୍ଷରୁ ୩ ବର୍ଷ ଶାସନ ଭାଜପା ଛଡ଼ାଇନେଇଥିଲା, ଯାହାର ପ୍ରତିଶୋଧ ନେବା ପାଇଁ ସର୍ବପୁରାତନ ଦଳ ଏବେ ଅଣ୍ଟା ଭିଡ଼ିଛି। ଏଭଳି ସ୍ଥିତିରେ ୨୦୨୪ ପୂର୍ବରୁ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଭୋଟ ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଏବଂ କଂଗ୍ରେସ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଏହିକ୍ରମରେ ଗତ ଅଗଷ୍ଟରୁ ଅଦ୍ୟାବଧି ଭାଜପା ପକ୍ଷରୁ ୨ଟି ପର୍ଯ୍ୟାୟରେ ୭୯ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପ୍ରାର୍ଥୀମାନଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ପ୍ରହ୍ଲାଦ ସିଂ ପଟେଲ ଓ ଫଗନ ସିଂ କୁଲସ୍ତେ। ସେହିପରି ଅନ୍ୟ ୪ ଦଳୀୟ ଏମ୍‌ପି ଗଣେଶ ସିଂ, ରିତି ପାଠକ, ରାକେଶ ସିଂ ଓ ଉଦୟ ପ୍ରତାପ ସିଂଙ୍କୁ ମଧ୍ୟ ଭାଜପା ଟିକେଟ ଦେଇଛି। ଏପରି କି ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟଙ୍କୁ ମଧ୍ୟ ପ୍ରାର୍ଥୀ କରାଯାଇଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଶିବରାଜଙ୍କ ନାମ ଅଦ୍ୟାବଧି ଘୋଷଣା କରାଯାଇନାହିଁ। ଭାଜପା ପକ୍ଷରୁ ଆହୁରି ୧୫୧ ଆସନରେ ପ୍ରାର୍ଥୀ ଦେବା ବାକି ଥିଲେ ହେଁ ୬୪ ବର୍ଷୀୟ ଶିବରାଜଙ୍କୁ ନେଇ କଂଗ୍ରେସ କଟାକ୍ଷ କରିଛି। ରାଜ୍ୟରେ ସରକାର ବିରୋଧୀ ହାୱା ବହୁଛି। ଶାସକ ଦଳରେ ବିଶ୍ୱାସ ସଙ୍କଟ ସୃଷ୍ଟି ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାର ପରାଜୟ ସ୍ୱୀକାର କରିଥିବା ମଧ୍ୟପ୍ରଦେଶ କଂଗ୍ରେସ କମିଟି (ଏମ୍‌ପିସିସି) ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥ କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ଅନ୍ୟ ରାଜ୍ୟଗୁଡ଼ିକ ଭଳି ମଧ୍ୟପ୍ରଦେଶ ନିର୍ବାଚନୀ ପ୍ରଚାରର କେନ୍ଦ୍ରସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହିଆସିଛନ୍ତି। ସୋମବାର ମୋଦିଙ୍କ ଭୋପାଳ ଗସ୍ତର କିଛି ଘଣ୍ଟା ପରେ ପ୍ରକାଶିତ ଭାଜପା ପ୍ରାର୍ଥୀ ତାଲିକାରେ ୩ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୭ ଏମ୍‌ପିଙ୍କ ନାମ ଯେତିକି ବିସ୍ମିତ କରିଛି ସେଥିରୁ ଅଧିକ ଆଶ୍ଚର୍ଯ୍ୟଚକିତ କରିଛି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ନେଇ ନୀରବତା। କଂଗ୍ରେସ ନେତା ରଣଦୀପ ସୁର୍ଯ୍ୟେୱାଲାଙ୍କ ମତରେ ଭାଜପା ବର୍ତ୍ତମାନ ବିରୋଧୀଙ୍କୁ ନେଇ ଭୟଭୀତ। ତେଣୁ ଶାସକ ଦଳ 'ବୁଡ଼ିଯାଉଥିବା ଜାହାଜ'କୁ ରକ୍ଷା କରିବା ପାଇଁ କେନ୍ଦ୍ରୀୟ ନେତାମାନଙ୍କୁ ବିଧାନସଭା ନିର୍ବାଚନରେ ଟିକେଟ ଦେଇଛି। ଏହି ବଡ଼ ନେତାମାନେ ଶିବରାଜଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ। ସୂତ୍ରରୁ ଜଣାପଡ଼ିଛି ଯେ ଚଳିତବର୍ଷ ନିର୍ବାଚନ ହେବାକୁ ଥିବା ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାଜପା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା ନ କରି ସାମୂହିକ ନେତୃତ୍ୱ ଜରିଆରେ 'ଏକତା'ର ସନ୍ଦେଶ ଦେବାକୁ ଯାଉଛି। ତେଲଙ୍ଗାନା ଓ ମିଜୋରାମରେ ମଧ୍ୟ ଅନୁରୂପ ରଣନୀତି ଆପଣାଇପାରେ। ୨୬ ଦଳ ଏକାଠି ହୋଇ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନାମରେ ଗଢ଼ିଥିବା ବ୍ଲକ୍‌ର ପ୍ରଭାବ ବୃଦ୍ଧି ଘଟୁଥିବାବେଳେ ଶକ୍ତିଶାଳୀ ଭାଜପା ପ୍ରଥମ ଥର ପାଇଁ ଏକ ଅଣବିଭାଜିତ ବିରୋଧୀକୁ ସାମ୍ନା କରିବାକୁ ଯାଉଛି। ତେଣୁ କେନ୍ଦ୍ରରେ ସରକାର ଗଢ଼ିଥିବା ଏହି ଦଳ ଆଗକୁ ଆଉ କ'ଣ ସବୁ ଉପାୟ ପାଞ୍ଚୁଛି ତା' ଉପରେ ନଜର ରହିବ।

> "ମଧ୍ୟପ୍ରଦେଶରେ ଭାଜପା ପରାଜୟ ସ୍ୱୀକାର କରିସାରିଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦାବି କରୁଥିବା ୧୫ରୁ ଉର୍ଦ୍ଧ୍ୱ ବର୍ଷର ବିକାଶକୁ ଭାଜପାର ପ୍ରାର୍ଥୀ ତାଲିକା ପ୍ରତ୍ୟାଖ୍ୟାନ କରିଛି। ଏହା ହେଉଛି ଦଳ ଭିତରେ ପରାଜୟର ସ୍ୱୀକାରୋକ୍ତି। ଏଥର ଭୋଟର ଭାଜପାବାଲାଙ୍କ ୧୮.୫ ବର୍ଷ କୁଶାସନର ହିସାବ ନେବେ।
> **-କମଲନାଥ, ମଧ୍ୟପ୍ରଦେଶ କଂଗ୍ରେସ ସଭାପତି**



## ସଂକ୍ଷେପରେ

### ଆମେରିକାରେ ଶଟ୍‌ଡାଉନ୍ ସଙ୍କଟ ଆଶଙ୍କା

**ୱାଶିଂଟନ୍,୨୬।୯:** ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଆମେରିକାରେ ସରକାରୀ ଶଟ୍‌ଡାଉନ୍ ସଙ୍କଟର ଆଶଙ୍କା ସୃଷ୍ଟି ହୋଇଛି। ଅକ୍ଟୋବର ୧ ଡେଡ୍‌ଲାଇନ୍ ଥିବାବେଳେ ମଙ୍ଗଳବାର କଂଗ୍ରେସର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ଓ ସିନେଟରେ ବ୍ୟୟକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ଏଥିଯୋଗୁ ୧ ଦଶନ୍ଧି ମଧ୍ୟରେ ଚତୁର୍ଥ ଥର ପାଇଁ ସରକାର ଅଚଳାବସ୍ଥାକୁ ଚାଲିଯିବା ଭଳି ସ୍ଥିତି ଉପୁଜିପାରେ। ବର୍ତ୍ତମାନ ଉପଲବ୍ଧ ଥିବା ଅର୍ଥ ଶନିବାର ମଧ୍ୟରାତ୍ରିରେ ଶେଷ ହୋଇଗଲେ ସରକାର ପରିଚାଳନା କଷ୍ଟକର ହୋଇପଡ଼ିବ। ସରକାରୀ ସେବାଗୁଡ଼ିକ ଉପରେ ନିର୍ଭରଶୀଳ ଲୋକେ ଅଚଳାବସ୍ଥା ଦୂର ନ ହେବା ଯାଏ ଦରମା ପାଇବେ ନାହିଁ। ତେଣୁ ଡେମୋକ୍ରାଟ୍‌ଙ୍କ ନିୟନ୍ତ୍ରଣରେ ଥିବା ସିନେଟ୍ ପାଣ୍ଠି ପ୍ରଦାନ ସମ୍ପର୍କିତ ବିଲ୍ ସପକ୍ଷରେ ଭୋଟ ଦେବା ପାଇଁ ଯୋଜନା କରିଛି। ରିପବ୍ଲିକାନ୍ ହାଉସ୍ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥି ନିଜ ଦଳର ବିଦ୍ରୋହୀ ସଦସ୍ୟଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି।

### କାନାଡା ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଛି: ଶ୍ରୀଲଙ୍କା ମନ୍ତ୍ରୀ

**ନ୍ୟୁୟର୍କ,୨୬।୯:** ଭାରତ-କାନଡା କୂଟନୈତିକ ବିବାଦକୁ ନେଇ ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରୀ ଅଲି ସାବ୍ରି ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। କାନାଡା ଆତଙ୍କବାଦୀଙ୍କ ସୁରକ୍ଷିତ ଭୂସ୍ୱର୍ଗ ପାଲଟିଛି। ଏହାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ବିନା ପ୍ରମାଣରେ ଉତ୍ତେଜନାପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। ଟ୍ରୁଡୋ ଅନେକ ସମୟରେ ଉତ୍ତେଜକ ତଥା ପ୍ରମାଣ ନ ଥିବା ଅଭିଯୋଗ କରିଥାନ୍ତି। ଶ୍ରୀଲଙ୍କାରେ କୌଣସି ଗଣହତ୍ୟା ହୋଇ ନ ଥିବା ସମସ୍ତେ ଜାଣନ୍ତି। କିନ୍ତୁ ଟ୍ରୁଡୋ ଏଭଳି ଏକ ମନଗଢ଼ା ଅଭିଯୋଗ ଆଣିଥିଲେ ବୋଲି ଅଲି କହିଛନ୍ତି।

### ୨ ବିମାନ ଧକ୍କା: ୫ ମୃତ

**ମେକ୍ସିକୋ ସିଟି,୨୬।୯:** ମେକ୍ସିକୋର ଉତ୍ତର ଭାଗରେ ଥିବା ଡୁରାଙ୍ଗୋ ରାଜ୍ୟରେ ଦୁଇଟି ଘରୋଇ ବିମାନ ମଧ୍ୟରେ ଧକ୍କାହେବାରୁ ଜଣେ ଶିଶୁ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଲା ଗାଲାନ୍‌ସିଟା ସହରର ଏକ ଅପରିଷ୍କାର ଏୟାରଷ୍ଟ୍ରିପ୍‌ରେ ସୋମବାର ଏହି ଦୁର୍ଘଟଣା ଘଟିଥିଲା। ଗୋଟିଏ ବିମାନ ଉଡ଼ାଣ ଆରମ୍ଭ କରୁଥିବାବେଳେ ଅନ୍ୟଟି ଲ୍ୟାଣ୍ଡିଂ କରିବାରୁ ସେମାନଙ୍କ ମଧ୍ୟରେ ଧକ୍କା ହୋଇଥିଲା ବୋଲି ରାଜ୍ୟର ସୁରକ୍ଷା ସଚିବାଳୟ ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ଯୋଗୁ ଦୁଇଟି ବିମାନରେ ନିଆଁ ଲାଗିଯାଇଥିଲା।

### ପଞ୍ଜାବର ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ଗିରଫ ପରୱାନା

**ଚଣ୍ଡିଗଡ଼,୨୬।୯:** ସମ୍ପତ୍ତି କିଣାରେ ଅନିୟମିତତାକୁ ନେଇ ପଞ୍ଜାବର ପୂର୍ବତନ ଅର୍ଥମନ୍ତ୍ରୀ ମନପ୍ରୀତ୍ ସିଂ ବାଦଲଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ବ୍ୟୁରୋ ମାମଲା ରୁଜୁ କରିଥିବାବେଳେ ମଙ୍ଗଳବାର ଏକ ଅଦାଲତ ତାଙ୍କ ନାଁରେ ଗିରଫ ପରୱାନା ଜାରି କରିଛନ୍ତି। ଗତ ଜାନୁୟାରୀରେ ମନପ୍ରୀତ୍ ଭାଜପାରେ ଯୋଗଦେଇଥିଲେ। ସେ ମନ୍ତ୍ରୀ ଥିବାବେଳେ କ୍ଷମତାର ଅପବ୍ୟବହାର କରି ବଠିଣ୍ଡାରେ ଦୁଇଟି ବ୍ୟବସାୟିକ ପ୍ଲଟ୍‌କୁ ବାସୋପଯୋଗୀ ପ୍ଲଟ୍‌ରେ ପରିବର୍ତ୍ତନ କରାଇ ନିଜ ନାଁରେ କିଣିଥିବା ଅଭିଯୋଗ ହୋଇଥିଲା।



### 'ମୃତ' କମାଣ୍ଡର ଜୀବିତ

**ପ୍ରମାଣ ଦେଲା ରୁଷିଆ**

**ମସ୍କୋ,୨୬।୯:** ରୁଷିଆର ବ୍ଲାକ୍ ସି ଫ୍ଲିଟ୍ କମାଣ୍ଡର ଭିକ୍ଟର ସୋକୋଲୋଭ୍ ମଙ୍ଗଳବାର ଏକ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଛନ୍ତି, ଯାହାଙ୍କୁ ଦିନକ ପୂର୍ବରୁ ୟୁକ୍ରେନୀୟ ସ୍ୱତନ୍ତ୍ର ବଳ ହତ୍ୟା କରିଥିବା ଦାବି କରିଥିଲା। ରୁଷୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଭିଡିଓରେ ସୋକୋଲୋଭ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଓ ଅନ୍ୟ ଶୀର୍ଷ ଆଡ୍‌ମିରାଲ ତଥା ସେନା ମୁଖ୍ୟଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଛି। କ୍ରିମିଆରେ ମସ୍କୋର ବରିଷ୍ଠ ଆଡମିରାଲ ଭାବେ ଅବସ୍ଥାପିତ ସୋକୋଲୋଭ୍‌ଙ୍କ ସମେତ ୩୩ ଅଧିକାରୀଙ୍କୁ ଗତ ସପ୍ତାହରେ ମିଶାଇଲ ମାଡ଼ କରି ହତ୍ୟା କରିଥିବା ୟୁକ୍ରେନ୍ ଦାବି କରିଥିଲା।



## କାନାଡା ଶିଖ୍‌ଙ୍କ ଭାରତ ବିରୋଧୀ ବିକ୍ଷୋଭ

**ଟରଣ୍ଟୋ,୨୬।୯**

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟାରେ ନୂଆଦିଲ୍ଲୀର ଭୂମିକା ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିବାର ସପ୍ତାହେ ପରେ ସେଠାରେ ଥିବା ଭାରତୀୟ କୂଟନୈତିକ ମିଶନ ବାହାରେ ଶହ ଶହ ସଂଖ୍ୟାରେ ଶିଖ୍ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋକୁ ନଷ୍ଟ କରିବା ସହ ଭାରତୀୟ ପତାକା ପୋଡ଼ିଥିଲେ। ଆମେ ପଞ୍ଜାବ ଫେରିବା ନିରାପଦ ନୁହେଁ, ଆମେ କାନାଡାରେ ମଧ୍ୟ ସୁରକ୍ଷିତ ନୋହୁଁ ବୋଲି ଟରଣ୍ଟୋରେ ଶିଖ୍ ସମ୍ପ୍ରଦାୟର ସଦସ୍ୟ ଜୋ ହୋଥା କହିଛନ୍ତି। ନିଜ୍ଜର ହତ୍ୟାରେ ଭାରତର ଏଜେଣ୍ଟ ସମ୍ପୃକ୍ତ ବୋଲି ପ୍ରଧାନମନ୍ତ୍ରୀ ଟ୍ରୁଡୋ ପାର୍ଲାମେଣ୍ଟରେ କହିସାରିଥିବାରୁ ଆଉ କ୍ଷମା ନାହିଁ ବୋଲି ଶିଖ୍ ବିକ୍ଷୋଭକାରୀ ହରପାର ଗୋସାଲ କହିଛନ୍ତି। ଭାରତୀୟ ଆତଙ୍କବାଦୀ ଆମ ଭାଇଙ୍କୁ ଭାଙ୍କୋଭରରେ ହତ୍ୟା କରିଥିବାରୁ ଆବେ ଭାରତୀୟ ବାଣିଜ୍ୟିକ ଦୂତାବାସ ବାହାରେ ବିକ୍ଷୋଭ କରୁଛୁ ବୋଲି କାନାଡାର ଶିଖ୍‌ମାନେ କହିଛନ୍ତି। ବିକ୍ଷୋଭକାରୀମାନେ ହାତରେ ଖଲିସ୍ତାନୀ ପତାକା ଧରିଥିଲେ। ଟରଣ୍ଟୋ ସମେତ ଓଟାୱା ଏବଂ ଭାଙ୍କୋଭରରେ ମଧ୍ୟ ବିକ୍ଷୋଭ କରାଯାଇଛି।



ଟରଣ୍ଟୋସ୍ଥିତ ଭାରତୀୟ କୂଟନୈତିକ ମିଶନ ବାହାରେ କାନାଡା ଶିଖ୍‌ମାନେ ଭାରତ ବିରୋଧରେ ବିକ୍ଷୋଭ କରୁଛନ୍ତି।

## ଛାତ୍ରୀ, ଛାତ୍ରଙ୍କୁ ଅପହରଣ ପରେ ହତ୍ୟା


ଲୁୱାଙ୍ଗବି ହିଜାମ୍


ଫିଜାମ୍ ହେମନ୍‌ଜିତ

**ମଣିପୁର ପୁଣି ଅଶାନ୍ତ**
**ଲାଠିଚାର୍ଜରେ ୪୫ ବିକ୍ଷୋଭକାରୀ ଆହତ**

**ଇମ୍ଫାଲ,୨୬।୯**

ଜାତିଆଣ ହିଂସା ପ୍ରଭାବିତ ମଣିପୁରର ଇମ୍ଫାଲ ଉପତ୍ୟକାକୁ ପୁଣି ଉତ୍ତେଜନା ଫେରିଛି। ଗତ ଜୁଲାଇ ୬ରେ ମେଇତି ସମ୍ପ୍ରଦାୟର ୧୭ ବର୍ଷୀୟା ଲୁୱାଙ୍ଗବି ହିଜାମ୍ ଏବଂ ୨୦ ବର୍ଷୀୟ ଫିଜାମ୍ ହେମନ୍‌ଜିତ ନିଖୋଜ ହୋଇଯାଇଥିଲେ। ଦୁହିଁଙ୍କ ମୃତଦେହ ସୋମବାର ମିଳିଥିଲା। ସେମାନଙ୍କୁ କୁକି ଉଗ୍ରପନ୍ଥୀମାନେ ଅପହରଣ ପରେ ହତ୍ୟା କରିଥିବା ରାଜ୍ୟ ସରକାର ସୂଚନା ଦେଇଥିଲେ। ସରକାରଙ୍କ ବିବୃତି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରୁ ଇମ୍ଫାଲରେ ଉତ୍ତେଜନା ସୃଷ୍ଟି ହୋଇଛି। ଛାତ୍ରୀଛାତ୍ରମାନେ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବା ବେଳେ ପୋଲିସ ଲୁହବୁହା ବାଷ୍ପ ଓ ବଳ ପ୍ରୟୋଗ କରିଛି। ଲାଠିମାଡ଼ରେ ୪୫ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରୀ ଥିବା ଜଣାପଡ଼ିଛି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ସରକାର ଇଣ୍ଟରନେଟ ସେବାକୁ ପୁଣି ୫ ଦିନ ପାଇଁ ବନ୍ଦ କରିଦେଇଛନ୍ତି। ଏଥିସହ ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲକୁ ବନ୍ଦ କରିଦେଇଛନ୍ତି। ଭାଜପାର ୨୧ ସମେତ ମୋଟ ୨୪ ବିଧାୟକ ଏହାର ସିବିଆଇ ତଦନ୍ତ ଦାବିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ପତ୍ର ଲେଖିଛନ୍ତି। ସିବିଆଇ ସ୍ପେଶାଲ ଡାଇରେକ୍ଟର ଅଜୟ ଭଟନାଗରଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଇମ୍ଫାଲ ଗସ୍ତ କରି ଛାତ୍ରୀ ଲୁୱାଙ୍ଗବି ଏବଂ ଛାତ୍ର ଫିଜାମଙ୍କ ଅପହରଣ ଓ ହତ୍ୟାର ତଦନ୍ତ କରିବ।

## ବେଙ୍ଗାଲୁରୁ ବନ୍ଦ ବେଳେ ହଜାରେ ଅଟକ

**ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାକୁ ବିରୋଧ**

**ବେଙ୍ଗାଲୁରୁ,୨୬।୯**

ତାମିଲନାଡୁକୁ କାବେରୀ ଜଳ ଛାଡ଼ିବାକୁ ବିରୋଧକରି କର୍ଣ୍ଣାଟକ ଜଳ ସଂରକ୍ଷଣ ସମିତି (କେଜେଏସ୍‌ଏସ୍) ପକ୍ଷରୁ ମଙ୍ଗଳବାର ବେଙ୍ଗାଲୁରୁ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦକୁ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ସମର୍ଥନ ଜଣାଇଛନ୍ତି। ଫଳରେ ସହରରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ସକାଳର ଗହଳି ସମୟରେ ବେଙ୍ଗାଲୁରୁର ମୁଖ୍ୟ ରାସ୍ତାଗୁଡ଼ିକ ଜନଶୂନ୍ୟ ହୋଇଯାଇଥିବାବେଳେ ଦୋକାନ ବଜାର, ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ରହିଥିଲା। ରାମନଗରରେ କନ୍ନଡ କର୍ମୀମାନେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଫଟୋରେ ଶ୍ରଦ୍ଧାଞ୍ଜଳି ଦେଇ ସେମାନଙ୍କ କ୍ରୋଧ ଜଣାଇଥିଲେ। ବନ୍ଦ ବେଳେ କୃଷକ ନେତାଙ୍କ ସମେତ ୧,୦୦୦ରୁ ଉର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି। ସାରା ସହରରେ ୧୪୪ ଧାରା ଜାରି ହୋଇଥିବା ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। କଟକଣା ଓ କୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ ସହରରେ କୌଣସି ବନ୍ଦ କିମ୍ବା ଶୋଭାଯାତ୍ରାକୁ ଅନୁମତି ଦିଆଯାଇ ନ ଥିଲା।

କାବେରୀ ନଦୀଜଳ ବଣ୍ଟନ ପ୍ରସଙ୍ଗକୁ ନେଇ ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ ବହୁ ଦଶନ୍ଧି ହେଲା ବିବାଦ ଲାଗିରହିଛି। ସେପ୍ଟେମ୍ବର ୧୩ରୁ ୧୫ ଦିନ ପାଇଁ ତାମିଲନାଡୁକୁ ୫,୦୦୦ କ୍ୟୁସେକ୍ ଜଳ ଛାଡ଼ିବା ପାଇଁ କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲୁଏମ୍‌ଏ) କର୍ଣ୍ଣାଟକକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କର୍ଣ୍ଣାଟକ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଉକ୍ତ ପିଟିଶନ ଖାରଜ ହୋଇଯିବାରୁ ବିବାଦ ବଢ଼ିଛି। କର୍ଣ୍ଣାଟକରେ ପାନୀୟ ଜଳ ଓ ଜଳସେଚନ ପାଇଁ ନଦୀଜଳର ଆବଶ୍ୟକତା ଜରୁରୀ ଥିବାରୁ ଏହା ତାମିଲନାଡୁକୁ ଜଳ ଛାଡ଼ିବା ସ୍ଥିତିରେ ନ ଥିବା କହିଛି।

## କୃଷକଙ୍କ ଅଭିନବ ପ୍ରତିବାଦ

**ତ୍ରିଚି,୨୬।୯**

କର୍ଣ୍ଣାଟକ ସରକାର ତାମିଲନାଡୁକୁ କାବେରୀ ଜଳ ଛାଡ଼ିବା ଦାବିରେ ତ୍ରିଚିର ଚାଷୀମାନେ ମଙ୍ଗଳବାର ଅଭିନବ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କର୍ଣ୍ଣାଟକ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଚାଷୀମାନେ ପାଟିରେ ମୂଷା ଧରି ପ୍ରତିବାଦ ଜଣାଇଥିଲେ। ତ୍ରିଚିରେ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ଜାତୀୟ ଦକ୍ଷିଣ ଭାରତୀୟ ନଦୀ ଆନ୍ତଃ ସଂଯୋଗ କୃଷକ ସଂଗଠନର ତାମିଲନାଡୁ ଶାଖା ଅଧ୍ୟକ୍ଷ ଆୟାକନ୍ନୁ। ତାମିଲନାଡୁରେ ଚାଷ ବଞ୍ଚାଇବା ପାଇଁ ସେମାନେ କାବେରୀ ଜଳ ଛାଡ଼ିବାକୁ ଦାବି ଜଣାଇଥିଲେ।



## ୫ କୋଟିଙ୍କ ଜୀବନ ନେବା ଆଶଙ୍କା

**ପରବର୍ତ୍ତୀ ମହାମାରୀ ଆଣିପାରେ ଡିଜିଜ୍ ଏକ୍ସ**

**ଲଣ୍ଡନ,୨୬।୯**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ନାମିତ ଡିଜିଜ୍ ଏକ୍ସ କୋଭିଡ୍-୧୯ ତୁଳନାରେ ଅଧିକ ଭୟାବହ ମହାମାରୀର କାରଣ ହୋଇପାରେ ବୋଲି ବ୍ରିଟେନ୍‌ର ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ କେଟ୍ ବିଙ୍ଗହାମ୍ କହିଛନ୍ତି। ସେ ୨୦୨୦ ମେ'ରୁ ଡିସେମ୍ବର ପର୍ଯ୍ୟନ୍ତ ବ୍ରିଟେନ୍‌ର ଭାକ୍ସିନ୍ ଟାସ୍କଫୋର୍ସ ଅଧ୍ୟକ୍ଷ ଥିଲେ। ତାଙ୍କ ମତରେ ନୂଆ ଭୂତାଣୁ ୧୯୧୯-୨୦ର ସ୍ପାନିସ୍ ଫ୍ଲୁ ଭଳି ଭୟାବହ ହୋଇପାରେ। ଡବ୍ଲ୍ୟୁଏଚ୍‌ଓ କହିବା ଅନୁଯାୟୀ, ଡିଜିଜ୍ ଏକ୍ସ ଏକ ନୂଆ ଭୂତାଣୁ, ଜୀବାଣୁ କିମ୍ବା ଫଙ୍ଗସ ହୋଇପାରେ, ଯାହାର କୌଣସି ଚିକିତ୍ସା ଜଣାନାହିଁ।

ସୂଚନାଯୋଗ୍ୟ, ସ୍ପାନିସ୍ ଫ୍ଲୁ ବିଶ୍ୱବ୍ୟାପୀ ୫ କୋଟି ଲୋକଙ୍କ ଜୀବନ ନେଇଥିଲା, ଯାହା ପ୍ରଥମ ବିଶ୍ୱଯୁଦ୍ଧ ମୃତ୍ୟୁସଂଖ୍ୟାର ୨ ଗୁଣ। ଏବେ ଅନେକ ଭୂତାଣୁ ଦେଖାଦେଲେଣି, ଯାହା ସେହିଭଳି ମୃତ୍ୟୁ ଘଟାଇପାରେ ବୋଲି ଆଶଙ୍କା କରାଯାଉଛି। ଡିଜିଜ୍ ଏକ୍ସ ବିପଦର ମୁକାବିଲା କରିବାକୁ ହେଲେ ସାରା ବିଶ୍ୱରେ ଗଣ ଟିକାକରଣ ଅଭିଯାନ ଚଳାଇବା ସହ ଏହି ଡୋଜ୍‌କୁ ରେକର୍ଡ ଥର ଦେବାକୁ ପଡ଼ିବ ବୋଲି ବିଙ୍ଗହାମ୍ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବୈଜ୍ଞାନିକମାନେ ୨୫ ଭୂତାଣୁ ପରିବାରକୁ ଚିହ୍ନଟ କରିଥିବାବେଳେ ୧୦ ଲକ୍ଷରୁ ଅଧିକ ଅନାବିଷ୍କୃତ ଭାରିଆଣ୍ଟ ରହିଛି, ଯାହାକି ଗୋଟିଏ ପ୍ରଜାତିରୁ ଅନ୍ୟକୁ ସଂକ୍ରମିତ ହୋଇପାରେ। କୋଭିଡ୍‌ରେ ୨ କୋଟିରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ବହୁ ସଂଖ୍ୟାରେ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଆରୋଗ୍ୟ ଲାଭ କରିଥିଲେ। ଡିଜିଜ୍ ଏକ୍ସ ମିଳିମିଳା ଭଳି ଦ୍ରୁତ ସଂକ୍ରାମକ ହୋଇଥିବାବେଳେ ଇବୋଲା ଭଳି ଏଥିରେ ମୃତ୍ୟୁହାର ଯଥେଷ୍ଟ ଅଧିକ। ବିଶ୍ୱର କୌଣସି ନା କୌଣସି ସ୍ଥାନରେ ଏହାର ପ୍ରତିରୂପ ରହିଛି ଓ ଖୁବଶୀଘ୍ର ଏଥିରେ କେହି ଆକ୍ରାନ୍ତ ହୋଇପାରନ୍ତି ବୋଲି ବିଙ୍ଗହାମ୍ ସତର୍କ କରାଇଛନ୍ତି।



## ଲାଗ୍ରାଞ୍ଜ ପଏଣ୍ଟ-୧ ଅଭିମୁଖେ ଆଦିତ୍ୟ-ଏଲ୍୧

**ବେଙ୍ଗାଲୁରୁ,୨୬।୯**

ଭାରତର ପ୍ରଥମ ସୂର୍ଯ୍ୟ ମିଶନରେ ଯାଇଥିବା ଆଦିତ୍ୟ-ଏଲ୍୧ ମହାକାଶ ଯାନ ଏହାର ଗନ୍ତବ୍ୟ ସ୍ଥଳ ଲାଗ୍ରାଞ୍ଜ ପଏଣ୍ଟ ୧ (ଏଲ୍୧) ଅଭିମୁଖେ ଅଗ୍ରସର ହେଉଛି। ଏହା ଏକ ଅନନ୍ୟ ସ୍ଥାନ ଯେଉଁଠି ସୂର୍ଯ୍ୟ ଓ ପୃଥିବୀର ଆକର୍ଷଣ ଶକ୍ତି କ୍ଷୁଦ୍ର ମହାକାଶ ଯାନର ବର୍ତ୍ତୁଳାକାର ଗତିକୁ ସନ୍ତୁଳିତ କରିଥାଏ। ଫଳରେ ମହାକାଶ ଯାନଟି ସେଠାରେ ସ୍ଥିର ହୋଇ ରହେ ଓ କକ୍ଷ ସଂଶୋଧନ ପାଇଁ ସର୍ବନିମ୍ନ ଇନ୍ଧନ ବ୍ୟୟ ହୁଏ। ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ସୂର୍ଯ୍ୟ-ପୃଥିବୀର ଏଲ୍୧ ପଏଣ୍ଟରେ ଆଦିତ୍ୟ-ଏଲ୍୧ ଏକ 'ହଲୋ ଅର୍ବିଟ୍'ରେ ରହି କାର୍ଯ୍ୟ କରିବ।

**ମହାକାଶ ସ୍ଥିତି ଆକଳନ କରୁଛି ଇସ୍ରୋ**



ଏଲ୍୧ ପଏଣ୍ଟରେ ପୂର୍ବରୁ କେତେକ ମହାକାଶ ଯାନ ରହିଥିବାରୁ ବର୍ତ୍ତମାନ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆଦିତ୍ୟ-ଏଲ୍୧ର ସୁରକ୍ଷା ପାଇଁ ମହାକାଶ ସ୍ଥିତି ଆକଳନ କରୁଛି। ପୂର୍ବରୁ ସେଠାରେ ଇଣ୍ଟରନ୍ୟାଶନାଲ ସନ୍-ଆର୍ଥ ଏକ୍ସପ୍ଲୋରର (ଆଇଏସ୍‌ଇଇ-୩), ଜେନେସିସ୍ ମିଶନ, ଇଏସ୍‌ଏର ଲିସା ପାଥ୍‌ଫାଇଣ୍ଡର, ଚାଇନାର ଚେଙ୍ଗ୍ ୫ ଲୁନାର ଅର୍ବିଟର ଏବଂ ନାସାର ଗ୍ରାଭିଟି ରେକୋଭରି ଆଣ୍ଡ୍ ଇଣ୍ଟେରିଅର ରିକୋଭରି (ଜିଆର୍‌ଏଆଇଏଲ୍) ମିଶନ କାର୍ଯ୍ୟରତ ଅଛନ୍ତି। ସେଥିପାଇଁ ଆଦିତ୍ୟ-ଏଲ୍୧ ପାଇଁ ଏକ ସୁରକ୍ଷିତ ସ୍ଥାନ ଆବଶ୍ୟକ। ସେପ୍ଟେମ୍ବର ୨ରେ ଆଦିତ୍ୟ-ଏଲ୍୧କୁ ଲଞ୍ଚ କରାଯାଇଥିଲା। ପୃଥିବୀ ଚାରିପଟେ ଏହା ଏକାଧିକ ଥର ପରିକ୍ରମା କରିବା ପରେ ଗତ ୧୮ରେ ଏଲ୍୧ ପଏଣ୍ଟ ଅଭିମୁଖେ ସିଧା ଯାତ୍ରା ଆରମ୍ଭ କରିଛି। ୨୦୨୪ ଜାନୁୟାରୀରେ ଏହି ମହାକାଶ ଯାନ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ଆଶା କରାଯାଉଛି।

# ବଜ୍ରପାତରେ ଗଲା ୪ ଜୀବନ

## ମୃତକଙ୍କ ମଧ୍ୟରେ ୩ ମହିଳା, ଜଣେ ଯୁବଚାଷୀ

**ବେହେରା/ରିଆମାଳ,୨୬।୯ (ଭୂପେଶ ତିୱାରୀ/ ନିରଞ୍ଜନ ବେହେରା)**

ମଙ୍ଗଳବାର ବଜ୍ରପାତରେ କଳାହାଣ୍ଡି ଓ ଦେବଗଡ ଜିଲାର ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଳାହାଣ୍ଡି ଜିଲାର ଏକ ଚାଷୀ ପରିବାରର ୩ ମହିଳା ଥିବାବେଳେ ଦେବଗଡ ଜିଲା ରିଆମାଳ ବ୍ଲକ ଜୋଡାଗୋଳା ଗାଁର ଜଣେ ଯୁବଚାଷୀ ରହିଛନ୍ତି।

ମଙ୍ଗଳବାର ଅପରାହ୍ନରେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିତାମୁଣ୍ଡା ଗ୍ରାମରେ ପ୍ରବଳ ବର୍ଷା ସହ ଘଡଘଡି ହୋଇଥିଲା। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ନିଜ ଖେତରୁ କାମ ସାରି ଗ୍ରାମର ଗଏନ୍ତି ଲିମଗୋଛିଆ (୫୮), ରୂପେ ଲିମଗୋଛିଆ (୪୫) ଏବଂ ଲତା ଲିମଗୋଛିଆ (୧୬) ଘରକୁ ଫେରୁଥିଲେ। ବଜ୍ରପାତରେ ୩ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଧର୍ମଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଡାକ୍ତରଖାନା ପଠାଇଥିଲା। ସନ୍ଧ୍ୟା ଯୋଗୁ ବ୍ୟବଚ୍ଛେଦ ହୋଇପାରିନାହିଁ। ୩ଜଣ ଗୋଟିଏ ପରିବାରର। ମୃତ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଦେବଗଡ ଜିଲା ରିଆମାଳ ଥାନା ଅନ୍ତର୍ଗତ ଝୁହିଲାମାଳ ପଞ୍ଚାୟତ ଜୋଡାଗୋଳା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ସେହି ଗ୍ରାମର ପ୍ରେମାନନ୍ଦ ଗଡତିଆ(୩୮)। ରିଆମାଳ ପୋଲିସ ମୃତଦେହ ଜବତ କରିଛି। ପ୍ରେମାନନ୍ଦ ଅପରାହ୍ନରେ ବିଲକୁ ଯାଇଥିବା ସମୟରେ ବଜ୍ରପାତ ହେବାରୁ ଅଚେତ ହୋଇ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଛତାବର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୨୮ରେ ସରକାରୀ ଛୁଟି

**ଭୁବନେଶ୍ୱର, ୨୬।୯ (ଅସମାପିକା ସାହୁ)**

ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ଆସନ୍ତା ୨୮ ତାରିଖକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଏହିଦିନ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ସମେତ ରାଜସ୍ୱ ଓ ମାଜିଷ୍ଟ୍ରେଟ୍ କୋର୍ଟ(ଏକ୍ଜିକ୍ୟୁଟିଭ୍)ବନ୍ଦ ରହିବ। ଏ ନେଇ ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ପାଇଁ ପୂର୍ବରୁ ରାଜ୍ୟ ସରକାର ସେପ୍ଟେମ୍ବର ୨୯ ତାରିଖକୁ ସରକାରୀ ଛୁଟି ଘୋଷଣା କରିଥିଲେ। କିନ୍ତୁ ମଙ୍ଗଳବାର ସଂଶୋଧିତ ବିଜ୍ଞପ୍ତି ଜାରି କରି ସେପ୍ଟେମ୍ବର ୨୯ ପରିବର୍ତ୍ତେ ସେପ୍ଟେମ୍ବର ୨୮(ଗୁରୁବାର)ରେ ଏହି ଛୁଟି ପାଳନ କରାଯିବ ବୋଲି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୩୦ ମାସ ଶେଷ ଶନିବାର ଯୋଗୁ ଛୁଟି ଥିବାବେଳେ ଅକ୍ଟୋବର ୧ ରବିବାର ଓ ଅକ୍ଟୋବର ୨ ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ ପାଇଁ ଛୁଟି ରହିବ। ତେବେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୨୯ ସରକାରୀ କାର୍ଯ୍ୟ ଦିବସ ରହିବ।




# ଏମ୍‌ସରେ ଖୋଲିବ ୩ ନୂଆ ବିଭାଗ




ବାର୍ଷିକ ସ୍ମରଣିକା ଉନ୍ମୋଚନ ଅବସରରେ ଅତିଥିଙ୍କ ସହ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ।

**ଭୁବନେଶ୍ୱର, ୨୬।୯ (ଅସମାପିକା ସାହୁ)**

ରୋଗୀ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଏମ୍‌ସ ଭୁବନେଶ୍ୱର ଆଉ ତିନୋଟି ବିଭାଗ ଖୋଲିବ। ଏହି ବିଭାଗଗୁଡ଼ିକ ହେଲା ସଂକ୍ରାମକ ରୋଗ ବିଭାଗ, ବାୟୋ ଇନ୍‌ଫର୍ମାଟିକ୍ସ ବିଭାଗ ଏବଂ ବାୟୋଷ୍ଟାଟିଷ୍ଟିକ୍ସ ବିଭାଗ। ଷ୍ଟାଣ୍ଡିଂ ଏକାଡେମିକ୍ କମିଟି ଏହାର ଅନୁମୋଦନ ପ୍ରଦାନ କରିଛି। ଏହା ରୋଗୀ ସେବା ତଥା ଅନ୍ୟାନ୍ୟ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍‌ସର ଏକାଦଶ ବାର୍ଷିକ ଉତ୍ସବ ଅବସରରେ ଡା. ବିଶ୍ୱାସ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର

## ବାର୍ଷିକୋତ୍ସବରେ ସୂଚନା ଦେଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରକମଲକର ଯୋଗଦେଇ ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ପାଇଁ ଏମ୍‌ସ ଭୁବନେଶ୍ୱରକୁ ଅଭିନନ୍ଦନ ଜଣାଇବା ସହ ଗବେଷଣା ଏବଂ ରୋଗୀ ସେବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାହାନଗା ଟ୍ରେନ୍ ଦୁର୍ଘଟଣାର ମୃତ ଶରୀର ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଡାକ୍ତର, ପାରାମେଡିକାଲ୍ ଓ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ସ୍ମରଣିକା 'ଦି ଇନ୍‌ସାଇଟ୍'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଲିଖିତ ପୁସ୍ତକ କ୍ଲିନିକାଲ୍ ଫିଚର୍ସ ଅଫ୍ ମେଲିଡିଓସିସ୍‌କୁ ମଧ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଡିନ୍ (ଏକାଡେମିକ୍ସ) ଡା. ପି.ଆର୍. ମହାପାତ୍ର, ଡିନ୍ (ଗବେଷଣା) ଡା. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡା. ଦିଲ୍ଲୀପ କୁମାର ପରିଡ଼ା, ଭାରପ୍ରାପ୍ତ କୁଳସଚିବ ଡା. ଦେବୋପ୍ରିୟ ବନ୍ଦୋପାଧ୍ୟାୟ, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟିର ଆବାହକ ଡା. ଶ୍ୱେତା ସିଂ ଏବଂ ସହଆବାହକ ଡା. ସୋମନାଥ ପାଢ଼ୀ ପ୍ରମୁଖ ଉତ୍ସବର ସଂଯୋଜନା କରିଥିଲେ।

# ଅକ୍ଟୋବର ୧୫ରେ ଓସିଏସ୍ ପ୍ରିଲିମିନାରି ପରୀକ୍ଷା

**କଟକ,୨୬।୯ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଆସନ୍ତା ଅକ୍ଟୋବର ୧୫ ତାରିଖରେ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପ୍ରିଲିମିନାରି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ୫ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ବାଲେଶ୍ୱର ସମେତ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ୫ଟି ଜୋନ୍‌ରେ ଏହି ପରୀକ୍ଷା କରାଯିବାକୁ ସ୍ଥିର ହୋଇଛି। ପରୀକ୍ଷା ଦୁଇଟି ସିଟିଂରେ ହେବ। ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୧୦୦ ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୧ ପରୀକ୍ଷା ହେବ। ସେହିପରି ଅପରାହ୍ନ ୧. ୩୦ରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ୮୦ ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୨ ପରୀକ୍ଷା କରାଯିବ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଉଭୟ ସିଟିଂରେ ୪୦ ମିନିଟ୍ ଲେଖାଏ ଅଧିକ ସମୟ ଦିଆଯିବ। ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଓପିଏସ୍‌ସି ୱେବସାଇଟରେ ଉପଲବ୍ଧ ରହିବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଓସିଏସ୍-୨୦୨୨ ନିମନ୍ତେ ୨୦୨୨ ଡିସେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ ୬୮୩ ପଦବୀ ପାଇଁ ୨୦୨୩ ଜାନୁୟାରୀ ୧୭ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୧୬ ତାରିଖରେ ଶେଷ ହୋଇଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୭ ସେପ୍ଟେମ୍ବର, ୨୦୨୩

**ଆଜିର ମନ୍ତବ୍ୟ**

“ ଭାରତ-କାନାଡା କୂଟନୈତିକ ବିବାଦ ସତ୍ତ୍ୱେ ପ୍ରତିରକ୍ଷା ସମ୍ପର୍କ ପ୍ରଭାବିତ ହେବ ନାହିଁ। ଏହି ବିବାଦକୁ ରାଜନୈତିକ ସ୍ତରରେ ସମାଧାନ କରାଯିବା ଆବଶ୍ୟକ।

– ମେଜର ଜେନେରାଲ ପିଟର ସ୍କଟ୍, କାନାଡା ସୈନ୍ୟବାହିନୀ ଉପମୁଖ୍ୟ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୁଆ, ନାରୀ, ଚୋରି**
**ନାଶେ ପୁରୁଷର ଶିରୀ।**

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରି ନ ଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଣ ଜଣକେ ମହାବଳୀ**
**ଗଛର ପତର ପକାନ୍ତି ଝାଡ଼ି।**

ଟେକା ପକାଇ ଗଛରୁ ଫଳ ଝଡ଼ାଇ ନ ପାରି ପତ୍ର ଝଡାଇଥିବା ବ୍ୟକ୍ତି ନିଜକୁ ବଳୁଆ କହିବା ଆଦୌ ଶୋଭନୀୟ ହୋଇ ନ ଥାଏ। ବାହାଦୁରି ଦେଖାଇ କଥା କହୁଥିବା ବ୍ୟକ୍ତିର ଅଯୋଗ୍ୟପଣିଆ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## କ୍ୟାପିଟାଲ୍ ହସ୍ପିଟାଲରେ ଶିଶୁ ଅଦଳବଦଳ




## ହାଇକୋର୍ଟରେ ରତ୍ନଭଣ୍ଡାର ମାମଲା
# ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ, ୨୬।୯(କାର୍ତ୍ତିକ ସାହୁ)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଏଥିସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରତ୍ନଭଣ୍ଡାର ଖୋଲିବା ଓ ମରାମତି ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରାଯାଇଛି। ଅଗଷ୍ଟ ୪ତାରିଖରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜଗମୋହନ ମରାମତି କାର୍ଯ୍ୟ ଜାରି ରହିଛି, ଭକ୍ତଙ୍କ ଦର୍ଶନକୁ ଗୁରୁତ୍ୱ ଦିଆଯାଉଛି। ରତ୍ନଭଣ୍ଡାର ଭିତରପାର୍ଶ୍ୱ ମରାମତି କାର୍ଯ୍ୟ ଏବେ କରାଗଲେ ଭକ୍ତମାନେ ପ୍ରଭାବିତ ହେବେ। ତେଣୁ ଆସନ୍ତା ରଥଯାତ୍ରା ସମୟରେ ଏହି ମରାମତି କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି। ରତ୍ନଭଣ୍ଡାର ଖୋଲିବା ପାଇଁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉପରପାର୍ଶ୍ୱ ମରାମତି ବାରାଣସୀର ଜ୍ଞାନବାପି ପରି ଲେଜର ସ୍କାନିଂ ଜରିଆରେ କରାଯିବାକୁ ସ୍ଥିର ହୋଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ମାମଲାର ଶୁଣାଣି ବେଳେ ଉଭୟ ପକ୍ଷରୁ ଦୀର୍ଘ ସମୟ ଧରି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏଏସ୍ଆଇ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରେ ଦର୍ଶାଯାଇଥିଲା ଯେ, ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ ରତ୍ନଭଣ୍ଡାର ତୁରନ୍ତ ମରାମତି ହେବା ଦରକାର। ଆସନ୍ତା ବର୍ଷ ରତ୍ନଭଣ୍ଡାର ଖୋଲିବା ନେଇ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଫଳରେ ମନ୍ଦିରକୁ ବିପଦ ଆଡକୁ ଠେଲି ଦିଆଯାଇଥିବା ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ରତ୍ନଭଣ୍ଡାର ଚାବି ହଜିଥିଲା ଏବଂ ପରେ ମିଳିଥିବା ଚାବିକୁ ନେଇ ରହସ୍ୟ ରହିଛି। ଉକ୍ତ ଚାବି ଦ୍ୱାରା ରତ୍ନଭଣ୍ଡାର ଖୋଲି ପ୍ରମାଣ କରାଯାଉ ଯେ ଏହା ହିଁ ପ୍ରକୃତ ଚାବି। ଏଥିସହ ସ୍ୱର୍ଣ୍ଣ ଅଳଙ୍କାର ୧୯୭୮ ମସିହାଠାରୁ ଏଯାଏ ଗଣତି ହୋଇନାହିଁ। ୪୫ ବର୍ଷ ପୂର୍ବେ ଗଣତି ହୋଇଥିବାରୁ ଏବେ ଏହାର ଗଣତି ହେବା ନିହାତି ଜରୁରୀ ହୋଇପଡ଼ିଛି। ଏଏସ୍ଆଇ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବାରୁ ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ଖୋଲି ମରାମତି କରିବାର ଆବଶ୍ୟକତା ରହିଥିବା କୁହାଯାଇଛି। ତୁରନ୍ତ ରତ୍ନଭଣ୍ଡାର ଖୋଲିବା ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରିଥିଲେ।

## ଧରିତ୍ରୀ ବରଗଡ଼ ଜିଲା ପ୍ରତିନିଧିଙ୍କ ପିତୃ ବିୟୋଗ

**ସରଣ୍ଡା, ୨୬।୯**
**(ଯୁଧିଷ୍ଠିର ମହାପାତ୍ର)**


ଶତପଥୀ ଖମାରୀ

ଧରିତ୍ରୀର ବରଗଡ଼ ଜିଲା ପ୍ରତିନିଧି ପ୍ରେମାନନ୍ଦ ଖମାରୀଙ୍କ ପିତା ଶତପଥୀ ଖମାରୀ(୮୭)ଙ୍କର ମଙ୍ଗଳବାର ଅପରାହ୍ନରେ ତାଙ୍କ ଅତାବିରା ବ୍ଲକ ବୁଠୁବୁଗା ଗହ୍ଲାଟିକ୍ରାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। କିଛିଦିନ ତଳେ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ସେ ଘରକୁ ଫେରିଥିଲେ। ମଙ୍ଗଳବାର ଅପରାହ୍ନରେ ହଠାତ୍ ଅସୁସ୍ଥ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ କିଶୋର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଖମାରୀ ଅତାବିରା ଅଞ୍ଚଳରେ ଜଣେ ଜଣାଶୁଣା ଚାଷୀ ଓ ପରୋପକାରୀ ବ୍ୟକ୍ତିଭାବେ ପରିଚିତ। ୬ପୁଅ କିଶୋର, ଅଶୋକ, ହୃଷୀକେଶ, ପ୍ରେମାନନ୍ଦ, ସରୋଜ ଓ ମନୋଜ ଏବଂ ତିନିଝିଅ ଲଳିତା, ମାଧବୀ ଓ ନଳିନୀ ତଥା ନାତି ନାତୁଣୀଙ୍କୁ ସେ ଛାଡ଼ି ଯାଇଛନ୍ତି। ତାଙ୍କ ସ୍ତ୍ରୀଙ୍କର ଅନେକ ଦିନରୁ ମୃତ୍ୟୁ ହୋଇସାରିଛି।

## ଧର୍ମଶାଳାରେ ବିଷାକ୍ତ ମଦ ମୃତ୍ୟୁ ଅଭିଯୋଗ

**ଧର୍ମଶାଳା, ୨୬।୯(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତ ସାଲେପୁର ଗ୍ରାମରେ ମଙ୍ଗଳବାର ବିଷାକ୍ତ ମଦ୍ୟପାନ କରି ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର କାଶୀନାଥ ମହାରଣା(୫୫)। ଗ୍ରାମରେ ବିକ୍ରି ହେଉଥିବା ଦେଶୀମଦ ପିଇବା ପରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ପରେ ସେ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଗାଁ ନିକଟରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପଡ଼ି ପ୍ରାଣ ହରାଇଥିଲେ। ଲୋକଙ୍କଠାରୁ ଖବରପାଇ ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏହି ସମୟରେ ଶତାଧିକ ଗ୍ରାମବାସୀ ସେଠାରେ ଏକତ୍ରିତ ହୋଇ ପଞ୍ଚାୟତରେ ମଦ ବିକ୍ରି ବନ୍ଦ ଦାବିରେ ହୋହଲ୍ଲା କରିଥିଲେ। ଏଥିସହ ମୃତଦେହକୁ ଅଟକ ରଖିଥିଲେ। ପଞ୍ଚାୟତରେ ବେଆଇନ ମଦ କାରବାର ରୋକିବା ପାଇଁ ପୋଲିସ ପ୍ରତିଶ୍ରୁତି ଦେବା ପରେ ଲୋକେ ମୃତଦେହ ଛାଡ଼ିଥିଲେ। ଏନେଇ ଥାନାରେ ନଂ.୨୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବିଧାନସଭାରେ ପାରିତ ହେଲା ୬ ବିଲ୍

**ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)**

ବିଧାନସଭାରେ ମଙ୍ଗଳବାର ଅପରାହ୍ନ ଅଧିବେଶନରେ ମୋଟ୍ ୬ଟି ବିଲ୍ ପାରିତ ହୋଇଛି। ଓଡ଼ିଶା ଆପାର୍ଟମେଣ୍ଟ ବିଲ୍-୨୦୨୩, ଓଡ଼ିଶା ମ୍ୟୁନିସିପାଲ ଆଇନ ବିଲ୍ ୨୦୨୩, ଓଡ଼ିଶା ରାଜ୍ୟ ପଛୁଆବର୍ଗ ଆୟୋଗ ବିଲ୍ ୨୦୨୩ ଏବଂ ଓଡ଼ିଶା ସଂରକ୍ଷଣରେ ଖାଲିଥିବା ପଦବୀ ଏବଂ ସେବାରେ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ) ଅଧିନିୟମ ସଂଶୋଧନ ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି। ତେବେ ସଂରକ୍ଷଣ ପ୍ରସଙ୍ଗରେ ବିରୋଧୀ ଦଳ ସଦସ୍ୟ ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ(ଓବିସି)ଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉ। କାରଣ ରାଜ୍ୟରେ ପଛୁଆବର୍ଗଙ୍କ ସଂଖ୍ୟା ଅନ୍ୟ ସବୁ ବର୍ଗର ଜନସଂଖ୍ୟା ତୁଳନାରେ ଯଥେଷ୍ଟ ଅଧିକ। ସେମାନଙ୍କୁ ୧୧.୨ ପ୍ରତିଶତ ଶିକ୍ଷା ସଂସ୍ଥାଗୁଡ଼ିକରେ ସଂରକ୍ଷଣ ଦିଆଯାଉଛି। ଏହାକୁ ୨୭ ପ୍ରତିଶତକୁ ବୃଦ୍ଧି କରାଯାଉ। ଯେହେତୁ ରାଜ୍ୟରେ ୫୦ ପ୍ରତିଶତରୁ ଅଧିକ ସଂଖ୍ୟାରେ ଓବିସି ବର୍ଗର ଲୋକ ବାସ କରନ୍ତି, ତେଣୁ ସେହି ବର୍ଗର ପିଲାଙ୍କୁ ନିଯୁକ୍ତି କ୍ଷେତ୍ରରେ ୫୦ ପ୍ରତିଶତ ସଂରକ୍ଷଣ ଦିଆଯାଉ। ଭାଜପା ସଦସ୍ୟ ସୁକାନ୍ତ ନାଏକ କହିଛନ୍ତି, ତାମିଲନାଡୁ, ରାଜସ୍ଥାନ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଓବିସିମାନଙ୍କୁ ଉଭୟ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ତେଣୁ ରାଜ୍ୟ ସରକାର କାହିଁକି ଏହି ବିଷୟକୁ ଧ୍ୟାନ ଦେଉନାହାନ୍ତି। ଏହା ଉପରେ ଉକ୍ତ ବିଲ୍‌ରେ ବିଚାର କରାଯାଉ ବୋଲି ସେ କହିଛନ୍ତି। ତେବେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଣିଥିବା ଓଡ଼ିଶା ସାମଗ୍ରୀ ଏବଂ ସେବାକର ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି। ଶେଷରେ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପକ୍ଷରୁ ଅଣାଯାଇଥିବା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି।

### ପ୍ରଥମ ପୃଷ୍ଠାରୁ...

## ୱାହିଦା ରେହମାନଙ୍କୁ...

୧୯୩୮ ଫେବୃୟାରୀ ୩ରେ ତାମିଲନାଡୁର ଚେଙ୍ଗାଲପେଟରେ ଏକ ଡେକାନି ମୁସଲିମ ପରିବାରରେ ଜନ୍ମିତ ୱାହିଦା ଡାକ୍ତର ହେବାକୁ ଚାହୁଁଥିଲେ। କିନ୍ତୁ ମା'ଙ୍କ ଅସୁସ୍ଥତା ସାଙ୍ଗକୁ ପରିବାରର ଆର୍ଥିକ ସ୍ଥିତି ତାଙ୍କୁ ଏହି ଲକ୍ଷ୍ୟ ତ୍ୟାଗ କରିବାକୁ ବାଧ କରିଥିଲା। ପରିବାରକୁ ସହଯୋଗ ପାଇଁ ସେ ଫିଲ୍ମରେ ନୃତ୍ୟ କରିବାକୁ ଆସିଥିବା ଅଫର ଗ୍ରହଣ କରିଥିଲେ। ୱାହିଦାଙ୍କ ଦାଦା ଫିରୋଜ ଅଲୀ ବ୍ରହ୍ମପୁରରେ ଜଣେ ଜଣାଶୁଣା ଡାକ୍ତର ଓ ସାମାଜିକ କର୍ମୀ ଥିଲେ। ବ୍ରହ୍ମପୁରର ଗଞ୍ଜାମ କଳା ପରିଷଦରେ ତାଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ୱାହିଦା ପ୍ରଥମ ଥର ପାଇଁ ନୃତ୍ୟ ପରିବେଷଣ କରିଥିଲେ। ସେହି ମଞ୍ଚରୁ ଆରମ୍ଭ ହୋଇଥିଲା ଭିନ୍ନ ଏକ ଯାତ୍ରା, ଯାହାକି ତାଙ୍କୁ ଦେଶର ଜଣେ ଉଚ୍ଚକୋଟୀର ଅଭିନେତ୍ରୀ ରୂପେ ପରିଚୟ ଦେଇଛି।

୮୫ ବର୍ଷୀୟା ୱାହିଦା ୧୯୫୫ରେ ତେଲୁଗୁ ଫିଲ୍ମ 'ରୋଜୁଲୁ ମରାୟି' ଏବଂ 'ଜୟସିଂହା'ରୁ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୧୯୫୬ରେ ଦେବ ଆନନ୍ଦଙ୍କ ସହ 'ସିଆଇଡି' ଥିଲା ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର। ଦୀର୍ଘ ୫ ଦଶନ୍ଧିର ଲମ୍ବା କ୍ୟାରିୟରରେ ଏହି ବର୍ଷୀୟାନ ଅଭିନେତ୍ରୀ ବିଭିନ୍ନ ଭାଷାର ୯୦ ଫିଲ୍ମରେ କାମ କରି ନିଜ ନିପୁଣତା ଦେଖାଇଥିଲେ। ୧୯୭୧ରେ 'ରେଶମା ଆଣ୍ଡ୍ ଶେରା'ରେ ଅଭିନୟ ପାଇଁ ୱାହିଦାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଦିଆଯାଇଥିଲା। ୧୯୭୨ରେ ପଦ୍ମଶ୍ରୀ ଓ ୨୦୧୧ରେ ପଦ୍ମ ବିଭୂଷଣ ଉପାଧିପ୍ରାପ୍ତ ୱାହିଦାଙ୍କୁ ୨୦୨୧ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ସ୍କାଟେର ଗର୍ଲ'ରେ ଶେଷ ଥର ପାଇଁ ଦେଖାଯାଇଥିଲା।

## ଆପାର୍ଟମେଣ୍ଟ କ୍ରେତା...

ଆପାର୍ଟମେଣ୍ଟ କାନ୍ଥ କିମ୍ବା ସାଧାରଣ ସ୍ଥାନରେ ପୋଷ୍ଟର, ହୋର୍ଡିଂ ଲଗାଇପାରିବେ ନାହିଁ। ଆପାର୍ଟମେଣ୍ଟରେ କୌଣସି ଅଦଳ ବଦଳ କରି ପାରିବେ ନାହିଁ କିମ୍ବା ଯୋଗ କରିପାରିବେ ନାହିଁ। ମାଲିକ ସଂଘର ଲିଖିତ ଅନୁମତି ନ ନେଇ ବାହାର ପଟ ଝରକା କିମ୍ବା କାନ୍ଥର ରଙ୍ଗ ବଦଳାଇ ପାରିବେ ନାହିଁ। ଶିଡି କିମ୍ବା ସାଧାରଣ ଯାତାୟାତ ସ୍ଥାନରେ ଓଜନିଆ ଜିନିଷ ରଖିପାରିବେ ନାହିଁ। ଆପାର୍ଟମେଣ୍ଟ ମାଲିକ ଭଡାଟିଆମାନଙ୍କର କୌଣସି କାର୍ଯ୍ୟ ଓ ତ୍ରୁଟି ପାଇଁ ଦାୟୀ ରହିବେ। ଆପାର୍ଟମେଣ୍ଟ ବ୍ୟବହାର ନ କଲେ ମଧ୍ୟ ସାଧାରଣ ବ୍ୟୟ ବାବଦକୁ ନିଜର ଅଂଶ ଦେବାକୁ ବାଧ୍ୟ। ଆପାର୍ଟମେଣ୍ଟ ବିକ୍ରି ପରେ ବକେୟା ଥିବା ସମସ୍ତ ସାଧାରଣ ଦେୟ ଦେବାକୁ ପଡ଼ିବ। ଜଣେ କ୍ରେତା ଯେତୋଟି ଆପାର୍ଟମେଣ୍ଟ କ୍ରୟ କଲେ ମଧ୍ୟ ସଂଘର ଜଣେ ସଦସ୍ୟ ରୂପେ ବିବେଚିତ ହେବା ସହ ଗୋଟିଏ ଭୋଟ ଦେବା ଅଧିକାର ପାଇବେ। ଯଦି ଆପାର୍ଟମେଣ୍ଟ କ୍ରେତାଙ୍କ ନାମରେ ଦଲିଲ ହୋଇ ନ ଥିବ ତେବେ ସେ ସଂଘର ସଦସ୍ୟ ହୋଇପାରିବେ ନାହିଁ। ଆପାର୍ଟମେଣ୍ଟ ମାଲିକ ସଂଘ ଗଠନ କରିବା ସହ ବିଧେୟକ କାର୍ଯ୍ୟକାରୀ ହେବାର ୬ ମାସ ଭିତରେ ପଞ୍ଜୀକରଣ କରିବାକୁ ହେବ। ପୂର୍ବରୁ ଥିବା ସଂଘଗୁଡ଼ିକ ମଧ୍ୟ ଏହି ବିଧେୟକ ଅନୁଯାୟୀ ପରିଚାଳିତ ହେବେ। ଉକ୍ତ ବିଧେୟକ କାର୍ଯ୍ୟକାରୀ ହେବା ପରେ ପୂର୍ବ ପ୍ରଚଳିତ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ -୧୯୮୨ ଅକାମୀ ହୋଇଯିବ।

ଗୃହୀତ ହୋଇଥିବା ବିଲ୍‌ରେ ଆପାର୍ଟମେଣ୍ଟଗୁଡ଼ିକର ବୀମା, ୩୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଢାଞ୍ଚାଗୁଡ଼ିକର ଗୁଣବତ୍ତା ପରୀକ୍ଷା, କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ ନିର୍ଦ୍ଦେଶ ବିରୋଧରେ ଅପିଲ ଆଦି ବ୍ୟବସ୍ଥା କରାଯାଇଛି। ଯଦି ସଂଘର ବାଇ-ଲକୁ କୌଣସି ଆପାର୍ଟମେଣ୍ଟ ମାଲିକ ଅମାନ୍ୟ କରିବେ କିମ୍ବା ମୌଳିକ ଖର୍ଚ୍ଚ ଦେଉ ନ ଥିବେ କିମ୍ବା ଏହି ବିଧେୟକରେ ଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରିବାକୁ ଧମକ ଦେବେ ସଂଘ ସମ୍ପୃକ୍ତ ମାଲିକଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଣ ବନ୍ଦ କରିପାରିବେ। ତେବେ ବିନା ୧୫ ଦିନିଆ ନୋଟିସରେ ସଂଘ ଉଲ୍ଲଂଘନକାରୀ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ। ଯଦି ଆପାର୍ଟମେଣ୍ଟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ତେବେ ସଂଘ ଆପାର୍ଟମେଣ୍ଟର ସ୍ଥାୟିତ୍ୱ ନେଇ ପଞ୍ଜୀକୃତ ଇଞ୍ଜିନିୟରଙ୍କ ଦ୍ୱାରା ଯାଞ୍ଚ କରାଇପାରିବେ। ଏହି ନୂତନ ବିଧେୟକରେ ଆପାର୍ଟମେଣ୍ଟ ନିର୍ମାତାଙ୍କ ପାଇଁ ଦଣ୍ଡବିଧିର ବ୍ୟବସ୍ଥା ରହିଛି। ଯଦି କ୍ରେତାମାନଙ୍କ ସଂଘ ଗଠନ କରିବାରେ ପ୍ରମୋଟର ବିଫଳ ହେବେ କିମ୍ବା ବିନା ଅକୁପାନ୍ସି ସାର୍ଟିଫିକେଟରେ ଗୃହ ଆବଣ୍ଟନ କରିବେ ତେବେ ତାଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଭରିବାକୁ ପଡ଼ିବ। ଯଦି ଜରିମାନା ଦାଖଲ କରିବାରେ ବିଳମ୍ବ ହେବ ପ୍ରତ୍ୟେକ ଦିନ ୨ ହଜାର ଟଙ୍କା ଅତିରିକ୍ତ ଜରିମାନା ଦାଖଲ ବ୍ୟବସ୍ଥା କରାଯାଇଛି।

## ଅଶ୍ୱଚାଳନାରେ ଭାରତକୁ...

୧୯୮୬ରେ ଯଦିଓ ଭାରତ ଡ୍ରେସେଜରେ ବ୍ରୋଞ୍ଜ ପଦକ ଜିତିଥିଲା ତେବେ ୧୯୮୨ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଗେମ୍ସରେ ଯାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲା। ସେତେବେଳେ ଏହା ଇଭେଣ୍ଟିଂ ଓ ଟେଣ୍ଟ ପେଗିଙ୍ଗ୍ ଇଭେଣ୍ଟରୁ ଆସିଥିଲା। ରଘୁବୀର ସିଂ ବ୍ୟକ୍ତିଗତ ଇଭେଣ୍ଟିଂରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିବର୍ଷ ରଘୁବୀର, ଗୁଲାମ ମହମ୍ମଦ ଖାଁ, ବିଶାଳ ସିଂ ଓ ମିଲଖା ସିଂ ଟିମ୍ ଇଭେଣ୍ଟିଂରେ ମଧ୍ୟ ସ୍ୱର୍ଣ୍ଣ ପଦକ ପାଇଥିଲେ। ରୂପିନ୍ଦର ସିଂ ବ୍ରାର ବ୍ୟକ୍ତିଗତ ଟେଣ୍ଟ ପେଗିଙ୍ଗ୍‌ରେ ଭାରତ ପକ୍ଷରୁ ତୃତୀୟ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

ଡ୍ରେସେଜ ଇଭେଣ୍ଟରେ ଘୋଡ଼ା ଏବଂ ରାଇଡରଙ୍କ କ୍ରମାଗତ ମୁଭମେଣ୍ଟର ପ୍ରଦର୍ଶନକୁ ନେଇ ପଏଣ୍ଟ ପ୍ରଦାନ କରାଯାଇଥାଏ। ପ୍ରତି ମୁଭମେଣ୍ଟ ପାଇଁ ୦ରୁ ୧୦ ପଏଣ୍ଟ ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା ଥାଏ। ପ୍ରତି ରାଇଡର ଓଭରଅଲ୍ ଯେତେ ସ୍କୋର କରିଥାନ୍ତି ତା' ମଧ୍ୟରୁ ପର୍ସେଣ୍ଟେଜ ବାହାର କରାଯାଇଥାଏ। ସର୍ବାଧିକ ପର୍ସେଣ୍ଟେଜ ପାଇଥିବା ରାଇଡର ନିଜ ଶ୍ରେଣୀରେ ବିଜୟୀ ହୋଇଥାନ୍ତି। ଟପ୍-୩ ସ୍କୋରରଙ୍କ ପଏଣ୍ଟକୁ ବିଚାରକୁ ନିଆଯାଇ ବିଜେତା ଘୋଷଣା କରାଯାଇଥାଏ।

ଭାରତୀୟ ଦଳରେ ସ୍ଥାନ ପାଇଥିବା ରାଇଡରଙ୍କ ମଧ୍ୟରୁ ୨୧ ବର୍ଷୀୟା ସୁଦୀପ୍ତି ଥିଲେ ସର୍ବକନିଷ୍ଠ। ଇନ୍ଦୋରରେ ଜନ୍ମିତ ସୁଦୀପ୍ତି ଫ୍ରାନ୍ସର ପାମ୍‌ଫୋଉରେ ଟ୍ରେନିଂ ନେଇଥାନ୍ତି। ସେ ୬ ବର୍ଷରୁ ହର୍ସ ରାଇଡିଂ ଆରମ୍ଭ କରିଥିଲେ। ୨୩ ବର୍ଷୀୟା ଦିବ୍ୟାକ୍ରିତିଙ୍କ ଘର ଜୟପୁର। ଆଜମେରର ପ୍ରସିଦ୍ଧ ମାୟୋ କଲେଜ ଗର୍ଲ୍ସ ସ୍କୁଲରେ ୭ମ ଗ୍ରେଡ୍‌ରେ ଥିବାବେଳେ ସେ ହର୍ସ ରାଇଡିଂ ଆରମ୍ଭ କରିଥିଲେ। ସେ ନିଜ ସ୍କୁଲରେ ଇକ୍ୱେଷ୍ଟ୍ରେନ କ୍ୟାପ୍‌ଟେନ ଥିଲେ। ଭାରତରେ ଅଶ୍ୱଚାଳନାର ଭିତ୍ତିଭୂମି ଭଲ ନ ଥିବାରୁ ସେ ୨୦୨୦ରେ ୟୁରୋପ ଯାଇ ଜର୍ମାନୀରେ ଟ୍ରେନିଂ ନେଇଥିଲେ। ସେହିପରି ମୁମ୍ବାଇର ୨୫ ବର୍ଷୀୟ ବିପୁଲ ଲଣ୍ଡନ ୟୁନିଭର୍ସିଟିରେ ଜଣେ ବିଜ୍‌ନେସ୍ ମ୍ୟାନେଜମେଣ୍ଟ ଡିଗ୍ରୀଧାରୀ। ପିଲାବେଳରୁ ହର୍ସ ରାଇଡିଂ ଆରମ୍ଭ କରିଥିବା ବିପୁଲ ୟୁରୋପରେ ଶୀର୍ଷସ୍ଥାନୀୟ ବିଦେଶୀ ଖେଳାଳିଙ୍କ ସହ ଟ୍ରେନିଂ କରିଥାନ୍ତି। ୨୩ ବର୍ଷୀୟ ଅନୁଶଙ୍କ ଘର କୋଲକାତା। ୮ ବର୍ଷରୁ ହର୍ସ ରାଇଡିଂ ଆରମ୍ଭ କରିଥିବା ଅନୁଶ ଜଣେ ଭଲ କୋଚ୍ ନ ପାଇବାରୁ ୨୦୧୭ରେ ଜର୍ମାନୀ ପଳାଇଥିଲେ। ଭାରତର ପ୍ରଥମ ପୁରୁଷ ଡ୍ରେସେଜ ରାଇଡର ଭାବେ ସେ ଡେନ୍‌ମାର୍କର ହେର୍ନିଙ୍ଗଠାରେ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ।

## ପ୍ରଭାତ ବିଶ୍ୱାଳଙ୍କ...

ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ପ୍ରଭାତ କୁମାର ଦାଶ ଓ ଅନ୍ୟ ୩ଜଣଙ୍କ ବିରୋଧରେ ମଧ୍ୟ ଏହି ଚାର୍ଜଶିଟ୍ ଦାଖଲ କରାଯାଇଛି। ଏନେଇ ଇଡି ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସିବିଆଇର ଚାର୍ଜଫ୍ରେମ୍ ପରେ ଏବେ ଇଡିର ଚାର୍ଜଶିଟ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସିଶୋର କମ୍ପାନୀ ଏକ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥା ହୋଇ ମଧ୍ୟ ଲୋକଙ୍କଠାରୁ ବହୁ କୋଟି ଟଙ୍କା ସଂଗ୍ରହ କରି ଠକେଇ କରିଥିଲା। ଏହି ସ୍କାମ୍‌ରେ ଓଡିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପ୍ରଥମେ ତଦନ୍ତ ଆରମ୍ଭ କରିଥିଲା। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ୨୦୧୪ରୁ ଏହାର ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଇଓଡବ୍ଲ୍ୟୁର ଏଫ୍ଆଇଆର୍ ଆଧାରରେ ଇଡି ମଧ୍ୟ ତଦନ୍ତ କରିଥିଲା। ପୂର୍ବରୁ ଇଡି ଏହି ମାମଲାରେ ୨୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ଆଟାଚ୍ ମଧ୍ୟ କରିଥିଲା। ତେବେ ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ୨୦୧୬ରେ ପ୍ରଥମ ଚାର୍ଜଶିଟ୍ ଏବଂ ୨୦୧୭ରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରାଯାଇଥିଲା ବୋଲି ଇଡି ପକ୍ଷରୁ କୁହାଯାଇଛି।

ପ୍ରଭାତ ଏହି ଚିଟ୍‌ଫଣ୍ଡ ସ୍କାମ୍‌ରେ ଅଭିଯୁକ୍ତଙ୍କ ସହ ସନ୍ଦେହଜନକ ଜମି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ଏବଂ ସିଶୋର ମୁଖ୍ୟ ପ୍ରଶାନ୍ତଙ୍କ ମଧ୍ୟରେ ଯାଜପୁର ଜିଲା ବେଣ୍ଟପୁର ଅଞ୍ଚଳରେ ଏକ ଜମି କାରବାର ଚୁକ୍ତି ହୋଇଥିବାରୁ ସେ ସିବିଆଇ ସ୍କାନରରେ ରହିଥିଲେ। ତାଙ୍କ ନାମରେ ଥିବା ଉକ୍ତ ଜମି ସିଶୋର ଗ୍ରୁପକୁ ୨୮ ଲକ୍ଷରେ ବିକ୍ରି ପାଇଁ ୨୦୧୧ରେ ଡିଲ୍ ହୋଇଥିଲା। ୨୦୧୨ରେ ଜମି ବାବଦକୁ ପ୍ରଭାତ ଅଗ୍ରୀମ ୨୫ ଲକ୍ଷ ଟଙ୍କା ଆଣିବା ପରେ କୌଣସି କାରଣ ପାଇଁ ଉକ୍ତ ଜମି ବିକ୍ରି ହୋଇପାରି ନ ଥିଲା। ତେଣୁ ଉକ୍ତ ଟଙ୍କା ସିଶୋର ମୁଖ୍ୟଙ୍କୁ ଫେରାଇ ଦିଆଯାଇଥିବା ପ୍ରଭାତ କହିଥିଲେ। ହେଲେ ଉକ୍ତ ଟଙ୍କା ଫେରସ୍ତ ହୋଇ ନ ଥିବା ସିବିଆଇ ପ୍ରମାଣ ପାଇବା ପରେ ପ୍ରଭାତଙ୍କୁ ଏକାଧିକ ଥର ଜେରା କରିଥିଲା। ପରେ ୨୦୧୭ ସେପ୍ଟେମ୍ବର ୧୯ରେ ସିବିଆଇ ପ୍ରଭାତଙ୍କୁ ଗିରଫ କରି ଜେଲ ପଠାଇଥିଲା। ୨୦୧୮ ଜୁନ ୨୬ରେ ପ୍ରଭାତ ଜାମିନରେ ମୁକୁଳିଥିଲେ। ସେପଟେ ତଦନ୍ତବେଳେ ଇଡି ପକ୍ଷରୁ ପ୍ରଭାତଙ୍କ କଟକ ଏସ୍‌ବିଆଇ ଶାଖାରେ ଥିବା ୨୫ ଲକ୍ଷ ଟଙ୍କା ଆଟାଚ୍ କରାଯାଇଥିବା ଗତବର୍ଷ ଜୁଲାଇରେ ସୂଚନା ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ସିଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ୯ବର୍ଷ ପରେ ଭୁବନେଶ୍ୱର ସିବିଆଇ-୧ କୋର୍ଟରେ ଶନିବାର ପ୍ରଭାତ ଏବଂ ତାଙ୍କ ସ୍ତ୍ରୀଙ୍କ ନାଁରେ ଚାର୍ଜଫ୍ରେମ ହୋଇଥିବାବେଳେ ମାମଲାର ଶୁଣାଣି ଆସନ୍ତା ନଭେମ୍ବରରେ ଆରମ୍ଭ ହେବ ବୋଲି ସୂଚନା ରହିଛି।

## ଗୁଣି ସନ୍ଦେହରୁ...


ମୃତ ଦମ୍ପତିଙ୍କ ଫାଇଲ ଫଟୋ

କରିବା ସହ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଓ ୨ଟି ଛୁରି ଜବତ କରିଛି। ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ଏ ନେଇ କେସ୍ ନଂ ୧୪୨/୨୩ରେ ମାମଲା ରୁଜୁ କରି ୮ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ କେତେଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତା ତଥା ଗୁଣିଗାରେଡିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ କରିଛି।

## 'ପୁଅ କହିଲେ...

ତେବେ ଫଟୋ ଉଠାଇଲା ବେଳେ ଶିଶୁଟି ପୁଅ ନୁହେଁ ଝିଅ ବୋଲି ସେ ଜାଣିବାକୁ ପାଇଥିଲେ। ଏନେଇ ତୁରନ୍ତ ସେ ନର୍ସଙ୍କୁ ଏହି ବିଷୟରେ ପ୍ରଶ୍ନ କରିଥିଲେ। ପ୍ରଥମେ ପୁଅ ହୋଇଥିବା କହିଥିଲ, ଏବେ କିନ୍ତୁ ଝିଅ କ'ଣ ଦେଇଛନ୍ତି ବୋଲି କହି ପଚାରିଥିଲେ। ହେଲେ ଉକ୍ତ ନର୍ସ କିଛି ନ କହି ପଳାଇ ଯାଇଥିଲେ। କିଛି ସମୟ ପରେ ଡାକ୍ତର ଆସି ତାଙ୍କର ଝିଅ ହୋଇଥିବା ଜଣାଇଥିଲେ। ଅନ୍ୟ ଜଣଙ୍କର ପୁଅ ହୋଇଥିବାବେଳେ ନର୍ସ ଭୁଲରେ ତାଙ୍କର ପୁଅ ହୋଇଥିବା କହିଦେଇଥିଲେ ବୋଲି ଡାକ୍ତର ତାଙ୍କୁ କହିଥିଲେ ବୋଲି ପ୍ରାଣକୃଷ୍ଣ କହିଛନ୍ତି। ଏ ସଂକ୍ରାନ୍ତରେ କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ପ୍ରାଣକୃଷ୍ଣଙ୍କ ଏତଲାକୁ ଆଧାର କରି ଆମ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ପୋଲିସ୍ ଟିମ୍ ମେଡିକାଲ କର୍ମଚାରୀଙ୍କ ସମେତ ଅନ୍ୟ କେତେଜଣଙ୍କୁ ପଚରାଉଚରା କରିଛି। ଏଥିସହ ପ୍ରମାଣପତ୍ର ମଧ୍ୟ ଯାଞ୍ଚ କରାଯାଇଛି। ଯାଞ୍ଚ ଓ ପଚରାଉଚରାରୁ ପ୍ରାଣକୃଷ୍ଣଙ୍କ ଝିଅ ହୋଇଥିବା ଜଣାପଡ଼ିଥିବା ସେ କହିଛନ୍ତି। ସେପଟେ ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ସ୍ତ୍ରୀ ଓ ପ୍ରସୂତିକାଳୀନ ବିଭାଗ ମୁଖ୍ୟଙ୍କୁ ନେଇ ଏକ ୩ଜଣିଆ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଆବଶ୍ୟକ ପଡ଼ିଲେ ଶିଶୁର ଡିଏନ୍ଏ ଟେଷ୍ଟ ମଧ୍ୟ କରାଯିବ ବୋଲି ନିର୍ଦ୍ଦେଶକ ସାହୁ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ କୌଣସି ମୂଲ୍ୟବାନ ଜିନିଷ କ୍ରୟ କରିପାରନ୍ତି। ମଧ୍ୟାହ୍ନାରମ୍ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ**
ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ଜମିଜମା ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କାମ ହାସଲ ସକାଶେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ**
ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସହ ସଫଳତାର ସୂଚନା ମଧ୍ୟ ପାଇପାରନ୍ତି। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆଜି ଦିନଭିତରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ ସ୍ଥିତି, କର୍ମକ୍ଷେତ୍ର, ବ୍ୟବସାୟାଦି ପ୍ରତ୍ୟେକ କାର୍ଯ୍ୟରେ ସନ୍ତୋଷଲାଭ କରିବେ।

**କର୍କଟ**
ପ୍ରତିବନ୍ଧକ ଓ ପ୍ରତାରଣା ମଧ୍ୟରେ ଆଘାତପ୍ରାପ୍ତ ହୋଇ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପଦାଧିକାରୀଙ୍କ ବଦାନ୍ୟତାରୁ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ**
ଆଜିର କର୍ମକ୍ଷେତ୍ରରେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ମଧୁର ବାକ୍ୟ କହି କାର୍ଯ୍ୟ ହାସଲ କରିନେବେ। ଧୀରପାଣି ପଥର କାଟେ ନୀତିରେ କାମ ହାସଲ ସକାଶେ ଧୈର୍ଯ୍ୟଧାରଣ କରିପାରିଲେ ନିଶ୍ଚୟ ଉପକୃତ ହେବେ। ସଭାସମିତିରେ ଅପ୍ରିୟ ସତକଥା କହି ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିପାରେ।

**କନ୍ୟା**
ବନ୍ଧୁଙ୍କ ସହ ଆପଣଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ ; ଯାହା ଦ୍ୱାରା କାମ ହାସଲ ସହଜ ହୋଇପାରିବ। ସମସ୍ୟାର ସମାଧାନ ହେବାରେ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ରୋଗ, ଋଣ ଓ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**ତୁଳା**
ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ଭୁଲ୍ ମାର୍ଗର ଅନୁସରଣ କରି ପସ୍ତେଇବେ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ଆପଣ ନିରାଶ ମଧ୍ୟ ହେବେ ନାହିଁ।

**ବିଛା**
ଅଭିଳଷିତ କାମ, ମାତାଙ୍କ ସ୍ୱାସ୍ଥ୍ୟ, ଭ୍ରାତୃ ସମ୍ପର୍କରେ ଉନ୍ନତି ସଙ୍ଗକୁ ବିବାଦୀୟ ଘଟଣାରେ ବିଜୟୀ ହେବେ। ବିଶାଖା ନକ୍ଷତ୍ର ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ଧନୁ**
ଆଜିର ପ୍ରତ୍ୟେକ ବିବାଦୀୟ ପରିସ୍ଥିତିରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ମୂଳା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅର୍ଥାଭାବ ଯୋଗୁ ବିଚଳିତ ହେବା ସହ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର**
ପ୍ରତ୍ୟେକ ପରିସ୍ଥିତିରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଜଣେ ବାନ୍ଧବୀ ଅନୁରକ୍ତି ପ୍ରକାଶ କରି ସାହାଯ୍ୟର ହାତ ବଢାଇ ପାରନ୍ତି। ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଆତ୍ମୀୟତା ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ।

**କୁମ୍ଭ**
ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବା ହେତୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିଲେ ମଧ୍ୟ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ତଥାପି ପୂର୍ବ ଶତ୍ରୁତାର ମନୋଭାବ ପୋଷଣ କରି କୌଣସି ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି।

**ମୀନ**
ଦୀର୍ଘ ସମୟ ସମୀକ୍ଷା ପରେ ଯାଇ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ସାଙ୍ଗକୁ କାର୍ଯ୍ୟ ସାଧନ କରିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ବୁଧବାର, ସେପ୍ଟେମ୍ବର ୨୭ ତାରିଖ, ବିଶ୍ୱ ପର୍ଯ୍ୟଟନ ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୦ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୬ମି. ଗତେ ଘ.୧୧.୩୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୭ମି. ଗତେ ଘ.୦୧.୦୭ମି. ମଧ୍ୟେ ରାହୁକାଳ।

# ୨ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଘୋଷଣାକଲେ ମୁଖ୍ୟମନ୍ତ୍ରୀ

## ବିଦ୍ୟୁତ୍ ଆଘାତରେ ବାସନ୍ତୀଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)

ବିଧାନସଭା ଅଧିବେଶନ ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହେବାପରେ ସଂସଦୀୟ ବ୍ୟାପାର ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ବାସନ୍ତୀ ଦାସଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପୂଜାରୀ ଗୃହରେ କହିଛନ୍ତି, ସୋନପୁର ୱାର୍ଡ ନମ୍ବର ୧ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସୋନପୁର ମ୍ୟୁନିସିପାଲିଟି ସ୍ମାର୍ଟପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ସୋମବାର ସକାଳ ୭ଟା ସମୟରେ ବୃନ୍ଦିମନ୍ତ ଦାସଙ୍କ ସ୍ତ୍ରୀ ବାସନ୍ତୀ ଦାସ ପାର୍କର ଲନ୍‌ର ଘାସ କାଟୁଥିଲେ। ଏହି ସମୟରେ ଦୁର୍ଭାଗ୍ୟବଶତଃ ଘାସକଟା ଯନ୍ତ୍ରର ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସେଠାରୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କ ଜୀବନ ବଞ୍ଚାଯାଇପାରି ନ ଥିଲା। ବାସନ୍ତୀ ତାଙ୍କ ପରିବାରର ମୁଖ୍ୟ ଉପାର୍ଜନକାରୀ ଥିଲେ। ସେ ତାଙ୍କ ସ୍ୱାମୀ ଏବଂ ୧୮ ଓ ୧୪ ବର୍ଷର ୨ ଝିଅ ଓ ୧୧ ବର୍ଷର ପୁଅକୁ ଛାଡ଼ିଯାଇଛନ୍ତି। ସେମାନେ ଏକ ଗରିବ ପରିବାର ହୋଇଥିବା ବେଳେ ସେମାନଙ୍କର ସେପରି କିଛି ସ୍ଥାୟୀ ରୋଜଗାର ନାହିଁ। ଏହି ଦୁର୍ଘଟଣା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ବାସନ୍ତୀ ଦାସଙ୍କ ନିକଟତମ ଆତ୍ମୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ସଂଶୋଧନ ହେଲା ଓଇଏସ୍ ନିଯୁକ୍ତି ନିୟାମକ

## ଖୁବ୍‌ଶୀଘ୍ର ନିଯୁକ୍ତି ବିଜ୍ଞପ୍ତି

ଭୁବନେଶ୍ୱର, ୨୬।୯(ଅସମାପିକା ସାହୁ)

ସ୍ୱଚ୍ଛ ନିଯୁକ୍ତି ପଦ୍ଧତି ମାଧ୍ୟମରେ ମେଧାବୀଙ୍କୁ ଓଡ଼ିଶା ଯାନ୍ତ୍ରିକ ସେବା (ଓଇଏସ୍)ରେ ଯୋଗ ଦେବା ଏବଂ ଯାନ୍ତ୍ରିକ ସେବାର ଗୁଣାତ୍ମକମାନ ବୃଦ୍ଧି କରିବା ପାଇଁ ଗତ ୧୫ ତାରିଖରେ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଯାନ୍ତ୍ରିକ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟାମକ, ୨୦୧୨ର ନିୟମ ୭ ଅଧୀନ ଉପନିୟମ (୩) ଓ (୪)କୁ ସଂଶୋଧନ କରାଯାଇଛି। ଫଳରେ ଇଞ୍ଜିନିୟରିଂ ଡିଗ୍ରୀଧାରୀ ମେଧାବୀ ଆଶାୟୀଙ୍କୁ ଯାନ୍ତ୍ରିକ ସେବାର ମୂଳ ପଦବୀରେ ସିଧାସଳଖ ନିଯୁକ୍ତି ଦେବା ନିମନ୍ତେ ଚୟନ ପ୍ରକ୍ରିୟାରେ 'ଗ୍ରାଜୁଏଟ୍ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ୍ ଇଞ୍ଜିନିୟରିଂ' ବା ଗେଟ୍ ସ୍କୋର୍‌କୁ ୯୦ ପ୍ରତିଶତ ଅଗ୍ରାଧିକାର ଏବଂ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ସାକ୍ଷାତ୍କାରକୁ ୧୦ ପ୍ରତିଶତ ଭାବେ ବିଚାରକୁ ନିଆଯିବା ପାଇଁ ସ୍ଥିର କରାଯାଇଛି। ଏହାଦ୍ୱାରା ସ୍ୱଚ୍ଛ ନିଯୁକ୍ତି ପଦ୍ଧତି ମାଧ୍ୟମରେ ଇଞ୍ଜିନିୟରିଂ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ମେଧାବୀଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଯାଇ ସ୍ୱଳ୍ପ ସମୟ ମଧ୍ୟରେ ଓଇଏସ୍‌ରେ ନିଯୁକ୍ତି କରାଯାଇପାରିବ। ଏ ନେଇ ମଙ୍ଗଳବାର ଜଳ ସମ୍ପଦ ବିଭାଗ ତରଫରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯିବା ସହ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଏଥିପାଇଁ ଆଗୁଆ ପ୍ରସ୍ତୁତ ହେବାକୁ ଅବଗତ କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଯାନ୍ତ୍ରିକ ସେବା ପଦବୀ ପୂରଣ ପାଇଁ ଖୁବ୍‌ଶୀଘ୍ର ଓଡ଼ିଶା ଲୋକ ସେବା ଆୟୋଗଙ୍କୁ ବିଜ୍ଞପ୍ତି ପ୍ରକାଶ ପାଇଁ ସୁପାରିସ୍ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ମେଡିକାଲ କଲେଜରେ ଚିକିତ୍ସା ନାହିଁ

- ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼
- ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନି ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ

କେନ୍ଦୁଝର,୨୬।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)



ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିଡ଼ ଜମାଇଥିବା ରୋଗୀ।

କେନ୍ଦୁଝର ନିକଟ କବିତ୍ରା ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ଫେବୃୟାରୀ ୧୩ରେ ଉଦ୍‌ଘାଟିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ମେଡିକାଲ କ୍ୟାମ୍ପସ୍‌ରେ କେବଳ ପାଠପଢ଼ା ଚାଲିଥିବା ବେଳେ ହସ୍ପିଟାଲ ଏବେ ମଧ୍ୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଚାଲିଛି। ପାଖାପାଖି ୪୦୦ କୋଟି ଟଙ୍କା ବ୍ୟୟରେ ୪୪.୪୦ ଏକର ଜମିରେ ନିର୍ମିତ ୩୮୫ ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ରୋଗୀ ସେବାରେ ଲାଗିପାରୁନାହିଁ।

ପ୍ରକାଶ ଯେ, କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ଉପରେ ଜିଲା ତଥା ପଡ଼ୋଶୀ ମୟୂରଭଞ୍ଜ, ଦେବଗଡ଼, ଭଦ୍ରକ ଆଦି ଜିଲା ବ୍ୟତୀତ ଝାଡ଼ଖଣ୍ଡ ରାଜ୍ୟର ରୋଗୀମାନେ ନିର୍ଭର କରିଥାନ୍ତି। କେନ୍ଦୁଝରରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ଏହାର ଚାହିଦା ବଢ଼ିଯାଇଛି। କିନ୍ତୁ ମେଡିକାଲ କଲେଜ କ୍ୟାମ୍ପସ୍‌ରେ ଡାକ୍ତରଖାନା ଚାଲି ନ ଥିବାରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଭିଡ଼ ଜମୁଛି। ଫଳରେ ସ୍ଥାନ ଅଭାବରୁ ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷକରି ବାହାରୁ ଆସୁଥିବା ରୋଗୀ ବହୁ ହୀନସ୍ତା ହେଉଛନ୍ତି। ଏପରିକି ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ଦେଖାଇବା ପାଇଁ ପୂର୍ବଦିନରୁ ରୋଗୀ ଆସି ରାତିରୁ ଲାଇନରେ ଟିକେଟକରି ଅପେକ୍ଷା କରୁଛନ୍ତି। ତେବେ ଯେଉଁଠି ଚାଲିଛି ଟିକେଟ, ସେହି ସ୍ଥାନରେ ନିରାମୟ ଯୋଜନାରେ ମେଡିସିନ କାଉଣ୍ଟର ରହିଛି। ଫଳରେ ମେଡିକାଲ ପ୍ରବେଶ ପଥରେ ରୋଗୀଙ୍କ ପ୍ରବଳ ଭିଡ଼ ଜମୁଥିବାରୁ ଅନ୍ୟ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟ ଆଉଟଡୋରକୁ ଦୈନିକ ପ୍ରାୟ ୨୦୦୦ ରୋଗୀ ଆସୁଥିବା ବେଳେ ପାଖାପାଖି ୨୫୦ ଇନ୍‌ଡୋର ରୋଗୀ ଆସିଥାନ୍ତି। ମେଡିକାଲରେ ୨୧ଟି କ୍ଲିନିକାଲ ଓ ନନ୍ କ୍ଲିନିକାଲ ବିଭାଗ ରହିଛି। ଜିଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର, ମେଡିକାଲ କଲେଜର ଡାକ୍ତରଙ୍କ ସମେତ ଡିଏମ୍‌ଏଫ୍ ଅର୍ଥରେ ନିୟୋଜିତ ସୁପରସ୍ପେଶାଲିଷ୍ଟ ଡାକ୍ତରମାନେ ରୋଗୀ ଚିକିତ୍ସା କରୁଥିଲେ ମଧ୍ୟ ଅନେକ ସମୟରେ ସ୍ଥାନ ଅଭାବରୁ ଏବଂ ରୋଗୀଙ୍କ ପାଇଁ ବିଶ୍ରାମ କକ୍ଷ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ତଥା ଭୂଇଁରେ ବସି ବା ଶୋଇ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ରୋଗ ଦେଖାଇବାକୁ ଆସୁଥିବା ରୋଗୀଙ୍କୁ ସଂକ୍ରମଣ ଆଶଙ୍କା ରହୁଛି। ଏଣୁ ଅଧିକ ଟିକେଟ ଓ ମେଡିସିନ କାଉଣ୍ଟର ଖୋଲିବା ସହିତ ତୁରନ୍ତ ଧରଣୀଧର ମେଡିକାଲ କଲେଜ ଖୋଲିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଛି। ଅନେକ ସମୟରେ ନିରାମୟ ଯୋଜନାରେ ମାଗଣା ମେଡିସିନ ମିଳୁନାହିଁ କିମ୍ବା ବିଭିନ୍ନ ପ୍ରକାର ପରୀକ୍ଷା ହୋଇପାରୁ ନ ଥିବାରୁ ଗରିବ ଲୋକେ ବାହାରୁ ମେଡିସିନ କିଣି ଓ ପରୀକ୍ଷା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏହାଦ୍ୱାରା ବାହାର ମେଡିସିନ ଦୋକାନୀ, ଘରୋଇ କ୍ଲିନିକ ବା ନର୍ସିଂହୋମ ମାଲିକମାନେ ଲାଭବାନ ହେଉଥିବା ବେଳେ ରୋଗୀ ଶୋଷଣର ଶିକାର ହେଉଛନ୍ତି ବୋଲି ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି। ଆପାତକାଳୀନ ରୋଗୀଙ୍କ ପାଇଁ ଆଇସିୟୁ ସୁବିଧା ନାହିଁ। ଏଣୁ ଡିଏମ୍‌ଏଫ୍ ଅନୁଦାନରେ ନିର୍ମାଣ ହୋଇଥିବା ମେଡିକାଲ କଲେଜ ଓ ଡାକ୍ତରଖାନାର କୋଠା ବ୍ୟବହାର ନ ହେଲେ ନଷ୍ଟ ହୋଇଯିବ ବୋଲି ମତ ପ୍ରକାଶ ପାଉଛି।

କେନ୍ଦୁଝର ସହରାଞ୍ଚଳ ଗମ୍ଭାରିଆର ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କୁହନ୍ତି, ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। କିନ୍ତୁ ଭିଡ଼ ଦେଖି ଫେରି ଆସିଲେ। ମେଡିକାଲ କଲେଜ ପରିସରରେ ଚିକିତ୍ସା ବ୍ୟବସ୍ଥା କରାଗଲେ ଅସୁବିଧା ରହିବ ନାହିଁ। ସଦର ବ୍ଲକ ଅଧୀନ ସେଣ୍ଡକାପ୍ ଅଞ୍ଚଳର ରୋଗୀଙ୍କ ସମ୍ପର୍କୀୟ ନବୀନ ପଲେଇ କହିଛନ୍ତି, ମଙ୍ଗଳବାର ଜଣେ ସମ୍ପର୍କୀୟଙ୍କୁ ଧରି ମେଡ଼ିକାଲ ଯାଇଥିଲେ। ସେଠାରେ ପ୍ରବଳ ଭିଡ଼ ଦେଖି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସମସ୍ୟା ବିଷୟରେ ଜଣାଇଥିଲେ। ଛୁଆ ପିଲା, ବୃଦ୍ଧା ବୃଦ୍ଧ ଏବଂ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ତୁରନ୍ତ ମେଡିକାଲ କଲେଜ ପରିସରକୁ ଡାକ୍ତରଖାନା ସ୍ଥାନାନ୍ତର କରିବା ଆବଶ୍ୟକ।

ଏନେଇ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର ନାୟକଙ୍କୁ ପଚାରିବାରୁ ଟିକେଟ କାଉଣ୍ଟର ଓ ମେଡିସିନ ବଣ୍ଟନ କେନ୍ଦ୍ର ଗୋଟିଏ ସ୍ଥାନରେ ରହିଥିବାରୁ ରୋଗୀଙ୍କ ଭିଡ଼ ଜମୁଛି। ମେଡିକାଲ କଲେଜକୁ ସ୍ଥାନାନ୍ତରିତ ହେଲେ ଏହାର ସମାଧାନ ହେବ। ଡିସେମ୍ବର ସୁଦ୍ଧା ହସ୍ପିଟାଲ ମେଡିକାଲ କଲେଜ କ୍ୟାମ୍ପସକୁ ଉଠିବା କଥା। କିନ୍ତୁ ବିଳମ୍ବ ହୋଇପାରେ। ଅଦ୍ୟାବଧି ବିଭିନ୍ନ କର୍ମଚାରୀ ନିଯୁକ୍ତି, ବ୍ୟବହାର ସରଞ୍ଜାମ ଓ ଯନ୍ତ୍ରପାତି ଆଦି ବସିବାକୁ ବାକି ରହିଛି ବୋଲି ସେ କହିଛନ୍ତି।

# ଓୟୁଏଟି-ଫକୀର ମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୬।୯
(ଅସମାପିକା ସାହୁ)

ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ମଧ୍ୟରେ ମଙ୍ଗଳବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଫଳରେ ଆଗାମୀ ଦିନରେ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ନୂଆ ଗବେଷଣା ଦିଗରେ ଛାତ୍ରୀଛାତ୍ରଙ୍କୁ ନୂତନ ଦିଗ୍‌ଦର୍ଶନ ମିଳିପାରିବ ବୋଲି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଉଭୟ ବିଶ୍ୱବିଦ୍ୟାଳୟ ଅଧୀନରେ ଅନେକ କଲେଜ ପରିଚାଳିତ ହେଉଥିବାବେଳେ ବହୁ ଅନୁଷ୍ଠାନରେ ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟ ସମ୍ପାଦନ ହେଉଛି। ବିଶେଷକରି ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆଗାମୀ ଦିନରେ ଜଳବାୟୁ, ଧାନ ଗବେଷଣା ସହ ଅନ୍ୟାନ୍ୟ ଗବେଷଣା ଦିଗରେ ଏହି ବୁଝାମଣାପତ୍ର ସହାୟକ ହେବ ବୋଲି ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି। ଓୟୁଏଟିର ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର କୁକୁମିନା ଦାସ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଓୟୁଏଟିର ନିର୍ଦ୍ଦେଶକ, ଅଧ୍ୟକ୍ଷ, ବୈଜ୍ଞାନିକ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସଦସ୍ୟମାନେ ଉପସ୍ଥିତ ଥିଲେ।



> ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ- ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ । କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି । **-ଶ୍ରୀମା**

# ହାଇଡ୍ରୋଜେନ୍

ସେପ୍ଟେମ୍ବର ୨୫ରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ୍ ସିଂ ପୁରି ଇଣ୍ଡିଆ ଗେଟ୍ ନିକଟରେ ଦେଶର ପ୍ରଥମ ସବୁଜ ଉଦ୍‌ଜାନ ବା ଗ୍ରୀନ୍ ହାଇଡ୍ରୋଜେନ୍‌ଚାଳିତ ବସ୍‌ର ଶୁଭାରମ୍ଭ କରିଛନ୍ତି । ସରକାର ସବୁଜ ଉଦ୍‌ଜାନଚାଳିତ ଯାନ ଚଳାଚଳ ଲାଗି ଅଣ୍ଟା ଭିଡ଼ିଛନ୍ତି ଓ ଆସନ୍ତା ୨୦୭୦ ସୁଦ୍ଧା ଏହି ବସ୍‌ଗୁଡ଼ିକ ଭାରତର ଶୂନ୍ୟ ଅଙ୍ଗାରକ ନିର୍ଗମନ ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ନେବ ବୋଲି କହିଛନ୍ତି । ଏଠାରେ ସ୍ମରଣଯୋଗ୍ୟ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ମାର୍ଚ୍ଚ ୨୦୨୨ରେ ପାର୍ଲାମେଣ୍ଟକୁ ଏକ ଉଦ୍‌ଜାନଚଳିତ କାର୍ ଚଢ଼ି ଯାଇଥିଲେ । ସେଠାରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ଭାରତ ସରକାର କେବଳ ଏଭଳି କାର ନିର୍ମାଣ କରିବା ଯୋଜନା କରୁନାହାନ୍ତି, ବରଂ ହାଇଡ୍ରୋଜେନ୍ ରପ୍ତାନି ପାଇଁ ପ୍ରସ୍ତୁତ ହେଉଛନ୍ତି । ସେ ମଧ୍ୟ ପ୍ରକାଶ କରିଥିଲେ ଯେ, ସ୍ୱେରେଜ ପାଣି ଓ କଠିନ ବର୍ଜ୍ୟରୁ ଉଦ୍‌ଜାନ ପ୍ରସ୍ତୁତ ହୋଇ ସେଥିରେ ବସ୍, କାର୍, ଟ୍ରକ୍ ସବୁ ଚାଲିବ । ଏତିମଧ୍ୟରେ ଦେଢ଼ବର୍ଷ ବିତିଗଲାଣି ଓ ସେଭଳି ଗାଡ଼ି ବଜାରକୁ ଏପର୍ଯ୍ୟନ୍ତ ଆସିପାରିନାହିଁ । କିନ୍ତୁ ହରଦୀପ୍ ପୁରି ଉଦ୍‌ଜାନଚାଳିତ ବସର ଉଦ୍‌ଘାଟନ କରି ଦିଲ୍ଲୀ ଏନ୍‌ସିଆରରେ ଆଉ ଏଭଳି ୧୫ଟି ବସ୍ ଚାଲିବ ବୋଲି କହିଛନ୍ତି । କିନ୍ତୁ ଦେଶର ଅନ୍ୟସବୁ ସ୍ଥାନରେ ଏହି ବସ୍ କେବେ ଦେଖିବାକୁ ମିଳିବ ତାହା କହିନାହାନ୍ତି ।

ଉଲ୍ଲେଖନୀୟ ଯେ, ଜାପାନର ଟୟୋଟା କମ୍ପାନୀର ମିରାଇ ହେଉଛି ପୃଥିବୀର ପ୍ରଥମ ମୋଟର ଗାଡ଼ି, ଯେଉଁଥିରେ ଉଦ୍‌ଜାନ ଇନ୍ଧନ ସେଲ୍ ଅଛି । ସହଜରେ କହିବାକୁ ଗଲେ ଉଦ୍‌ଜାନ ଇନ୍ଧନ ସେଲ୍‌ର ମୂଳମନ୍ତ୍ର ହେଉଛି ଉଦ୍‌ଜାନ ବାଷ୍ପ ସହିତ ଅମ୍ଳଜାନ ମିଶିଲେ ବିଦ୍ୟୁତ୍ ଶକ୍ତି ସୃଷ୍ଟିହୁଏ, ଯାହାକି ଗାଡ଼ିକୁ ଚଳାଇବ । ଏଥିପାଇଁ କୌଣସି ଜୀବାଶ୍ମ ଇନ୍ଧନର ଆବଶ୍ୟକ ପଡ଼େନାହିଁ । ଫଳରେ ପ୍ରଦୂଷଣ କମ୍ ହୋଇଥାଏ । ମନେରଖିବାକୁ ହେବ ଯେ, ଉଦ୍‌ଜାନ ଏକ ଓଜନିଆ ବାଷ୍ପ । ଏହାକୁ ବ୍ୟବହାର କରିବା ପାଇଁ ଗାଡ଼ିରେ ଦାମୀ ଓ ଓଜନିଆ ଯନ୍ତ୍ରପାତି ଦରକାର । ତେବେ ଏଭଳି ଯାନ ନିର୍ମାଣ ଅତ୍ୟନ୍ତ ବ୍ୟୟବହୁଳ । ଭାରତ ପରିପ୍ରେକ୍ଷୀରେ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍), ନ୍ୟାଶନାଲ କେମିକାଲ ଲାବୋରେଟାରି (ପୁଣେ) ଅଟୋମୋବାଇଲ ଟେକ୍ ନୋଲୋଜି କମ୍ପାନୀ କେପିଆଇଟିର ମିଳିତ ଗବେଷଣାରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଉଦ୍‌ଯାନ ଇନ୍ଧନ ସେଲ ଦ୍ୱାରା ଉଦ୍‌ଜାନଚାଳିତ କାରର ପ୍ରଥମ ପରୀକ୍ଷଣ ୨୦୨୦ରେ କରାଯାଇଥିଲା । ସେବେଠାରୁ ଉଦ୍‌ଜାନଚାଳିତ ଗାଡ଼ି ପାଇଁ ଆବଶ୍ୟକ ସବୁଜ ଉଦ୍‌ଜାନ ଉତ୍ପାଦନ ଏକ ଚ୍ୟାଲେଞ୍ଜ ହୋଇରହିଛି । ଏହାର ଉତ୍ପାଦନ ଲାଗି ବିରାଟକାୟ ଇଲେକ୍ଟ୍ରୋଲିସିସ ପ୍ରକ୍ରିୟା ଓ ସବୁଜ ଶକ୍ତି ଆବଶ୍ୟକ ହେବ । ଏହା ମଧ୍ୟ ଅତ୍ୟନ୍ତ ବ୍ୟୟବହୁଳ । ଉଲ୍ଲେଖନୀୟ ଯେ, ସ୍କଟ୍‌ଲାଣ୍ଡ, ଇଂଲଣ୍ଡ, ଜର୍ମାନୀ ଓ ଜାପାନରେ ଉଦ୍‌ଜାନ ଉତ୍ପାଦନର ଅଭିଜ୍ଞତା ଅଛି । ଏହାସହ ପୃଥିବୀର କ୍ୱଚିତ୍ ଦେଶରେ ଅତ୍ୟନ୍ତ କମ୍ ଲୋକ ଅଛନ୍ତି, ଯେଉଁମାନଙ୍କର ଉଦ୍‌ଜାନ ବ୍ୟବହାର ସମ୍ପର୍କରେ ଅଭିଜ୍ଞତା ରହିଛି । ଏବେ ଭାରତରେ ଭାରତୀୟ ତୈଳ ନିଗମ, ରିଲାଏନ୍ସ, ଆଦାନୀ, ଏଲ୍ ଆଣ୍ଡ୍ ଟି, ଓଏନ୍‌ଜିସି, ବିପିସିଏଲ୍ କମ୍ପାନୀ ସବୁଜ ଉଦ୍‌ଜାନ ଉତ୍ପାଦନ ଆରମ୍ଭ କରିଛନ୍ତି । ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶକୁ ଉଦ୍‌ଜାନ ଯୋଗାଇବାରେ ଏହିସବୁ କମ୍ପାନୀ କିଭଳି ସକ୍ଷମ ହେବେ ତାହା ସମୟ କହିବ । ଏଥିସହିତ ଏହି ବାଷ୍ପକୁ ରାସ୍ତକଡ଼ରେ ପେଟ୍ରୋଲ୍ କିମ୍ବା ଡିଜେଲ ପରି କିଭଳି ଯୋଗାଇ ଦିଆଯିବ ତାହା ଏକ ବିରାଟ ପ୍ରଶ୍ନ । ତେବେ ପ୍ରଦୂଷଣ ହ୍ରାସ କରିବା ଲକ୍ଷ୍ୟରେ ପୁରି ଉଦ୍‌ଜାନଚାଳିତ ବସ୍ ସାମ୍ନାକୁ ଆଣୁଥିବାବେଳେ ମନେରଖିବାକୁ ହେବ ଯେ, ଆମେ ଏବେ ସୁଦ୍ଧା କୋଇଲା ଉପରେ ଅଧିକ ନିର୍ଭରଶୀଳ ଓ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ପ୍ରୋତ୍ସହିତ କରିଚାଲିଛୁ । ସବୁଜ ଉଦ୍‌ଯାନ ଉତ୍ପାଦନ କ୍ଷେତ୍ରରେ ସରକାର କେତେ ଆଗ୍ରହୀ, ତାହା ଜାତୀୟ ସବୁଜ ଉଦ୍‌ଜାନ ମିଶନ ପାଇଁ ୨୦୨୩ ବଜେଟରୁ ସ୍ପଷ୍ଟ ହେଉଛି । ଏହି ବଜେଟରେ ମାତ୍ର ୧୯,୭୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ପ୍ରଦୂଷଣ କମାଇବା ଲକ୍ଷ୍ୟରେ ସରକାରଙ୍କ କେତେ ଆନ୍ତରିକତା ରହିଛି, ତାହା ପ୍ରମାଣିତ ହେଉଛି ବିଦ୍ୟୁତ୍‌ଚାଳିତ ଯାନ ଚଳାଚଳ କ୍ଷେତ୍ରରେ । ଏହି ଯାନ ପାଇଁ ଯେଉଁଭଳି ଭିତ୍ତିଭୂମି ଯୋଗାଇ ଦିଆଯିବା ଦରକାର ତାହା ଏଯାବତ୍ ହୋଇପାରିନାହିଁ । କେବଳ ବଜାରକୁ ଯାନ ଛାଡ଼ିଦେଇ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ଉପରେ ସେତେଟା ଗୁରୁତ୍ୱ ଦିଆଯାଉନାହିଁ । ନିବେଶକ କମ୍ପାନୀଗୁଡ଼ିକୁ ଆଶାନୁରୂପ ପ୍ରୋତ୍ସାହନ ଯୋଗାଇବାରେ ବିଫଳତା ସାମ୍ନାକୁ ଆସୁଛି । ଏହା ବ୍ୟତୀତ ନିର୍ଦ୍ଦିଷ୍ଟ ସମୟସୀମା ପରେ ପୁରୁଣା ଦଦରା ଗାଡ଼ିକୁ ହଟାଇବାରେ ବିଫଳତା ଦର୍ଶାଉଛି ଯେ, ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନ ଚାଳିତଯାନ ଭାରତର ରାସ୍ତାରେ ଏମିତି ଆହୁରି ଅନେକ ବର୍ଷ ଗଡ଼ିଚାଲିଥିବ । ଆଉ ଏକ ଦିଗକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ, ଜୀବାଶ୍ମ ଇନ୍ଧନର ପ୍ରଦୂଷଣ ହ୍ରାସ କରିବା ସକାଶେ ଭାରତରେ ପେଟ୍ରୋଲରେ ୧୦% ଇଥାନଲ ବ୍ୟବହାର ହେଉଛି । କିନ୍ତୁ ବ୍ରାଜିଲ ଇଥାନଲରେ ପ୍ରାୟ ଶତ ପ୍ରତିଶତ ଯାନ ଚଳାଉଛି । ଏହି ଇଥାନଲ କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ କରାଯାଉଛି । ଏଣୁ ଭାରତ କୃଷିଜାତ ଦ୍ରବ୍ୟରୁ ଇଥାନଲ ପ୍ରସ୍ତୁତ କରି ପ୍ରଦୂଷଣ ହ୍ରାସ କରିବାରେ ବ୍ରାଜିଲଠାରୁ ଜ୍ଞାନକୌଶଳ ନେବା ଦରକାର । କେବଳ ସବୁଜ ଉଦ୍‌ଯାନଚାଳିତ ଗାଡ଼ି କଥା କହି ମୂଳ ସମସ୍ୟାରୁ ଦୂରେଇ ରହିଲେ ପ୍ରଦୂଷଣ ହ୍ରାସ ଲକ୍ଷ୍ୟ କଷ୍ଟକର ହୋଇଯିବ ।

## su|do|ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 4 | 3 |
| 7 | | 5 | | 9 | | | | 8 |
| | 1 | 3 | | 7 | | | | |
| 2 | | 1 | 5 | | | | | 7 |
| | 4 | | | | | | | 9 |
| | | | | 3 | | | | |
| | | | | 6 | | | | |
| | 7 | 8 | | 4 | 9 | | | |
| | | | | | 5 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 7 | 2 | 4 | 3 | 6 | 9 | 5 |
| 6 | 3 | 5 | 1 | 9 | 8 | 2 | 4 | 7 |
| 2 | 4 | 9 | 5 | 7 | 6 | 3 | 8 | 1 |
| 4 | 5 | 6 | 9 | 8 | 7 | 1 | 2 | 3 |
| 9 | 7 | 3 | 6 | 2 | 1 | 4 | 5 | 8 |
| 1 | 8 | 2 | 3 | 5 | 4 | 7 | 6 | 9 |
| 7 | 2 | 4 | 8 | 1 | 9 | 5 | 3 | 6 |
| 3 | 9 | 1 | 4 | 6 | 5 | 8 | 7 | 2 |
| 5 | 6 | 8 | 7 | 3 | 2 | 9 | 1 | 4 |

ଗତକାଲିର ଉତ୍ତର

# ମହିଳାଙ୍କୁ ବାଟ ଛାଡ଼



ବିଚିତ୍ର ବିଶ୍ୱାଳ

ଲୋକ ସଭା ଓ ବିଧାନସଭା ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ନିଶ୍ଚିତ କରୁଥିବା ମହିଳା ସଂରକ୍ଷଣ ବିଲ୍- ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଗୃହୀତ ହେବା ଦେଶ ପାଇଁ ଏକ ଐତିହାସିକ ଘଟଣା । ଏହା ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କ ଭୂମିକାକୁ ଅଧିକ ମହତ୍ତ୍ୱ ପ୍ରଦାନ କରିବ । କିନ୍ତୁ କେବଳ ସ୍ଥାନ ସଂରକ୍ଷଣ କରିଦେଲେ ମହିଳାମାନଙ୍କର ଅଧିକାର ସାବ୍ୟସ୍ତ ହୋଇପାରିବ ନାହିଁ । ସେଥିପାଇଁ ସାରା ଦେଶର ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । ମହିଳା ସଂରକ୍ଷଣ ବିଲ୍ କେବଳ ପ୍ରଥମ ପାହାଚ । ମହିଳାମାନଙ୍କ ଭାଗୀଦାରିତା ବଢ଼େଇବା କ୍ଷେତ୍ରରେ ଆହୁରି ଅନେକ ବାଟ ଯିବାର ଅଛି ।

୧୯୯୬ରେ ଦେବେଗୌଡ଼ାଙ୍କ ସରକାର ସମୟରେ ମହିଳା ସଂରକ୍ଷଣ ବିଲ୍ ଲୋକ ସଭାରେ ଆଗତ ହୋଇଥିଲା । କିନ୍ତୁ ଏହାକୁ ସମର୍ଥନ ମିଳି ନ ଥିଲା । ପରେ ପରେ ଆହୁରି ଅନେକ ଥର ମହିଳା ସଂରକ୍ଷଣ ବିଲ୍ ସଂସଦକୁ ଆସି ଗୃହୀତ ହେବାରେ ବିଫଳ ହୋଇଛି । ଚଳିତ ଥର ମହିଳା ସଂରକ୍ଷଣ ବିଲ୍‌କୁ ପ୍ରାୟତଃ ସବୁ ଦଳ ସମର୍ଥନ କରିଛନ୍ତି । ଯଦିଓ ଏହା ଭୋଟ୍ ପାଇଁ ତଥା ମହିଳା ଭୋଟରଙ୍କୁ ଆକର୍ଷିତ କରିବାର ଏକ ଅଭିଯାନ ବୋଲି କୁହାଯାଉଛି, ତଥାପି ଏହା ଏକ ସକାରାତ୍ମକ ବିକାଶ । ଯଦିଓ ଏହି ବିଲ୍ ଏବେ ଗୃହୀତ ହୋଇଛି କିନ୍ତୁ ଏହାକୁ ଲାଗୁକରିବା ପାଇଁ ଆମକୁ ୨୦୨୯ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରକାଶ କରିଛନ୍ତି । ୨୦୨୬ ପରେ ଜନଗଣନା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ ପରେ ଏହା କାର୍ଯ୍ୟକାରୀ ହେବ । ଯଦି ଆମେ ପ୍ରକୃତରେ ମହିଳାମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବାକୁ ଚାହୁଁଛୁ, ତେବେ କ'ଣ ଏହା ୨୦୨୪ ନିର୍ବାଚନରୁ ଲାଗୁହୋଇ ପାରି ନ ଥାନ୍ତା । ଇଚ୍ଛା ଓ ସଂକଳ୍ପବଦ୍ଧତା ଥିଲେ ଆଜିର ଡିଜିଟାଲ ଯୁଗରେ ଏହା ଆଦୌ ଅସମ୍ଭବ ନୁହେଁ । କିନ୍ତୁ ଅସଲ କଥା ହେଉଛି ୨୦୨୪ ନିର୍ବାଚନରୁ ଏହା ଲାଗୁହେଲେ ଅନେକ ନେତାଙ୍କ ରାଜନୈତିକ ଭବିଷ୍ୟତ ଆଶଙ୍କା ମଧ୍ୟକୁ ଠେଲିହୋଇ ଯିବ । ଏହି ରିସ୍କ ନେବାକୁ ବୋଧହୁଏ କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର ଚାହୁଁନାହିଁ ।

ଭାରତ ଏବେ ବିଶ୍ୱଗୁରୁ ଆସନରେ ବିଜେ ହେବାକୁ ଯାଉଛି ବୋଲି ସରକାର ଦାବି କରୁଛନ୍ତି । କିନ୍ତୁ ଜନସଂଖ୍ୟାର ଅଧାଭାଗ ମହିଳାଙ୍କୁ ବାଦ୍ ଦେଇ ଆମେ ବିଶ୍ୱଗୁରୁ ହୋଇପାରିବା କି? ସମ୍ପ୍ରତି ଲୋକ ସଭାରେ ମାତ୍ର ୮୨ ଜଣ ମହିଳା ସାଂସଦ ଅଛନ୍ତି, ଯାହାକି ସମୁଦାୟ ସାଂସଦଙ୍କ ସଂଖ୍ୟାର ୧୪.୪ ପ୍ରତିଶତ । ୧୯୫୨ ମସିହା ଲୋକ ସଭାରେ ୪.୯% ମହିଳା ସାଂସଦ ଥିବାବେଳେ ୨୦୧୯ରେ ଏହାମାତ୍ର ୧୪.୪%କୁ ବୃଦ୍ଧିହୋଇଛି । ୭୧ ବର୍ଷ ମଧ୍ୟରେ ମହିଳା ସାଂସଦଙ୍କ ହାରରେ ପାଖାପାଖି ୧୦% ବୃଦ୍ଧି ହୋଇଛି । ଏହା ଅତ୍ୟନ୍ତ କମ୍ ଓ ରାଜନୀତିରେ ମହିଳାଙ୍କ ଭାଗୀଦାରିତାର ଦୁର୍ବଳ ଦିଗକୁ ଦର୍ଶେଇବା ସହିତ ଆମ ଦେଶରେ ପୁରୁଷତାନ୍ତ୍ରିକ ମାନସିକତାକୁ ସ୍ପଷ୍ଟ କରୁଛି । ୧୯୯୦ରୁ



୨୦୨୩ ମଧ୍ୟରେ ମହିଳା ସାଂସଦଙ୍କ ହାରରେ ମାତ୍ର ୭% ବୃଦ୍ଧି ହୋଇଛି । ଏହି ସମୟସୀମା ମଧ୍ୟରେ ଯଦି ବିଶ୍ୱର ଅନ୍ୟ ଦେଶଗୁଡ଼ିକର ସଂସଦରେ ମହିଳାଙ୍କ ଭାଗୀଦାରିତାକୁ ଦେଖିବା ତେବେ ତାଙ୍କଠାରୁ ଆମେ କେତେ ପଛରେ ଅଛୁ ବୁଝିବାରେ ବାକିରହିବ ନାହିଁ । ସମ୍ପ୍ରତି ସ୍ୱିଡେନରେ ମହିଳା ସାଂସଦଙ୍କ ହାର ୪୬.୪% ହୋଇଥିବାବେଳେ ନରୱେରେ ମହିଳା ସାଂସଦଙ୍କ ହାର ୪୬.୧% । ଚାଇନା ପରି ବିଶାଳ ଦେଶରେ ମଧ୍ୟ ମହିଳା ସାଂସଦଙ୍କ ହାର ୨୬.୫% ହୋଇଥିବାବେଳେ ଜର୍ମାନୀରେ ୩୫%, ଆମେରିକାରେ ୨୮.୮% ଓ ବ୍ରିଟେନ୍‌ରେ ୩୪.୫% ସାଂସଦ ମହିଳା । ଆର୍ଜେଣ୍ଟିନାରେ ୪୪.୭% ସାଂସଦ ମହିଳା ହୋଇଥିବାବେଳେ ଦକ୍ଷିଣ ଆଫ୍ରିକାରେ ୪୫.୪% ଓ ଇଥିଓପିଆରେ ୪୧.୩% ସାଂସଦ ମହିଳା । ୧୯୯୦ରୁ ୨୦୨୩ ମଧ୍ୟରେ ମହିଳା ସାଂସଦଙ୍କ ହାରରେ ଆମେରିକାରେ ୨୨% ବୃଦ୍ଧି ହୋଇଥିବା ବେଳେ ଇଂଲଣ୍ଡରେ ୨୮%, ଆର୍ଜେଣ୍ଟିନାରେ ୩୮%, ଦକ୍ଷିଣ ଆଫ୍ରିକାରେ ୪୧% ଓ ଇଥିଓପିଆରେ ୪୧% ବୃଦ୍ଧିହୋଇଛି । ଏହି ପରିସଂଖ୍ୟାନରୁ ବୁଝାପଡୁଛି ଯେ ମହିଳାମାନଙ୍କୁ ସୁଯୋଗ ଦେବାରେ ଭାରତ କେତେ ପଛରେ ପଡ଼ିଛି । ଏବେ ମହିଳା ସଂରକ୍ଷଣ ବିଲ୍ ଲାଗୁହେବା ପରେ ବି ମହିଳା ସାଂସଦମାନଙ୍କ ହାର ସେହି ୩୩%ରୁ ଅଧିକ ହେବାର ଆଶା ଦେଖାଯାଉନାହିଁ ।

ଏତଦ୍‌ବ୍ୟତୀତ ୨୦ରୁ ଅଧିକ ରାଜ୍ୟ ବିଧାନସଭାମାନଙ୍କରେ ମହିଳା ବିଧାୟକମାନଙ୍କ ହାର ୧୦%ରୁ ବି କମ୍ । ତ୍ରିପୁରାରେ ମହିଳା ବିଧାୟକମାନଙ୍କର ସଂଖ୍ୟା ସର୍ବାଧିକ ୧୫% ହୋଇଥିବାବେଳେ ଛତିଶଗଡ଼ରେ ୧୪.୪%, ପଶ୍ଚିମବଙ୍ଗରେ ୧୩.୬%, ରାଜସ୍ଥାନ, ଦିଲ୍ଲୀ ଓ ପଞ୍ଜାବରେ ମହିଳା ବିଧାୟକମାନଙ୍କର ହାର ୧୧ପ୍ରତିଶତ । ମିଜୋରାମ ବିଧାନସଭାରେ ଆଦୌ ମହିଳା ବିଧାୟକ ନାହାନ୍ତି । ଓଡ଼ିଶାରେ ମହିଳା ବିଧାୟକମାନଙ୍କ ହାର ୮.୯% । କର୍ଣ୍ଣାଟକରେ ୪.୫% ବିଧାୟକ ମହିଳା ହୋଇଥିବା ବେଳେ କେରଳରେ ୭.୯%, ମହାରାଷ୍ଟ୍ର ଓ ମଣିପୁରରେ ୮.୩%, ତାମିଲନାଡୁରେ ୫.୧% ଓ ଆସାମରେ ୪.୮% ବିଧାୟକ ମହିଳା । ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରି ଦୁଃସ୍ଥ ପରିସ୍ଥିତିର ପ୍ରମାଣ ଏହାଠାରୁ ଅଧିକ କ'ଣ ହୋଇପାରେ!

ରାଜନୈତିକ ଦଳରେ ମହିଳାମାନଙ୍କର ଭାଗୀଦାରିକୁ ଦେଖିଲେ ଭାଜପାରେ ମହିଳା ସାଂସଦଙ୍କ ହାର ମାତ୍ର ୧୩.୫ ପ୍ରତିଶତ । ଦଳମାନଙ୍କ ମଧ୍ୟରେ ଓଡ଼ିଶାର ବିଜେଡିର ମହିଳା ସାଂସଦଙ୍କ ହାର ସର୍ବାଧିକ, ଯାହାକି ୪୧.୭ ପ୍ରତିଶତ । ତା' ପଛକୁ ତୃଣମୂଳ କଂଗ୍ରେସର ମହିଳା ସାଂସଦଙ୍କ ହାର ୪୦.୯ ପ୍ରତିଶତ । ବାକି ଦଳମାନଙ୍କରେ ମହିଳା ସାଂସଦଙ୍କ ହାର ୨୦%ରୁ କମ୍ ।

ଏଭଳି ଏକ ପରିସ୍ଥିତିରେ ମହିଳାମାନଙ୍କ ପାଇଁ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ୩୩% ସ୍ଥାନ ସଂରକ୍ଷଣ ନିଶ୍ଚୟ ଏକ ଆଶାର କିରଣ ପ୍ରକାଶ କରୁଛି । ତଥାପି ଏହି ଅଧିନିୟମର ବାସ୍ତବିକ ସଫଳତା ପାଇଁ ପୁରୁଷମାନଙ୍କୁ ଚୌକିର ଲୋଭ ଛାଡ଼ିବାକୁ ହେବ । ଆଜି ଦେଖାଯାଉଛି ଯେ ମହିଳାମାନେ କେଉଁଥିରେ ପଛରେ ନାହାନ୍ତି । ମହିଳାମାନେ ପାରମ୍ପରିକ ଭାବେ ପଛୁଆ ବୋଲିଥିବା ପୁରୁଣାକାଳିଆ ଚିନ୍ତା ଏବେ ଭୁଲ୍ ପ୍ରମାଣିତ ହେଲାଣି । ଶାସନ କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରି ହାର ଅତ୍ୟନ୍ତ କମ୍‌ର କାରଣ ମହିଳାମାନଙ୍କ ଦୁର୍ବଳତା ନୁହେଁ । ଅସଲ କାରଣ ହେଉଛି ପୁରୁଷମାନେ ମହିଳାମାନଙ୍କର ସୁଯୋଗକୁ ଛଡ଼େଇ ନେଇଛନ୍ତି ଓ ସେହି ଛଡ଼େଇ ନେବା ପ୍ରକ୍ରିୟାକୁ ସ୍ୱାଭାବିକ ବୋଲି ଦର୍ଶାଇବାର ଅପଚେଷ୍ଟା କରାଯାଇଛି । ଲୋକ ସଭାର ମହିଳା ସଂରକ୍ଷଣ ବିଲ୍‌ର ବିତର୍କରେ ଭାଗନେଇ ଡିଏମ୍‌କେ ସାଂସଦ କାନିମୋଝି କହିଛନ୍ତି, ଆମକୁ (ମହିଳାମାନଙ୍କୁ) ସାଲ୍ୟୁଟ୍ ମାରିବା ବନ୍ଦ କର । ଆମେ ସାଲ୍ୟୁଟ୍ ପାଇବାକୁ ଚାହୁଁନାହୁଁ, ଆମେ ଆସ୍ଥାନରେ ରହିବାକୁ ଚାହୁଁନାହୁଁ କି ପୂଜା ପାଇବାକୁ ଚାହୁଁନାହୁଁ । ଆମେ ତୁମର ମା' ଡାକ ଚାହୁଁନାହୁଁ, କି ତୁମ ସ୍ତ୍ରୀ କି ଭଉଣୀ ଭାବେ ରହିବାକୁ ଚାହୁଁନାହୁଁ । ଆମେ ସମାନ ଭାବେ ସମ୍ମାନ ପାଇବାକୁ ଚାହୁଁଛୁ ।

ଆମ ଦେଶରେ ପଞ୍ଚାୟତ ନିର୍ବାଚନରେ ମହିଳାମାନଙ୍କ ପାଇଁ ହୋଇଥିବା ସ୍ଥାନ ସଂରକ୍ଷଣର ଅଭିଜ୍ଞତା ଆମର ଅଛି । ଏପରି କି ଓଡ଼ିଶାରେ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ୫୦% ସ୍ଥାନ ସଂରକ୍ଷଣ କରାଯାଇଛି । କିନ୍ତୁ ଓଡ଼ିଶା ହେଉକି ଅନ୍ୟ ଯେକୌଣସି ରାଜ୍ୟ ଅଧିକାଂଶ ସ୍ଥାନରେ ମହିଳା ସରପଞ୍ଚ ବା ପଞ୍ଚାୟତ ସମିତି ସଦସ୍ୟ ହୋଇଥିବା ବେଳେ ଅସଲ କ୍ଷମତା ତାଙ୍କ ସ୍ୱାମୀ, ଭାଇ କିମ୍ବା ପୁଅ ରୂପରେ କୌଣସି ପୁରୁଷ ହାତରେ ରହୁଛି । ଏପରିକି ଅନୌପଚାରିକ ଭାବରେ ସରପଞ୍ଚ ପତି ବ୍ୟବସ୍ଥା କିଛି ରାଜ୍ୟରେ ଚାଲୁଥିବାର ଦେଖିବାକୁ ମିଳୁଛି । ମହିଳାମାନେ କେବଳ ନାମକୁମାତ୍ର କାଗଜପତ୍ରରେ ଦସ୍ତଖତ କରୁଛନ୍ତି କିନ୍ତୁ ନିଷ୍ପତ୍ତି ନେବାର ସବୁ ଅଧିକାର ପୁରୁଷ ନିଜ ପାଖରେ ଭିଡ଼ିରଖିଛି । ଏହା ମହିଳା ସଶକ୍ତୀକରଣ ନାମରେ ମହିଳା ତୁଷ୍ଟୀକରଣମାତ୍ର । ସେହିପରି ଲୋକ ସଭା ଓ ବିଧାନସଭା ନିର୍ବାଚନ କ୍ଷେତ୍ରରେ କେବଳ ସ୍ଥାନ ସଂରକ୍ଷଣ କରିଦେଲେ ହେବ ନାହିଁ, ମହିଳାମାନଙ୍କୁ ସୁଯୋଗ ଦେବାର ଅଛି । ମହିଳାମାନଙ୍କ ପାଇଁ ପୁରୁଷମାନେ ବାଟଛାଡ଼ିବାର ଅଛି ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ପର୍ଯ୍ୟଟନ ଏବଂ ସବୁଜ ନିବେଶ



ଡ. ରତିକାନ୍ତ ପଟ୍ଟନାୟକ

ସମଗ୍ର ବିଶ୍ୱରେ ସେପ୍ଟେମ୍ବର ୨୭କୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଏ । ପର୍ଯ୍ୟଟନ ସହ ସଂଶ୍ଳିଷ୍ଟ ଥିବା ସମସ୍ତ ପର୍ଯ୍ୟଟକ, କର୍ମଚାରୀ ତଥା କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିନ । ଆଜି ପର୍ଯ୍ୟଟନ ଶିଳ୍ପ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଏକ ସର୍ବବୃହତ୍ ଶିଳ୍ପ ଭାବେ ଆବିର୍ଭାବ ହୋଇପାରିଛି । ଯେତେବେଳେ ବିଶ୍ୱ ପର୍ଯ୍ୟଟକଙ୍କ ଆଗମନ ଶୀର୍ଷରେ ପହଞ୍ଚିଥିଲା ସେତେବେଳେ ମହାମାରୀ କୋଭିଡ୍ ବିଶ୍ୱକୁ ଗ୍ରାସୀ ଥିଲା । ମହାମାରୀ କୋଭିଡ୍‌ର ପ୍ରଭାବ ପର୍ଯ୍ୟଟନ ଶିଳ୍ପରେ ସବୁଠୁ ଅଧିକା ପଡ଼ିଥିଲା । କୋଭିଡ୍ ପରବର୍ତ୍ତୀ ପର୍ଯ୍ୟାୟରେ ପର୍ଯ୍ୟଟନର ଦୃଶ୍ୟପଟ ଓ ପର୍ଯ୍ୟଟକମାନଙ୍କର ଆଚାର ଏବଂ ବ୍ୟବହାରରେ ଅନେକ ପରିବର୍ତ୍ତନ ଆସିଛି । ବର୍ତ୍ତମାନ ସମୟରେ ପର୍ଯ୍ୟଟକମାନଙ୍କର ଆଗମନର ଧାରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କେତୋଟି ପର୍ଯ୍ୟଟନ ସ୍ଥଳୀ ଅନ୍ୟ ପର୍ଯ୍ୟଟନ ସ୍ଥାନ ତୁଳନାରେ ବହୁତ ଆଦୃତ, ଗହଳିପୂର୍ଣ୍ଣ । ଏସବୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ଓ ବହୁ ସଂଖ୍ୟକ ପର୍ଯ୍ୟଟକ ମଧ୍ୟ ବାରମ୍ବାର ଭ୍ରମଣରେ ଯାଇଥାନ୍ତି । ମାତ୍ରାଧିକ ପର୍ଯ୍ୟଟକଙ୍କ ଆଗମନ ଫଳରେ ସେହି ସ୍ଥାନର ପରିବେଶ ତଥା ବସବାସ କରୁଥିବା ସାଧାରଣ ନାଗରିକଙ୍କ ଜୀବନ ଧାରାରେ କୁପ୍ରଭାବ ପକାଇଥାଏ । ବିଶେଷକରି ଉକ୍ତ ସ୍ଥାନର ବହନ କ୍ଷମତା ଉପରେ ବହୁତ ପ୍ରଭାବ ପଡ଼ିଥାଏ । ଏହି ପରିପ୍ରେକ୍ଷୀରେ କେତେଗୁଡ଼ିଏ ୟୁରୋପୀୟ ଦେଶ ସେମାନଙ୍କର ପ୍ରମୁଖ ତଥା ଜନପ୍ରିୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଆଉ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ଓ ସ୍ୱାଗତ ନ କରିବାକୁ ଆହ୍ୱାନ ଦେଇଛନ୍ତି । କାରଣ ସାଧାରଣ ମତ ଯେ ଅତ୍ୟଧିକ ପର୍ଯ୍ୟଟକଙ୍କ ଆଗମନ ଯୋଗୁ ସେମାନଙ୍କର ଦୈନନ୍ଦିନ ଜୀବନ, ଚାଲିଚଳନ ଓ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡୁଛି ।

ଏହି ସବୁ ଅନିଶ୍ଚିତତା ଓ ପର୍ଯ୍ୟଟନର ଭବିଷ୍ୟତକୁ ନଜର ରଖି ବିଶ୍ୱ ପର୍ଯ୍ୟଟନ ସଂଗଠନ ଚଳିତବର୍ଷ ଚୟନ କରିଥିବା ଥିମ୍ ପ୍ରାସଙ୍ଗିକତା ବହନ କରୁଛି ; ଯାହା କି ଆଗାମୀ ପିଢ଼ି ଓ ଜନ ସମାଜକୁ ଏକ ଯତ୍ନଶୀଳ ପରମ୍ପରା ତଥା ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ । ଚଳିତବର୍ଷ ବିଶ୍ୱ ପର୍ଯ୍ୟଟନର ସର୍ବୋଚ୍ଚ ସଂସ୍ଥା ବିଶ୍ୱ ପର୍ଯ୍ୟଟନ ସଂଗଠନ ପର୍ଯ୍ୟଟନ ଓ ସବୁଜ ନିବେଶକୁ ଥିମ୍ ଭାବେ ଗ୍ରହଣ କରି, ସାଉଦି ଆରବର ରିଆଦକୁ ପ୍ରମୁଖ ପ୍ରାୟୋଜକ ଦେଶ ଭାବେ ଘୋଷଣା କରି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି । ବିଶ୍ୱ ପର୍ଯ୍ୟଟନ ସଂସ୍ଥା, ପର୍ଯ୍ୟଟନର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଗୁଣ ଓ ସମାଜକୁ ଏହାର ଅବଦାନ ଇତ୍ୟାଦି ଉପରେ



ସଚେତନତା ସୃଷ୍ଟି କରି ସମାଜର ଉନ୍ନତି ତଥା ସମାବେଶୀ ତଥା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ବିଶ୍ୱ ପର୍ଯ୍ୟଟନ ଦିବସର ମୁଖ୍ୟ ଉଦ୍ଦେଶ୍ୟ ।

ପର୍ଯ୍ୟଟନର ବିକାଶ ପାଇଁ ସବୁଜ ନିବେଶ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ । ସାଧାରଣତଃ, ସବୁଜ ନିବେଶ କହିଲେ ଆମେ ବୁଝିଥାଉ କି ଏହା ଏକ ପ୍ରକାର ପର୍ଯ୍ୟଟନ ପଦକ୍ଷେପ, ଯାହାଦ୍ୱାରା ଏକ ନିବେଶକାରୀ ଉଦ୍ୟୋକ୍ତା ପରିବେଶ ସୁରକ୍ଷା, ଶକ୍ତି ସଂରକ୍ଷଣ, କମ୍ ପ୍ରଦୂଷଣ ଓ ସବୁଜ ସାମଗ୍ରୀ ସାହାଯ୍ୟରେ ହୋଟେଲ, ରେସ୍ତୋରାଁ, ମୋଟେଲ ଇତ୍ୟାଦି ତିଆରି କରି ପର୍ଯ୍ୟଟନର ବିକାଶ ପାଇଁ ଉଦ୍ୟମ କରିବା ଉଚିତ । ସାଧାରଣ ଭାବେ ଆମେ ପର୍ଯ୍ୟଟନର ବିକାଶ ଓ ସମୃଦ୍ଧି ପାଇଁ ପାରମ୍ପରିକ ଆଭିମୁଖ୍ୟ ଆପଣେଇ ଥାଉ । କିନ୍ତୁ କ୍ରମଶଃ ପର୍ଯ୍ୟଟନର ପ୍ରାସଙ୍ଗିକତାକୁ ଲକ୍ଷ୍ୟକରି ପରିବର୍ତ୍ତନୀୟ ସମୟରେ ପର୍ଯ୍ୟଟନର ସମସ୍ତ ଭାଗୀଦାରି ଭାବେ ଏକତ୍ରିତ ହୋଇ ଏକ ସ୍ଥାୟୀ ବିନିଯୋଗ ରଣନୀତି ଉପରେ ଆସ୍ଥା ରଖି କାର୍ଯ୍ୟ କରିବା ଉଚିତ । ବର୍ତ୍ତମାନ ସାରା ବିଶ୍ୱ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଅତିକ୍ରମ କରୁଛି । ବିଶ୍ୱତାପନ ଯଥା ପରିବେଶ ଓ ବାୟୁ ମଣ୍ଡଳର ଅସମାନତା ଓ ପରିବର୍ତ୍ତନ ଦ୍ୱାରା ବିଶେଷକରି ପର୍ଯ୍ୟଟନ ଶିଳ୍ପ ଉପରେ ଏହାର ପ୍ରଭାବ ଅଧିକ ପଡ଼ିଥାଏ । ସବୁଜ ନିବେଶ ମାଧ୍ୟମରେ ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ଥିବା ସ୍ଥାନଗୁଡ଼ିକୁ ଭ୍ରମଣରେ ଯାଇଥା'ନ୍ତି, ସେଠିକାର ବିଶେଷ ନୀତି ଓ ନିୟମକୁ ମାନନ୍ତି, ପରିବେଶକୁ ନଷ୍ଟ ନ କରି ସମ୍ମାନ ଦେଇଥା'ନ୍ତି । ଏହାଦ୍ୱାରା ପରିବେଶର ସୁରକ୍ଷା କରିବା ସହିତ ପ୍ରଦୂଷଣ ହ୍ରାସ ଓ ପ୍ରାକୃତିକ ବିଭବର ସଂରକ୍ଷଣ ହୋଇଥାଏ । ଉକ୍ତ ସ୍ଥାନଗୁଡ଼ିକରେ ନିବେଶକମାନେ ଅଧିକରୁ ଅଧିକ ସ୍ୱାବଲମ୍ବୀ ଓ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବା ଉଚିତ । ସେମାନଙ୍କୁ ଅଧିକ ସକାରାତ୍ମକ, ପ୍ରେରଣା ଓ ପ୍ରୋତ୍ସାହନ ପାଇଁ ପରିବେଶ ନିମିତ୍ତ ମାନ ଓ ନିୟମାବଳୀ ପାଳନ କରୁଥିବା ସଂସ୍ଥାଗୁଡ଼ିକୁ ଚିହ୍ନିତ କରି ସେମାନଙ୍କର ମନୋବଳ ବୃଦ୍ଧି କରିବା ପାଇଁ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରିବା ଉଚିତ । ଏହାଦ୍ୱାରା ସେମାନେ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ପର୍ଯ୍ୟଟନ ସ୍ଥଳୀରେ ପରିବେଶ ଅନୁକୂଳ ହୋଟେଲ, ରେସ୍ତୋରାଁ, ମୋଟେଲ ଇତ୍ୟାଦି ତିଆରି କରି ପରିବେଶର ସୁରକ୍ଷା କରିବାରେ ଯଥେଷ୍ଟ ସହାୟତା କରିପାରିବେ । ସେମାନେ ପୂର୍ବାପେକ୍ଷା ଅଧିକ ପ୍ରତିଯୋଗିତା ସମ୍ପନ୍ନ ହେବା ସହିତ ନୂତନ ଉଦ୍ଦୀପନା ସହ କାର୍ଯ୍ୟ କରିବେ ; ଯାହା କି ପରିବେଶକୁ ସୁରକ୍ଷା କରି ପରିବେଶ ପ୍ରତି ଭଲ ପାଉଥିବା ଅଧିକରୁ ଅଧିକ ଦାୟିତ୍ୱ ସମ୍ପନ୍ନ ପର୍ଯ୍ୟଟକଙ୍କୁ ଭ୍ରମଣ ପାଇଁ ଆକୃଷ୍ଟ କରିବେ ।

**ଭୁବନେଶ୍ୱର, ମୋ-୯୪୩୭୪୮୨୭୨୯**

## ଏଇ ଭାରତରେ

ସେବା ପାଇଁ ବୟସର କିଛି ବାଛବିଚାର ନ ଥାଏ । ତାହା ଦିଲ୍ଲୀର ହରଜିନ୍ଦର ସିଂ ପ୍ରମାଣିତ କରିଛନ୍ତି । ତାଙ୍କୁ ଏବେ ୮୦ ବର୍ଷ ବୟସ । ଜୀବନର ପରିଣତ ବୟସରେ ସେ ଫ୍ରି ଅଟୋ ଆମ୍ବୁଲାନ୍ସ ଚଳାଇ ଲୋକଙ୍କୁ ସେବା ଯୋଗାଉଛନ୍ତି । ତାଙ୍କ ଅଟୋରିକ୍ସାରେ ସର୍ବଦା ଫାଷ୍ଟ ଏଡ୍ କିଟ୍ ରହିଥାଏ । ଫାଷ୍ଟ ଏଡ୍ ପାଇଁ ସେ ତାଲିମ ନେଇଛନ୍ତି । ସେ ଏ ପର୍ଯ୍ୟନ୍ତ ଅନେକ ଜୀବନ ରକ୍ଷା କରିଛନ୍ତି । ସେ ୫ ଦଶନ୍ଧି ଧରି ଦିଲ୍ଲୀରେ ମାଗଣା ଏହି ସେବା ଯୋଗାଉଛନ୍ତି । ହରଜିନ୍ଦର ୧୯୬୪ରେ ଅଟୋରିକ୍ସା ଚଳାଇବା ଆରମ୍ଭ କରିଥିଲେ । ସେ ଅଟୋରିକ୍ସା ଚଳାଇବାରେ ଇତିମଧ୍ୟରେ ୫୫ ବର୍ଷରୁ ଅଧିକ ସମୟ ବିତିଗଲାଣି । ଟ୍ରାଫିକ୍ ଆଇନ ଅବମାନନା ପାଇଁ ତାଙ୍କ ନାମରେ କୌଣସି ଚାଲାଣ କଟିନାହିଁ । ତାଙ୍କ ଅଟୋ ପଛ ପାର୍ଶ୍ୱରେ ଏକ ବାର୍ତ୍ତା ଲେଖାଯାଇଛି ସଡ଼କ ଦୁର୍ଘଟଣାରେ ଆହତମାନଙ୍କ ପାଇଁ ମାଗଣା ଆମ୍ବୁଲାନ୍ସ ସେବା । ପ୍ରତିଦିନ ସକାଳ ୮ ଟାରେ ସେ ନିଜ କାମରେ ଚାଲିଯାଆନ୍ତି । ସେ ନିଜ ଅଟୋରେ ଏକ ଦାନବାକ୍ସ ମଧ୍ୟ ରଖିଛନ୍ତି । କିନ୍ତୁ ସେ ସେବା ପାଇଁ କାହାକୁ ଟଙ୍କା ମାଗନ୍ତି ନାହିଁ । ଯିଏ ଯାହା ଦେବାର ଥାଏ ସେମାନେ ଦାନ ବାକ୍ସରେ ପକାଇ ଦିଅନ୍ତି । ହରଜିନ୍ଦର ସେହି ଦାନ ଟଙ୍କାରେ ଔଷଧ କିଣନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ
DHARITRI

୨୭ ସେପ୍ଟେମ୍ବର ୧୯୯୮

- ରାଜ୍ୟର ୩ଟିଯାକ ମେଡିକାଲ କଲେଜରେ ନାମଲେଖା ପାଇଁ ପ୍ରକାଶିତ ତାଲିକାକୁ ହାଇକୋର୍ଟ ବାତିଲ କରିଦେବା ସଙ୍ଗେ ସଙ୍ଗେ ବିଶେଷଜ୍ଞ କମିଟି ପ୍ରଦାନ କରିଥିବା ରିପୋର୍ଟ ଭିତ୍ତିରେ ନୂତନ ଯୋଗ୍ୟତା ତାଲିକା ପ୍ରକାଶ କରିବା ପାଇଁ ମିଳିତ ପ୍ରବେଶିକା ପରୀକ୍ଷା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି ।
- ଅଣ୍ଡରୱାର୍ଲ୍ଡ ମାଫିଆ ତଥା ରାଜନୈତିକ ନେତା ଅରୁଣ ଗାୱାଲୀ ଥାଣେ ଜିଲାସ୍ଥିତ କେନ୍ଦ୍ରୀୟ ଜେଲରୁ ମୁକ୍ତ ।

## ପାଠକ ଶ୍ରେଷ୍ଠ ବିଚାରକ

### ଯାତ୍ରୀଙ୍କ ପାଇଁ ସୁବିଧା ନାହିଁ

ମହାଶୟ,

ଦେଶରେ ୫୦୮ ଓ ଓଡ଼ିଶା ରାଜ୍ୟରେ ୨୫ଟି ଷ୍ଟେସନରେ ନିବେଶ ହେବ ୫୩୨ କୋଟି ଟଙ୍କା । ତେବେ ଜଣେ ସାଧାରଣ ଯାତ୍ରୀ ଏଥିରୁ ବୁଝିବ କ'ଣ ? ସରକାର ଟଙ୍କା ଖର୍ଚ୍ଚ କରି ଷ୍ଟେସନର ଉନ୍ନତୀକରଣ କରିବେ । ତେବେ କୋଭିଡ ସମୟରେ ଯେଉଁ କେତେକ ଗାଡ଼ି ଚାଲିଲା ବା ଏବେ ଚାଲୁଛି ସେଥିରେ ବୟସ୍କ ବା ବରିଷ୍ଠ ନାଗରିକଙ୍କ ପାଇଁ ଯେଉଁ ଛାଡ଼ ବା ରିହାତି ମିଳୁଥିଲା, ତାହା କାଟି ଦିଆଗଲା । ଆଉ ଏକ ନୂଆ ଆଇନ । ସେ ଥିଲା ତତ୍କାଳ ବା ଆପାତକାଳୀନ ଟିକେଟ । ଏହାର ଦର ପ୍ରାୟ ୨ ଗୁଣାରୁ ଅଧିକ । ତା' ମଧ୍ୟ ଜଣେ ଯାତ୍ରୀ (ବରିଷ୍ଠ ନାଗରିକ) ଏକୁଟିଆ ଯିବାକୁ ଭୟ କଲେ, ସାଙ୍ଗରେ କାହାକୁ ନେବାକୁ ଇଚ୍ଛା କରି ଟିକେଟ କାଟିଲେ, ମିଳିଲା ସେଇ ଡବା, କିନ୍ତୁ ଦେବାକୁ ପଡ଼ିଲା ୨ ଗୁଣାରୁ ଅଧିକ ପଇସା । ଖୋର୍ଦ୍ଧା ରୋଡ୍‌ଠାରୁ ବଲାଙ୍ଗୀର ରେଳ ଲାଇନ ବର୍ଷ ବର୍ଷ ଧରି ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ । ଏହିପରି ଆହୁରି ବହୁ ରେଳ ରାସ୍ତା ଅଧାପନ୍ତରିଆ ହୋଇ ପଡ଼ି ରହିଛି । ରାଜନେତାମାନେ ତା' ବିଷୟରେ କୌଣସି ପ୍ରସ୍ତାବ ଆଗତ କରୁନାହାନ୍ତି । ଭାରତ ସରକାର ତଥା ରେଳ ମନ୍ତ୍ରଣାଳୟ ଉପରେ ଚାପ ପକାଇ ଓଡ଼ିଶାର ସବୁ ରେଳ ଷ୍ଟେସନର ଉନ୍ନତୀକରଣ ସହିତ ରାତ୍ରିକାଳୀନ ବିଶ୍ରାମ ଗୃହ କରିବା ଆବଶ୍ୟକ ।

**– ଶଶାଙ୍କ ଶେଖର ମହାନ୍ତି, ଭୀମଟାଙ୍ଗି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧରଣୀର ତନ୍ତ୍ରୀ ଥରେ
ତୃଣ ସମ ଦୋହଲେ ଅଚଳ !
ସେ ଶବଦେ ଉଠେ କମ୍ପି
ସକଳ ବିଶ୍ୱର ବକ୍ଷସ୍ଥଳ ।
-(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଡ଼ିଶା ସବୁଜ ପର୍ଯ୍ୟଟନର ଗନ୍ତାଘର

ପର୍ଯ୍ୟଟନ ନିର୍ଦ୍ଦିଷ୍ଟ ସ୍ଥାନର ପରିଚୟଠାରୁ ଆଗକୁ ଗଲାଣି। ଅନ୍ତର୍ଜାତୀୟ ଚାହିଦା ପୂରଣ ସକାଶେ ଘରୋଇ ଓ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଉଦ୍ୟମ ହେଉଛି। ପ୍ରକୃତିକୁ କୌଣସି କ୍ଷତି ନ ପହଞ୍ଚାଇ ଉନ୍ନତି ଦିଗରେ ଅଗ୍ରସର ହେବାକୁ କୁହାଯାଉଛି 'ନିରନ୍ତର ବିକାଶ'। ଚଳିତବର୍ଷର ବିଶ୍ୱ ପର୍ଯ୍ୟଟନ ଦିବସର ଥିମ୍ ରହିଛି-'ପର୍ଯ୍ୟଟନ ଓ ସବୁଜ ପୁଞ୍ଜିବିନିଯୋଗ'। ଏବେ ପର୍ଯ୍ୟଟନ ଶିଳ୍ପ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଆର୍ଥିକ ଦିଗକୁ ସମୃଦ୍ଧ କରିବାରେ ଲାଗିଛି। ଏହା ଯୁବପିଢ଼ିଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କଲାଣି। ଓଡ଼ିଶା ପର୍ଯ୍ୟଟନର 'ବେଷ୍ଟ କେପ୍ଟ ସିକ୍ରେଟ'କୁ ଦେଖି ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ଏହି ରାଇଜ ପ୍ରତି ହେଉଛନ୍ତି ଆକର୍ଷିତ। ଚଳିତବର୍ଷ ଜାନୁୟାରୀରୁ ଜୁନ୍ ମଧ୍ୟରେ ୪୪ ଲକ୍ଷ ବାହାର ପର୍ଯ୍ୟଟକଙ୍କ ଓଡ଼ିଶାରେ ପଦଚିହ୍ନ ଛାଡ଼ିଯିବା ନିଶ୍ଚିତ ଭାବେ ରାଜ୍ୟ ପର୍ଯ୍ୟଟନ ପାଇଁ ଏକ ସୁବାର୍ତ୍ତା ଦେଇଛି।

ଉପସ୍ଥାପନା : ଶର୍ମିଷ୍ଠା ପାଣିଗ୍ରାହୀ



## ଏକ୍ସପ୍ଲୋର୍ ହେଉଛି ଓଡ଼ିଶା, ପାଲଟିଛି ଯୁବପିଢ଼ିଙ୍କ ନିଶା

ଓଡ଼ିଶାର ପର୍ଯ୍ୟଟନ ସ୍ଥାନଗୁଡ଼ିକ ଦିନକୁ ଦିନ ଅଧିକ ମାତ୍ରାରେ ଏକ୍ସପ୍ଲୋର ହେବାକୁ ଲାଗିଲାଣି। ଏଥିରେ କେବଳ ପର୍ଯ୍ୟଟନ ବିଭାଗ ନୁହେଁ, ଯୁବପିଢ଼ିଙ୍କର ଏକ ମୁଖ୍ୟ ଭୂମିକା ରହିଛି। ସାମାଜିକ ଗଣମାଧ୍ୟମ ଜରିଆରେ ଓଡ଼ିଶାର ସୁନ୍ଦରତାକୁ ନିଜେ ଉପଭୋଗ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ବୁଲିଯିବା ପାଇଁ ଖୋରାକ ଯୋଗାଉଛନ୍ତି। ବିଶେଷକରି ଇନ୍ଷ୍ଟାଗ୍ରାମ ଓ ୟୁଟ୍ୟୁବ ସର୍ଟ୍ସ ମାଧ୍ୟମରେ ସୁନ୍ଦର ସୁନ୍ଦର ଭିଡିଓ, ଫଟୋ ଉତ୍ତୋଳନ କରି ଅପଲୋଡ୍ କରୁଛନ୍ତି। ଯୁବପିଢ଼ିଙ୍କ ପାଇଁ ଏହା ଏବେ ଏକ ନିଶା ପାଲଟିଛି। ଏଥିରେ ଅନେକେ ଏବେ ସାମିଲ ହୋଇ ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଚେଷ୍ଟା କରୁଛନ୍ତି। ସୋସିଆଲ ମିଡିଆରେ ଭଲ ଫଲୋୟର୍ସ ସହ ବିଭାଗ ସାହାଯ୍ୟରେ ମଧ୍ୟ ନିଜ ପାଇଁ ରୋଜଗାରର ଏକ ମାଧ୍ୟମ ସୃଷ୍ଟି କରିପାରିଛନ୍ତି। ଏ ନେଇ ସେମାନେ କୁହନ୍ତି-

### ଓଡ଼ିଶାକୁ ବିଶ୍ୱସ୍ତରରେ ପହଞ୍ଚାଇବାର ପ୍ରୟାସ



'ଚଲୋ ଓଡ଼ିଶା' ଆରମ୍ଭ ହୋଇଥିଲା ୨୦୧୫ରୁ। ମୁଁ ଓ ମୋର ସାଙ୍ଗ ସୁରଜ ବଳ ମିଶି ଏହାକୁ ଆରମ୍ଭ କରିଥିଲୁ। ମାତ୍ର ଏହା ମଝିରେ ବନ୍ଦ ହୋଇଯାଇଥିଲା। କୋଭିଡ ସମୟରେ ଏହା ପୁଣି ଥରେ ଆରମ୍ଭ ହେଲା। ଘରେ ବସି ରହିଥିବା ଲୋକଙ୍କୁ ଆମେ ଓଡ଼ିଶାର ଭର୍ଚୁଆଲ ଟୁର୍ କରାଇଥିଲୁ। ଆମର ଟାର୍ଗେଟ୍ ଓଡ଼ିଶାକୁ କିଭଳି ବିଶ୍ୱସ୍ତରରେ ପହଞ୍ଚାଇପାରିବୁ। ଏପରିକି ଅନେକଙ୍କଠାରେ ପହଞ୍ଚିପାରି ନ ଥିବା ସ୍ଥାନ, ଖାଦ୍ୟ, ସଂସ୍କୃତି, ପରମ୍ପରା ସବୁକିଛି ମାଧ୍ୟମରେ। ଓଡ଼ିଶା ରଥଯାତ୍ରାକୁ ଯେମିତି ସମସ୍ତେ ଜାଣୁଛନ୍ତି ସେମିତି ସବୁକିଛିକୁ ବାହାରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ବିଭାଗ ମଧ୍ୟ ଆମକୁ ଅନେକ ସାହାଯ୍ୟ କରୁଛି।

**– ବିକ୍ରମ କିଶୋର ବେହେରା, ଟ୍ରାଭେଲ ବ୍ଲଗର୍**




## ସମସ୍ତଙ୍କ ଉଦ୍ୟମ ଲୋଡ଼ା



ବିଶ୍ୱ ପର୍ଯ୍ୟଟନ ଦିବସର ଶୁଭେଚ୍ଛା ଜଣାଇ ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି କହିଛନ୍ତି, ଏହି ଦିବସ ଉପଲକ୍ଷେ ସକାଳ ୬ରୁ ସାଣ୍ଡି ଟାୱାର୍ସ ପାଖରୁ କଟକ ଯାଏ ଏକ ବାଇକ୍ ରାଲି କରାଯିବ। ଏହା 'ପର୍ଯ୍ୟଟନ ଓ ସବୁଜ ପୁଞ୍ଜିବିନିଯୋଗ'ର ମୂଳ ଲକ୍ଷ୍ୟର ବାର୍ତ୍ତା ବାଣ୍ଟିବ। ଉଚ୍ଚକୋଟୀର ଆତିଥେୟତା ସହ ସମସ୍ତଙ୍କ ଉଦ୍ୟମରେ ଆମ ପର୍ଯ୍ୟଟନକୁ ସବୁଜ ସୁନ୍ଦର କରିବାକୁ ଆମେ ଚେଷ୍ଟା କରିବୁ।

**– ଲେନିନ ମହାନ୍ତି, ଓଟିଡିସି ଅଧ୍ୟକ୍ଷ**

### ଭଲ ରେସପନ୍ସ ମିଳୁଛି



ପ୍ରାୟ ୨ବର୍ଷ ହେବ ମୁଁ ଏହା ଆରମ୍ଭ କଲିଣି। ଦେଢ଼ ବର୍ଷ ହେବ ପ୍ରପର୍ଲି ଇନ୍ଷ୍ଟାଗ୍ରାମରେ ଭିଡିଓ ଅପଲୋଡ୍ କରୁଛି। ଆଉ ଏବେ ଏହା ମୋର ପ୍ୟାଶନ୍, ପ୍ରଫେଶନ୍ ସବୁକିଛି ପାଲଟିଯାଇଛି। ଭୁବନେଶ୍ୱର, କଟକ, ପୁରୀ ସହିତ ଆହୁରି ଅନେକ ସ୍ଥାନ ଅଛି, ଯାହାକୁ ସମସ୍ତେ ବୁଲିବା ଆବଶ୍ୟକ। କୁହାଯାଏ ଓଡ଼ିଶା ଇଣ୍ଡିଆର 'ବେଷ୍ଟ କେପ୍ଟ ସିକ୍ରେଟ୍'। ତାହା ମୁଁ ମୋ ଭିଡିଓ ମାଧ୍ୟମରେ ଦେଖାଇବାକୁ ଚାହିଁଥାଏ। ମୁଁ କେବଳ ଓଡ଼ିଶା ଉପରେ ହିଁ ଫୋକସ୍ କରୁଛି। ଏହାଛଡ଼ା ବି ବାହାରୁ ଭଲ ରେସପନ୍ସ ମିଳୁଛି। ଏଥିରୁ ଇନକମ୍ ବି କରି ହେଉଛି। ସରକାରୀ ଓ ବେସରକାରୀ ଉଭୟ ସ୍ତରରେ।

**– ଅନିମେଶ ପ୍ରଧାନ, ଟ୍ରାଭେଲ ବ୍ଲଗର୍**

### ଆମ ପର୍ଯ୍ୟଟନ ଏବେ ଟ୍ରାକ୍‌କୁ ଆସିଲାଣି



ମୁଁ ଏନ୍ଆଇଟି ରାଉରକେଲାରେ ବିଟେକ୍ ପଢ଼ିବା ସମୟରୁ ହିଁ ଭିଡିଓ ବନାଇବା ଆରମ୍ଭ କରିଦେଇଥିଲି। ଆଜିକୁ ୮ରୁ ୯ବର୍ଷ ହେବ ଏହା ମୋର ଏକ ହବି ହୋଇ ରହିଛି। ଓଡ଼ିଶା ସହ ଭାରତରେ ମଧ୍ୟ ବିଭିନ୍ନ ସ୍ଥାନକୁ ଯାଇ ମୁଁ ଭିଡିଓ କରେ। ଗୋଟେ ସସ୍‌ଟେନେବଲ୍ ଟୁରିଜମ୍ ପାଇଁ ମୋ ଆଡୁ ଚେଷ୍ଟା ଜାରି ରହିଛି। ପର୍ଯ୍ୟଟନ ଉପରେ ମୁଁ ଆଗକୁ ଏକ ଉଦ୍ୟୋଗ ମଧ୍ୟ ଆରମ୍ଭ କରିବାକୁ ଯୋଜନା କରୁଛି। ପର୍ଯ୍ୟଟକମାନେ କିଭଳି ପ୍ରକୃତି କୋଳରେ ରହି ସୁନ୍ଦରତାକୁ ଉପଭୋଗ କରିପାରିବେ, ତାହା ଉପରେ ପ୍ରାଧାନ୍ୟ ଦେବି। ଭିଡିଓ ହେବା ଦ୍ୱାରା ଗୋଟେ ଗୋଟେ ସ୍ଥାନ ଖୁବ୍ ଭାଇରାଲ୍ ହେଉଛି, ଯାହାକୁ ସମସ୍ତେ ବୁଲି ଯାଉଛନ୍ତି। ଆଗ ଅପେକ୍ଷା ଏବେ ପର୍ଯ୍ୟଟନ ବିଭାଗ ଅଧିକ ଆଗ୍ରହ ଦେଖାଉଛି। ଆମ ଟୁରିଜିମ୍ ଏବେ ତା'ର ଟ୍ରାକ୍‌କୁ ଆସୁଛି।

**– ଆଦିତ୍ୟ ପ୍ରକାଶ ସାହୁ, ଟ୍ରାଭେଲ ବ୍ଲଗର୍**

### ଅକ୍ଟୋବରରୁ ଇକୋ ରିଟ୍ରିଟ୍

ପର୍ଯ୍ୟଟନ ଋତୁକୁ ଏକ ଭିନ୍ନ ମୋଡ଼ ଦେଇଛି ଇକୋ ରିଟ୍ରିଟ୍। ମଉଜ, ମସ୍ତି ସହ ପର୍ଯ୍ୟଟକମାନେ ଉପଭୋଗ କରନ୍ତି ପ୍ରକୃତିକୁ। ପ୍ରକୃତି କୋଳରେ ସମୟ ବିତାଇ ସାଉଁଟିଥାନ୍ତି ବିଭିନ୍ନ ପ୍ରକାରର ଅଭିଜ୍ଞତା। ଚଳିତବର୍ଷ ଆରମ୍ଭ ହେବାକୁ ଯାଉଛି ଇକୋ ରିଟ୍ରିଟ୍‌ର ୩ମାସିଆ ଯାତ୍ରା। ଏଥର ମଧ୍ୟ ୭ ସ୍ଥାନ କୋଣାର୍କ, ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ, ସୁନାପୁର ଓ ପୁଟସିଲ୍‌ରେ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେବ। ଜଙ୍ଗଲ, ମନ୍ଦିର, ଖାଦ୍ୟ, ବେଳାଭୂମିକୁ ମନ ଭରି ଉପଭୋଗ କରିବେ। ସେପ୍ଟେମ୍ବର ୧୫ରୁ ଏ ନେଇ ବୁକିଂ ମଧ୍ୟ ଆରମ୍ଭ ହୋଇଛି। ଏଥର ସମାନ ସମୟରେ ଇକୋ ରିଟ୍ରିଟ୍ ନ ହୋଇ ଭିନ୍ନ ଭିନ୍ନ ସମୟରେ ସ୍ଥାନଗୁଡିକରେ ଏହା ହେବ। ପ୍ରଥମ ପର୍ଯ୍ୟାୟରେ ସାତକୋଶିଆ, ଦାରିଙ୍ଗବାଡ଼ି, ହୀରାକୁଦ, ପୁଟସିଲ୍‌ରେ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ବେଳେ କୋଣାର୍କ, ଭିତରକନିକା ଓ ସୁନାପୁରରେ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏହା ଚାଲିବ। ଆବଶ୍ୟକସ୍ଥଳେ ସମୟସୀମା ବୃଦ୍ଧି ହେବାର ମଧ୍ୟ ସୂଚନା ରହିଛି।













## ସଂକ୍ଷେପରେ

### ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ କର୍ମଚାରୀଙ୍କୁ ଆକ୍ରମଣ

## ଦହିବରା ଦୋକାନୀଙ୍କ ନାଁରେ ମାମଲା

**ଭୁବନେଶ୍ୱର,୨୬।୯(ସତ୍ୟଜିତ୍ ରାଉତ):** ପଲିଥିନ୍ ରେଡ୍ କରିବାକୁ ଯାଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ (ଟିମ୍ ସାଇନ୍) କର୍ମଚାରୀଙ୍କ ଉପରେ ମଙ୍ଗଳବାର ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଭରତପୁର ଥାନାରେ ଦହିବରା ଦୋକାନୀ ସଞ୍ଜୟ ସାହୁଙ୍କ ବିରୋଧରେ ଏତଲା ଦେଇଛନ୍ତି ଟିମ୍ ସାଇନ୍‌ର ସଦସ୍ୟ ବୈଦନାଥ ସାହୁ ଓ ଜ୍ୟୋତ୍ସ୍ନା ନାୟକ। ପୋଲିସ ଏହି ଏତଲାକୁ ଆଧାର କରି ଦହିବରା ଦୋକାନୀଙ୍କ ନାଁରେ ଏକ ମାମଲା (ନଂ.୪୨୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଦିନବେଳା ଟିମ୍ ସାଇନ୍ ପକ୍ଷରୁ ଭରତପୁର ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ନିକଟରେ ପଲିଥିନ୍ ରେଡ୍ କରାଯାଉଥିଲା। ଏହି ସମୟରେ ଦହିବରା ଦୋକାନୀ ସଞ୍ଜୟଙ୍କ ପାଖରୁ ପଲିଥିନ୍ ବାହାରିବାରୁ ତାଙ୍କୁ ଟିମ୍ ସାଇନ ସଦସ୍ୟ ତାଗିଦ୍ କରିଥିଲେ। ଏପରିକି ପଲିଥିନ୍ ଜବତ ସହ ଜରିମାନା ପର୍ଯ୍ୟନ୍ତ କଥା ଯାଇଥିଲା। ଫଳରେ ଟିମ୍ ସାଇନ ସଦସ୍ୟ ଓ ସଞ୍ଜୟଙ୍କ ମଧ୍ୟ ଯୁକ୍ତିତର୍କ ହେବା ସହ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ଏହି ସମୟରେ ସଞ୍ଜୟ ଛୁରିରେ ବୈଦନାଥ ଓ ଜ୍ୟୋତ୍ସ୍ନାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତେବେ ପୋଲିସ ସଞ୍ଜୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

## ଦାବି ଉପସ୍ଥାପାନ ପାଇଁ ବିଧାୟକଙ୍କୁ ସ୍ମାରକପତ୍ର

**ବାଲିପାଟଣା,୨୬।୯(ଅଭିମନ୍ୟୁ ନାୟକ):** ଜୟଦେବ ନିର୍ବାଚନମଣ୍ଡଳୀର ୬୬୨ ବର୍ଗର ଅଧାପକ-ଅଧାପିକାମାନେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲିଙ୍କୁ ବାସଭବନରେ ଭେଟି ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି କର୍ମଚାରୀଙ୍କ ୪ ଦଫା ଦାବି ସମାନ କାମକୁ ସମାନ ଦରମା, ପେନ୍‌ସନ ପ୍ରଦାନ, ୨୦୧୮ମସିହା ଜିଓରେ ଉପକୃତ କର୍ମଚାରୀଙ୍କୁ ସପ୍ତମ ବେତନ ଓ ବାଦ୍ ପଡିଥିବା କର୍ମଚାରୀଙ୍କୁ ବେତନ ପ୍ରଦାନ ଦାବି ରହିଛି। ସଂଘ ନେତା କଲ୍ୟାଣ କୁମାର ପଣ୍ଡା, ପ୍ରଶାନ୍ତ କୁମାର ଦାସ ଓ ହେମନ୍ତ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ ଦାବିଗୁଡିକୁ ବିଧାନସଭାରେ ଉପସ୍ଥାପନ କରିବାକୁ ବିଧାୟକ ଢାଲି ପ୍ରତିଶ୍ରୁତି ଦେଇଛନ୍ତି।

# ମେଟ୍ରୋ ଟାୱାରରେ ଅଗ୍ନିକାଣ୍ଡ

### ଫସି ରହିଥିବା ୨ ନାବାଳକ ଉଦ୍ଧାର

**ଭୁବନେଶ୍ୱର,୨୬।୯(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ବାଣୀବିହାର ଛକସ୍ଥିତ ମେଟ୍ରୋ ଟାୱାରରେ ଅଗ୍ନିକାଣ୍ଡ ଘଟିଛି। ପଞ୍ଚମ ମହଲାର ଏକ ଅଫିସରେ ନିଆଁ ଲାଗିଯିବା ପରେ ଏଥିରେ ଦୁଇଜଣ ନାବାଳକ ଫସି ରହିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଛି। ସୋମବାର ବିଳମ୍ବିତ ରାତିରେ ଏଭଳି ଅଘଟଣ ଘଟିଥିଲା। ଉଦ୍ଧାର ନାବାଳକଦ୍ୱୟଙ୍କ ସ୍ୱାସ୍ଥ୍ୟ ବସ୍ଥା ଠିକ୍ ଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଫିସରେ ଇଣ୍ଟେରିଅର୍ ଡିଜାଇନ୍ ପାଇଁ ପ୍ଲାଇ କାମ ଚାଲିଥିଲା। ରାତି ହୋଇଯିବା ପରେ ମିସ୍ତ୍ରି ପଳାଇଯାଇଥିଲେ। ହେଲେ ହେଲ୍‌ପର ଭାବେ କାମ କରୁଥିବା ଦୁଇଜଣ ନାବାଳକ ସେଠାରେ ରହିଯାଇଥିଲେ। ସେମାନେ ଅଫିସ ଚାମ୍ବରରେ ଶୋଇପଡ଼ିଥିଲେ। ରାତି ପ୍ରାୟ ୧ଟାରେ ହଠାତ୍ ନିଆଁ ଲାଗିଯିବାରୁ ପୂରା ପରିସର ଧୂଆଁମୟ ହୋଇଯାଇଥିଲା। ନାବାଳକଦ୍ୱୟଙ୍କ ନିଦ ଭାଙ୍ଗିବା ପରେ ସେମାନେ ନିଆଁ ଓ ଧୂଆଁ ଦେଖି ଡରିଯାଇଥିଲେ। ଏପରିକି ସେମାନେ ଧୂଆଁ ପ୍ରଭାବରେ ନିଃଶ୍ୱାସ ପ୍ରଶ୍ୱାସ ମଧ୍ୟ ନେଇପାରି ନ ଥିଲେ। ତୁରନ୍ତ ଉଭୟ ଜରୁରିକାଳୀନ ନମ୍ବରକୁ କଲ୍ କରିବା ପରେ ରାତି ପ୍ରାୟ ୨ଟା ୧୦ରେ ମଞ୍ଚେଶ୍ୱର ଅଗ୍ନିଶମ ଟିମ୍ ତୁରନ୍ତ ସେଠାକୁ ଯାଇ ପ୍ରଥମେ ନାବାଳକଦ୍ୱୟଙ୍କୁ ଉଦ୍ଧାର କରିବା ସହ ନିଆଁ ଲିଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଦୁଇଟି ଅଗ୍ନିଶମ ଗାଡ଼ିରେ ୧୪ଜଣ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ଲାଗିପଡ଼ିଥିଲେ। ଏହି ନିଆଁରେ ଅଫିସ୍‌ର କିଛି ପ୍ଲାଇ ଜଳିଯାଇଛି। ତେବେ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଫାୟାର ଅଫିସର ଗୌରୀଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି।


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।


ବିଦ୍ୟୁତ୍ ବୋର୍ଡ ନିକଟରୁ ବ୍ୟାପିଥିବା ନିଆଁ।

## ଆଇନ ଉଲ୍ଲଂଘନ କଲା ପୋଲିସ

ମେଟ୍ରୋ ଟାୱାରରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ଭିନ୍ନ ଏକ ଦିଗ ସାମ୍ନାକୁ ଆସିଛି। ଏଥିରେ ପୋଲିସ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ଉଠିଛି। ଉଦ୍ଧାର ଦୁଇ ନାବାଳକ କୋଲକାତାରୁ ଚାଲାଣ ହୋଇ ଭୁବନେଶ୍ୱରକୁ ଅଣାଯିବା ପରେ ଏଠାରେ ଉଭୟଙ୍କୁ କାମରେ ନିୟୋଜିତ କରାଯାଇଥିଲା ବୋଲି ଭୁବନେଶ୍ୱର ଚାଇଲ୍ଡଲାଇନ୍ ଟିମ୍ ତଦନ୍ତରୁ ଜାଣିବାକୁ ପାଇଛି। ଉକ୍ତ ଦୁଇ ନାବାଳକଙ୍କ ମଧ୍ୟରୁ ଜଣଙ୍କ ବୟସ ୧୫ ଓ ଅନ୍ୟ ଜଣଙ୍କର ୧୬ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ଚାଇଲ୍ଡଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି,

### ଶିଶୁଚାଲାଣ ଅଭିଯୋଗ ଆଣିଲା ଚାଇଲ୍ଡଲାଇନ୍

ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ ଉଦ୍ଧାର ଦୁଇ ନାବାଳକଙ୍କୁ ଶହୀଦନଗର ଥାନାକୁ ହସ୍ତାନ୍ତର କରାଯାଇଥିଲା। ହେଲେ ପୋଲିସ ପକ୍ଷରୁ ସବୁ ଆଇନକୁ ଉଲ୍ଲଂଘନ କରାଯାଇ ଦୁଇ ନାବାଳକଙ୍କୁ ତାଙ୍କ ସମ୍ପର୍କୀୟ ମାମୁଙ୍କୁ ହସ୍ତାନ୍ତର କରିଦିଆଯାଇଛି। ଏପରିକି ପୋଲିସ କୌଣସି ମାମଲା ରୁଜୁ ନ କରି ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ, ଜୁଭେଲାଇଲ୍ ଜଷ୍ଟିସ୍ ଆକ୍ଟ ଓ ଶିଶୁ ଚାଲାଣ ଆଇନକୁ ଉଲ୍ଲଂଘନ କରିଛି। ତେଣୁ ଏନେଇ ଚାଇଲ୍ଡଲାଇନ ପକ୍ଷରୁ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍), ଅତିରିକ୍ତ ସିଡବ୍ଲ୍ୟୁସି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କୁ ଅବଗତ କରାଯାଇଛି। ମଙ୍ଗଳବାର ପୋଲିସ ବିରୋଧରେ ଏନେଇ ଶିଶୁ ସୁରକ୍ଷା ଆୟୋଗ ଓ ଅତିରିକ୍ତ ସିଡବ୍ଲ୍ୟୁସିଙ୍କ ନିକଟରେ ଏତଲା ଦିଆଯିବ ବୋଲି ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି। ତେବେ ପୋଲିସ କେଉଁ ପରିସ୍ଥିତିରେ ଏଭଳି ଆଇନ ଉଲ୍ଲଂଘନ କରି ନାବାଳକ ଦ୍ୱୟଙ୍କୁ ଚାଲାଣକାରୀଙ୍କୁ ହସ୍ତାନ୍ତର କଲା, ସେନେଇ ଠିକ୍ ତଦନ୍ତ ହେବାର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି।

## ବିଏମ୍‌ସି ସମ୍ପଦ କେନ୍ଦ୍ର ବୁଲି ଦେଖିଲେ ମଧ୍ୟପ୍ରଦେଶ ଉନ୍ନୟନ ଅଫିସର, ୟୁନିସେଫ୍ ପ୍ରତିନିଧି

**ଭୁବନେଶ୍ୱର,୨୬।୯(ବନ୍ଦନା ସେଠୀ):** ମଧ୍ୟ ପ୍ରଦେଶ ସରକାରଙ୍କ ଚିଫ୍ ଡେଭଲପ୍‌ମେଣ୍ଟ ଅଫିସର ଓ ୟୁନିସେଫ୍‌ର ପ୍ରତିନିଧି ଦଳ ମଙ୍ଗଳବାର ପୋଖରୀପୁଟସ୍ଥିତ ସମ୍ପଦ କେନ୍ଦ୍ର ବୁଲି ଦେଖିଥିଲେ। ସେମାନେ ବିଏମ୍‌ସିର ଗୋଷ୍ଠୀସ୍ତରୀୟ ବର୍ଜ୍ୟ ପ୍ରକ୍ରିୟାକରଣ ବାବଦରେ ପଚାରି ବୁଝିଥିଲେ। ଓଦା ବର୍ଜ୍ୟବସ୍ତୁଗୁଡିକୁ ୩ଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ରରେ ପ୍ରକ୍ରିୟାକରଣ କରାଯାଇ ଜୈବିକ ସାର 'ମୋ ଖତ' ଉତ୍ପାଦନ ହେଉଥିବାବେଳେ ଶୁଖିଲା ବର୍ଜ୍ୟବସ୍ତୁକୁ ଏଠାରେ ଥିବା ଏମ୍‌ଆର୍‌ଏଫ୍‌ରେ ପ୍ରକ୍ରିୟାକରଣ କରାଯାଉଛି। ତେବେ ଏହି ବର୍ଜ୍ୟର ଉତ୍ସରୁ କିପରି ପୃଥକୀକରଣ ହୋଇ ଏହା ସମ୍ପଦ କେନ୍ଦ୍ରକୁ ଆସୁଛି, ଏଥିରେ ମହିଳା ତଥା ସ୍ୱୟଂ ସହାୟକ ଗୋଷ୍ଠୀ କିପରି ମହତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି ସେ ନେଇ ବିଏମ୍‌ସି ପକ୍ଷରୁ ଅବଗତ କରାଯାଇଥିଲା। ଏହି ଅବସରରେ କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ ଏବଂ ଆସିଷ୍ଟାଣ୍ଟ କମିଶନର ଗଣେଷ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ଗସ୍ତରେ ଆସିଥିବା ମଧ୍ୟପ୍ରଦେଶ ପ୍ରତିନିଧି ଦଳ ବିଏମ୍‌ସି ସମ୍ପଦ କେନ୍ଦ୍ର ବୁଲି ଦେଖୁଛନ୍ତି।

## ରକ୍ତଦାନ, ସ୍ୱାସ୍ଥ୍ୟ ସେବା ଶିବିର

**ଭୁବନେଶ୍ୱର, ୨୬। ୯ (ବନ୍ଦନା ସେଠୀ):** ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଜନ୍ମଦିନରେ ମଙ୍ଗଳବାର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ଼ ନଂ. ୪୧ର କର୍ପୋରେଟର କବିତା ସ୍ୱାଇଁଙ୍କ ସଂଯୋଜନାରେ ପ୍ରେସ କଲୋନୀସ୍ଥିତ ସନ୍ଧ୍ୟାସାଥୀ କ୍ଲବ ଏବଂ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହାକୁ ବିଧାୟକ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜୀବନ ବିନ୍ଦୁ ମଧ୍ୟ ସଂଯୋଜକ ନବକିଶୋର ବେହେରା, ସାମାଜିକ କର୍ମୀ ନିହାର ରଞ୍ଜନ ସ୍ୱାଇଁ, କର୍ପୋରେଟର ସମିତା ମହାନ୍ତି ଓ ସ୍ମୃତିଶିଖା ବରିଷଲ, ବିଜେଡି ରାଜ୍ୟ ଉପସଭାପତି ଦିଲୀପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। କର୍ପୋରେଟର ଭରତ ଲେଙ୍କାଙ୍କ ସଂଯୋଜନାରେ ଲକ୍ଷ୍ମୀସାଗର ମେଳଣ ପଡ଼ିଆରେ ଲକ୍ଷ୍ମୀସାଗର ଡେଭଲପମେଣ୍ଟ କମିଟି ଓ ସନ୍‌ସାଇନ ହସ୍ପିଟାଲ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଥିଲା। ୱାର୍ଡ଼ ନଂ. ୪୦ର କର୍ପୋରେଟର ଆସିୟା ବେଗମ ୟୁନିଟ-୧ ପ୍ରାଥମିକ ବିଦ୍ୟାଳୟ ଆବାସିକ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପରିବେଷଣ କରିଥିଲେ। ୱାର୍ଡ଼ ନଂ. ୩୫ର କର୍ପୋରେଟର ରଞ୍ଜୁଲତା ରାୟଙ୍କ ସଂଯୋଜନାରେ ସନ୍ଥ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଫଳ ବଣ୍ଟନ କରାଯାଇଥିଲା। ମହିଳା କମିଶନର ମିନତି ବେହେରା, ବରିଷ୍ଠ ତୀର୍ଥ ଯାତ୍ରୀ ଯୋଜନା ଉପଦେଷ୍ଟା ଦୁର୍ଗା ସାମନ୍ତରାୟ, କର୍ପୋରେଟର ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ରକ୍ତଦାନ ଶିବିରରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନ୍ୟମାନେ।

## ପଳାଶୁଣୀ ଦୁର୍ଗାପୂଜା ସମିତିର ମାଟି ଅନୁକୂଳ

**ବାଲିଅନ୍ତା,୨୬।୯(ନୀଳମାଧବ ସାହୁ)**

ରାଜଧାନୀର ପଳାଶୁଣୀ ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ପବିତ୍ର ସୁନିଆ ତିଥିରେ ମଙ୍ଗଳବାର ସ୍ଥାନୀୟ କୁଆଖାଇ ନଦୀରୁ ମାଟି ଅନୁକୂଳ କରାଯାଇଛି। ପୂଜା ସମିତିର ଶତାଧିକ କର୍ମକର୍ତ୍ତା ଏକ ବିରାଟ ଶୋଭାଯାତ୍ରାରେ ନଦୀକୂଳରେ ପହଞ୍ଚିଥିଲେ। ସନ୍ଧ୍ୟା ସମୟରେ ନଦୀକୂଳରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ହୋମଯଜ୍ଞ ହୋଇଥିଲା। ନଦୀକୂଳରୁ ମାଟି ସଂଗ୍ରହ କରାଯାଇ ଏକ ମାଟିପାତ୍ରରେ ରଖି ପୂଜା କରାଯାଇଥିଲା। ଯଜ୍ଞରେ କର୍ତ୍ତା ରୂପେ ବେଣୁଧର ଲେଙ୍କା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା ଓ ଯଜ୍ଞକୁ ପଣ୍ଡିତ ବୈଷ୍ଣବ ଚରଣ ମିଶ୍ର ପରିଚାଳନା କରିଥିଲେ। ଉତ୍ସବରେ ସମିତି ସଭାପତି ପ୍ରଭାତ ପରିଡ଼ା, ସମ୍ପାଦକ ଅଶୋକ ସାହୁ, ଉପସଭାପତି ରମେଶ ସାହୁ, ସହସମ୍ପାଦକ ସ୍ୱରଣ ଲେଙ୍କାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂଜା ଶେଷରେ ମାଟି ପାତ୍ରକୁ ନାଲି କପଡ଼ାରେ ରଖି ପୂଜା ମଣ୍ଡପ ଅଭିମୁଖେ ନିଆଯାଇଥିଲା। ଅନୁକୂଳ ମାଟିକୁ ଗ୍ରାମ ପରିକ୍ରମା କରାଯାଇ ମା'ଖଣ୍ଡେଶ୍ୱରୀଙ୍କ ମଣ୍ଡପରେ ରଖାଯିବ। ବୁଧବାରଠାରୁ ବିଧିବଦ୍ଧ ଭାବେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଉପସଭାପତି ସାହୁ କହିଛନ୍ତି।


କୁଆଖାଇ ନଦୀ କୂଳରେ ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା ଚାଲିଛି।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**ବାରଙ୍ଗ,୨୬।୯(ଲିଙ୍ଗରାଜ ରାଉତ) :** ଭୁବନେଶ୍ୱର ବ୍ଲକ ଅଧୀନ ଦାରୁଠେଙ୍ଗ କିସ ରୋଡ଼ ମଧ୍ୟଭାଗରେ କଳିଙ୍ଗ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଚଳିତବର୍ଷ ପ୍ରଥମକରି ଦୁର୍ଗାପୂଜା ପାଳନ ହେଉଛି। ସେଥିପାଇଁ ମଙ୍ଗଳବାର କମିଟି କର୍ମକର୍ତ୍ତାଙ୍କ ସହ ଆଖପାଖ ଗାଁ ପଥରଗାଡିଆ, ଚନ୍ଦକା, ଦାରୁଠେଙ୍ଗ, ଅଳସୁଆ, ମହିମାନଗର ଆଦି ଅଞ୍ଚଳର ବହୁଭକ୍ତ ମାଟି ଅନୁକୂଳ ପର୍ବରେ ସାମିଲ ହୋଇଥିଲେ। ବାଜା, ମହୁରୀ, ଶଙ୍ଖ, କାହାଳୀ ଦ୍ୱାରା ଶୋଭାଯାତ୍ରାରେ ନିକଟତମ ବୁଢ଼ୁ ନଈ କୂଳେ ପୂଜାର୍ଚ୍ଚନା ସହ ମାଟି ସଂଗ୍ରହ କରି ମା'ଙ୍କ ପୂଜା ସ୍ଥାନକୁ ଆସିଥିଲେ। ତେବେ ପ୍ରଥମବର୍ଷ ଦୁର୍ଗାପୂଜା ହେଉଥିବାରୁ ସମସ୍ତେ ବେଶ ଉତ୍ସାହିତ ଅଛନ୍ତି। ଅନ୍ୟପଟେ ଚଳିତ ବର୍ଷ ୭୦ ଫୁଟ ଉଚ୍ଚତାର ରାବଣ ପୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି।

## ପର୍ଯ୍ୟଟନରେ ଯୋଡ଼ିହେଉ 'ହେଲି ଟୁରିଜମ'

### ଆଜି ବିଶ୍ୱ ପର୍ଯ୍ୟଟନ ଦିବସ

**ପୁରୁଣା ଭୁବନେଶ୍ୱର,୨୬।୯(ସୁବାସ ଚନ୍ଦ୍ର ପ୍ରଧାନ):** ବୁଧବାର ବିଶ୍ୱ ପର୍ଯ୍ୟଟନ ଦିବସ। ପର୍ଯ୍ୟଟନ ଶିଳ୍ପର ବିକାଶ ହିଁ ଉକ୍ତ ଦିବସ ପାଳନର ଲକ୍ଷ୍ୟ। ଓଡ଼ିଶା ପର୍ଯ୍ୟଟନସ୍ଥଳୀର ଗନ୍ତାଘର। ତେବେ ଆଭ୍ୟନ୍ତରୀଣ ଓଡ଼ିଶାରେ ଥିବା ପର୍ଯ୍ୟଟନସ୍ଥଳୀରେ ଉନ୍ନତମାନର ହୋଟେଲ, ରେସ୍ତୋରାଁ ଓ ଗମନାଗମନ ବ୍ୟବସ୍ଥା ନ ଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମିଯାଉଛି। ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ବହୁ ସମୟ ଲାଗୁଥିବାରୁ ପର୍ଯ୍ୟଟକ ପର୍ଯ୍ୟଟନସ୍ଥଳୀଗୁଡ଼ିକ ବୁଲି ପାରୁନାହାନ୍ତି। ସମ୍ପ୍ରତି ଭାରତର ହାଇଦ୍ରାବାଦ, ବିଶାଖାପାଟଣା, ଉଦୟପୁର, ସିକିମ୍, ଗୋଆ, ଜୟପୁର, ମୁମ୍ବାଇ, ପୁନେ ଆଦି ସ୍ଥାନର ରାଜ୍ୟ ସରକାର ନିଜ ରାଜ୍ୟରେ ଥିବା ପର୍ଯ୍ୟଟନସ୍ଥଳୀରୁ ଆଉ ଗୋଟିଏ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକମାନେ ବୁଲିବା ପାଇଁ ହେଲିକପ୍ଟରର ବ୍ୟବସ୍ଥା ଆରମ୍ଭ କରିସାରିଲେଣି। ଯାହାକୁ 'ହେଲି ଟୁରିଜମ୍' କୁହାଯାଇଥାଏ। ଏହାଦ୍ୱାରା ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବଢୁଛି। ସ୍ଥାନୀୟ ଅଞ୍ଚଳର ସାମାଜିକ, ଅର୍ଥନୈତିକ ବିକାଶ ହେଉଛି। ତେଣୁ ଓଡ଼ିଶା ପର୍ଯ୍ୟଟନରେ 'ହେଲି ଟୁରିଜମ୍'କୁ ଯୋଡ଼ାଗଲେ ଓଡ଼ିଶା ପର୍ଯ୍ୟଟନ ଆହୁରି ସମୃଦ୍ଧ ହୋଇପାରିବ। ଏନେଇ ସାମାଜିକ କର୍ମୀ ସୁଶାନ୍ତ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଦାବି କରିଥିବା ଜଣାପଡିଛି।



## ଆରମ୍ଭ ହେଲା ପାଥ୍‌ହୋଲ୍ ମରାମତି

### ଜୀବନ ଯିବା ପରେ ଚେତା ପଶିଲା

**ଭୁବନେଶ୍ୱର, ୨୬। ୯ (ବନ୍ଦନା ସେଠୀ)**

ଭୁବନେଶ୍ୱରର ରାସ୍ତାଘାଟ ସ୍ଥିତି ଏବେ ଅତ୍ୟନ୍ତ କଦର୍ଯ୍ୟ ହୋଇପଡିଛି। ପ୍ରମୁଖ ରାସ୍ତାଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ରାସ୍ତା ଯାଏ ସବୁଠି ଖାଲଖମା ଭର୍ତ୍ତି ହୋଇ ରହିଛି। ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇ ଆସୁଥିବାବେଳେ ବମିଖାଲ ଓଭରବ୍ରିଜ୍ ତଳ ରାସ୍ତାରେ ଜଣେ ଡାକ୍ତରଙ୍କ ଜୀବନ ଯିବାପରେ ବିଏମ୍‌ସି ଅଧିକାରୀଙ୍କ ଚେତା ପଶିଛି। ମଙ୍ଗଳବାରଠାରୁ ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ ପାଥହୋଲ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ଆସନ୍ତା ଦୁର୍ଗାପୂଜା ପୂର୍ବରୁ ସମସ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୩ଜୋନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ ମୁଖ୍ୟଯନ୍ତ୍ରୀ

ପାର୍ବଣ ପୂର୍ବରୁ ଭୁବନେଶ୍ୱରର ୩ ଜୋନ୍‌ରେ ଥିବା ସମସ୍ତ ରାସ୍ତାର ଖାଲ ମରାମତି କରିବା ନେଇ ୩ ଜୋନ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ବିଏମସି ମୁଖ୍ୟଯନ୍ତ୍ରୀ ଅରୁଣ କୁମାର ନାୟକ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ମୁଖ୍ୟଯନ୍ତ୍ରୀ ୩ ଜୋନର ବିଭାଗୀୟ ଯନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରିଥିଲେ। ସହରରେ କେତେ ପାଥ୍‌ହୋଲ୍ ଥିଲା ଓ ନିକଟରେ ଆଉ କେତେ ପାଥ୍‌ହୋଲ୍ ସୃଷ୍ଟି ହୋଇଛି ତାହାର ସବିଶେଷ ତଥ୍ୟ ଆସନ୍ତା ୨ଦିନ ମଧ୍ୟରେ ପ୍ରଦାନ କରିବାକୁ କୁହାଯାଇଛି। ଏନେଇ ମୁଖ୍ୟଯନ୍ତ୍ରୀ କହିଛନ୍ତି, ମଙ୍ଗଳବାର ବିଏମସି ଦକ୍ଷିଣ ପଶ୍ଚିମ ଜୋନ୍ ଅନ୍ତର୍ଗତ ୱାର୍ଡ ନଂ.୫୨ସ୍ଥିତ ବିମାନବନ୍ଦର ଅଞ୍ଚଳରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ୧୫ ଦିନ ମଧ୍ୟରେ ପ୍ରମୁଖ ରାସ୍ତା ଓ ଆଭ୍ୟନ୍ତରୀଣ ରାସ୍ତାର ମରାମତି କରାଯିବ। ବିଏମସି ଅଞ୍ଚଳରେ ବିଭିନ୍ନ ବିଭାଗ ଦ୍ୱାରା ରାସ୍ତା କରାଯାଇ ଥିବାରୁ ସମସ୍ତ ବିଭାଗ ସହ ସମନ୍ୱୟ ରଖି ମରାମତି କାର୍ଯ୍ୟ କରାଯିବ। ଏଥିଲାଗି ୩ ଜୋନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ତଥ୍ୟ ଦେବାକୁ କୁହାଯାଇଛି। ପୂଜା ପୂର୍ବରୁ ସମସ୍ତ ମରାମତି କାମ ସରିବା ନେଇ ଯଥାରୀତି ଚେଷ୍ଟା କରାଯାଉଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରର ଗଳିକନ୍ଦିଠାରୁ ଆରମ୍ଭ କରି ପ୍ରମୁଖ ରାସ୍ତାରେ ପ୍ରାଥମିକ ଭାବେ ୧୮୬୪ ପାଥ୍‌ହୋଲ୍ ଚିହ୍ନଟ କରାଯାଇଛି। ତେବେ ବର୍ଷା କାରଣରୁ ଏହି ସଂଖ୍ୟା ଆହୁରି ବଢିବା ନେଇ ୩ ଜୋନ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଜୋନ୍ ସ୍ତରରେ ମରାମତି କାମ ଆରମ୍ଭ କରାଯାଇଥିବାବେଳେ ବିଭିନ୍ନ ବିଭାଗ ଅନ୍ତର୍ଗତ କେତେ ରାସ୍ତା ଅଛି, ସେଥିରୁ କେତେ ଖରାପ ଅଛି ତାହାର ତଥ୍ୟ ଏ ଯାଏ ମିଳି ପାରିନାହିଁ। ଏନେଇ ଅଗଷ୍ଟ ପ୍ରଥମ ସପ୍ତାହରେ ବିଏମ୍‌ସି କମିଶନର ଓ ମେୟର ଏକ ସମୀକ୍ଷା ବୈଠକ କରି ସମସ୍ତ ବିଭାଗକୁ ତଥ୍ୟ ମାଗିଥିଲେ। ମାତ୍ର ଦେଢମାସ ପରେ ବି କାର୍ଯ୍ୟ ଆଗେଇ ପାରିନାହିଁ।


ଭାରତୀୟ ନୌସେନାର ଚିଲିକା ଶାଖା ତାଲିମ କେନ୍ଦ୍ରରେ ମଙ୍ଗଳବାର ଅନୁଷ୍ଠିତ ପ୍ରଶିକ୍ଷଣପ୍ରାପ୍ତ ୨୮୯୫ ନୌସେନା ଅଗ୍ନିବୀରଙ୍କ ପାସିଂଆଉଟ୍ ପରେଡ୍। (ଫଟୋ : ସଂଗ୍ରାମ ପାଇକରାୟ)



ଡିଲାଇଟ୍ ଏଣ୍ଟରଟେନ୍ ପକ୍ଷରୁ ସୂଚନା ଭବନରେ ମଙ୍ଗଳବାର ଅନୁଷ୍ଠିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ହିଟ୍‌ସ ଅଫ୍ ରାଜେଶ ଖାନା'ରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।


ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବର ମଙ୍ଗଳବାର ସନ୍ଧ୍ୟାରେ ପରିବେଷିତ ଅସମୀୟା ନାଟକ 'ଅଭିନନ୍ଦନ ମାକ୍‌ବେଥ୍'ର ଏକ ଦୃଶ୍ୟ।

**ରିୟାଧ ଯାତ୍ରା କଲେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ**

କଟକ,(ସୁପ୍ରିୟା ପ୍ରିୟଦର୍ଶନୀ): ଏସିଆନ ଫୁଟବଲ କନଫେଡେରେଶନ(ଏଏଫ୍‌ସି) ଉନ୍ନୟନ କମିଟିର ବୈଠକ ବୁଧବାର ସାଉଦିଆରବର ରିୟାଧ ସହରରେ ଅନୁଷ୍ଠିତ ହେବ। ବୈଠକରେ ଭାଗ ନେବା ନିମନ୍ତେ ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ତଥା ଏଏଫ୍‌ସି ଉନ୍ନୟନ କମିଟି ସଦସ୍ୟ ଅଜିତ ପାଲ ମଙ୍ଗଳବାର ରିୟାଧ ଯାତ୍ରା କରିଛନ୍ତି। ସେ ଅଲଇଣ୍ଡିଆ ଫୁଟବଲ ଫେଡେରେଶନର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ମଧ୍ୟ ଦାୟିତ୍ୱରେ ରହିଛନ୍ତି। ଏହାଛଡ଼ା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ଯୁଗ୍ମ ସମ୍ପାଦକ ପଦବୀରେ ଅଛନ୍ତି। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଅଜିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ମଧ୍ୟପ୍ରଦେଶରେ ଓଡ଼ିଆ ଶ୍ରମିକ ମୃତ

ନିଶ୍ଚିନ୍ତକୋଇଲି,୨୬।୯ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଓଥକା ଗ୍ରାମର ଜଣେ ଶ୍ରମିକଙ୍କ ମଧ୍ୟପ୍ରଦେଶରେ ଏକ ଗାଡି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ସ୍ୱର୍ଗତ ପ୍ରାଣକୃଷ୍ଣ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ନୃସିଂହ ପଣ୍ଡା(୫୧)। ଦୀର୍ଘ ବର୍ଷ ହେଲା ସୁଦୂର ମଧ୍ୟପ୍ରଦେଶରେ ରହି ଏକ କମ୍ପାନୀରେ କାର୍ଯ୍ୟ କରିଆସୁଥିଲେ। ଗତ ଶନିବାର ତାଙ୍କର ଏକ ଗାଡ଼ି ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ନୃସିଂହଙ୍କ ମୃତଦେହ ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ପୈତୃକ ଗ୍ରାମ ଓଥକାକୁ ଅଣାଯାଇଛି। ତାଙ୍କର ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା,ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସରପଞ୍ଚ ମଧୁସ୍ମିତା ରାଉତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ

**କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି**

- ୧୮ ଫୁଟ୍ ମଧ୍ୟରେ ସୀମିତ ରହିବ ମୂର୍ତ୍ତି ଉଚ୍ଚତା
- ଜୁଲମ କରି ଆଦାୟ ହେବ ନାହିଁ ଚାନ୍ଦା
- ମଣ୍ଡପରେ ଲାଗିବ ସିସିଟିଭି



ଶାରଳା ଭବନଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

କଟକ,୨୬।୯(କାର୍ତ୍ତିକ ସାହୁ): ଚଳିତ ବର୍ଷ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳାର ସହ ପାଳନ ପାଇଁ ମଙ୍ଗଳବାର କମିଶନରେଟ୍ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥର ଦୁର୍ଗାପୂଜା ଅକ୍ଟୋବର ୨୦ ତାରିଖ ମହାଷଷ୍ଠୀରୁ ଆରମ୍ଭ ହୋଇ ୨୪ ତାରିଖ ବିଜୟାଦଶମୀରେ ଶେଷ ହେବ। ୨୫ତାରିଖ ଦିନ ଭସାଣି ଯାତ୍ରା ହେବ। ପୂଜାରେ ମା' ଦୁର୍ଗା ଓ ମହାଦେବଙ୍କ ମୂର୍ତ୍ତିକୁ ସର୍ବାଧିକ ୧୮ ଫୁଟ୍ ମଧ୍ୟରେ ରଖିବାକୁ କୁହାଯାଇଛି। ଅର୍ଥାତ୍ ରାସ୍ତାରୁ ଚେଚିସ୍, ତା'ପରେ ଖଡମା ଓ ପରେ ମୂର୍ତ୍ତିକୁ ମିଶାଇ ଉଚ୍ଚତା ସର୍ବାଧିକ ୧୮ ଫୁଟ୍ ରହିବ। କାହାକୁ ବାଧ ବା ଜୁଲମ କରି ଚାନ୍ଦା ଆଦାୟ କରାଯାଇପାରିବ ନାହିଁ। ସବୁମଣ୍ଡପରେ ସିସିଟିଭି ଲାଗିବ। କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ଯୋଗାଇ ଦିଆଯିବ। ମଣ୍ଡପ ଓ ଏହାର ପାଖରେ ଲାଗୁଥିବା ଲାଇଟ୍ ପାଇଁ ଟାଟାପାୱାର ବ୍ୟବସ୍ଥାକୁ ବଦଳାଇବା ଲାଗି କମିଟିଗୁଡ଼ିକ ଦାବି କରିଥିଲେ। ତେବେ ମେୟର ସୁବାସ ସିଂହ, ଦୁଇ ଶାନ୍ତିକମିଟି ସଦସ୍ୟ ଓ ଟାଟାପାୱାର କର୍ତ୍ତୃପକ୍ଷ ମିଳିତ ଆଲୋଚନା କରି ଏ ବାବଦରେ ନିଷ୍ପତ୍ତି ନେବେ ବୋଲି କୁହାଯାଇଛି।

ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ରାତି ୧୨ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣିରେ ବାଜା ବାଜିବା ପାଇଁ ଅନୁମତି ଦିଆଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଥିଲେ। ଏହା ଛଡ଼ା ଜାଇକା ଓ ପୂର୍ତ୍ତ ବିଭାଗ ରାସ୍ତା ମରାମତି କରାଯିବ, ଗଳିକନ୍ଦିରେ ଝୁଲି ରହିଥିବା କେବୁଲ୍‌ଗୁଡ଼ିକ ଉପରକୁ ଉଠିବ। ଭସାଣିରେ ମେଢ଼ର ଲମ୍ବ କମ୍ ରହିବ, ଡିଜେ ବାଜିବନି, ସର୍ବାଧିକ ୬ଟି ବକ୍ସ ଲାଗିବ, ମଦ୍ୟପାନ ସମ୍ପୂର୍ଣ୍ଣ ବାରଣ ହେବ। ଏଥିସହିତ ସକାଳୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ମେଢ଼ର ଅନୁପାତ ୩-୧ରେ ରହିବ। ଅର୍ଥାତ୍ ମୁଖ୍ୟ ରାସ୍ତାରୁ ୩ଟି ମେଢ଼ ଆଗକୁ ଗଲେ ଗଳିରୁ ଗୋଟିଏ ମେଢ଼ ମୁଖ୍ୟ ରାସ୍ତାକୁ ଆସିବ। ସେହିପରି ରାତି ୮ଟା ପରେ ସକାଳ ପର୍ଯ୍ୟନ୍ତ ମେଢ଼ର ଅନୁପାତ ୨-୧ ହେବ। ଚଳିତ ବର୍ଷ ୪ଟି ନୂଆ ଚାନ୍ଦି ମେଢ଼ ହୋଇଛି। ଏହି ମେଢ଼ ବା ମୂର୍ତ୍ତିଗୁଡ଼ିକ ଭସାଣିରେ ଯିବନି। ପରଦିନ ଅର୍ଥାତ୍ ୨୬ ତାରିଖରେ ମେଢ଼ଗୁଡ଼ିକ ସାହି ପରିକ୍ରମା କରି ଦେବୀଗଡ଼ାରେ ପଡ଼ିବ। ତେବେ ନିୟମାବଳୀ ଓ ଅନ୍ୟ ସୀମା ବିବାଦ ସମାଧାନ ନେଇ ପରବର୍ତ୍ତୀ ସମୟରେ ଥାନା ସ୍ତରରେ ବୈଠକରେ ଆଲୋଚନା ହେବ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଥିଲେ। ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ମେୟର ସୁବାସ ସିଂହ, ବିଧାୟକ ମହମ୍ମଦ ମୋକିମ୍, ବିଧାୟକ ସୌଭିକ ବିଶ୍ୱାଳ, କଂଗ୍ରେସ ନେତା ସୁରେଶ ମହାପାତ୍ର, ଭାଜପା ନେତା ନୟନ କିଶୋର ମହାନ୍ତି, ମହାନଗର ଶାନ୍ତିକମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସିପିଆଇ ନେତା ଅମରେନ୍ଦୁ ମହାନ୍ତିଙ୍କ ସମେତ ସବୁ ପୂଜା କମିଟି କର୍ମକର୍ତ୍ତା ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### 'ନାମଜପ ଦ୍ୱାରା ବ୍ୟକ୍ତିତ୍ୱ ଗଠନ ସମ୍ଭବ'

**ଶ୍ରୀଅରବିନ୍ଦ ପାଠଚକ୍ରର ୭ମ ବାର୍ଷିକ ଉତ୍ସବ**

କଟକ,୨୬।୯ (କାର୍ତ୍ତିକ ସାହୁ): କଟକ ସହର ପଶ୍ଚିମାଞ୍ଚଳ ଜୋନ୍‌ର ୭ମ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର କର୍ମଶାଳା ତୁଳସୀପୁରସ୍ଥିତ ଜେବିଏସ୍ ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅରବିନ୍ଦଙ୍କ ଯୋଗରେ ନାମଜପର ପ୍ରଭାବ ଉପରେ ଦଳଗତ ଆଲୋଚନା କରାଯାଇଥିଲା। ସତ୍ୟ, ଶାନ୍ତି, ଭକ୍ତି, ଶ୍ରଦ୍ଧା, ନିଷ୍ଠା, ସମର୍ପଣ ଭାବ ଆଧାରିତ ୬ଟି ଦଳ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବକ୍ତା ଡା. ନିତ୍ୟାନନ୍ଦ ସ୍ୱାଇଁ ନାମଜପର ବୈଜ୍ଞାନିକ ଦିଗ ଉପରେ ଆଲୋକପାତ କରିଥିଲେ। ନାମଜପ ଦ୍ୱାରା ବ୍ୟକ୍ତିର ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ ସ୍ତରରେ ବିକାଶ ହୋଇ ବ୍ୟକ୍ତିତ୍ୱ ଗଠନ ସମ୍ଭବ ବୋଲି ଡା. ସ୍ୱାଇଁ କହିଥିଲେ। ବ୍ରଜସୁନ୍ଦର ବେହେରା ଶ୍ରୀଅରବିନ୍ଦଙ୍କ ଯୋଗରେ ନାମଜପ ଦ୍ୱାରା ଅତିମାନବ ଜାତି ଆବିର୍ଭାବର ସମୟକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି କହିଥିଲେ। ପ୍ରସାଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅରୁଣ କୁମାର ପରିଡ଼ା ସ୍ୱାଗତ ଭାଷଣ, ବିରଞ୍ଚି ନାରାୟଣ ଦାସ ବିବରଣୀ ପାଠ କରିଥିଲେ। ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଗଦାଧର ମିଶ୍ର ଉପସଂହାର ବକ୍ତବ୍ୟ ପ୍ରଦାନ କରିଥିଲେ।

# ବାଙ୍କୀ, ତିଗିରିଆରେ ପୂର୍ବ ଶତ୍ରୁତାରୁ ଗୋଷ୍ଠୀସଂଘର୍ଷ

**୧୨ ଆହତ, ୬ ଗୁରୁତର**

ବାଙ୍କୀ/ତିଗିରିଆ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ କାଫର ଖାଁ)୨୬।୯



ବାଙ୍କୀ ହସ୍ପିଟାଲରେ ଚିକିତ୍ସାଧୀନ ଯୁବକ।



ତିଗିରିଆରେ ସଂଗଠିତ ଗୋଷ୍ଠୀ ସଂଘର୍ଷରେ ଆହତ ୨ ଯୁବକ।

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ କରବର ଗ୍ରାମ ଓ ତିଗିରିଆ ଥାନା ଅନ୍ତର୍ଗତ ହାଟମାଳ ଗ୍ରାମରେ ମଙ୍ଗଳବାର ପୃଥକ୍ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ଗ୍ରାମରୁ ମୋଟ ୬ଜଣ ଗୁରୁତର ହୋଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ବାଙ୍କୀ କରବର ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଗୁରୁତରମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନ ସ୍ଥାନାନ୍ତର କରାଯାଇଛି। ଏନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି। ଖବରପାଇ ବାଙ୍କୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ସେଠାରେ ଫୋର୍ସ ମୁତୟନ କରାଯାଇଛି। ସେହିପରି ତିଗିରିଆ ଥାନା ଅନ୍ତର୍ଗତ ହାଟମାଳ ଗ୍ରାମରେ ଗୋଟିଏ ଗୋଷ୍ଠୀର ସଂଘବଦ୍ଧ ଆକ୍ରମଣରେ ବିପକ୍ଷ ଗୋଷ୍ଠୀର ୨ ଜଣ ଆହତ ଓ ୩ ଜଣ ଗୁରୁତର ହୋଇଛନ୍ତି। ଏହି ଗ୍ରାମର ଅଜାତି ଖଟୁଆଙ୍କର ନୂଆ ଘର ଛାତ ପଡୁଥିଲା। କାମ ଶେଷ ହେଲାବେଳକୁ ପ୍ରାୟ ସନ୍ଧ୍ୟା ହୋଇଯାଇଥଲା। ଛାତ କାମରେ ଗ୍ରାମର ମନୋରଞ୍ଜନ ସ୍ୱାଇଁ, ବିଶ୍ୱମ୍ବର ରାଉତ, ଅଭୟ ବିଶୋଇ, ବିଶ୍ୱଜିତ ଖଟୁଆ ଓ ଆଲୋକ ଖଟୁଆ ନିୟୋଜିତ ଥିଲେ। ସେମାନେ କାମ ସାରି ମହାନଦୀରେ ଗାଧୋଇସାରି ଫେରୁଥିବାବେଳେ ଅନ୍ଧକାରର ସୁଯୋଗ ନେଇ ଉକ୍ତ ଗ୍ରାମର କିଛି ଯୁବକ ଖଣ୍ଡା, ଠେଙ୍ଗା ଓ ଲୁହାରଡ଼ରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ବିଶ୍ୱମ୍ବର, ଅଭୟ ଓ ମନୋରଞ୍ଜନ ଗୁରୁତର ହୋଇଥିବାବେଳେ ବିଶ୍ୱଜିତ ଓ ଆଲୋକ ସାମାନ୍ୟ ଆହତ ହୋଇଥିଲେ। ସମସ୍ତେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ପରେ ମନୋରଞ୍ଜନ ଓ ବିଶ୍ୱମ୍ବରଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ମନୋରଞ୍ଜନ ତିଗିରିଆ ଥାନାରେ ଅଭିଯୋଗ କରିଥିବାବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଖବରପାଇ ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ତିଗିରିଆ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ, ଏସଆଇ ସନ୍ତୋଷ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ପୋଲିସ ହାତ ଖାଲି, ଚିନ୍ତାରେ ପରିବାର

**ବ୍ରାଞ୍ଚ ମ୍ୟାନେଜର ନିଖୋଜ ଘଟଣାକୁ ୩୬ ଘଣ୍ଟା**



ବାଙ୍କୀ,୨୬।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର): କାନାଡ଼ା ବ୍ୟାଙ୍କର ବଡ଼ମ୍ବା ବ୍ରାଞ୍ଚ ମ୍ୟାନେଜର ତପନ ସାହୁ ନିଖୋଜ ହେବା ଘଟଣାକୁ ୩୬ ଘଣ୍ଟା ବିତିଯାଇଥିଲେ ବି ତାଙ୍କର କୌଣସି ପତ୍ତା ମିଳିନାହିଁ। ବ୍ୟାଙ୍କକୁ ଯିବାବେଳେ ବାଟରୁ ତପନ କୁଆଡ଼େ ନିଖୋଜ ହୋଇଯାଇଥିବା ନେଇ ବୈଦେଶ୍ୱର ଥାନାରେ କଳାପଥର ବ୍ରାଞ୍ଚ ମ୍ୟାନେଜର ଭରତ ଭୂଷଣ ମଙ୍ଗରାଜ ଏତଲା ଦେଇଛନ୍ତି। ଏଥିସହ ନିଖୋଜ ବ୍ରାଞ୍ଚ ମ୍ୟାନେଜରଙ୍କ ସ୍ତ୍ରୀ ଅଲିସା ପ୍ରଧାନ ମଧ୍ୟ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ସ୍ୱାମୀଙ୍କୁ ଅପହରଣ କରାଯାଇଥିବା ସମ୍ପର୍କରେ ଏତଲାରେ ଉଲ୍ଲେଖ କରିଛନ୍ତି। ହେଲେ ପୋଲିସ ତପନଙ୍କ କୌଣସି ସୂଚନା ପାଇ ପାରି ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଛନ୍ତି।

ସୂଚନାଯୋଗ୍ୟ, ଶନିବାର ଓ ରବିବାର ଛୁଟି ଥିବାରୁ ତପନ ତାଙ୍କ ସ୍ତ୍ରୀଙ୍କ ପାଖକୁ ଶ୍ୱଶୁର ଘର ବ୍ରହ୍ମପୁର ଯାଇଥିଲେ। ସେଠାରୁ ସ୍ତ୍ରୀଙ୍କ ସହ ନିଜ ଗ୍ରାମ ରାୟଗଡ଼ା ଜିଲା ଗୁଣୁପୁର ଯାଇଥିଲେ। ଗୁଣୁପୁରରୁ ବ୍ରହ୍ମପୁର ଫେରି ସୋମବାର ଭୋର ୬ଟାରେ ବାଇକ ନେଇ ବଡ଼ମ୍ବା ଅଭିମୁଖେ ଆସିଥିଲେ। ପୂର୍ବାହ୍ନ ୯.୪୫ ସମୟରେ ବାଙ୍କୀ କଳାପଥରସ୍ଥିତ କାନାଡା ବ୍ୟାଙ୍କ ଶାଖାରେ ପହଞ୍ଚି ସେଠାରେ ସେ ବ୍ୟାଙ୍କ ସମ୍ପର୍କିତ କିଛି କାମ ସାରି ୯ଟା୫୦ରେ ବାଇକ୍ ଯୋଗେ ବଡ଼ମ୍ବାସ୍ଥିତ କାନାଡ଼ା ବ୍ୟାଙ୍କ ଶାଖା ବାହାରିଥିଲେ। ହେଲେ ସେ ବଡ଼ମ୍ବା କାନାଡ଼ା ବ୍ୟାଙ୍କରେ ପହଞ୍ଚି ନ ଥିଲେ। ତପନ ବ୍ୟାଙ୍କରେ ପହଞ୍ଚିବା ବିଳମ୍ବ ହେବାରୁ କର୍ମଚାରୀମାନେ କଳାପଥର ମ୍ୟାନେଜର ମଙ୍ଗରାଜଙ୍କୁ ଫୋନ୍ ଯୋଗେ ପଚାରିଥିଲେ। ସେ କହିଲେ, ତପନ ବାବୁ ବ୍ୟାଙ୍କ ଆସିଥିଲେ ଓ ସିଷ୍ଟମ ଲଗ୍ ଇନ୍ କରି ବଡମ୍ବା ବ୍ୟାଙ୍କକୁ ପଳେଇ ଛନ୍ତି। ଏହାପରେ କଳାପଥର ବ୍ୟାଙ୍କ ମ୍ୟାନେଜର ତପନଙ୍କୁ ଫୋନ କରିଥିଲେ ।ହେଲେ ତପନଙ୍କ ଫୋନ ସୁଇଚ୍ ଅଫ୍ ଆସିଥିଲା। କଳାପଥର ମ୍ୟାନେଜର ଓ ବଡ଼ମ୍ବା ବ୍ୟାଙ୍କ କର୍ମଚାରୀମାନେ ତପନଙ୍କ ସାଙ୍ଗସାଥୀଙ୍କୁ ପଚରାଉଚରା କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶେଷରେ କଳାପଥର ବ୍ୟାଙ୍କ ମ୍ୟାନେଜର ତପନଙ୍କ ପରିବାର ଲୋକଙ୍କୁ ଅବଗତ କରିବା ସହ ଥାନାରେ ଏତଲା ଦେଇଥିଲେ। ଖବର ପାଇ ତପନଙ୍କ ସ୍ତ୍ରୀ ଅଲିସା ପ୍ରଧାନ, ତପନଙ୍କ ବାପା କାଶିରାମ ସାହୁ ଓ ପରିବାର ଲୋକେ ବୈଦେଶ୍ୱର ଥାନାକୁ ଆସିଥିଲେ। ସ୍ତ୍ରୀ ଅଲିସା ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ ଏତଲା ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ। ତପନଙ୍କୁ କିଏ ଅପହରଣ କରିନେଇଛି ନା ସେ କୁଆଡ଼େ ପଳାଇ ଯାଇଛନ୍ତି ସେନେଇ ପୋଲିସ ଘଟଣାର ତଦନ୍ତ କରୁଛି। ଘଟଣା ସମ୍ପର୍କରେ ଗଣମାଧ୍ୟମରେ ପ୍ରସାରିତ ପରେ ମଙ୍ଗଳବାର ସନ୍ଧ୍ୟାରେ ବାଙ୍କୀ ଉପଖଣ୍ଡ ଥାନା ଅଧିକାରୀ ଜ୍ଞାନ ମିଶ୍ର, କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ବୈଦେଶ୍ୱର ଥାନା ଅଧିକାରିଣୀ କାଦମ୍ବିନୀ ପରିଡା ନିଖୋଜ ଘଟଣା ନେଇ ଆଲୋଚନା କରିଥିଲେ। ଏ ସମ୍ପର୍କରେ ନିଖୋଜ ତପନଙ୍କ ବାପା କାଶୀରାମ କହିଲେ ମୋର ପୋଲିସ ଉପରେ ପୂରା ବିଶ୍ୱାସ ଅଛି ସେମାନେ ମୋ ପୁଅକୁ ଖୋଜିବାହାର କରିଦେବେ। ସେହିପରି ପତ୍ନୀ ଅଲିସା କହିଛନ୍ତି ମୁଁ ଏ ନେଇ ଥାନାରେ ଏତଲା ଦେଇଛି ପୋଲିସ ତଦନ୍ତ ଜାରି କରିଛି, ମୋର ଆଶା ପୋଲିସ ତାଙ୍କୁ ଖୁବ ଶୀଘ୍ର ନେଇ ଆସିବ। ଏହି ଘଟଣା ସମ୍ପର୍କରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଏନେଇ ବୈଦେଶ୍ୱର ଥାନାରେ ପରିବାର ଓ ବ୍ୟାଙ୍କ ପକ୍ଷରୁ ଏତଲା ଦିଆହୋଇଛି। ଘଟଣାକୁ ଭିତ୍ତି କରି ଆମେ ତଦନ୍ତ ଚାଲୁ କରିଛୁ। ସିସି ଟିଭି ଫୁଟେଜରେ ସେ ସୋମବାର ସକାଳ ୧୦.୧ରେ ପଡନି ପାଖରେ ଦେଖାଯାଇଥିଲେ। ଆମର ତଦନ୍ତ ଚାଲିଛି, ଆଶା ଖୁବ ଶୀଘ୍ର ତପନଙ୍କ ପତ୍ତା ମିଳିଯିବ। ଏଘଟଣା ବାଙ୍କୀ ଉପଖଣ୍ଡରେ ପ୍ରଥମ ଘଟଣା ହୋଇଥିବାରୁ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ମୁଖ୍ୟତଃ ବୈଦେଶ୍ୱର -ବଡମ୍ବା ଗୋପୀନାଥପୁର ଟି - ସେତୁ ହେବା ଦିନରୁ ଦୈନିକ ବହୁ ଲୋକ ଏବଂ ଅସାମାଜିକ ଲୋକେ ଗମନାଗମନ କରୁଛନ୍ତି। ମାତ୍ର ବୈଦେଶ୍ୱର ଅଞ୍ଚଳରେ ପୋଲିସର ପାଟ୍ରୋଲିଂ ଅଭାବ ଯୋଗୁଁ ବହୁ ଅପରାଧ ବଢୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

### ମହିଳାଙ୍କୁ ମାଡ଼ ମାରି ଲୁଟ୍ ମାମଲା ଦୁଇ ଦୋଷୀଙ୍କୁ ୧ ବର୍ଷ ଲେଖାଏ ଜେଲ

କଟକ,୨୬।୯(କାର୍ତ୍ତିକ ସାହୁ): ୨୦୧୨ ମସିହାରେ ଜଣେ ମହିଳାଙ୍କୁ ମାଡ଼ ମାରି ୩ହଜାର ଟଙ୍କା ଲୁଟ୍ ମାମଲାରେ କଟକର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ବିଡ଼ାନାସୀ ଗୋପାଳ ସାହିର ଶୁଭେନ୍ଦୁ କୁମାର ଦାସ ଓ ଭରତ ବେହେରାଙ୍କୁ ୧ ବର୍ଷ ଲେଖାଏ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# କଟକ ଜିଲାର ୨ ଜମି ବିକ୍ରି କରାଯିବ



**ଶ୍ରୀମନ୍ଦିର ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍‌କମିଟି ବୈଠକ**

- ବିଏମ୍‌ସିରେ ଅନୁମୋଦନ ହୋଇ ନ ଥିବା ଆବେଦନ ବାତିଲ
- ମଠଗୁଡ଼ିକର ପୁନରୁଦ୍ଧାର ପାଇଁ ସବ୍‌କମିଟି ଗଠନ କରାଯିବ
- ବଡ଼ଓଡ଼ିଆ ମଠ ଜମି ବିବାଦ ନେଇ ଆଲୋଚନା ହେଲାନି

ପୁରୀ, ୨୬।୯(ଅଜିତ ମହାନ୍ତି): ଶ୍ରୀମନ୍ଦିର ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍‌କମିଟି ବୈଠକ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ଜମିଜମା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ପରିଚାଳନା କମିଟି ସଦସ୍ୟ, ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍‌କମିଟି ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜମି ରେକର୍ଡ ପାଇଁ କଟକ, ଖୋର୍ଦ୍ଧା ଆଦିରୁ ଜିଲାସ୍ତରୀୟ ଲ୍ୟାଣ୍ଡ କମିଟିରେ ମଞ୍ଜୁର ହୋଇ ଆସିଥିବା ବିଭିନ୍ନ ଆବେଦନର ଶୁଣାଣି ହୋଇଥିବା ସୂଚନା ମିଳିଛି।

ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ବୈଠକରେ ଶ୍ରୀମନ୍ଦିରର ଜମିଜମା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। କଟକ, ଖୋର୍ଦ୍ଧା, ଭୁବନେଶ୍ୱର ଆଦି ଅଞ୍ଚଳର ଲୋକଙ୍କର ଯେଉଁ ଆବେଦନପତ୍ର ଥିଲା ତାହା ଉପରେ ଆଲୋଚନା ହୋଇଛି। ଯେଉଁମାନେ ଦୀର୍ଘଦିନ ହେବ ମହାପ୍ରଭୁଙ୍କ ଜମିରେ ବସବାସ କରିଆସୁଛନ୍ତି, ସେମାନେ ଉକ୍ତ ଯାଗାକୁ କିଣିବାକୁ ଚାହୁଁଥିବା ଆବେଦନ ଉପରେ ଆଲୋଚନା ହୋଇଥିଲା। ଯେଉଁ ଆବେଦନପତ୍ର ଜିଲା ଲ୍ୟାଣ୍ଡ କମିଟିରେ ଅନୁମୋଦନ ହୋଇଆସିଥିଲା, ମୁଖ୍ୟତଃ ସେଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ତେବେ ଦୁଇଟି ଆବେଦନପତ୍ରକୁ ଗ୍ରହଣ କରାଯାଇ ପରିଚାଳନା କମିଟିକୁ ପଠାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଟକ ଜିଲାରେ ଦୁଇଟି ଅଞ୍ଚଳର ଜମି ଫଇସଲା ପାଇଁ ଲ୍ୟାଣ୍ଡ ସବ୍‌କମିଟିରେ ନିଷ୍ପତ୍ତି ହୋଇଛି। କଟକ ଜିଲା କିଶନନଗର ତହସିଲ ଅନ୍ତର୍ଗତ ସାମନ୍ତରାପୁର ପ୍ଲଟ ନଂ. ୮୮ ରେ ଥିବା ୦.୮୧ ଡିସିମିଲ ଜମିକୁ ୮ ଲକ୍ଷ ୬୦ ହଜାର ୨୭୪ ଟଙ୍କାରେ ଏବଂ କଟକ ସଦର ତହସିଲ ଅନ୍ତର୍ଗତ ଝାଞ୍ଜିରିମଙ୍ଗଳାଠାରେ ଥିବା ଏକ ୧୨ ଡିସିମିଲି ଜମିକୁ ୯୬ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଶ୍ରୀମନ୍ଦିର ଲ୍ୟାଣ୍ଡ ସବ୍‌କମିଟି ବୈଠକରେ ନିଷ୍ପତ୍ତି ହୋଇ ଅନୁମୋଦନ ପାଇଁ ପରିଚାଳନା କମିଟି ବୈଠକକୁ ପଠାଯିବ। ଏହାଛଡ଼ା ଯେଉଁ ଆବେଦନଗୁଡିକ ବିଏମ୍‌ସିରେ ଅନୁମୋଦନ ହୋଇ ନ ଥିଲା ସେଗୁଡ଼ିକୁ ବାତିଲ କରାଯାଇଛି। ସେମାନେ ତାଙ୍କ ଜିଲାର ଲ୍ୟାଣ୍ଡ କମିଟିରୁ ଅନୁମୋଦନ ପରେ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଜଟଣୀର ଦୁଇଟି ସ୍ଥାନରେ ଚାରାରୋପଣ ସହ କାଜୁ ଗଛ ଲଗାଯିବ। ଏଥିପାଇଁ ଦୁଇଟି ଘରୋଇ ସଂସ୍ଥା ଆବେଦନ କରିଛନ୍ତି। ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍‌କମିଟିର ସଦସ୍ୟ ଯାଇ କ୍ଷେତ୍ର ପରିଦର୍ଶନ କରିବେ। କେଉଁ ପ୍ରକାର ବୃକ୍ଷ ଲାଗିବ, ଖର୍ଚ୍ଚ କେତେ ଆସିବ, ସମସ୍ତ ଗାଇଡ୍ ଲାଇନ ଦେଖାଯିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସେହିପରି ଶ୍ରୀମନ୍ଦିର ସଂସ୍କୃତିକୁ ବଞ୍ଚାଇ ରଖିବାରେ ମଠଗୁଡ଼ିକର ଅବଦାନ ଅତୁଳନୀୟ। ତେବେ ପରିକ୍ରମା ପ୍ରକଳ୍ପ ଯୋଗୁ ଯେଉଁ ମଠଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ସେଗୁଡ଼ିକ ସମେତ ଏବଂ ଅନ୍ୟ ମଠଗୁଡ଼ିକର ପୁନରୁଦ୍ଧାର ପାଇଁ ଏଣ୍ଡାୟୋରମେଣ୍ଟ କମିଶନଙ୍କ ଅଧ୍ୟକ୍ଷତାରେ ଜିଲାପାଳ, ପରିଚାଳନା କମିଟି ସଦସ୍ୟ, ଲ୍ୟାଣ୍ଡ ସବ୍‌କମିଟି ସଦସ୍ୟଙ୍କୁ ନେଇ ଏକ ସବ୍‌କମିଟି ଗଠନ କରିବା ପାଇଁ ସ୍ଥିର କରାଯାଇଛି। ମଠବାଡ଼ି କର୍ତ୍ତୃପକ୍ଷମାନଙ୍କୁ ସେମାନଙ୍କର ବିଜେସ୍ଥଳୀ ସହିତ କିଛି ପରିମାଣର ଜମି ନିଃଶୁଳ୍କ ବା ରିହାତି ଦରରେ ଦିଆଯିବାକୁ ସବ୍‌କମିଟି ପ୍ରସ୍ତାବ ଦେବା ପରେ ତାହା କାର୍ଯ୍ୟକାରୀ ହେବ। ତେବେ ବୈଠକରେ ବଡ଼ଓଡ଼ିଆ ମଠ ଜମିକୁ ନେଇ ଦେଖାଯାଇଥିବା ବିବାଦ ଉପରେ କୌଣସି ଆଲୋଚନା ହୋଇ ନ ଥିବା ଦାସମହାପାତ୍ର କହିଛନ୍ତି।

# ଭୁଶୁଡ଼ିଲା ଆପ୍ରୋଚ ରୋଡ୍, ସେତୁ ପ୍ରତି ବିପଦ ଆଶଙ୍କା

- ଜୁନ ୪ରେ ସେତୁ ଉଦ୍‌ଘାଟନ ହୋଇଥିଲା
- ନିମ୍ନମାନର କାମ ଅଭିଯୋଗ





ଆପ୍ରୋଚ ରୋଡ୍ ଧସିପଡ଼ିଥିବା ସ୍ଥାନ।

ନିଶ୍ଚିନ୍ତକୋଇଲି,୨୬।୯(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱହୀନତା ଯୋଗୁ କୋଟି କୋଟି ଟଙ୍କା ବ୍ୟୟରେ ନବ ନିର୍ମିତ ବିଜୁ ସେତୁର ଆପ୍ରୋଜ ରୋଡ ଭୁଶୁଡ଼ିବା ଆରମ୍ଭ କରିଛି। ଏନେଇ ବିଜୁ ସେତୁ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପଞ୍ଚାୟତ ଚାରିରକବାଠାରେ ଚିତ୍ରୋତ୍ପଳା ନଦୀ ଉପରେ ସରକାରଙ୍କ ତରଫରୁ ୧୮କୋଟି ୩୪ ଲକ୍ଷ ୫ହଜାର ୯୯୫ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ସ୍ଥାପନ କରାଯାଇଥିଲା। ଏହି ସେତୁର ନିର୍ମାଣ କାର୍ଯ୍ୟ ୨୦୧୮ ସେପ୍ଟେମ୍ବର ୨୦ ତାରିଖରେ ଆରମ୍ଭ ହୋଇଥିଲା। ସେହି ସମୟରେ ଆପ୍ରୋଚ ରୋଡ଼ ମଧ୍ୟ କରାଯାଇଥିଲା। ୨୦୨୧ ଜାନୁୟାରୀ ୧୯ରେ ଏହି ସେତୁର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଠିକାଦାରଙ୍କ ମନ୍ଥର ଗତି ଓ ମନମୁଖି କାର୍ଯ୍ୟ ଯୋଗୁ ସେତୁ କାମ ନିର୍ଦ୍ଧାରିତ ସମୟସୀମାରୁ ବହୁ ବିଳମ୍ବରେ ଶେଷ ହୋଇଥିଲା। ଗତ ଜୁନ ୪ରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏହି ସେତୁର ଉଦ୍‌ଘାଟନ କରିଥିଲେ। ଏହା ଉପରେ ସ୍ଥାନୀୟ ନଗସପୁର, ଓରତି, ଝାଡ଼େଶ୍ୱରପୁର, ବାବୁଜଙ୍ଗ, ଦାଉଦପୁର, ଉତ୍ତରକୂଳ ଆଦି ପଞ୍ଚାୟତର ଶହ ଶହ ଲୋକ ଓ ସ୍କୁଲ, କଲେଜ ଛାତ୍ରୀଛାତ୍ର ନିର୍ଭରଶୀଳ। ସେତୁ ଉଦ୍‌ଘାଟନର ମାତ୍ର ୨/୩ ମାସ ନ ପୂରଣୁ ଏହାର ବାମ ଓ ଦକ୍ଷିଣ ପାର୍ଶ୍ୱରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଆପ୍ରୋଚ ରୋଡ ଭୁଶୁଡିବା ଆରମ୍ଭ କଲାଣି। ଏହି ରୋଡ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦିନକୁ ଦିନ ଦ୍ରୁତ ଗତିରେ ଭୁଶୁଡ଼ିବା ଆରମ୍ଭ କରିଛି। ଫଳରେ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ଆପ୍ରୋଚ ରୋଡ ତୁରନ୍ତ ମରାମତି କରାନଗଲେ ଆଗାମୀ ଦିନରେ ଏଠାରେ ଅଭାବନୀୟ ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସରୋଜ କୁମାର ଗାହାଣ କହିଛନ୍ତି, ଏ ବିଷୟରେ ସେ ଅବଗତ ଅଛନ୍ତି। ଖୁବ୍‌ଶୀଘ୍ର ଭୁଶୁଡି ଯାଇଥିବା ଆପ୍ରୋଚ ରୋଡକୁ ମରାମତି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସ୍କୁଟି ସହ ମଦ ଜବତ, ୨ ଗିରଫ

ନିରାକାରପୁର,୨୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଞ୍ଚଳରେ ଚୋରା ମଦ କାରବାର ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ଜଣ ବେପାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଟାଙ୍ଗୀ ଥାନା ଅଧୀନ ଉଜଡ଼ା-ଅଭିମାନପୁରର ଗୁଲୁ ସାହୁ ଏବଂ ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ ପଞ୍ଚାୟତ ହରିପୁର-ନୂଆସାହିର ପ୍ରସନ୍ନ ସ୍ୱାଇଁ। ଏମାନଙ୍କଠାରୁ ୨୫ ଲିଟର ଦେଶୀ ମଦ ଓ ଏକ ସ୍କୁଟି (ଓଡି-୦୨-ବିବି-୪୭୦୨)ଜବତ ହୋଇଛି। ତେବେ ଜବତ ମଦର ଆନୁମାନିକ ମୂଲ୍ୟ ୬ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସବଇନ୍‌ସ୍ପେକ୍ଟର ବସନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ସବଇନ୍‌ସ୍ପେକ୍ଟର ଦୀପାଳି ନାୟକ, ଏଏସ୍ଆଇ ଶରତ ବେହେରା, କନ୍‌ଷ୍ଟେବଲ ମିଟୁ ପାଲ ପ୍ରମୁଖ ସାମିଲ ଥିଲେ।

### ଆୟୁଷ୍ମାନ ଭବ୍ୟ ସ୍ୱାସ୍ଥ୍ୟମେଳା ୨୯ରେ

ଟାଙ୍ଗୀ,୨୬।୯(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆସନ୍ତା ୨୯ ତାରିଖରେ ଆୟୁଷ୍ମାନ ଭବ୍ୟ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହେବ। ଏହି ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ରୋଗର ବିଶେଷଜ୍ଞମାନେ ଯୋଗଦେଇ ରୋଗୀଙ୍କୁ ପରୀକ୍ଷା କରିବେ। ଭେଷଜ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ବିଭାଗ, ଦାନ୍ତ, ନାସା, କର୍ଣ୍ଣ, ଗଳା, ମ୍ୟାଲେରିଆ, ଯକ୍ଷ୍ମା, କୁଷ୍ଠ,ଏଚ୍ଆଇଭି, ଅନ୍ଧତ୍ୱ ଦୂରୀକରଣ, ପରିବାର ନିୟୋଜନ, ସୁରକ୍ଷିତ ମାତୃତ୍ୱ ସମ୍ପର୍କରେ ପରାମର୍ଶ ଦିଆଯିବ। ଏହି ଅବସରରେ ଏକ ରକ୍ତଦାନ ଶିବିର ଓ ଅଙ୍ଗଦାନ ସଙ୍କଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ସୁବିଧା ନେବାକୁ ଭାରପ୍ରାପ୍ତ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟ ରଞ୍ଜନ ନନ୍ଦ ନିବେଦନ କରିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ରୋଗ ନିରୂପଣ ସେବା

ଟାଙ୍ଗୀ,୨୬।୯(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭୁବନେଶ୍ୱରର ନିଦାନ-କୃଷ୍ଣା ଡାଇଗ୍ନୋଷ୍ଟିକ କେନ୍ଦ୍ର ପକ୍ଷରୁ ଏକ ନିଶୁଳ୍କ ରୋଗ ନିରୂପଣ ସେବାକେନ୍ଦ୍ର ଖୋଲାଯାଇଛି। ଏଠାରେ ବିଭିନ୍ନ ରୋଗ ଥାଇରଏଡ୍, ଡାଇବେଟିକ, ୟୁରିନ କଲଚର, ଭିଟାମିନ ଡି, ଭିଟାମିନ ବି-୧୨, କ୍ୟାନ୍ସର, ଆଣ୍ଟି ଆର୍ଲଜିକ, ଟୋଟାଲ ବ୍ଲକ କାଉଣ୍ଟ ପରୀକ୍ଷା କରାଯାଉଛି। ପ୍ରତ୍ୟେକ ଦିନ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ରହୁଛି। ଜନସାଧାରଣ ଏହି ମାଗଣା ରୋଗ ନିରୂପଣ ସେବାର ସୁବିଧା ନେବା ପାଇଁ ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ସତ୍ୟ ରଞ୍ଜନ ନନ୍ଦ ନିବେଦନ କରିଛନ୍ତି।

### ହାରାମଣି ଦେବୀଙ୍କ ସ୍ମୃତିସଭା

ବୋଲଗଡ଼,୨୬।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳମଣି ମିଶ୍ରଙ୍କ ସହଧର୍ମିଣୀ ହାରାମଣି ଦେବୀଙ୍କ ଦ୍ୱାଦଶାହ ଅବସରରେ ଖଙ୍ଗୁରିଆ ସ୍ଥିତ ବାସଭବନରେ ଏକି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ହରିବନ୍ଧୁ ସାହୁ ପୌରୋହିତ୍ୟ କରିଥିଲେ। ଅତିଥିଭାବେ ବିଜେଡି ନେତା ପ୍ରଦୀପ କୁମାର ସାହୁ, ଐତିହାସିକ ରବୀନ୍ଦ୍ର କୁମାର ପରିଡା, ଶିକ୍ଷାବିତ ଦିବାକର ପରମଗୁରୁ, ପୂର୍ବତନ ସରପଞ୍ଚ ଅମୂଲ୍ୟ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ବାଲ୍ମୀକି ବଳିୟାରସିଂହ ଭାଗବତ ଏବଂ ଭକ୍ତ ବଲ୍ଲଭ ପଟ୍ଟନାୟକ ଗୀତା ପାଠ କରିଥିଲେ। ପ୍ରାରମ୍ଭରେ ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ହାରାମଣିଙ୍କ ଫୋଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ତାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ଶ୍ରୀବତ୍ସ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ପରିବେଷଣ ହେବ ନାଟକ, ଶୋଭାଯାତ୍ରା ବାହାରିବ

## ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୨୬।୯ (ପ୍ରଭାତ ପାଣିଗ୍ରାହୀ)


ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌର ପରିଷଦ ଅଧ୍ୟକ୍ଷା ଜନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗରୁ ଆସିଥିବା ମାର୍ଗ ଦର୍ଶିକା ଅନୁସାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଥମେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ପ୍ରାତଃ ୪ଟା ୩୦ରେ ଖୋର୍ଦ୍ଧା ପୌର ପରିଷଦ ଅଞ୍ଚଳରେ ରାମ୍‌ଧୂନ ପରିବେଷଣ କରାଯିବ। ସକାଳ ୭ଟା ୩୦ରୁ ୮ଟା ମଧ୍ୟରେ ମହାତ୍ମାଗାନ୍ଧୀଙ୍କ ବାଣୀ ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ବିଜେବି ହାଇସ୍କୁଲ ନିକଟରୁ ବାହାରିବ। ପ୍ରତିମୂର୍ତ୍ତିଗୁଡ଼ିକରେ ମାଲ୍ୟାର୍ପଣ କରାଯିବ। ଏଥିରେ ଏନ୍‌ସିସି ଏବଂ ସ୍କାଉଟ ପିଲା ଭାଗ ନେବେ। ବିଜେବି ହାଇସ୍କୁଲରେ ଶୋଭାଯାତ୍ରା ଶେଷ ହେବ। ସେଠାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଗାନ୍ଧୀଙ୍କ ସମ୍ବନ୍ଧିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ କରାଯିବ। ଉଚ୍ଚ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବୈଷ୍ଣବ ଜନ ତୋ ଏବଂ ରଘୁପତି ରାଘବ ସଙ୍ଗୀତ ଗାନ କରାଯିବ। ଚିତ୍ରାଙ୍କନ ପ୍ରତିଯୋଗିତାରେ ବ୍ଲକ ଏବଂ ଜିଲା ସ୍ତରରେ ଥିବା ଚିତ୍ରାଙ୍କନ ସବୁ ପ୍ରଦର୍ଶନ କରାଯିବ। ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମ କରାଯିବ। ପୌରପରିଷଦ ଅନ୍ତର୍ଗତ ଭଲ କାମ କରୁଥିବା ସ୍ୱଚ୍ଛତା କର୍ମଚାରୀଙ୍କୁ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗାନ୍ଧୀ ବିଚାର ଓ ଦର୍ଶନ ଚର୍ଚ୍ଚାରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ନେଇ ଏକ ଆଲୋଚନା ସଭା ଆୟୋଜନ କରାଯିବ। ପ୍ରସ୍ତୁତି ବୈଠକରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀ ଉମାଶଙ୍କର ପ୍ରସାଦ, ସତ୍ୟବାଦୀ ବଳିଆରସିଂହ, ଭୀମସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ପ୍ରତିକ ପରିସ୍ଥିତିରେ ରାଜନୀତି ବିଜ୍ଞାନର ଗୁରୁତ୍ୱ ରହିଛି



ସ୍ୱାଗତ ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥିମାନେ।

ବେଗୁନିଆ,୨୬।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସରକାରୀ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଚ୍ଓଡି ପଙ୍କଜ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭାଗୀୟ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ, ଦାମୋଦର ସାହୁ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷର ୩୦ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ରାଜନୀତି ବିଜ୍ଞାନ ଅଧ୍ୟୟନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡିଜିଟାଲ ଯୁଗରେ ରାଜନୀତି ବିଜ୍ଞାନର ମାନ ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଦେଶ ବିକାଶ ଧାରାରେ ଏକ ମାନବିକ ଦିଗ ଉନ୍ମୋଚିତ ହୋଇପାରିଛି। ସେହିପରି ପ୍ରଯୁକ୍ତି ବିଦ୍ୟା ଓ ରାଜନୀତି ବିଜ୍ଞାନ ଯୋଗୁ ଭାରତୀୟ ନାଗରିକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆସିଛି ବୋଲି ଅଧ୍ୟାପକ ପାଣିଗ୍ରାହୀ କହିଥିଲେ। ଶୃଙ୍ଖଳିତ ଆଚରଣ ଓ ନିଜର ପ୍ରତିଭା ବଳରେ ଉଚିତ ଶିକ୍ଷା ଲାଭ କରି ନିଜର ଭବିଷ୍ୟତ ଉଜ୍ଜ୍ୱଳ କର ବୋଲି ମୁଖ୍ୟ ଅତିଥି ସେନାପତି ଉଦ୍‌ବୋଧନ ଦେଇଥିଲେ। ଯୁକ୍ତ ୩ ବର୍ଷର ଛାତ୍ର ତାପସ କୁମାର ପଣ୍ଡା ଓ ସହପାଠୀମାନେ ସମାରୋହକୁ ପରିଚାଳନା କରିଥିଲେ। ଅଧ୍ୟାପକ ସାହୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାର୍ଥୀଙ୍କ ଶିକ୍ଷାର ବିକାଶରେ ମା'ବାପାଙ୍କ ସହଯୋଗ ଜରୁରୀ



ପିତାମାତା ସହଭାଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବୋଲଗଡ଼,୨୬।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପିତାମାତା ସହଭାଗିତା-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଧ୍ରୁବାନନ୍ଦ ନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଉଦ୍‌ଘାଟନ କରି ବିଦ୍ୟାର୍ଥୀଙ୍କ ଶିକ୍ଷାର ବିକାଶ ପାଇଁ ସେମାନଙ୍କ ମାତାପିତାଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ବାମନ ଉଚ୍ଚ ବିଦ୍ୟାଳୟ ବୋଲଗଡ଼ର ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ ମୁଖ୍ୟ ଅତିଥି, ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଜଳଧର ମହାନ୍ତି, ସମିତିସଭ୍ୟାଙ୍କ ପ୍ରତିନିଧି ଶ୍ରୀଧର ଦତ୍ତ, ବୋଲଗଡ଼ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱାଧୀନ ସୌରଭ ଦେବ ବର୍ମନ, ଗୋଷ୍ଠୀ ସହ ଶିକ୍ଷାଧିକାରୀ କୈଳାସ ନାଥ ସ୍ୱାଇଁ, ଗୋଷ୍ଠୀ ସହଶିକ୍ଷାଧିକାରୀ ଅମିତା ମିଶ୍ର, ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀ, ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା ଭାରତୀ ନାୟକ, ମୋ ସ୍କୁଲ କମିଟି ସଭାପତି କୈଳାସ ଛାଟୋଇ ଯୋଗଦେଇଥିଲେ। ଶିକ୍ଷକ ଗୌର ଚନ୍ଦ୍ର ସୁବୁଦ୍ଧି ଏବଂ ଶରତ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବ ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ବନ୍ଦନା ମାନ୍ଧାତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ରଜନୀକାନ୍ତ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମିନତି ଦଲାଲ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ସିଆରସିସି କାର୍ତ୍ତିକ ଚନ୍ଦ୍ର ଦାସ, ଶିକ୍ଷକ ପ୍ରଦୀପ ସାହୁ ଓ ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁଙ୍କ ସହଯୋଗରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଏହା ପରେ ବିଦ୍ୟାର୍ଥୀଙ୍କ ମାତାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଆରାଧନା ଶତପଥୀ ଧନ୍ୟବାଦ ଦେଇଥିଲେ।

## ୪୦ ୟୁନିଟ୍ ରକ୍ତ ସଂଗ୍ରହ

ବୋଲଗଡ଼,୨୬।୯(ଦେବବ୍ରତ ହୋତା)

ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନରେ ମଙ୍ଗଳବାର ବୋଲଗଡ଼ ବ୍ଲକର ଆରିକମା ଓ ପାଟପୁର ଶାସନ ପଞ୍ଚାୟତ ପକ୍ଷରୁ ଅରିକମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ବୋଲଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ୨୬ନଂ. ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଆତ୍ମା ଅଧ୍ୟକ୍ଷ ଗୋପାଳ ଚରଣ ବେହେରା, ଅରିକମା ସରପଞ୍ଚ ପ୍ରମୋଦ ରାଉତରାୟ, ସୁଶାନ୍ତ ପାଇକରାୟ, ପାଟପୁର ଶାସନ ସରପଞ୍ଚ ଲକ୍ଷ୍ମୀପ୍ରିୟା ହୋତା, ସମିତି ସଭ୍ୟ ସନ୍ତୋଷ ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ୟୋତିରଞ୍ଜନ ଖାଡଙ୍ଗା, ବିରଞ୍ଚି ଜେନା, ନବ କିଶୋର ଜତି, ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅଭିଷେକ ସିଂ ସାମନ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗୋଟିପୁଅ ନୃତ୍ୟରେ ଦର୍ଶକ ବିଭୋର



ନିରାକାରପୁର,୨୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ବଡ଼ ବଜାରସ୍ଥିତ ଗଣେଶ ପଡିଆରେ ଗଣେଶ ପୂଜା ଉପଲକ୍ଷେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀ କଳାକାରଙ୍କ ଗୋଟିପୁଅ ନୃତ୍ୟରେ ଉପସ୍ଥିତ ଦର୍ଶକ ବିଭୋର ହୋଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା, ଭୁବନେଶ୍ୱର ଓ ସାମାଜିକ ଅନୁଷ୍ଠାନ ଇସଓ୍ୱାର୍ଡର ମିଳିତ ସହଯୋଗରେ ପୁରୀର କଳାକାରମାନେ ଏହି ନୃତ୍ୟ ପରିବେଷଣ କରିଥିଲେ। ବଡ଼ବଜାର ଗଣେଶ ପୂଜା କମିଟିର ସଦସ୍ୟ ରବୀନ୍ଦ୍ର ରାଉତରାୟ, ଆନନ୍ଦ ବାଘସିଂ, ଉପଦେଷ୍ଟା ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ଇସଓ୍ୱାର୍ଡର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ସୁକେଶ ସେନାପତି, ବିପିନ ରାଉତରାୟ, ଆଲୋକ ରଞ୍ଜନ ଛୋଟରାୟ, ଦଣ୍ଡୁଆ ବଳିୟାରସିଂ, ଭାସ୍କର ପ୍ରଧାନ, ପ୍ରତାପ ପ୍ରଧାନ, ତ୍ରିନାଥ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ଆବୁ ସାହୁ, ଦିଲ୍ଲୀପ ପ୍ରଧାନଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବର୍ଷାରେ ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର

ବୋଲଗଡ଼,୨୬।୯(ଦେବବ୍ରତ ହୋତା)

ଲଗାଣ ବର୍ଷା ଯୋଗୁ ବୋଲଗଡ଼ ତହସିଲ ଅନ୍ତର୍ଗତ ଧଳାପଥର ରାଜସ୍ୱ ନୀରିକ୍ଷକ ଅଧୀନ କୋଦବେରେଣି କୁମ୍ଭାର ସାହି ବାସିନ୍ଦା ମାର୍କଣ୍ଡ ମୁଦୁଲିଙ୍କ ଦୁଇ ବଖରା ଚାଳଘର ଭୁଶୁଡ଼ି ପଡ଼ିଛି। ଏକ ବଡ଼ ଦୁର୍ଘଟଣାରେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଫଳରେ ମାର୍କଣ୍ଡଙ୍କ ସ୍ତ୍ରୀ, ଦୁଇ ପୁଅ ଓ ଝିଅ ଏବେ ଅନ୍ୟ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଖବରପାଇ ଧଳାପଥର ରାଜସ୍ୱ ନୀରିକ୍ଷକ ସବିତା ବେହେରା ପହଞ୍ଚି ତଦନ୍ତ କରି ତହସିଲକୁ ରିପୋର୍ଟ ଦେବା ସହ ବୁଧବାର ପଲିଥିନ ପ୍ରଦାନ କରାଯିବ ବୋଲି କହିଛନ୍ତି। ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ ଏବଂ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି ପହଞ୍ଚି ମାର୍କଣ୍ଡଙ୍କୁ ଆଶ୍ୱସନା ଦେବା ସହ ତୁରନ୍ତ ସରକାରୀ ସହାୟତା ଓ ଆବାସ ଯୋଜନରେ ଘର ଯୋଗାଇଦେବା ପାଇଁ ପ୍ରଶାସନକୁ ଦାବି କରିଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ସହର

## ଜଟଣୀ ଗଣେଶ ମହୋତ୍ସବ ଅଷ୍ଟମ ଦିବସ

ଜଟଣୀ,୨୬।୯(ରବୀନ୍ଦ୍ର ନାଥ ମହାକୁଡ଼)


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜଟଣୀରେ ଜମୁଛି ଓଡ଼ିଶା ପ୍ରସିଦ୍ଧ ଗଣେଶ ପୂଜା। ସହରର ବିଭିନ୍ନ ସ୍ଥାନରେ ୨ଶହରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ବିଘ୍ନ ବିନାଶକ। ରଙ୍ଗିନ ଆଲୋକମାଳା ସହ ଆକର୍ଷଣୀୟ ସାଜସଜ୍ଜାରେ ପୂଜାମଣ୍ଡପ ଝଲସୁଛି। ବିଭିନ୍ନ ମଣ୍ଡପ ନିକଟରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ପ୍ରତିଦିନ ମୀନାବଜାରରେ ଲୋକଙ୍କ ଭିଡ଼ ଜମୁଛି।

ଗଣେଶ ମହୋତ୍ସବ ପରିପ୍ରେକ୍ଷୀରେ ମଙ୍ଗଳବାର ତଥା ଅଷ୍ଟମ ଦିନରେ ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭା ସଦସ୍ୟ ମୁଜିବୁଲା ଖାଁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତିଭୂଷଣ ବଳନ୍ତରାୟ, ମୁଖ୍ୟବକ୍ତା ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ନଗରପାଳ ଅନନ୍ତ ବେହେରା, ଜିଲା ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ, କୈଳାସ ମହାପାତ୍ର, ପୌର ସଭ୍ୟ ଶଶାଙ୍କ ଶେଖର ରାୟ, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ୟବସାୟୀ ସଂଘ ତଥା ଜଗନ୍ନାଥ ଚେତନା କାର୍ଯ୍ୟକ୍ରମ କମିଟି ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରଦାତା ରବୀନ୍ଦ୍ର ନାଥ ମହାକୁଡ଼, ଜଟଣୀ ବିକାଶ ପରିଷଦ ସଙ୍ଗଠନ ସମ୍ପାଦକ ମନୋଜ କୁମାର ସ୍ୱାଇଁ, ଶିକ୍ଷାବିତ୍ ପ୍ରତିଭା ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଖ୍ୟାତନାମା ଭଜନ ଗାୟକ ନରେନ୍ଦ୍ର କୁମାର ଏବଂ ସାଥିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ରଶ୍ମିତା ନାୟକ ଏବଂ ସୁଶାନ୍ତ ରାଉତ ପରିଚାଳନା କରିଥିବାବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବିଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ ପକ୍ଷରୁ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ସ୍ଥାନୀୟ ପୋଷ୍ଟ ଅଫିସ ଛକ ମୋ ଜଟଣୀ ମହୋତ୍ସବ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିଭାବେ ଯାତ୍ରା କଳାକାର ସଞ୍ଜୟ ଭୋଲ, ଡା. ରାକେଶ କଲେତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁରୀର କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା।

## ବ୍ଲକସ୍ତରୀୟ ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବୋଲଗଡ଼,୨୬।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସଭାଗୃହରେ ଓଡ଼ିଶା ସରକାରଙ୍କ ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ବୋଲଗଡ଼ ପଞ୍ଚାୟତ ସମିତି ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକ ସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧୋବେଇ ନାଏକ ଅଧ୍ୟକ୍ଷତା କରି ଆନୁଷ୍ଠାନିକ ଭାବେ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ସୂଚନା ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ସରକାରଙ୍କ ବହୁମୁଖୀ ଯୋଜନାକୁ ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର ନିମନ୍ତେ ବ୍ଲକର ୬୫ଟି ଲୋକକଳା ଦଳକୁ ନେଇ ଆମ ହସ୍ପିଟାଲ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା ଯୋଜନା, ମଧୁବାବୁ ପେନସନ ଯୋଜନା, ଆଦର୍ଶ ବିଦ୍ୟାଳୟ ଯୋଜନା, ମିଶନ ଶକ୍ତି, ଫସଲ ଋଣ ସୁଧ ରିହାତି, ଆମ ଓଡ଼ିଶା ନବୀନ ଓଡିଶା, ଫସଲ ବୀମା ଆଦି ଯୋଜନା ଉପରେ ତାଲିମ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ସ୍ୱାଇଁ, ଇଂ.ଅମୂଲ୍ୟ କୁମାର ବାହିନୀପତି ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ, ମିତା ପ୍ରଧାନ, ଶ୍ରୀକାନ୍ତ ବାରିକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


ଜଟଣୀ: ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ହନୁମାନ ଚାଳିଶା ପାଠ କରାଯାଉଛି।


ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘ ପୂଜା ମଣ୍ଡପରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଯାତ୍ରା କଳାକାର ସଞ୍ଜୟ ଭୋଳ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୯।୨୦୨୩

| | |
|---|---|
| ୪,୮୨,୩୭୦ ଟଙ୍କା | |
| ସୁନା | ୨.୫୫୦ ଗ୍ରାମ୍ |
| ରୁପା | ୨୨.୩୦୦ ଗ୍ରାମ୍ |

# କଟକ ଜିଲ୍ଲାର ୨ ଜମି ବିକ୍ରି କରାଯିବ

**ପୁରୀ, ୨୬।୯ (ଅଜିତ ମହାନ୍ତି):**

ଶ୍ରୀମନ୍ଦିର ଲ୍ୟାଣ୍ଡ୍ ଓ ପ୍ରକଳ୍ପ ସବ୍‌କମିଟି ବୈଠକ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ଜମିଜମା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ପରିଚାଳନା କମିଟି ସଦସ୍ୟ, ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍‌କମିଟି ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜମି ରେକର୍ଡ ପାଇଁ କଟକ, ଖୋର୍ଦ୍ଧା ଆଦିରୁ ଜିଲାସ୍ତରୀୟ ଲ୍ୟାଣ୍ଡ କମିଟିରେ ମଞ୍ଜୁର ହୋଇ ଆସିଥିବା ବିଭିନ୍ନ ଆବେଦନର ଶୁଣାଣି ହୋଇଥିବା ସୂଚନା ମିଳିଛି।

ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ବୈଠକରେ ଶ୍ରୀମନ୍ଦିରର ଜମିଜମା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। କଟକ, ଖୋର୍ଦ୍ଧା, ଭୁବନେଶ୍ୱର ଆଦି ଅଞ୍ଚଳର ଲୋକଙ୍କର ଯେଉଁ ଆବେଦନପତ୍ର ଥିଲା ତାହା ଉପରେ ଆଲୋଚନା ହୋଇଛି। ଯେଉଁମାନେ ଦୀର୍ଘଦିନ ହେବ ମହାପ୍ରଭୁଙ୍କ ଜମିରେ ବସବାସ କରିଆସୁଛନ୍ତି, ସେମାନେ ଉକ୍ତ ଜାଗାକୁ କିଣିବାକୁ ଚାହୁଁଥିବା ଆବେଦନ ଉପରେ ଆଲୋଚନା ହୋଇଥିଲା। ଯେଉଁ ଆବେଦନପତ୍ର ଜିଲା ଲ୍ୟାଣ୍ଡ କମିଟିରେ ଅନୁମୋଦନ ହୋଇଆସିଥିଲା, ମୁଖ୍ୟତଃ ସେଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ତେବେ ଦୁଇଟି ଆବେଦନପତ୍ରକୁ ଗ୍ରହଣ କରାଯାଇ ପରିଚାଳନା କମିଟିକୁ ପଠାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଟକ ଜିଲାରେ ଦୁଇଟି ଅଞ୍ଚଳର ଜମି ଫଇସଲା ପାଇଁ ଲ୍ୟାଣ୍ଡ ସବ୍‌କମିଟିରେ ନିଷ୍ପତ୍ତି ହୋଇଛି। କଟକ ଜିଲା କିଶନନଗର ତହସିଲ ଅନ୍ତର୍ଗତ ସାମନ୍ତରାପୁର ପ୍ଲଟ ନଂ. ୮୮ ରେ ଥିବା ୦.୮୧ ଡିସିମିଲ ଜମିକୁ ୮ ଲକ୍ଷ ୬୦ ହଜାର ୨୭୪ ଟଙ୍କାରେ ଏବଂ କଟକ ସଦର ତହସିଲ ଅନ୍ତର୍ଗତ ଖାଞ୍ଜିରିମଙ୍ଗଳାଠାରେ ଥିବା ଏକ ୧୨ ଡିସିମିଲି ଜମିକୁ ୯୬ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଶ୍ରୀମନ୍ଦିର ଲ୍ୟାଣ୍ଡ ସବ୍‌କମିଟି ବୈଠକରେ ନିଷ୍ପତ୍ତି ହୋଇ ଅନୁମୋଦନ ପାଇଁ ପରିଚାଳନା କମିଟି ବୈଠକକୁ ପଠାଯିବ। ଏହାଛଡ଼ା ଯେଉଁ ଆବେଦନଗୁଡ଼ିକ ବିଏମ୍‌ସିରେ ଅନୁମୋଦନ ହୋଇ ନ ଥିଲା ସେଗୁଡ଼ିକୁ ବାତିଲ କରାଯାଇଛି। ସେମାନେ ତାଙ୍କ ଜିଲାର ଲ୍ୟାଣ୍ଡ କମିଟିରୁ ଅନୁମୋଦନ ପରେ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଜଟଣୀର ଦୁଇଟି ସ୍ଥାନରେ ଚାରାରୋପଣ ସହ କାଜୁ ଗଛ ଲଗାଯିବ। ଏଥିପାଇଁ ଦୁଇଟି ଘରୋଇ ସଂସ୍ଥା ଆବେଦନ କରିଛନ୍ତି। ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍‌କମିଟିର ସଦସ୍ୟ ଯାଇ କ୍ଷେତ୍ର ପରିଦର୍ଶନ କରିବେ। କେଉଁ ପ୍ରକାର ବୃକ୍ଷ ଲାଗିବ, ଖର୍ଚ୍ଚ କେତେ ଆସିବ, ସମସ୍ତ ଗାଇଡ୍ ଲାଇନ ଦେଖାଯିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସେହିପରି ଶ୍ରୀମନ୍ଦିର ସଂସ୍କୃତିକୁ ବଞ୍ଚାଇ ରଖିବାରେ ମଠଗୁଡ଼ିକର ଅବଦାନ ଅତୁଳନୀୟ। ତେବେ ପରିକ୍ରମା ପ୍ରକଳ୍ପ ଯୋଗୁ ଯେଉଁ ମଠଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ସେଗୁଡ଼ିକ ସମେତ ଏବଂ ଅନ୍ୟ ମଠଗୁଡିକର ପୁନରୁଦ୍ଧାର ପାଇଁ ଏଣ୍ଡୋୟୋରମେଣ୍ଟ କମିଶନଙ୍କ ଅଧ୍ୟକ୍ଷତାରେ ଜିଲାପାଳ, ପରିଚାଳନା କମିଟି ସଦସ୍ୟ, ଲ୍ୟାଣ୍ଡ ସବ୍‌କମିଟି ସଦସ୍ୟଙ୍କୁ ନେଇ ଏକ ସବ୍‌କମିଟି ଗଠନ କରିବା ପାଇଁ ସ୍ଥିର କରାଯାଇଛି। ମଠବାଡ଼ି କର୍ତ୍ତୃପକ୍ଷମାନଙ୍କୁ ସେମାନଙ୍କର ବିଜେସ୍ଥଳୀ ସହିତ କିଛି ପରିମାଣର ଜମି ନିଃଶୁଳ୍କ ବା ରିହାତି ଦରରେ ଦିଆଯିବାକୁ ସବ୍‌କମିଟି ପ୍ରସ୍ତାବ ଦେବା ପରେ ତାହା କାର୍ଯ୍ୟକାରୀ ହେବ। ତେବେ ବୈଠକରେ ବଡ଼ଓଡ଼ିଆ ମଠ ଜମିକୁ ନେଇ ଦେଖାଯାଇଥିବା ବିବାଦ ଉପରେ କୌଣସି ଆଲୋଚନା ହୋଇ ନ ଥିବା ଦାସମହାପାତ୍ର କହିଛନ୍ତି।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶ ଏବଂ ଅନ୍ୟମାନେ ।

### ଶ୍ରୀମନ୍ଦିର ଲ୍ୟାଣ୍ଡ୍ ଓ ପ୍ରକଳ୍ପ ସବ୍‌କମିଟି ବୈଠକ

- ବିଏମ୍‌ସିରେ ଅନୁମୋଦନ ହୋଇ ନ ଥିବା ଆବେଦନ ବାତିଲ
- ମଠଗୁଡ଼ିକର ପୁନରୁଦ୍ଧାର ପାଇଁ ସବ୍‌କମିଟି ଗଠନ କରାଯିବ
- ବଡ଼ଓଡ଼ିଆ ମଠ ଜମି ବିବାଦ ନେଇ ଆଲୋଚନା ହେଲାନି

# ତଦନ୍ତ ହେବା ଜାଣି ଡିଲର ଫେରାର

**ଗୋପ, ୨୬।୯ (ଭାରତୀ ଭୂଷଣ ଉପାଧ୍ୟାୟ)**

- ରାଶନ କାର୍ଡରେ ଚାଉଳ ଦୁର୍ନୀତି ଘଟଣା
- ହିତାଧିକାରୀଙ୍କ ଅଭିଯୋଗ ଶୁଣି ଫେରିଲେ ବ୍ଲକ ଯୋଗାଣ ଅଧିକାରୀ

ଏକ ଡିଲର କେନ୍ଦ୍ରରେ ରାଶନ କାର୍ଡରେ ହିତାଧିକାରୀଙ୍କ ଚାଉଳ ହଡ଼ପ ଅଭିଯୋଗ ପରେ ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ୍ତ ସେଠୀ ମଙ୍ଗଳବାର ଡିଲର କେନ୍ଦ୍ରରେ ପହଞ୍ଚିଥିଲେ। ହେଲେ ସମ୍ପୃକ୍ତ ଡିଲର ଫେରାର ହୋଇଯାଇଥିବା ଜଣାପଡ଼ିଥିଲା। ଯୋଗାଣ ଅଧିକାରୀ ସେଠୀ ସେଠାରୁ ୬ ମାସ ଧରି ଚାଉଳ ପାଉ ନ ଥିବା ହିତାଧିକାରୀଙ୍କ ବୟାନ ରେକର୍ଡ ନେଇ ଫେରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଗୋପ ବ୍ଲକ ଅଧୀନ ବୀରତୁଙ୍ଗ ପଞ୍ଚାୟତର ସମ୍ପୃକ୍ତ ଡିଲର ୨୦ରୁ ଉର୍ଦ୍ଧ୍ୱ ରାଶନ କାର୍ଡ ହିତାଧିକାରୀଙ୍କ ଚାଉଳ ହଡ଼ପ କରିବା ଅଭିଯୋଗ ସୋମବାର ବିଡିଓ ଦୀପ୍ତିରାଣୀ ଦାସଙ୍କ ନିକଟରେ ହୋଇଥିଲା। ଏନେଇ ବ୍ଲକ ଯୋଗାଣ ଅଧିକାରୀ ସେଠୀଙ୍କୁ ବିଡିଓ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ୨ ଘଣ୍ଟା ଧରି ସେଠୀ ସେଠାରେ ବସିବା ପରେ କେନ୍ଦ୍ରର ଖାତା ପତ୍ର ଓ ପିଓଏସ୍ (ପଏଣ୍ଟ ଅଫ ସେଲ୍) ମେଶିନ୍ ମଧ୍ୟ ମିଳି ନ ଥିଲା। ଅଭିଯୋଗ ସମ୍ପର୍କରେ ଯୋଗାଣ ଅଧିକାରୀ ସେଠୀଙ୍କୁ ପଚାରିବାରେ, ତଦନ୍ତ ପାଇଁ ଯାଇଥିଲେ ମଧ୍ୟ ସମ୍ପୃକ୍ତ ଡିଲର ସେଠାରୁ ଫେରାର ଥିଲେ। ଏହି ଅଭିଯୋଗ ସମ୍ପର୍କରେ ଉପଜିଲାପାଳଙ୍କୁ ରିପୋର୍ଟ ଦିଆଯିବ ପରେ ସମ୍ପୃକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ ସେଠୀ କହିଥିଲେ।



ରତ୍ନଭଣ୍ଡାର ଖୋଲାଯିବା ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି ।

## ସଂକ୍ଷେପରେ

### ରାସ୍ତା କଡ଼ରୁ ବାଇକ୍ ଚୋରି

**ଗୋପ, ୨୬।୯ (ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ଥାନା ଅଧୀନ ନାଗପୁର- ବଡ଼ତରା ରାସ୍ତାର ଡମସାହି ନିକଟ ଏକ ସ୍ଥାନରୁ ଗୋଟିଏ ବାଇକ୍ ଚୋରି ହେବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୩୮୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଷୋଳପୁର ଗ୍ରାମର ବିଷ୍ଣୁ ସାହୁଙ୍କ ପୁଅ ଦିବ୍ୟଜ୍ୟୋତି ରବିବାର ରାତି ୮ଟା ସମୟରେ ତାଙ୍କ ବାଇକ୍ (ଓ ଆର୍‌୧୩-ଏଫ୍-୬୨୧୯)କୁ ଡମସାହିର ସାଙ୍ଗ ଘର ପାଖରେ ଥୋଇ ତାଙ୍କ ଘରକୁ ଯାଇଥିଲେ। କିଛିସମୟ ପରେ ସାଙ୍ଗ ଘରୁ ଆସିବା ପରେ ତାଙ୍କ ଗାଡ଼ି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ଅନେକ ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଗୋପ, ନାଗପୁର, ନୟାହାଟ ଅଞ୍ଚଳରେ ରାତିରେ କେତେକ ଢାବା, ପାନ ଦୋକାନ ଖୋଲା ରହିବା ଯୋଗୁ ସେଠାରୁ ମଦ୍ୟପାନ କରି ଯୁବକମାନେ ବିଭିନ୍ନ ସ୍ଥାନରେ ଚୋରି, ଡକାୟତି ସହିତ ରାହାଜାନୀ କରୁଥିବା ଭଳି ଅଭିଯୋଗ ରହିଛି। ପୋଲିସ ତୁରନ୍ତ ଏହି ସବୁ ଦୋକାନଗୁଡ଼ିକୁ ବନ୍ଦ କରିବାକୁ ଦାବି କରାଯାଇଛି।

### ମୂକ, ବଧିର ବୃଦ୍ଧ ସପ୍ତାହେ ହେଲା ନିଖୋଜ

**କଣାସ, ୨୬।୯ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ଥାନା ପରିସରସ୍ଥ ଗଡ଼ସାନ୍ତୁପୁଟ ଗ୍ରାମପଞ୍ଚାୟତ ହଳଦିଆପଡ଼ା ଗ୍ରାମର ମୂକ, ବଧିର ଓ ବୃଦ୍ଧ ବ୍ୟକ୍ତି ବିଦ୍ୟାଧର ସେନାପତି (୬୨) ସପ୍ତାହେ ହେବ ନିଖୋଜ ଥିବାନେଇ ପୁଅ ବିଶ୍ୱଜିତ୍ ସେନାପତି ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବିଦ୍ୟାଧର ସବୁଦିନ ପରି ଗତ ୧୯ ତାରିଖରେ ସାଇକେଲ ଯୋଗେ ଅପରାହ୍ନରେ ନିକଟସ୍ଥ ମନ୍ଦାରବସ୍ତ ହାଟକୁ ଯାଇଥିଲେ। ସନ୍ଧ୍ୟା ହୋଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ସେ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ସେ ଯିବା ସମୟରେ ଧଳାରଙ୍ଗ ଗାରିଗାରିଆ ଶାର୍ଟ ଓ ଫୁଲ୍‌ପ୍ୟାଣ୍ଟ ପିନ୍ଧିଥିଲେ। ସେ ପିଲାଦିନୁ ଶୁଣିପାରୁ ନାହାନ୍ତି କି କହିପାରୁ ନାହାନ୍ତି। ଯଦି କୌଣସି ବ୍ୟକ୍ତି ତାଙ୍କ ସନ୍ଧାନ ପାଆନ୍ତି ନିକଟ ଥାନା କିମ୍ବା ଟେଲିଫୋନ ନମ୍ବର ୯୮୧୭୩୫୮୨୩୨ କିମ୍ବା ୯୩୩୭୧୩୦୦୪୬ ଯୋଗେ ଯୋଗାଯୋଗ କରିବାକୁ ବିଶ୍ୱଜିତ୍ ନିବେଦନ କରିଛନ୍ତି।

### ବେଆଇନ କାଠଗାଡ଼ି ଜବତ କଲା ବନବିଭାଗ

**କୋଣାର୍କ, ୨୬।୯ (ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଥାନା ଅଧୀନ ଜୁଣେଇ ବଜାର ନିକଟରୁ ମଙ୍ଗଳବାର ଅପରାହ୍ନରେ ବନବିଭାଗ ଏକ ବେଆଇନ କାଠ ବୋଝେଇ ଟ୍ରାକ୍ଟର (ଓଡ଼ି ୦୫ ପି ୮୩୦୩)କୁ ଜବତ କରିଛି। ଖବରରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ବେଆଇନ ଭାବେ କାଠ ଚୋରାଚାଲାଣ ହେଉଥିବା ଏକ ଟ୍ରାକ୍ଟରକୁ ବନବିଭାଗର କର୍ମଚାରୀ ଜୁଣେଇ ବଜାର ନିକଟରେ ଅଟକାଇଥିଲେ। କାଠ କେଉଁଠୁ ଆସିଲା ଏବଂ ତାହାର କାଗଜପତ୍ର ଦେଖାଇ ନ ପାରିବାରୁ ବନବିଭାଗ କର୍ମଚାରୀ କାଠ ବୋଝେଇ ଟ୍ରାକ୍ଟରକୁ କୋଣାର୍କ ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧି ଖବର ସଂଗ୍ରହ ପାଇଁ ସେଠାରୁ ଯାଇଥିବାବେଳେ ବେଆଇନ କାଠ ଚାଲାଣକାରୀ ଉତ୍କ୍ଷିପ୍ତ ହୋଇ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ରେଞ୍ଜର ସୁଦର୍ଶନ ଦେହୁରୀଙ୍କୁ ପଚାରିବାରୁ, ଏ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଏହି ଗଛ କଟାଯିବା ନେଇ ରାଜସ୍ୱ ବିଭାଗଠାରୁ କୌଣସି ଅନୁମତି ନିଆ ଯାଇ ନ ଥିବା କୋଣାର୍କ ରାଜସ୍ୱ ନିରୀକ୍ଷକ ପ୍ରକାଶ କରିଛନ୍ତି।



ପୁରୀର ଏକ ହୋଟେଲରେ ମଙ୍ଗଳବାର କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଷ୍ଟ୍ରିଟ୍ ଚାଇଲ୍ଡ ଉଦ୍ଧାର, ଥଇଥାନକୁ ଗୁରୁତ୍ୱ

**ପୁରୀ, ୨୬।୯ (ଅଜିତ ମହାନ୍ତି):**

### ଜିଲା ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ

ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହରେ ଜିଲାସ୍ତରୀୟ ପଦାଧିକାରୀଙ୍କୁ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲା ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟ ଏବଂ ଏନ୍‌ସିପିସିଆର୍ ଜଏଣ୍ଟ ଆକ୍ସନ ପ୍ଲାନ୍ ଅଗ୍ରଗତି ସମ୍ବନ୍ଧରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଆଲୋଚନା କରିଥିଲେ। ପୂର୍ବ ବୈଠକର ବିବରଣୀ ଆଲୋଚନା ପରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ଷ୍ଟ୍ରିଟ ଚାଇଲ୍ଡ ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା, ଜିଲାରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ କମିଟିକୁ ଅବଗତ କରାଇବା, ଆର୍‌ଟିଇ ଅଧୀନରେ ଆର୍ଥିକ ଅନଗ୍ରସର ଶିଶୁଙ୍କ ନିମନ୍ତେ ସଂରକ୍ଷଣର ବିବରଣୀ ପ୍ରଦାନ କରିବା ଆଦି ବିଷୟ ଉତ୍ଥାପନ କରିଥିଲେ। ନିଷ୍ପତ୍ତି କ୍ରମେ ପ୍ରତି ତିନିମାସରେ ସିଡିପିଓ ଏବଂ ଡିଏସ୍‌ଡବ୍ଲ୍ୟୁ ଅଙ୍ଗନୱାଡ଼ି ଗୃହ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ କମିଟିକୁ ଅବଗତ କରାଇବେ। ଶିକ୍ଷା ଅଧିକାର ଆଇନ ଅନ୍ତର୍ଗତ ଆର୍ଥିକ ଅନଗ୍ରସର ଶିଶୁଙ୍କ ନିମନ୍ତେ ଜିଲା ଶିକ୍ଷା ଅଧିକାରୀ ସଂରକ୍ଷଣର ବିବରଣୀ ଦେବେ। ଶିଶୁଙ୍କ ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସବୁ ସମୟରେ ଅନୁଷ୍ଠାନରେ ରହି କାମ କରିବା ସହିତ ଅଧିକ କର୍ମତତ୍ପର ହେବେ ଓ ସେମାନଙ୍କ କାର୍ଯ୍ୟ ନିରନ୍ତର ସମୀକ୍ଷା ହେବ। ଶ୍ରମ ବିଭାଗ ସହଯୋଗ ଓ ସମନ୍ୱୟରେ ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଉଦ୍ଧାର କାର୍ଯ୍ୟରେ ପୋଲିସ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିବ। ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ବୈଠକଗୁଡ଼ିକରେ ପ୍ରତି ବିଭାଗର ଅଗ୍ରଗତି ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିବାକୁ ମତ ରଖିଥିଲେ। ସଂଯୋଜକ ରଞ୍ଜିତା ଦାଶ ବାଲ୍ୟ ବିବାହ ନିଷେଧ ନିମନ୍ତେ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ ବାଲ୍ୟବିବାହ ହେଲେ ପ୍ରତି କେସ୍‌ର ଏତଲା ଥାନାରେ ଦିଆଯାଉଥିବା ସେ କହିଥିଲେ। ପ୍ରତ୍ୟେକ ଶିଶୁ ସୁରକ୍ଷା କମିଟି ବୈଠକରେ ସରପଞ୍ଚ, ବିଭାଗୀୟ ଅଧିକାରୀ, ବିଡିଓଙ୍କ ଉପସ୍ଥିତି ସୁନିଶ୍ଚିତ କରିବାକୁ ମତପ୍ରକାଶ ପାଇଥିଲା। ନିକଟରେ ଶିଶୁ ଯତ୍ନ ଅନୁଷ୍ଠାନର ଚାରିଜଣ ଅନ୍ତେବାସୀ ବୈଷୟିକ ଶିକ୍ଷା ସମାପ୍ତ କରି ଚାକିରି ପାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଧନ୍ୟବାଦ ଦେଇଥିଲେ।

### ସିଲିଣ୍ଡର ଚୋରି ମାମଲାରେ ଅଭିଯୁକ୍ତ ଗିରଫ

**ନିମାପଡ଼ା, ୨୬।୯ (ବିଚିତ୍ରାନନ୍ଦ ସାହୁ)**

ସିଲିଣ୍ଡର ଚୋରି ଅଭିଯୋଗରେ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ନୁଆରକିରି ଗ୍ରାମର ସନ୍ତୋଷ ଭୋଇ। ସୂଚନା ମୁତାବକ, ନିମାପଡ଼ା ଏନ୍‌ଏସି ଅଧୀନ ଗୁହାଳପଡ଼ା କେନାଲରୋଡ଼ସ୍ଥିତ ସୁବାସ ମହାନ୍ତିଙ୍କ ଘରୁ ଗତ ୨୧ ତାରିଖରେ ସିଲିଣ୍ଡର ଚୋରି ହୋଇଥିଲା। ଏନେଇ ଗୃହକର୍ତ୍ତା ଗତ ୨୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗୃହକର୍ତ୍ତାଙ୍କ ସିସିଟିଭି ଫୁଟେଜ୍‌ରୁ ଜାଣିପାରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେହିପରି ନିମାପଡ଼ା ଏନ୍‌ଏସି ଅଧୀନ ପେଟାଘାଇ ଛକଠାରେ ଜାପାନୀ ବରାଳଙ୍କ ଦୋକାନର ତାଲା ଭାଙ୍ଗି ଗତ ୨୩ତାରିଖ ରାତିରେ ଜଣେ ଦୁର୍ବୃତ୍ତ ଏକ ଗ୍ୟାସ ସିଲିଣ୍ଡର ଓ ୨ ହଜାର ୭ଶହ ଟଙ୍କା ଚୋରି କରିନେଇଛନ୍ତି। ଏନେଇ ଦୋକାନୀ ସୋମବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମଙ୍ଗଳବାର ପୁରୀରୁ ସନ୍ତୋଷଙ୍କୁ ଗିରଫ କରିଛି ।

# ଆଗପଛ ହୋଇ ଚାଲିଗଲେ ଦୁଇ ପୁଅ

**କାକଟପୁର, ୨୬।୯ (ଶୁଭଦର୍ଶନ ମିଶ୍ର)**

ପୁଅଟିଏ ପାଇଁ ମା'ବାପା ଅନେକ ଦେବତାଙ୍କ ପାଖରେ ମାନସିକ କରିଥିଲେ। ହେଲେ ଏବେ ସେହି ୨ ପୁଅକୁ ଭଗବାନ ଆମଠାରୁ ଛଡ଼ାଇ ନେଲେ। ଏପରି କହି ୨ ପୁଅଙ୍କ ଫଟୋକୁ ଧରି କାନ୍ଦୁଛନ୍ତି ମା'ବାପା। ଏହି ଘଟଣା ଦେଖିବାକୁ ମିଳିଛି କାକଟପୁର ନିକଟ କନ୍ଦଳପୁର ଗ୍ରାମରେ। ରାମଚନ୍ଦ୍ର ବେହେରା ରାଜମିସ୍ତ୍ରି ଭାବେ ସେହି ଅଞ୍ଚଳରେ ପରିଚିତ। ତାଙ୍କ ସାନ ପୁଅ ଅଜୟ ବେହେରା (୨୪) ଇଞ୍ଜିନିୟରିଂ ପାଠ ପଢୁଥିବାବେଳେ କିଛି ଦିନ ତଳେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଅବଶିଷ୍ଟ ଜୀବନ ବଡ଼ ପୁଅ ରାଜେଶ ବେହେରା (୩୮)ଙ୍କ ମୁହଁକୁ ଚାହିଁ କାଟିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଗତ ରବିବାର ରାଜେଶ ଘରକୁ ଫେରୁଥିବାବେଳେ ନୂଆହାଟ, ପାଣିଛତ୍ର ରାସ୍ତାରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜେଶଙ୍କ ୨ ବର୍ଷର ଝିଅ ସହ ୨ ପୁଅଙ୍କ ଫଟୋକୁ ଧରି କାନ୍ଦୁଛନ୍ତି ମା'ବାପା। ସେମାନଙ୍କ ଲୁହରେ ଗ୍ରାମ ପୂରା ସ୍ଥାଣୁ ପାଲଟିଯାଇଛି।

# ୫୮ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପିପିଲି, ୨୬।୯ (ପ୍ରଭାତ ମହାପାତ୍ର)**



ପିପିଲିରେ ବେଳକୁ ବେଳ ବେଆଇନ ନିଶା କାରବାର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀ ଚଢ଼ାଉ କରୁଛନ୍ତି। ତେବେ ମଙ୍ଗଳବାର ନିକଟ ଦାଣ୍ଡମୁକୁନ୍ଦପୁର ଗ୍ରାମରେ ଚଢ଼ାଉ କରି ପୋଲିସ ୫୮ ଗ୍ରାମ ହେରୋଇନ୍ ଜବତ କରିଛି। ଏହାର ମୂଲ୍ୟ ୫ ଲକ୍ଷ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହ ଗ୍ରାମର ପବିତ୍ର ମହାପାତ୍ର (୨୩)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଅବକାରୀ ଥାନା କେସ ନଂ ୮୩/୨୩-୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ପବିତ୍ରଙ୍କୁ ପୁରୀ କାରାଗାରକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁସାରେ, ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏକ ଟିମ୍ ପିପିଲି ଥାନା ଅଧୀନ ଦାଣ୍ଡମୁକୁନ୍ଦପୁର ଅଞ୍ଚଳରେ ଚଢ଼ାଉ କରିଥିଲା। ପୋଲିସ ପବିତ୍ରଙ୍କୁ ହେରୋଇନ ସହ କାବୁ କରିଥିଲା। ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ରଙ୍କନିଧି ମଲ୍ଲିକ, ଏଏସ୍‌ଆଇ ସନ୍ତୋଷ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ କର୍ମଚାରୀ ସଞ୍ଜିପ ହନ୍ତି, ଆଲୋକ ଦାଶ, ରୀତାରାଣୀ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ୫ ଶ୍ରେଣୀ ପାଇଁ ଜଣେ ଶିକ୍ଷକ

### ଶିକ୍ଷକ ପଦବୀ ପୂରଣ ପାଇଁ ଅଭିଭାବକଙ୍କ ଦାବି

**ଅସ୍ତରଙ୍ଗ, ୨୬।୯ (ମମତା ଜେନା)**

ସରକାର ସମସ୍ତଙ୍କ ପାଇଁ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ବୋଲି ନିୟମ ପ୍ରଣୟନ କରି ଶିକ୍ଷାକୁ ମୌଳିକ ଅଧିକାର ପର୍ଯ୍ୟାୟଭୁକ୍ତ କରିଛନ୍ତି। ତେବେ ବିଡ଼ମ୍ବନାର ବିଷୟ ଯେ, ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ରାଇକଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ଥିବାବେଳେ ବିଦ୍ୟାଳୟ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି। ଜଣେ ଶିକ୍ଷକ ଏକାକୀ କିପରି ୧ମରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଥିବେ ତାହା ସହଜେ ଅନୁମେୟ। ଜଣେ ଶିକ୍ଷକଙ୍କୁ ପିଲାଙ୍କ ପାଠପଢ଼ା, ମଧ୍ୟାହ୍ନ ଭୋଜନ ଓ ଅଫିସ କାର୍ଯ୍ୟ କରିବାକୁ ପଡୁଥିବାବେଳେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନିଶ୍ଚିତ ବାଧାପ୍ରାପ୍ତ ହେଉଥିବ। ତୁରନ୍ତ ଶିକ୍ଷକ ପଦବୀ ପୂରଣ ଦାବି ନେଇ ଅଭିଭାବକମାନେ ମଙ୍ଗଳବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଶିକ୍ଷାଧିକାରିଣୀ ରାଜଲକ୍ଷ୍ମୀ ପାତ୍ରଙ୍କୁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ଯଦି ଏକ ସପ୍ତାହ ମଧ୍ୟରେ ଶିକ୍ଷକ ପଦବୀ ପୂରଣ ନ ହୁଏ, ତେବେ ଆଗାମୀ ଦିନରେ ଆଗାମୀ ଦିନରେ ଅଭିଭାବକ ଓ ଛାତ୍ରୀଛାତ୍ର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ଅଭିଭାବକଙ୍କ ମଧ୍ୟରେ ସସ୍ମିତା ସ୍ୱାଇଁ, ଲୋଚନ ପ୍ରଧାନ, ବିଚିତ୍ର ନାୟକ, ରୂପାଲି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ବିଷୟରେ ଅସ୍ତରଙ୍ଗ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ସୁଶୀଲ କୁମାର ବ୍ରହ୍ମଙ୍କ ସହ ମତାମତ ପାଇଁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।



ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦେବାପାଇଁ ଆସିଥିବା ଅଭିଭାବକମାନେ ।

# 'ଶ୍ରୀଜଗନ୍ନାଥ ଚେତନାରେ ସ୍ମରଣ ରହିବେ ହରିଦାସ'

### ୪୯୦ତମ ନିର୍ଯ୍ୟାସ ମହୋତ୍ସବ

**ପୁରୀ, ୨୬।୯ (ଅଜିତ ମହାନ୍ତି):**

ଯାହାଙ୍କ ଭକ୍ତି, ଭାବ ଓ ସମର୍ପଣପୂର୍ଣ୍ଣ ନାମ କୀର୍ତ୍ତନରେ ନିର୍ଜୀବ ସିଦ୍ଧବକୁଳ ବୃକ୍ଷ ସଜୀବ ହୋଇଯାଏ, ସେହି ଭକ୍ତ ତଥା ଶ୍ରୀଚୈତନ୍ୟ ଚରିତାମୃତର ଅନନ୍ୟ ନାୟକ ହରିଦାସ ଠାକୁର, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାରେ ସଦା ସ୍ମରଣ ରହିବେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମତବ୍ୟକ୍ତ କରିଛନ୍ତି। ପୁରୀ ବାଲିସାହିସ୍ଥ ହରିଦାସଙ୍କ ସାଧନା ପୀଠ ପବିତ୍ର ସିଦ୍ଧବକୁଳ ମଠରେ ମଙ୍ଗଳବାର ନାମାଚାର୍ଯ୍ୟ ଶ୍ରୀଲ ହରିଦାସ ଠାକୁରଙ୍କ ୪୯୦ତମ ନିର୍ଯ୍ୟାସ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ, ଶ୍ରୀଜଗନ୍ନାଥଙ୍କୁ ବିଶ୍ୱମୟ କରିବାରେ ଭକ୍ତ ହରିଦାସଙ୍କ ସାଧନା ଓ ନାମକୀର୍ତ୍ତନକୁ ଏ ଜାତି ସ୍ମରଣ ରଖିବ। ଦୀର୍ଘ ପାଞ୍ଚଶହ ବର୍ଷ ତଳେ ହରିଦାସ ଯେପରି ଶ୍ରୀଚୈତନ୍ୟ କଥାମୃତ, ଶ୍ରୀଜଗନ୍ନାଥ ଧର୍ମଧାରା ଏବଂ ଉତ୍କଳୀୟ ସଂସ୍କୃତିର ପ୍ରଚାର ପ୍ରସାର କରିଥିଲେ, ତାହା ଏବେ ବି ଆମକୁ ଧର୍ମୀୟ ଭାବନାରେ ଉଦ୍‌ବୁଦ୍ଧ କରୁଛି। ଶ୍ରୀଜଗନ୍ନାଥ ହେଉଛନ୍ତି ଶାନ୍ତି, ମୈତ୍ରୀ, ଭକ୍ତି ଓ ଭାବର ପରମାତ୍ମା। ସୁଦାମା ଭଳି ଠାକୁରଙ୍କ ବନ୍ଧୁ ହୁଅ, ସନାତନୀ ହୁଅ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ଶ୍ରୀସିଦ୍ଧବକୁଳ ମଠ ଟ୍ରଷ୍ଟ ପକ୍ଷରୁ ପୀଠାଚାର୍ଯ୍ୟ ମହନ୍ତ ଶ୍ରୀନିବାସ ଦାସ ମହାରାଜାଙ୍କ ସଭାପତିତ୍ୱ ଏବଂ ଭାଷ୍ୟକାର ବଦ୍ରି ମିଶ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଲୋକତନ୍ତ୍ର ସେନାନୀ ସଙ୍ଗଠନ ହରିୟାଣାର ସଭାପତି ମହାବୀର ଭରଦ୍ୱାଜ, ହରିୟାଣାର ସନ୍ଥ ଭକ୍ତ ବତ୍ସଳ ଦାସ ମହାରାଜ, ମାଧ୍ୱ ଗୌଡେଶ୍ୱର ବୈଷ୍ଣବ ସଂଘ ସଭାପତି ମହନ୍ତ ସୁବଳ ଚରଣ ଦାସ ମହାରାଜ, ଗବେଷକ ତଥା ପ୍ରବଚକ ଡ. ଆଶୁତୋଷ ମିଶ୍ର, ମହନ୍ତ କୃଷ୍ଣ ଚୈତନ୍ୟ ଦାସ ଯୋଗଦେଇ ଭକ୍ତ ହରିଦାସଙ୍କ ସାଧନା ଓ ଭକ୍ତିର ସ୍ମୃତିଚାରଣ କରିଥିଲେ। ରାଜ୍ୟପାଳ ହରିଦାସଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ମଠର ନବନିର୍ମିତ ଭବ୍ୟ ତୋରଣ ଓ ମଠ ପକ୍ଷରୁ ପ୍ରକାଶିତ ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭାଷାର ପୁସ୍ତକ ସିଦ୍ଧବକୁଳକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ନିତ୍ୟାନନ୍ଦ ଦାସ ମହାରାଜ, ତପନ କୁମାର ମଣ୍ଡଳ, ରବୀନ୍ଦ୍ରନାଥ ତିୱାରୀ, ନିତାଇପଦ ଦାସ ମହାରାଜ, ମହନ୍ତ ସୁବଳ ଦାସ, ସମର ମୋହନ ଘୋଷ, କଲ୍ୟାଣ କୁମାର ଦେ, ସୁବ୍ରତ ନାଗ, ଅଜୟ କୁମାର ସାଙ୍ଗଭି, ଚନ୍ଦନ ପ୍ରଧାନ, କୃଷ୍ଣଚୈତନ୍ୟ ଦାସ ଏବଂ ଭାଗବତପ୍ରେମୀ ବଦ୍ରି ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହନ୍ତ ପ୍ରେମାନନ୍ଦ ଦାସ ମହାରାଜ ସଞ୍ଚାଳନ କରିଥିଲେ।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ଅନ୍ୟ ଅତିଥିମାନେ ସିଦ୍ଧବକୁଳ ପୁସ୍ତକକୁ ଲୋକାର୍ପଣ କରୁଛନ୍ତି ।

**ଗଣେଶ ଭସାଣି ଉତ୍ସବ**

ଯାଁଳା,(ବୁଲା ବାରିକ): ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସନ୍ଧ୍ୟାରେ ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ମୁଣ୍ଡମୁହାଁଣ ଓ ଉତ୍ତର ମୁଣ୍ଡମୁହାଁଣର ରଘୁନାଥ ସାହି, ମଣ୍ଡପ ସାହି, ପୋଷ୍ଟ ଅଫିସ ଗଳି, ଗ୍ରାମେଶ୍ୱର ନଗର, ମେଡିକାଲ ଛକର ମେଢ଼ ମୁଣ୍ଡମୁହାଁଣ ବାବା ଗ୍ରାମେଶ୍ୱରଙ୍କ ମେଳଣ ପଡିଆରେ ଅପରାହ୍ନରେ ଏକତ୍ର ହୋଇଥିଲେ। ଏହା ପରେ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଆତସବାଜି, ନାଚଗୀତରେ କମ୍ପିଥିଲା ଗାଁ ପରିବେଶ। ତଳକ୍ଷେତ୍ରା ଛକ ତଥା ଜଟଣୀ ଗେଟ ନିକଟ ଖରଖରି ଶଙ୍ଖ ପାଣିରେ ବିସର୍ଜନ କରାଯାଇଥିଲା।

# ନୌସେନା ତାଲିମ କେନ୍ଦ୍ରରେ ଅଗ୍ନିବୀରଙ୍କ ପାସିଂଆଉଟ୍ ପରେଡ୍



ବାଲୁଗାଁ,୨୬।୯(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନା ବିଭାଗୀୟ ଚିଲିକା ଶାଖା ତାଲିମ କେନ୍ଦ୍ରରେ ୧୬ ସପ୍ତାହ ଧରି ପ୍ରଶିକ୍ଷଣପ୍ରାପ୍ତ ୨୮୯୫ ନୌସେନା ଅଗ୍ନିବୀରଙ୍କ ପାସିଂଆଉଟ୍ ପରେଡ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱିତୀୟ ବ୍ୟାଚ୍ ପାସିଂଆଉଟ୍ ପରେଡରେ ଦକ୍ଷିଣାଞ୍ଚଳ ନୌସେନା କମାଣ ଅଧିକାରୀ ତଥା ଭାଇସ୍ ଆଡମିରାଲ ଏମ୍.ଏ. ହାମ୍ପିହୋଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ।

ସଶକ୍ତ ଭାରତ ବର୍ଷ ନିର୍ମାଣ ପରିପ୍ରେକ୍ଷୀରେ ଯୁବପୀଢ଼ିଙ୍କୁ ଆତ୍ମନିର୍ଭରଶୀଳ ସହ ଦେଶ ସୁରକ୍ଷା କ୍ଷେତ୍ରରେ ନିୟୋଜିତ ହେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ ହୋଇଛି। ସଶସ୍ତ୍ର ବାହିନୀରେ ସାମିଲ ହୋଇ ଦେଶ ସେବା ନିମନ୍ତେ ଇଚ୍ଛୁକ ଯୁବପୀଢ଼ିଙ୍କୁ ଏହା ଏକପ୍ରକାର ପ୍ରୋତ୍ସାହନ ଏବଂ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ପ୍ରତି ବର୍ଷ ୪୫ରୁ ୫୦ହଜାର ଯୁବପୀଢ଼ିଙ୍କୁ ଏହି ଯୋଜନାରେ ତାଲିମ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି। ସାଂପ୍ରତିକ ପରିସ୍ଥିତିରେ ଯୁବ ସମାଜ ରୋଜଗାରକ୍ଷମ ହୋଇପାରୁ ନ ଥିବା ବେଳେ ଅଗ୍ନିପଥ ଯୋଜନା ଏକପ୍ରକାର ଆହ୍ୱାନ ପାଲଟିଛି । ଏଥିସହ ୪ବର୍ଷ ନିଯୁକ୍ତି କାଳରେ କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବୋଧତା ଏବଂ ଦକ୍ଷତା କ୍ଷେତ୍ରରେ ଶତକଡ଼ା ୫୦ଭାଗ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇପାରିବେ ବୋଲି ସୂଚନା ରହିଛି। ଏହି ପରିପ୍ରେକ୍ଷୀରେ ନୌସେନା ତାଲିମ କେନ୍ଦ୍ର ଚିଲିକା ଶାଖାରେ ଅଗ୍ନିବୀରଙ୍କୁ ଆଧୁନିକ ରଣକୌଶଳରେ ତାଲିମ ପ୍ରଦାନ ସହ ଜଣେ କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବୋଧତା ଏବଂ ସଚ୍ଚୋଟ ନାଗରିକ ଭାବେ ଦେଶ ସୁରକ୍ଷାରେ ନିଜକୁ ନିୟୋଜିତ କରିପାରିବେ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଠାରେ ପ୍ରଶିକ୍ଷଣ ଲାଭ କରିଥିବା ୨୮୯୫ ଅଗ୍ନିବୀରଙ୍କ ମଧ୍ୟରୁ ମହିଳା ତାଲିମପ୍ରାପ୍ତ ୪୪୮ଜଣ ଅଛନ୍ତି। ମଙ୍ଗଳବାର ସନ୍ଧ୍ୟା ୫ଟା ୩୦ରେ ଅନୁଷ୍ଠିତ ଏହି ପାସିଂଆଉଟ୍ ପରେଡ୍ ସମାରୋହରେ ମୁଖ୍ୟ ଅତିଥି ଭାଇସ୍ ଆଡମିରାଲ ହାମ୍ପିହୋଲି ଅଗ୍ନିବୀରଙ୍କୁ ସେମାନଙ୍କର ଦୀର୍ଘ ୪ମାସର କଠିନ ପ୍ରଶିକ୍ଷଣର କର୍ତ୍ତବ୍ୟବୋଧତାକୁ ଉତ୍ସାହିତ କରିବା ସହ ଭବିଷ୍ୟତରେ ଜଣେ ଲେଖାଏ ବଳିଷ୍ଠ ସାମୁଦ୍ରିକ ଯୋଦ୍ଧା ଭାବେ ଶତ୍ରୁ ସହ ମୁକାବିଲା କରି ଦେଶର ସୁରକ୍ଷା ଏବଂ ଗୌରବର ଟେକ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ନୌସେନା ଚିଲିକାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୁରୁଷ କ୍ଷେତ୍ରରେ ବାଘେଲ ଏ.ମୁକେଶ କୁମାର, ନନ୍ଦିଲାଲ, ଅଙ୍କିତ ଯାଦବ, ରାମ ପାତୃଣି, ଡି.ରାଓ ଏବଂ ମହିଳା କ୍ଷେତ୍ରରେ ନନ୍ଦିନୀ ଯାଙ୍ଗିଦ୍ ପ୍ରମୁଖ ଅଗ୍ନିବୀରଙ୍କୁ ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀଭାବେ ମେଡାଲ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳା କୌଶଳରେ ଶ୍ରେଷ୍ଠ ବିବେଚିତ ଶିବାଜୀ ଗ୍ରୁପକୁ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା।

# ବିଶ୍ୱଶାନ୍ତି ମହାଯଜ୍ଞ

ବୋଲଗଡ଼,୨୬।୯(ଦେବବ୍ରତ ହୋତା): ବୋଲଗଡ ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହିସ୍ଥିତ ମୁଣ୍ଡିଆ ମହାବୀର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅଧିବାସ ଦିବସରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଗ୍ରାମ ପୋଖରୀଠାରେ ପୂଜାର୍ଚ୍ଚନା କରାଯାଇ କଳସ ଯାତ୍ରାରେ ମନ୍ଦିର ପ୍ରାଙ୍ଗଣରେ ଘଟ ସ୍ଥାପନ କରାଯାଇଥିଲା। ମଙ୍ଗଳବାର ସୂର୍ଯ୍ୟପୂଜା, ପୂଜାପାଠ ସମାପନ ପରେ ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସତ୍ୟବାଦୀ ଦାସ ସହଧର୍ମିଣୀଙ୍କ ସହ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ବସନ୍ତ କୁମାର ରଥଙ୍କ ତତ୍ତ୍ୱାବଧାନରେ ପୁରୋହିତ ଲୋଚନ ନନ୍ଦ ଓ ଦୀନବନ୍ଧୁ ପରମଗୁରୁ କାର୍ଯ୍ୟ ସମ୍ପାଦାନ କରିଥିଲେ। ଟାଙ୍ଗୀସାହି ମହାବୀର ଯୁବ ସଙ୍ଗଠନର ସଭାପତି ଅନନ୍ତ କୁମାର ପରିଡ଼ା, ସମ୍ପାଦକ ଅଭିମନ୍ୟୁ ସ୍ୱାଇଁ, କୋଷାଧକ୍ଷ ବିକ୍ରମ ବରା ପ୍ରମୁଖ ପରିଚାଳନା କରିଥିବା ବେଳେ ସଂଘର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଭାଜପା ନେତା ପ୍ରକାଶ ଚନ୍ଦ୍ର ବିଜୁଳି, ମଣ୍ଡଳ ସଭାପତି ରଘୁନାଥ ଷଡ଼ଙ୍ଗୀ, ଜିଲା ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନ, ପୂର୍ବତନ ସରପଞ୍ଚ ଦେବରାଜ ପଲେଇ ପ୍ରମୁଖ ଯୋଗଦେଇଥିଲେ। ଏହି ମହାଯଜ୍ଞ ଅବସରରେ ରାମନାଟକ ପରିବେଷଣ ହୋଇଥିଲା।

# 'ଲୁହରେ ଭିଜିଲା ସପନ ମୋର' ନାଟକ ପରିବେଷିତ



ନାଟ୍ୟ ମଞ୍ଚ ଉଦ୍‌ଘାଟନ ଅବସରରେ ବିଜେଡି ନେତ୍ରୀ ବାସନ୍ତୀ ମହାପାତ୍ର ଏବଂ ଅନ୍ୟମାନେ।

ନିରାକାରପୁର,୨୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଗଣେଶ ପୂଜାରେ ଖୋର୍ଦ୍ଧା ଜିଲା କୁହୁଡିସ୍ଥିତ ମା'ବ୍ୟାଘ୍ର ଦେବୀ ୟୁଥ କ୍ଲବ ଆନୁକୂଲ୍ୟରେ 'ଲୁହରେ ଭିଜିଲା ସପନ ମୋର' ସାମାଜିକ ନାଟକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଏହି ନାଟକକୁ ଆୟୋଜନ କରିଥିବା ଅନୁଷ୍ଠାନର ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ଗାଁଗଣ୍ଡାରେ ହଜି ଯାଉଥିବା ଏହି ପରମ୍ପରା ବଜାୟ ରଖିଥିବାରୁ ଧନ୍ୟବାଦ ଦେବା ସହିତ କିଭଳି ଦୀର୍ଘ ସ୍ଥାୟୀ ହେବ ସେଥିପାଇଁ ସହଯୋଗ କରିବା ପାଇଁ କହିଥିଲେ।

# କଳାକାରଙ୍କ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୨୬।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ମଙ୍ଗଳବାର କଳାକାରମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ କଳା ଓ ସଂସ୍କୃତି ସଂଘର ଉପସଭାପତି ବିଜୟ କୁମାର ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ପାତ୍ର, ଜିଲା ପ୍ରଶିକ୍ଷକ ଅଧ୍ୟାପକ ଗୋପାଳ କୃଷ୍ଣ ଜେନା, ପ୍ରଶିକ୍ଷକ ଅଶୋକ କୁମାର ଦଳେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକକଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର କରି ଜନସାଧାରଣଙ୍କୁ ସଚେତନତା କରାଇବା ସହିତ ଓଡ଼ିଶାର ପାରମ୍ପରିକ ଲୋକକଳାର ସଂରକ୍ଷଣ, ବିକାଶ ତଥା ପ୍ରଚାର ପ୍ରସାର ଏବଂ କଳାକାରମାନଙ୍କ ଜୀବନ ଜୀବିକାରେ ସହାୟକ ହୋଇପାରିବ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ବିଶେଷକରି ପାଲା, ଦାସକାଠିଆ, ସଙ୍କୀର୍ତ୍ତନ, ଘୋଡ଼ା ନାଚ ଓ ଲୋକ ସଙ୍ଗୀତ ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବ୍ଲକର ୨୧ଟି ପଞ୍ଚାୟତର କଳା ଓ ସଂସ୍କୃତି ସଂଘର ଶତାଧିକ ସଦସ୍ୟ ଯୋଗଦେଇଥିଲେ। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଯଥା ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମିଶନ ଶକ୍ତି ଯୋଜନା, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି ଯୋଜନା, ଆମ ହସ୍ପିଟାଲ, କ୍ରୀଡ଼ା, ବିଜୁ ପକା ଘର ଯୋଜନା, ମୋ ଘର ଯୋଜନା, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା, ୫-ଟି ରୂପାନ୍ତରିତ ହାଇସ୍କୁଲ ଯୋଜନା ଆଦି ସମ୍ପର୍କରେ ଲୋକମାନଙ୍କୁ ଅବଗତ ତଥା ସଚେତନତା କିଭଳି କରାଯିବ ଜିଲ୍ଲାରୁ ଆସିଥିବା ପ୍ରଶିକ୍ଷକମାନେ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିର ପରିଚାଳନାରେ ବ୍ଲକର ବରିଷ୍ଠ କିରାଣୀ କୁବେର ଜେନା, ବ୍ଲକ ସଂଯୋଜକ ଅମିତ କୁମାର ତାଡ଼, ବିପିଏମ ଉମାକାନ୍ତ ମିଶ୍ର, ରାଜସ୍ୱ ସହାୟକ କାଶିମ ମହମ୍ମଦ, ଆଲୋକ କୁମାର ଖୁଣ୍ଟିଆ, ଡାଟା ଏଣ୍ଟ୍ରି ଅଧିକାରୀ ସନ୍ମୟ ଭୂଷଣ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀମନ୍ଦିର ଲ୍ୟାଣ୍ଡ୍, ପ୍ରକଳ୍ପ ସବ୍‌କମିଟି ବୈଠକ

ପୁରୀ, ୨୬।୯(ଅଜିତ ମହାନ୍ତି)

ଶ୍ରୀମନ୍ଦିର ଲ୍ୟାଣ୍ଡ୍ ଓ ପ୍ରକଳ୍ପ ସବ୍‌କମିଟି ବୈଠକ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ଜମିଜମା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ପରିଚାଳନା କମିଟି ସଦସ୍ୟ, ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍‌କମିଟି ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜମି ରେକର୍ଡ ପାଇଁ କଟକ, ଖୋର୍ଦ୍ଧା ଆଦିରୁ ଜିଲାସ୍ତରୀୟ ଲ୍ୟାଣ୍ଡ କମିଟିରେ ମଞ୍ଜୁର ହୋଇ ଆସିଥିବା ବିଭିନ୍ନ ଆବେଦନର ଶୁଣାଣି ହୋଇଥିବା ସୂଚନା ମିଳିଛି।

ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ବୈଠକରେ ଶ୍ରୀମନ୍ଦିରର ଜମିଜମା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। କଟକ, ଖୋର୍ଦ୍ଧା, ଭୁବନେଶ୍ୱର ଆଦି ଅଞ୍ଚଳର ଲୋକଙ୍କର ଯେଉଁ ଆବେଦନପତ୍ର ଥିଲା ତାହା ଉପରେ ଆଲୋଚନା ହୋଇଛି। ଯେଉଁମାନେ ଦୀର୍ଘଦିନ ହେବ ମହାପ୍ରଭୁଙ୍କ ଜମିରେ ବସବାସ କରିଆସୁଛନ୍ତି, ସେମାନେ ଉକ୍ତ ଜାଗାକୁ କିଣିବାକୁ ଚାହୁଁଥିବା ଆବେଦନ ଉପରେ ଆଲୋଚନା ହୋଇଥିଲା। ଯେଉଁ ଆବେଦନପତ୍ର ଜିଲା ଲ୍ୟାଣ୍ଡ କମିଟିରେ ଅନୁମୋଦନ ହୋଇଆସିଥିଲା, ମୁଖ୍ୟତଃ ସେଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ତେବେ ଦୁଇଟି ଆବେଦନପତ୍ରକୁ ଗ୍ରହଣ କରାଯାଇ ପରିଚାଳନା କମିଟିକୁ ପଠାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଟକ ଜିଲାରେ ଦୁଇଟି ଅଞ୍ଚଳର ଜମି ଫଇସଲା ପାଇଁ ଲ୍ୟାଣ୍ଡ ସବ୍‌କମିଟିରେ ନିଷ୍ପତ୍ତି ହୋଇଛି। କଟକ ଜିଲା କିଶନନଗର ତହସିଲ ଅନ୍ତର୍ଗତ ସାମନ୍ତରାପୁର ପ୍ଲଟ ନଂ. ୮୮ ରେ ଥିବା ୦.୮୧ ଡିସିମିଲ ଜମିକୁ ୮ ଲକ୍ଷ ୬୦ ହଜାର ୨୭୪ ଟଙ୍କାରେ ଏବଂ କଟକ ସଦର ତହସିଲ ଅନ୍ତର୍ଗତ ଝାଞ୍ଜିରିମଙ୍ଗଳାଠାରେ ଥିବା ଏକ ୧୨ ଡିସିମିଲି ଜମିକୁ ୯୬ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଶ୍ରୀମନ୍ଦିର ଲ୍ୟାଣ୍ଡ ସବ୍‌କମିଟି ବୈଠକରେ ନିଷ୍ପତ୍ତି ହୋଇ ଅନୁମୋଦନ ପାଇଁ ପରିଚାଳନା କମିଟି ବୈଠକକୁ ପଠାଯିବ। ଏହାଛଡ଼ା ଯେଉଁ ଆବେଦନଗୁଡ଼ିକ ବିଏମ୍‌ସିରେ ଅନୁମୋଦନ ହୋଇ ନ ଥିଲା ସେଗୁଡ଼ିକୁ ବାତିଲ କରାଯାଇଛି। ସେମାନେ ତାଙ୍କ ଜିଲାର ଲ୍ୟାଣ୍ଡ କମିଟିରୁ ଅନୁମୋଦନ ପରେ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଜଟଣୀର ଦୁଇଟି ସ୍ଥାନରେ ଚାରାରୋପଣ ସହ କାଜୁ ଗଛ ଲଗାଯିବ। ଏଥିପାଇଁ ଦୁଇଟି ଘରୋଇ ସଂସ୍ଥା ଆବେଦନ କରିଛନ୍ତି। ଲ୍ୟାଣ୍ଡ ଓ ପ୍ରକଳ୍ପ ସବ୍‌କମିଟିର ସଦସ୍ୟ ଯାଇ କ୍ଷେତ୍ର ପରିଦର୍ଶନ କରିବେ। କେଉଁ ପ୍ରକାର ବୃକ୍ଷ ଲାଗିବ, ଖର୍ଚ୍ଚ କେତେ ଆସିବ, ସମସ୍ତ ଗାଇଡ୍ ଲାଇନ ଦେଖାଯିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।


**ଫର୍ମ ନଂ. ୧୩**
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ**
**ସି-୭୧, ସେକ୍ଟର - ୭ ସିଡିଏ, କଟକ, ଓଡ଼ିଶା**
**ଓ.ଏ. ନଂ.୧୨୯/୨୦୨୩**

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ...ଆବେଦନକାରୀ
ବନାମ
ଧୀରେନ୍ କୁମାର ଭୋଇ ଓ ଅନ୍ୟ ଜଣେ ... ପ୍ରତିବାଦୀ(ଗଣ)

ପ୍ରାପ୍ତେଷୁ,
୧) ଧୀରେନ୍ କୁମାର ଭୋଇ, ବୟସ ପ୍ରାୟ ୩୧ ବର୍ଷ, ପିତା- ପୁରୁଷୋତ୍ତମ ଭୋଇ, ଗ୍ରାମ- ମସିଣାବିଲ, ଗ୍ରାପ- ତେନ୍ତୁଳାପଶୀ, ଥାନା- ପଣ୍ଡାପଡ଼ା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୭୯, ପ୍ୟାନ୍: ବିଏଚ୍‌ଟିପିବି୩୯୩୪ଏଲ୍
୨) ନିକି ଭୋଇ, ବୟସ- ସ୍ୱାମୀ- ପୁରୁଷୋତ୍ତମ ଭୋଇ, ଗ୍ରାମ- ମସିଣାବିଲ, ଗ୍ରାପ- ତେନ୍ତୁଳାପଶୀ, ଥାନା- ପଣ୍ଡାପଡ଼ା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୭୯

**ଖବରକାଗଜ ପ୍ରକାଶନ ଜରିଆରେ ସମନ**
**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**

ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ଅଦାଲତରେ ଟ.୩୬,୨୮,୦୦୮.୫୭ ମାତ୍ର ସମେତ ଚକିତ ଏବଂ ଭବିଷ୍ୟତ ସୁଧ, ଖର୍ଚ୍ଚ ଅସୁଲ କରିବା ଓ ଅନ୍ୟାନ୍ୟ ଆଶ୍ୱସ୍ତି ପାଇବା ପାଇଁ ଓ.ଏ. ନଂ.୧୨୯/୨୦୨୩ ଆରମ୍ଭ କରିଅଛନ୍ତି । ତେଣୁ, ଉପରନାମିତ ପ୍ରତିବାଦୀଗଣଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଜରିଆରେ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ ବା ତା୩୧।୧୦।୨୦୨୩ରିଖ ପୂର୍ବାହ୍ନ ୧୦.୩୦ ସୁଦ୍ଧା ହାଜର ହେବା ଏବଂ ନିଜର ପକ୍ଷ ଉପସ୍ଥାପନ କରିବା ଓ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବା ଆବଶ୍ୟକ ତାହାର କାରଣ ଦର୍ଶାଇବା ଲାଗି ନିର୍ଦ୍ଦେଶ ଦିଆଯାଉଛି । ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ତାଙ୍କର ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ । ଏହି ନ୍ୟାୟାଧିକରଣର ସହି ମୋହର ଅଧୀନରେ ମୋ ଦ୍ୱାରା ୧୨ ସେପ୍ଟେମ୍ବର, ୨୦୨୩ ଦିନ ପ୍ରଦତ୍ତ ।

ସ୍ୱା./- (ନିଖିଳ ରଞ୍ଜନ ପତି)
ନିବନ୍ଧକ

Your classified advertisement published in Dharitri will be listed free in Dharitri online edition : www.dharitri.com

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/77,ତା.15.09.2023ରିଖ

(1) ଟେଣ୍ଡର ସଂ.e-Tender-CENTKUR-239-2023,ତା.11.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ୁ ମଣ୍ଡଳର ଲିଙ୍ଗରାଜ ଟେମ୍ପଲ ରୋଡ଼ ଷ୍ଟେସନଠାରେ ଲୋ ଲେଭେଲ ରୁ ହାଇ ଲେଭେଲକୁ ପ୍ରସ୍ତାବିତ ପ୍ଲାଟଫର୍ମ ନଂ.3କୁ ଉପର ଉଠାଇବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 231.08 ଲକ୍ଷ, EMD: ₹2,65,600/- ।

(2) ଟେଣ୍ଡର ସଂ.eTender-CenKUR-241-2023,ତା.06.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ (ଢେଙ୍କାନାଳ) ଅଧୀନରେ BCM କାର୍ଯ୍ୟ ପ୍ରକ୍ରିୟା ସହିତ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚଳନ ଏବଂ ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 97.38 ଲକ୍ଷ, EMD: ₹1,94,800/- ।

(3) ଟେଣ୍ଡର ସଂ.eTender-CenKUR-248-2023,ତା.11.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାରଙ୍ଗ-ରାଜଆଠଗଡ଼ ସେକ୍ସନ ମଧ୍ୟରେ ପୋଲ ନଂ.22 Up ରେ 'H' ବିମ୍ ସ୍ଲିପର ଦ୍ୱାରା ବର୍ତ୍ତମାନର ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 535.06 ଲକ୍ଷ, EMD: ₹4,17,500/- ।

(4) ଟେଣ୍ଡର ସଂ.eTender-CENKUR-249-2023,ତା.12.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର ୟାର୍ଡ଼ ଠାରେ ମାର୍ଗ ନଂ.8 ର CTR(P) ଏବଂ ହିନ୍ଦୋଳ ରୋଡ଼-ତାଳଚେର-ଅନୁଗୁଳ ସେକ୍ସନର ବିଭିନ୍ନ ୟାର୍ଡ଼ଗୁଡ଼ିକର ଲୁପ୍ ଲାଇନ୍‌ରେ 15.398 କି.ମି. ଲମ୍ବ ନିମନ୍ତେ CTR(S) ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 469.15 ଲକ୍ଷ, EMD: ₹3,84,600/- ।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ), 10 ମାସ (କ୍ରମ ସଂ.3 ପାଇଁ) ଏବଂ 12 ମାସ (କ୍ରମ ସଂ.4 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.10.2023 ରିଖ 1500 ଘଡ଼ିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-605/O/23-24

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/36/201516(Pt.)/2097 Dated, the 25th Sept, 2023
**Advertisement**
Applications are invited from Indian Nationals for engagement of **01 (one) Chief Manager (Environment)** on contractual basis in Paradip Port Authority.
**For further details, visit our website https://paradipport.gov.in/Carrer.aspx.**
Sd/-
Sr. Assistant Secretary, Paradip Port Authority
PPA/PR/49/2023-24 Dt. 26/09/2023

See Career Appointment on every Wednesday & Saturday

**ସେଲ୍ସ ଗାର୍ଲ**
ବାଲାଜୀ ଟ୍ରେଡିଂ, ପିଠାପୁର, କଟକ ପାଇଁ ଆବଶ୍ୟକ। ପ୍ରାର୍ଥିନୀ କଟକରେ ରହୁଥିବେ।
ଯୋଗାଯୋଗ:
ଫୋନ୍- ୯୦୯୦୦୩୦୦୨୪

**DUHITA AGRO EXPORT PVT LTD**
**RECRUITMENT NOTICE**
**Name of Post:** HEAD OF THE PROJECT
**Qualification:** Graduation (Preference will be given to MBA in Finance/Marketing/HR).
**Experience:** Minimum 15 years Managerial Experience in Operation, Sales & Marketing and Procurement & Managing of Staff of Cashew Processing Unit.
**Salary Package:** CTC Rs 10 Lakh /Annum.
Job based on Aditya Cashew Processing Plant, Tentulipatana, Dhenkanal.
Interested candidates may E-Mail their CV to md@daeltd.co.in
For further clarification please visit: https://daeltd.co.in
Contact: 7381557001

**WATER CORPORATION OF ODISHA**
**OFFICE OF THE CHIEF EXECUTIVE OFFICER, WATCO**
Ground Floor, Unnati Bhawan Near Satyanagar Fly Over Bridge, Bhubaneswar-751001,Odisha, India, Telefax: +91-674-2391444
E Mail: ceowatcoodisha@gmail.com
EOI Identification No. CEO, WATCO-31-23/24 Dated:25.09.2023
WATCO No.5823, Dated 25.09.2023
NOTICE INVITING EXPRESSION OF INTEREST (EOI) FOR SUB-SOIL UTILITY SURVEY FOR THE WORK "IMPROVEMENT OF EXISTING WATER DISTRIBUTION NETWORK IN ALL THE WATER DISTRIBUTION SYSTEM IN AREAS-X AND AREA-XIII OF CHENNAI METROPOLITAN WATER SUPPY & SEWERAGE BOARD
**No.C-1493:**Water Corporation of Odisha (WATCO) is a state PSU under the administrative control of Department of Housing & Urban Development Department, Government of Odisha, which was incorporated under the sec.8 of Companies Act, 2013 on 24.11.2015. At present, it is proposed for Subsoil utility survey for indicating underground water supply pipe line, T-junction, valve position, power cable , optical fiber cable and Latitude & longitude for T-junction with respect to available ground control point of CMWSSB.
The proposal for the above work is invited from the interested firms having their office in any town of India in prescribed format so as to reach to the undersigned on or before 04.10.2023 by 5.00 PM. For detail enquiry, the firms may visit our website www.watcoodisha.in. The management reserves the right to accept / reject the application without assigning any reason thereof.
Sd./- Chief Executive Officer, WATCO
OIPR-13194/11/0052/2324

**SBI** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚାପଗ୍ରସ୍ତ ପରିସମ୍ପତ୍ତି ଅସୁଲି ଶାଖା–I, ୧ମ ମହଲା, ୨୩, ନଜଫଗଡ଼ ରୋଡ଼, ନୂଆଦିଲ୍ଲୀ–୧୧୦୦୧୫, ଟେଲି: ୦୧୧-୨୫୪୧୯୧୭୭, ୨୫୪୧୨୯୭୭, ଇ-ମେଲ: sbi.05169@sbi.co.in

**(ନିୟମ - ୮ (୧) ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ପାଇଁ)**
ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଏକ ଡିମାଣ୍ଡ ନୋଟିସ ତାରିଖ: ୨୦।୦୬।୨୦୨୩ ଜାରି କରି ଋଣଗ୍ରହୀତା **ଶ୍ରୀମତୀ ସ୍ୱର୍ଣ୍ଣଲତା ରାଉତଙ୍କୁ** ଉକ୍ତ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶି **ଟ.୧,୦୦,୯୮,୯୭୮.୦୦ ଓ ତା୦୭।୦୬।୨୦୨୩ରିଖରୁ ଲାଗୁ ସୁଧ (ଏକ କୋଟି ଅଠାନବେ ହଜାର ନଅଶହ ଅଠସ୍ତରି ଟଙ୍କା ମାତ୍ର)** ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।
ଋଣଗ୍ରହୀତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉକ୍ତ ଅଧିନିୟମର ଧାରା ୧୩(୪) ସହିତ ପଠନପୂର୍ବକ ଉକ୍ତ ନିୟମାବଳୀର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ୨୨ ସେପ୍ଟେମ୍ବର ୨୦୨୩ ଦିନ ଏଥିସହିତ ବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି ।
ବିଶେଷଭାବେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ଟ.୧,୦୦,୯୮,୯୭୮.୦୦ (ଏକ କୋଟି ଅଠାନବେ ହଜାର ନଅଶହ ଅଠସ୍ତରି ଟଙ୍କା ମାତ୍ର) ଏବଂ ତା୦୭।୦୬।୨୦୨୩ରିଖଠାରୁ ଲାଗୁ ସୁଧ ଏବଂ ତାହା ବାବଦୀୟ ଖର୍ଚ୍ଚ ଇତ୍ୟାଦିକୁ ଚାର୍ଜ କରାଯିବ ।
**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**
**ସମ୍ପତ୍ତିର ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ରାଉତ**
ଆପାର୍ଟମେଣ୍ଟ ନଂ. ୧୦୦୨, ୧୦ମ ମହଲା, ଟାୱାର-ଏ, ପାର୍କ ଭିଉ ଆନନ୍ଦ, ସେକ୍ଟର-୮୧, ଗୁଡ଼ଗାଓଁ (ହରିୟାଣା)
ତାରିଖ: ୨୨।୦୯।୨୦୨୩, ସ୍ଥାନ: ନୂଆଦିଲ୍ଲୀ — ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଭାରତ ସରକାର**
**ପୂର୍ବ ତଟ ରେଳପଥ**
**ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ**
**ବିଜ୍ଞପ୍ତି**
ପତ୍ର ସଂଖ୍ୟା: ୧୫୯୨ ତା.୧୨.୦୯.୨୦୨୩ରିଖ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ଼ ଜିଲ୍ଲାର ବିମଳାଗଡ଼ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା ହାତୀବିନ୍ଧା, ଥାନା-ଖମାର, ଥାନା ନମ୍ବର-୧୮ରୁ ଏକର ୦୭୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଇଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବିବାଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।
ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିସେସଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।
୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଳୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩

**ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**
ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.: ୧୮, ତହସିଲ: ପାଲଲହଡ଼ା, ମୌଜା: ହାତୀବିନ୍ଧା

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ୍ ମୋଟ ରକବା (ଏକରରେ) | ପ୍ଲଟ୍ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୪୧/୦୩ | ୪୭୨/୬୬୪ | ଘରବାରି | ହରେକୃଷ୍ଣ ବେହେରା, ପି: ନକୁଳ ବେହେରା, ଜା: ତଅଁଳା, ବା: ନିଜଗାଁ | ୦.୪୮୦ | ୦.୧୮୦ | |
| ୨ | ୪୧/୦୫ | ୪୦୩/୬୬୫ | ଘରବାରି | ଶଶୀଭୂଷଣ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଅଁଳା, ବା: ନିଜଗାଁ | ୦.୫୦୦ | ୦.୨୦୦ | |
| ୩ | ୪୧/୦୪ | ୪୦୩/୬୬୬ | ଘରବାରି | ଲିଙ୍ଗରାଜ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଅଁଳା, ବା: ନିଜଗାଁ | ୦.୩୬୦ | ୦.୧୮୦ | |
| ୪ | ୪୧/୦୪ | ୪୭୨/୬୬୭ | ଘରବାରି | ଲିଙ୍ଗରାଜ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଅଁଳା, ବା: ନିଜଗାଁ | ୦.୧୨୦ | ୦.୧୨୦ | |
| ୫ | ୪୧/୫୧ | ୪୭୨/୬୬୭/୭୩୧ | ଘରବାରି | କାଦମ୍ବିନୀ ବେହେରା, ସ୍ୱା: ଜ୍ୟୋତିନ୍ଦ୍ର ବେହେରା, ଜା: ତଅଁଳା, ବା: ଦେହୁରୀପଡ଼ା | ୦.୦୨୦ | ୦.୦୨୦ | |
| | | | | ମୋଟ | ୧.୪୮୦ | ୦.୭୦୦ | |

ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ
PR-72/CG/23-24

**THE HIGH COURT OF ORISSA, CUTTACK**
**STORE AND PURCHASE SECTION**
**EXPRESSION OF INTEREST**
File No.III-A-07/2017 EOI No.-15248 Dtd. 26.09.2023
Expression of Interest in sealed cover along with requisite documents is invited from interested and experienced Agency/ Organisation for running Cafeteria along with running, procuring and making of the articles displayed in the Souvenir shop in the Museum of Justice, Killa Fort, Cuttack.
For details of EOI, Terms and Conditions etc. please visit Court's website www.orissahighcourt.nic.in. (EOI No. 15248/ 26.09.2023)
Last date of submission of EOI -10.10.2023 up to 3 P.M.
Opening date- 10.10.2023 at 5 P.M.
Sd./- Registrar (Judicial)
High Court of Orissa, Cuttack

**DISTRICT PROJECT MANAGEMENT UNIT, (MDM) BALASORE**
No.11345/MDM/Date 26.09.2023
**TENDER CALL NOTICE**
**(Engagement of Manpower Service Providing Agency for providing Programmer-cum-Accountant & Data Entry Operators)**
**No.n-189:**Sealed tenders are invited from reputed and Registered Manpower Service Providing Agency to provide 01 Programmer-cum-Accountant & 13 nos of Data Entry Operators (DEOs) for MDM Scheme who are to be engaged at 12 BEO offices at Block HQ and 2 at DPMU, MDM, Balasore for a period of one year. The interested Bidders shall submit the technical &. financial Bid along with tender paper cost of Rs. **10,000/-** (non refundable) latest by **17.10.2023 (5.00 P.M)** at the office of the District Education Officer, Balasore. Tender papers shall be opened on **18.10.2023 at 11.00 A.M.** at the Office Chamber of Collector & District Magistrate, Balasore. For detailed terms & conditions, kindly visit district website www.baleswar.nic.in.The authority reserves the right to reject any or all tenders without assigning any reason thereof.
Sd./- Collector & District Magistrate, Balasore
OIPR-27060/11/0003/2324

## ସଂକ୍ଷେପରେ

### ପୋଲିସକୁ ଆକ୍ରମଣ ଅଭିଯୋଗ: ୨ ଗିରଫ

**ବିନା ଅନୁମତିରେ ମେଲୋଡି ଆୟୋଜନ କରାଯାଇଥିଲା**

କଟକ ସଦର, ୨୬ା୯ (ସୁଶାନ୍ତ କୁମାର ଜେନା)

ବିନା ଅନୁମତିରେ ମେଲୋଡି ଆୟୋଜନ ଓ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ୪୨ ମୌଜା ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ନହର ପଦା ଗ୍ରାମର ମହେଶ୍ୱର ପଣ୍ଡା ଓ ପରମେଶ୍ୱର ପଣ୍ଡା। ପୋଲିସ ସୂତ୍ର ଅନୁଯାୟୀ, ସୋମବାର ରାତିରେ ଡିସିପିଙ୍କଠାରୁ ଅନୁମତି ନ ନେଇ ନହରପଦା ଗଣେଶ ମଣ୍ଡପ ନିକଟରେ ମେଲୋଡି ଆୟୋଜନ କରାଯାଇଥିଲା। ଖବରପାଇ ପିସିଆର୍ ଗାଡ଼ିରେ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟକ୍ରମ ବନ୍ଦ କରିବା ପାଇଁ କହିଥିଲେ। ଏହି ସମୟରେ ୨୦/୩୦ ଜଣ ଯୁବକ ଅତର୍କିତ ଭାବେ ପୋଲିସ ଉପରେ ଆକ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଥାନାକୁ ଅଣାଯାଇଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ମାମଲା(ନଂ.୩୨୧/୨୩) ମାମଲା ରୁଜୁ ହୋଇଥିଲା।

### ୨୧ ହଜାର ଟଙ୍କା ଠକେଇ ଅଭିଯୋଗ: ଜଣେ ଗିରଫ

କଟକ ସଦର, ୨୬ା୯ (ସୁଶାନ୍ତ କୁମାର ଜେନା)

ଜଣେ ଟ୍ରକ ମାଲିକଙ୍କ ଠାରୁ ୨୧ ହଜାର ୨୦୦ ଟଙ୍କା ଠକି ନେବା ଅଭିଯୋଗରେ କିଶନନଗର ପୋଲିସ ମଙ୍ଗଳବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଅରିଜିତ ବିଷୋୟୀ। ପୋଲିସ ସୂତ୍ରରୁ ପ୍ରକାଶ ୨୦୨୨ ଅକ୍ଟୋବର ୧୪ରେ ବେଆଇନ ଭାବେ ବାଲି ପରିବହନ କରି ପାରାଦୀପ ଅଭିମୁଖେ ଯାଉଥିବା ଏକ ଟ୍ରକକୁ କିଶନ ନଗର ତହସିଲଦାର ଇନ୍ଦିରା ସାହୁ ସୋମପୁର ଛକରେ ଅଟକାଇ ୧ ଲକ୍ଷ ଟଙ୍କା ଜରିମାନା କରିଥିଲେ। ଏହି ଜରିମାନା ରାଶି ତହସିଲଦାରଙ୍କୁ କହି କମ୍ କରିଦେବାକୁ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଅରଜିତ ପାରାଦୀପ ଅଞ୍ଚଳର ଟ୍ରକ ମାଲିକ ସ୍ମୃତି ସୌରଭ ମଲ୍ଲିକଙ୍କଠାରୁ ବିଭିନ୍ନ କିସ୍ତିରେ ୨୧ ହଜାର ୨୦୦ ଟଙ୍କା ନେଇଯାଇଥିଲେ। ଗତ ୧୯ ତାରିଖରେ ମଲ୍ଲିକ ତହସିଲ କାର୍ଯ୍ୟାଳୟକୁ ଯାଇ ସମସ୍ତ ଜରିମାନା ରାଶି ଦେଇଥିଲେ। ତାଙ୍କୁ କୌଣସି କୋହଳ କରାଯାଇ ନ ଥିଲା। ତହସିଲଦାରଙ୍କ ପରାମର୍ଶ କ୍ରମେ ମଲ୍ଲିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୯୨/୨୨) ରୁଜୁ କରିଥିଲା। ଏହାପରେ ଅଭିଯୁକ୍ତ ଅରିଜିତ୍ ଫେରାର ହୋଇଯାଇଥିଲେ। ସୋମବାର ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କୌଶଳକ୍ରମେ ଅରଜିତ୍‌ଙ୍କୁ ଯାଜପୁର ଜିଲାରୁ ଗିରଫ କରିବାକୁ ସକ୍ଷମ ହୋଇଛି।

# କ୍ରେନ୍‌ର ଲୁହା ରଡ୍‌ରେ ଚାପିହୋଇ ଶ୍ରମିକ ମୃତ: କାରଖାନାରେ ଉତ୍ତେଜନା

ଖୁଣ୍ଟୁଣୀ, ୨୬ା୯ (ସଚ୍ଚିଦାନନ୍ଦ ପଣ୍ଡା)

**ଆରତୀ ଷ୍ଟିଲ ରୋଲିଂ ମିଲ୍‌ରେ ଦୁର୍ଘଟଣା**

- କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ଧାରଣା
- ୧୮ ଲକ୍ଷ ଟଙ୍କା, ପରିବାରର ଜଣକୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲରେ ଥିବା ଆରତୀ ଷ୍ଟିଲ କାରଖାନାର ରୋଲିଂ ମିଲ୍‌ରେ ଦୁର୍ଘଟଣା ଘଟି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ଥାନା ମହାକାଳବସ୍ତ ଗ୍ରାମର ଗୋକୁଳ ଚନ୍ଦ୍ର ବେହେରା (୨୬)। ସେ ମଙ୍ଗଳବାର ମଧ୍ୟାହ୍ନରେ ଷ୍ଟିଲ ପ୍ଲାଣ୍ଟର ରୋଲିଂ ମିଲ୍‌ରେ କ୍ରେନ୍‌ରେ ଲୁହାରଡ଼ ବାନ୍ଧି କାନ୍ଥ କଡ଼ରେ ଠିଆ ହୋଇଥିଲେ । ଏହି ସମୟରେ ଲୋଡ ହୋଇଥିବା ଲୁହାରଡ଼ ଦୋହଲିଯାଇ ଗୋକୁଳ ଦେହରେ ବାଜିଥିଲା। ଫଳରେ ସେ ଚାପି ହୋଇ ଗୁରୁତର ହୋଇଥିଲେ। ତାଙ୍କ ତୁରନ୍ତ କାରଖାନା ଜେନେରାଲ ମ୍ୟାନେଜର ସରୋଜ ଜେନା, ଲୋକସମ୍ପର୍କ ଅଧିକାରୀ ଶରତ କୁମାର ନିଶା କାରଖାନା ଆମ୍ବୁଲାନ୍ସ ଯୋଗେ ନେଇ କଟକର ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରିଥିଲେ। ସେଠାରେ ଗୋକୁଳଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବ ମହାକାଳବସ୍ତ ଗ୍ରାମର ଉତ୍ତ୍ୟକ୍ତ ଲୋକେ ଓ ଗୋକୁଳଙ୍କ ପରିବାର ସଦସ୍ୟ କାରଖାନାରେ ପହଞ୍ଚି କ୍ଷତିପୂରଣ ଦାବି କରିବା ସହ ଫାଟକ ଆଗରେ ଧାରଣା ଦେଇଥିଲେ। ଖବରପାଇ ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମାତ୍ର ସମାଧାନ ହୋଇ ନଥିଲା। ସନ୍ଧ୍ୟାରେ କାରଖାନାର ଅଧ୍ୟକ୍ଷ ସୁଦୀପ୍ତ ପଲ, ଉପାଧ୍ୟକ୍ଷ ଏସ. ଶ୍ରୀନିବାସନ, ମ୍ୟାନେଜର ସରୋଜ ଜେନା ଓ ଲୋକସମ୍ପର୍କ ଅଧିକାରୀ ଶରତ ନିଶାଙ୍କ ପ୍ରମୁଖ ମହାକାଳବସ୍ତ ଓ ଘଣ୍ଟିଖାଲ ସରପଞ୍ଚଙ୍କ ପ୍ରତିନିଧି, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ଶ୍ରମିକ ନେତା ସନ୍ତୋଷ ପ୍ରଧାନ ଓ ସମସ୍ତ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ମୃତ ଗୋକୁଳ ପରିବାରକୁ ୧୮ ଲକ୍ଷ ଟଙ୍କା, ପରିବାରର ଜଣକୁ ନିଯୁକ୍ତି ଦେବାକୁ କାରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏହାଛଡା ଠିକାଦାର ଶୁଦ୍ଧିକ୍ରିୟା ପାଇଁ ୧ ଲକ୍ଷ ଓ ମୃତଦେହ ସତ୍କାର ପାଇଁ ୨୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସମସ୍ୟାର ସମାଧାନ ହେବା ସହ ଧାରଣା ପ୍ରତ୍ୟାହୃତ ହୋଇଛି। ଗୋକୁଳଙ୍କ ମୃତଦେହ ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।


କାରଖାନାର ଫାଟକ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ବିକ୍ଷୋଭ କରୁଛନ୍ତି।

## ୫ଦିନ ପରେ ବି ଗିରଫ ହୋଇନାହାନ୍ତି ଅଭିଯୁକ୍ତ

ମଙ୍ଗୁଳି-ଜଗତପୁର, ୨୬ା୯ (ମାନସ ସାମଲ)

**ବିବାଦୀୟ ଜମିକୁ ନେଇ ଗଣ୍ଡଗୋଳ ଘଟଣା**

ଜଗତପୁର ଥାନା ୪୮ନମ୍ବର ୱାର୍ଡ ଅଧୀନ ନଜରପୁରରେ ଏକ ବିବାଦୀୟ ଜମିକୁ କେନ୍ଦ୍ରକରି ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା ଓ ସହଯୋଗୀ ଏବଂ ପଡ଼ୋଶୀ ମହିଳା ଗାୟତ୍ରୀ ଶୁକ୍ଲାଙ୍କ ପରିବାରଙ୍କ ମଧ୍ୟରେ ଗତ ଶୁକ୍ରବାର ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଦୁଇଟି ପୃଥକ ମାମଲା (ନଂ.୪୭୪/୨୩,୪୭୫/୨୩) ରୁଜୁ କରିଥିଲା। ଘଟଣାକୁ ୫ଦିନ ବିତିଯାଇଥିଲେ ସୁଦ୍ଧା ନାଗେଶ୍ୱର ଓ ତାଙ୍କ ସହଯୋଗୀ ବିଜେଡିର ହୋଇଥିବାରୁ ପୋଲିସ ତାଙ୍କୁ ସହଯୋଗ କରିବା ସହ ଗିରଫ କରୁନି ବୋଲି ଗାୟତ୍ରୀ ଶୁକ୍ଲା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଡାକି କହିଛନ୍ତି।

ଗାୟତ୍ରୀ କହିଛନ୍ତି, ନଜରପୁର ଗ୍ରାମର ମୁଖ୍ୟ ରାସ୍ତାପାର୍ଶ୍ୱରେ ତାଙ୍କର ଏକ ପୈତୃକ ଜମି ରହିଛି। ଉକ୍ତ ଜମିରେ ଦୀର୍ଘ ୬୦ବର୍ଷ ହେବ ଏକ କ୍ୟାବିନ ରହିଛି। ଉକ୍ତ ଜମିକୁ କେନ୍ଦ୍ରକରି କର୍ପୋରେଟର ପରିବାର ସହ ଆମ ପରିବାର ମଧ୍ୟରେ ବିବାଦ ଲାଗି ରହିଛି। ଏପରି କି ୨୦୧୮ରୁ କୋର୍ଟରେ କେସ୍ ଚାଲିଛି। ଶୁକ୍ରବାର ନାଗେଶ୍ୱରଙ୍କ ପରିବାର ଉଦ୍ଦେଶ୍ୟମୂଳକ ଭାବେ ସିଏମ୍‌ସିର କିଛି ଅଧିକାରୀଙ୍କୁ ଧରି ଉକ୍ତ ସ୍ଥାନରେ ସମୀକ୍ଷା କରି ଜାଗା ମାପଚୁପ କରୁଥିଲେ। ଉକ୍ତ ଘରୋଇ ଜମିକୁ ନେଇ ସିଭିଲ କେସ୍ ସହ ସେଠାରେ ୧୪୪ଧାରା ମଧ୍ୟ ଜାରି କରାଯାଇଥିବା ଦର୍ଶାଇ ଗାୟତ୍ରୀଙ୍କ ଶାଶୁ ପ୍ରଥମେ ମାପଚୁପ ନ କରିବାକୁ କହିଥିଲେ। ଏହାକୁ ନେଇ ସେଠାରେ ଉପସ୍ଥିତ ନାଗେଶ୍ୱର ଓ ସହଯୋଗୀ ପ୍ରୀତିରଞ୍ଜନ ବେହେରା ଉତ୍କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଗାୟତ୍ରୀ ବିରୋଧ କରିବାରୁ ସେମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ବୋଲି ଗାୟତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ନାଗେଶ୍ୱରଙ୍କ କହିବା ହେଲା ମହାନଗର ନିଗମ ପକ୍ଷରୁ ମାପଚୁପ ହେଉଥିବାରୁ ସେମାନେ ଆମର ସହଯୋଗ ଲୋଡ଼ିଥିଲେ। ସରକାରୀ ନିୟମ ଅନୁସାରେ ଡ୍ରେନ୍ ଓ କଲଭର୍ଟ ନିର୍ମାଣ ଉଦ୍ୟମକୁ ବିରୋଧ କରିବା ସହ ଗାୟତ୍ରୀ ଉପସ୍ଥିତ ସରକାରୀ ଅଧିକାରୀ ଏବଂ ମୋତେ ଗାଳି ଗୁଲଜ କରିଥିଲେ। ଆମେ ଥାନାରେ ପ୍ରଥମେ ଅଭିଯୋଗ କରିବାରୁ ନିଜକୁ ଖସାଇବା ପାଇଁ ସେମାନେ ଆମ୍ଭ ନାମରେ ମିଛ ଅଭିଯୋଗ କରିବା ସହ ବଦ୍‌ନାମ କରିବାକୁ ଚେଷ୍ଟା କରିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି, ଆଇନ ସମସ୍ତଙ୍କ ପାଇଁ ସମାନ। ସେମାନଙ୍କ ଅଭିଯୋଗ କ୍ରମେ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁରହିଛି। ପ୍ରାଥମିକ ତଦନ୍ତରୁ ଉକ୍ତ ଜାଗାରେ ସିଏମ୍‌ସି ପକ୍ଷରୁ ମାପଚୁପ କରାଯାଉଥିଲା। ଉଭୟଙ୍କ ମଧ୍ୟରେ ଦୀର୍ଘଦିନର ବିବାଦକୁ କେନ୍ଦ୍ରକରି କଥା କଟାକଟି ହେଇଛି ବୋଲି ଜଣାପଡ଼ିଛି। କାହାରିକୁ ଗିରଫ କରିବା ଭଳି ଠୋସ୍ ପ୍ରମାଣ ମିଳି ନାହିଁ। ତଦନ୍ତ ପରେ ଯଦି କେହି ଦୋଷୀ ପ୍ରମାଣିତ ହୁଅନ୍ତି ତାହେଲେ ଗିରଫ କରାଯିବ ବୋଲି ମେହେର କହିଛନ୍ତି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ


ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

ଚୌଦ୍ୱାର, ୨୬ା୯ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ପକ୍ଷରୁ ନୂତନ ହିତାଧିକାରୀଙ୍କୁ ମଙ୍ଗଳବାର ଭତ୍ତା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ପୌରସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ୧୭୯ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବାଣ୍ଟିଥିଲେ। ପୌରପାଳିକାର ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, ବରିଷ୍ଠ କିରାଣି ମହାଦେବ ଜେନା, କାଉନସିଲର ବିଜୟ ମଲ୍ଲିକ, ଅର୍ଜୁନୀ ବେହେରା, ଆଶୁତୋଷ ଦାସ, ବିଜୟ ସାହୁ, ଦିଲ୍ଲୀପ ଭୂୟାଁ, ସବିତା ମାହାଳି, ସୁଜାତା ସାହୁ, ବିନୋଦିନୀ ରାଉତରାୟ, ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଭେଣ୍ଡିଂ ଜୋନ ଦାବିରେ ଉଠାଦୋକାନୀ ମହାସଂଘର ବିକ୍ଷୋଭ



ବାଦାମବାଡ଼ି ଉଠାଦୋକାନୀ ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ, ୨୬ା୯ (କାର୍ତ୍ତିକ ସାହୁ)

ସହରରେ ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରିବା ଦାବିରେ କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳ, ମେୟର ଓ ସିଏମସି କମିଶନରଙ୍କୁ ଏହି ମର୍ମରେ ସ୍ମାରକପତ୍ର ଦିଆଯାଇଛି। ବିକ୍ଷୋଭକାରୀଙ୍କ ଦାବି ଅନୁସାରେ, କଟକ ସହରରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଉଠାଦୋକାନୀ ଅଛନ୍ତି। ଏମାନଙ୍କୁ ଥଇଥାନ କରିବା ପାଇଁ ସିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ ସ୍ଥାପନ କରାଯାଇଛି। ମାତ୍ର ବାସ୍ତବରେ ସିଏମ୍‌ସି ପକ୍ଷରୁ ସର୍ଭେ କରାଯାଇ ଯୋଗ୍ୟ ଉଠାଦୋକାନୀଙ୍କୁ ଦୋକାନଘର ଆବଣ୍ଟନ କରାଯାଉନାହିଁ। ଫଳରେ ଯୋଗ୍ୟ ଉଠାଦୋକାନୀମାନେ ଭେଣ୍ଡିଂ ଜୋନ୍‌ରେ ଦୋକାନ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ମହାସଂଘ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ସଂଘ ସଭାପତି ଅମରେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ଅକ୍ଷୟ ସାହୁ, ନିତ୍ୟାନନ୍ଦ ନାୟକ, ଶିବ ବେହେରା, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ ମିଶ୍ର, ଉପଦେଷ୍ଟା ବିନୋଦ ବେହେରା, ପ୍ରସନ୍ନ କୁମାର ମହାପାତ୍ର, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ।


**ଫର୍ମ ନଂ. ୧୩**
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ ସି-୭୧, ସେକ୍ଟର - ୭ ସିଡିଏ, କଟକ, ଓଡ଼ିଶା**
**ଓ.ଏ. ନଂ.୧୨୯/୨୦୨୩**

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ...ଆବେଦନକାରୀ
ବନାମ
ଧୀରେନ୍ କୁମାର ଭୋଇ ଓ ଅନ୍ୟ ଜଣେ ... ପ୍ରତିବାଦୀ(ଗଣ)

ପ୍ରାପ୍ତେଷୁ,
୧) ଧୀରେନ୍ କୁମାର ଭୋଇ, ବୟସ ପ୍ରାୟ ୩୧ ବର୍ଷ, ପିତା- ପୁରୁଷୋତ୍ତମ ଭୋଇ, ଗ୍ରାମ- ମସିଣାବିଲ, ଗ୍ରାପ- ତେନ୍ତଲାପଶୀ, ଥାନା- ପଣ୍ଡାପଡ଼ା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୭୯, ପ୍ୟାନ: ବିଏଚ୍‌ପିବି୩୯୩୪ଏଲ୍
୨) ନିକି ଭୋଇ, ବୟସ- ସ୍ୱାମୀ- ପୁରୁଷୋତ୍ତମ ଭୋଇ, ଗ୍ରାମ- ମସିଣାବିଲ, ଗ୍ରାପ- ତେନ୍ତଲାପଶୀ, ଥାନା- ପଣ୍ଡାପଡ଼ା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୭୯

**ଖବରକାଗଜ ପ୍ରକାଶନ ଜରିଆରେ ସମନ**
**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**

ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ଅଦାଲତରେ ଟ.୩୬,୨୮,୦୦୮.୫୭ ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ଖର୍ଚ୍ଚ ଅସୁଲ କରିବା ଓ ଅନ୍ୟାନ୍ୟ ଆଶ୍ୱସ୍ତି ପାଇବା ପାଇଁ ଓ.ଏ. ନଂ.୧୨୯/୨୦୨୩ ଆରମ୍ଭ କରିଅଛନ୍ତି । ତେଣୁ, ଉପରନାମିତ ପ୍ରତିବାଦୀଗଣଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲ ଅଥବା ବିଧିବଦ୍ଧ ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଜରିଆରେ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ ବା ତା୩୧।୧୦।୨୦୨୩ରିଖ ପୂର୍ବାହ୍ନ ୧୦.୩୦ ସୁଦ୍ଧା ହାଜର ହେବା ଏବଂ ନିଜର ପକ୍ଷ ଉପସ୍ଥାପନ କରିବା ଓ ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରା ନ ଯିବା ଆବଶ୍ୟକ ତାହାର କାରଣ ଦର୍ଶାଇବା ଲାଗି ନିର୍ଦ୍ଦେଶ ଦିଆଯାଉଛି । ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ତାଙ୍କର ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ । ଏହି ନ୍ୟାୟାଧିକରଣର ସହି ମୋହର ଅଧୀନରେ ମୋ ଦ୍ୱାରା ୧୨ ସେପ୍ଟେମ୍ବର, ୨୦୨୩ ଦିନ ପ୍ରଦତ୍ତ ।

ସ୍ୱା./- (ନିଖିଳ ରଞ୍ଜନ ପତି)
ନିବନ୍ଧକ

Your classified advertisement published in Dharitri will be listed free in Dharitri online edition : www.dharitri.com

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/77,ତା.15.09.2023ରିଖ

(1) ଟେଣ୍ଡର ସଂ.e-Tender-CENTKUR-239-2023,ତା.11.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଲିଙ୍ଗରାଜ ଟେମ୍ପଲ ରୋଡ୍ ଷ୍ଟେସନଠାରେ ଲୋ ଲେଭେଲ ରୁ ହାଇ ଲେଭେଲକୁ ପ୍ରସ୍ତାବିତ ପ୍ଲାଟଫର୍ମ ନଂ.3କୁ ଉପର ଉଠାଇବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 231.08 ଲକ୍ଷ, EMD: ₹2,65,600/- ।

(2) ଟେଣ୍ଡର ସଂ.eTender-CenKUR-241-2023,ତା.06.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ (ଢେଙ୍କାନାଳ) ଅଧୀନରେ BCM କାର୍ଯ୍ୟ ପ୍ରକ୍ରିୟା ସହିତ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚାଳନ ଏବଂ ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 97.38 ଲକ୍ଷ, EMD: ₹1,94,800/- ।

(3) ଟେଣ୍ଡର ସଂ.eTender-CenKUR-248-2023,ତା.11.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାରଙ୍ଗ-ରାଜଆଠଗଡ଼ ସେକ୍ସନ ମଧ୍ୟରେ ପୋଲ ନଂ.22 Up ରେ 'H' ବିମ୍ ସ୍ଲିପର ଦ୍ୱାରା ବର୍ତ୍ତମାନର ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 535.06 ଲକ୍ଷ, EMD: ₹4,17,500/- ।

(4) ଟେଣ୍ଡର ସଂ.eTender-CENKUR-249-2023,ତା.12.09.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେର ୟାର୍ଡ଼ ଠାରେ ମାର୍ଗ ନଂ.8 ର CTR(P) ଏବଂ ହିନ୍ଦୋଳ ରୋଡ୍-ତାଳଚେର-ଅନୁଗୁଳ ସେକ୍ସନର ବିଭିନ୍ନ ୟାର୍ଡ଼ଗୁଡ଼ିକର ଲୁପ୍ ଲାଇନ୍‌ରେ 15.398 କି.ମି. ଲମ୍ବ ନିମନ୍ତେ CTR(S) ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 469.15 ଲକ୍ଷ, EMD: ₹3,84,600/- ।

ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ), 10 ମାସ (କ୍ରମ ସଂ.3 ପାଇଁ) ଏବଂ 12 ମାସ (କ୍ରମ ସଂ.4 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.10.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-605/O/23-24

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/36/201516(Pt.)/2097 Dated, the 25th Sept, 2023
**Advertisement**
Applications are invited from Indian Nationals for engagement of **01 (one) Chief Manager (Environment)** on contractual basis in Paradip Port Authority.
**For further details, visit our website https://paradipport.gov.in/Carrer.aspx.**
Sd/-
Sr. Assistant Secretary, Paradip Port Authority
PPA/PR/49/2023-24 Dt. 26/09/2023

See Career Appointment on every Wednesday & Saturday

**ସେଲ୍ସ ଗାର୍ଲ**
ବାଲାଜୀ ଟ୍ରେଡିଂ, ପିଠାପୁର, **କଟକ** ପାଇଁ ଆବଶ୍ୟକ। ପ୍ରାର୍ଥିନୀ କଟକରେ ରହୁଥିବେ।
**ଯୋଗାଯୋଗ:**
ଫୋନ୍- ୯୦୯୦୦୩୦୦୨୪

**DUHITA AGRO EXPORT PVT LTD**
**RECRUITMENT NOTICE**
**Name of Post: HEAD OF THE PROJECT**
**Qualification:** Graduation (Preference will be given to MBA in Finance/Marketing/HR).
**Experience:** Minimum 15 years Managerial Experience in Operation, Sales & Marketing and Procurement & Managing of Staff of Cashew Processing Unit.
**Salary Package:** CTC Rs 10 Lakh /Annum.
Job based on Aditya Cashew Processing Plant, Tentulipatana, Dhenkanal.
Interested candidates may E-Mail their CV to **md@daeltd.co.in**
For further clarification please visit: **https://daeltd.co.in**
**Contact: 7381557001**

**WATER CORPORATION OF ODISHA**
**OFFICE OF THE CHIEF EXECUTIVE OFFICER, WATCO**
Ground Floor, Unnati Bhawan Near Satyanagar Fly Over Bridge, Bhubaneswar-751001,Odisha, India, Telefax: +91-674-2391444
E Mail: ceowatcoodisha@gmail.com
EOI Identification No. CEO, WATCO-31-23/24 Dated:25.09.2023
WATCO No.5823, Dated 25.09.2023
**NOTICE INVITING EXPRESSION OF INTEREST (EOI) FOR SUB-SOIL UTILITY SURVEY FOR THE WORK "IMPROVEMENT OF EXISTING WATER DISTRIBUTION NETWORK IN ALL THE WATER DISTRIBUTION SYSTEM IN AREAS-X AND AREA-XIII OF CHENNAI METROPOLITAN WATER SUPPY & SEWERAGE BOARD**
**No.C-1493:**Water Corporation of Odisha (WATCO) is a state PSU under the administrative control of Department of Housing & Urban Development Department, Government of Odisha, which was incorporated under the sec.8 of Companies Act, 2013 on 24.11.2015. At present, it is proposed for Subsoil utility survey for indicating underground water supply pipe line, T-junction, valve position, power cable , optical fiber cable and Latitude & longitude for T-junction with respect to available ground control point of CMWSSB.
The proposal for the above work is invited from the interested firms having their office in any town of India in prescribed format so as to reach to the undersigned on or before 04.10.2023 by 5.00 PM. For detail enquiry, the firms may visit our website www.watcoodisha.in. The management reserves the right to accept / reject the application without assigning any reason thereof.
**Sd./- Chief Executive Officer, WATCO**
OIPR-13194/11/0052/2324

**SBI** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚାପଗ୍ରସ୍ତ ପରିସମ୍ପତ୍ତି ଅସୁଲି ଶାଖା–I, ୧ମ ମହଲା, ୨୩, ନଜଫଗଡ଼ ରୋଡ୍, ନୂଆଦିଲ୍ଲୀ–୧୧୦୦୧୫, ଟେଲି: ୦୧୧-୨୫୪୧୯୧୭୭, ୨୫୪୧୨୯୭୭, ଇ-ମେଲ: sbi.05169@sbi.co.in

**(ନିୟମ - ୮ (୧) ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଏକ ଡିମାଣ୍ଡ ନୋଟିସ ତାରିଖ: ୨୦।୦୬।୨୦୨୩ ଜାରି କରି ଋଣଗ୍ରହୀତା **ଶ୍ରୀମତୀ ସ୍ୱର୍ଣ୍ଣଲତା ରାଉତଙ୍କୁ** ଉକ୍ତ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶି ଟ.୧,୦୦,୯୮,୯୭୮.୦୦ ଓ ତା୦୭।୦୬।୨୦୨୩ରିଖରୁ ଲାଗୁ ସୁଧ (ଏକ କୋଟି ଅଠାନବେ ହଜାର ନଅଶହ ଅଠସ୍ତରି ଟଙ୍କା ମାତ୍ର) ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।
ଋଣଗ୍ରହୀତା ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉକ୍ତ ଅଧିନିୟମର ଧାରା ୧୩(୪) ସହିତ ପଠନପୂର୍ବକ ଉକ୍ତ ନିୟମାବଳୀର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ୨୨ ସେପ୍ଟେମ୍ବର ୨୦୨୩ ଦିନ ଏଥିସହିତ ବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି ।
ବିଶେଷଭାବେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ଟ.୧,୦୦,୯୮,୯୭୮.୦୦ (ଏକ କୋଟି ଅଠାନବେ ହଜାର ନଅଶହ ଅଠସ୍ତରି ଟଙ୍କା ମାତ୍ର) ଏବଂ ତା୦୭।୦୬।୨୦୨୩ରିଖଠାରୁ ଲାଗୁ ସୁଧ ଏବଂ ତାହା ବାବଦୀୟ ଖର୍ଚ୍ଚ ଇତ୍ୟାଦିକୁ ଚାର୍ଜ କରାଯିବ ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**
**ସମ୍ପତ୍ତିର ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ରାଉତ**
ଆପାର୍ଟମେଣ୍ଟ ନଂ. ୧୦୦୨, ୧୦ମ ମହଲା, ଟାୱାର–ଏ, ପାର୍କ ଭିଉ ଆନନ୍ଦ, ସେକ୍ଟର–୮୧, ଗୁଡ଼ଗାଓଁ (ହରିୟାଣା)
ତାରିଖ: ୨୨।୦୯।୨୦୨୩, ସ୍ଥାନ: ନୂଆଦିଲ୍ଲୀ — ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଭାରତ ସରକାର**
**ପୂର୍ବ ତଟ ରେଳପଥ**
**ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ**
**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୫୯୨ — ତା.୧୨.୦୯.୨୦୨୩ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ଼ ଜିଲ୍ଲାର ବିମଳାଗଡ଼ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା ହାତୀବିନ୍ଧା, ଥାନା-ଖମାର, ଥାନା ନମ୍ବର-୧୮ରୁ ଏକର ୦୭୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଇଅଛି । ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବିବାଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।
ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିସେସଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ ।
**୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ଟିକଟ) ଅନୁଗୁଳ-୭୫୯୧୨୩**

**ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**
ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.: ୧୮, ତହସିଲ: ପାଲଲହଡ଼ା, ମୌଜା: ହାତୀବିନ୍ଧା

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ଲଟ୍ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ୍ ମୋଟ ରକବା (ଏକରରେ) | ପ୍ଲଟ୍ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୪୧/୦୩ | ୪୭୨/୬୬୪ | ଘରବାରି | ହରେକୃଷ୍ଣ ବେହେରା, ପି: ନକୁଳ ବେହେରା, ଜା: ତଅଁଳା, ବା: ନିଜଗାଁ | ୦.୪୮୦ | ୦.୧୮୦ | |
| ୨ | ୪୧/୦୫ | ୪୦୩/୬୬୫ | ଘରବାରି | ଶଶୀଭୂଷଣ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଅଁଳା, ବା: ନିଜଗାଁ | ୦.୫୦୦ | ୦.୨୦୦ | |
| ୩ | ୪୧/୦୪ | ୪୦୩/୬୬୬ | ଘରବାରି | ଲିଙ୍ଗରାଜ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଅଁଳା, ବା: ନିଜଗାଁ | ୦.୩୬୦ | ୦.୧୮୦ | |
| ୪ | ୪୧/୦୪ | ୪୭୨/୬୬୭ | ଘରବାରି | ଲିଙ୍ଗରାଜ ବେହେରା, ପି: ହରେକୃଷ୍ଣ ବେହେରା, ଜା: ତଅଁଳା, ବା: ନିଜଗାଁ | ୦.୧୨୦ | ୦.୧୨୦ | |
| ୫ | ୪୧/୫୧ | ୪୭୨/୬୬୭/୭୩୧ | ଘରବାରି | କାଦମ୍ବିନୀ ବେହେରା, ସ୍ୱା: ଜ୍ୟୋତିନ୍ଦ୍ର ବେହେରା, ଜା: ତଅଁଳା, ବା: ଦେହୁରୀପଡ଼ା | ୦.୦୨୦ | ୦.୦୨୦ | |
| | | | | ମୋଟ | ୧.୪୮୦ | ୦.୭୦୦ | |

ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ
PR-72/CG/23-24

**THE HIGH COURT OF ORISSA, CUTTACK**
**STORE AND PURCHASE SECTION**
**EXPRESSION OF INTEREST**
File No.III-A-07/2017 EOI No.-15248 Dtd. 26.09.2023
Expression of Interest in sealed cover along with requisite documents is invited from interested and experienced Agency/ Organisation for running Cafeteria along with running, procuring and making of the articles displayed in the Souvenir shop in the Museum of Justice, Killa Fort, Cuttack.
For details of EOI, Terms and Conditions etc. please visit Court's website www.orissahighcourt.nic.in. (EOI No. 15248/ 26.09.2023)
Last date of submission of EOI -10.10.2023 up to 3 P.M.
Opening date- 10.10.2023 at 5 P.M.
Sd./- Registrar (Judicial)
High Court of Orissa, Cuttack

**DISTRICT PROJECT MANAGEMENT UNIT, (MDM) BALASORE**
No.11345/MDM/Date 26.09.2023
**TENDER CALL NOTICE**
**(Engagement of Manpower Service Providing Agency for providing Programmer-cum-Accountant & Data Entry Operators)**
**No.n-189:**Sealed tenders are invited from reputed and Registered Manpower Service Providing Agency to provide 01 Programmer-cum-Accountant & 13 nos of Data Entry Operators (DEOs) for MDM Scheme who are to be engaged at 12 BEO offices at Block HQ and 2 at DPMU, MDM, Balasore for a period of one year. The interested Bidders shall submit the technical &. financial Bid along with tender paper cost of Rs. **10,000/-** (non refundable) latest by **17.10.2023 (5.00 P.M)** at the office of the District Education Officer, Balasore. Tender papers shall be opened on **18.10.2023 at 11.00 A.M.** at the Office Chamber of Collector & District Magistrate, Balasore. For detailed terms & conditions, kindly visit district website www.baleswar.nic.in.The authority reserves the right to reject any or all tenders without assigning any reason thereof.
**Sd./- Collector & District Magistrate, Balasore**
OIPR-27060/11/0003/2324

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆଇସିସି ଦ୍ୱିତୀୟ ଇଣ୍ଡିଆ ମାଇନିଂ କନ୍‌କ୍ଲେଭ୍ ୨୦୨୩, ମେ ଫେୟାର କନ୍‌ଭେନଶନ, ପୂର୍ବାହ୍ନ ୧୦ଟା ୩୦।
- ଏଥେନା ବୁକ୍ସ ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ, ଭାରତୀୟ ବିଦ୍ୟା ଭବନ, ୟୁନିଟ-୩, ପୂର୍ବାହ୍ନ ୧୦ଟା ୪୫।
- ଜି ସାର୍ଥକର ପାର୍ବଣ ମହୋତ୍ସବ, ହୋଟେଲ ପଦ୍ମଜା ପ୍ରିମିୟମ୍, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା।
- ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ ମିଳିତ ମଞ୍ଚର ଶୋଭାଯାତ୍ରା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ୍ ଟ୍ରଷ୍ଟ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ମେଘ ବରଷିଲା ଟୁପୁରୁ ଟୁପୁରୁ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ପୋଲିସ ଉପସ୍ଥିତିରେ ସଂଘବଦ୍ଧ ଆକ୍ରମଣ

ମାହାଙ୍ଗା, ୨୬।୯ (ଯଯାତି ସିଂହ)

## ମାହାଙ୍ଗାରେ ବିଧାୟକ ବିରୋଧୀ-ସପକ୍ଷବାଦୀ ମୁହାଁମୁହିଁ



ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ ହତ୍ୟା, ଷଡ଼ଯନ୍ତ୍ର ଏବଂ ଧମକ ଦେବା ଅଭିଯୋଗରେ ମାମଲା ଚାଲିବ ବୋଲି ସୋମବାର ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରି କି ସେ ବିଧାୟକ ଥିବାରୁ ମାମଲାର ଶୁଣାଣି ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ହେବ ବୋଲି କୋର୍ଟ କହିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ବିଧାୟକଙ୍କ ସମର୍ଥକମାନେ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଅଭିଯୋଗକାରୀ ଏବଂ 'ଓଡ଼ିଶା ନ୍ୟାୟ ପାଇଁ ଲଢ଼େଇ' ପରିବାର ସଦସ୍ୟଙ୍କ ସ୍ୱର ଚାପିବା ପାଇଁ ବିଧାୟକଙ୍କ ସମର୍ଥକମାନେ ବିଭିନ୍ନ ସ୍ଥାନରେ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏହି ଘଟଣା ପରେ ମାହାଙ୍ଗା ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

ଅଭିଯୋଗ ଅନୁସାରେ ମଙ୍ଗଳବାର 'ଓଡ଼ିଶା ନ୍ୟାୟ ପାଇଁ ଲଢ଼େଇ' ପରିବାର ସଦସ୍ୟମାନେ ସାମ୍ବିଧାନିକ ଉପାୟରେ ବିଧାୟକ ପ୍ରତାପ ଜେନାଙ୍କ କୁଶ ପୁତ୍ତଳିକା ଦାହ ପାଇଁ ବ୍ଲକ ସମ୍ମୁଖରେ ପ୍ରସ୍ତୁତି କରୁଥିଲେ। ଏହି ସମୟରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ମିଶନ ଶକ୍ତି ମହିଳାଙ୍କୁ କେହି ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ଏହାକୁ ବିରୋଧ କରି ସେଠାରେ ଶତାଧିକ ମିଶନ ଶକ୍ତି ମହିଳା ପହଞ୍ଚିଥିଲେ। ଫଳରେ ନ୍ୟାୟ ପାଇଁ ଲଢ଼େଇ ଓ ମିଶନ ଶକ୍ତି ମହିଳା ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଗଣ୍ଡଗୋଳକୁ ଏଡ଼ାଇବା ପାଇଁ ନ୍ୟାୟ ପାଇଁ ଲଢ଼େଇ ପରିବାରର ସମ୍ପାଦକ ଦିଲୀପ ସାହୁଙ୍କୁ ସେଠାରୁ ଚାଲିଯିବା ପାଇଁ ବୁଝାଶୁଝା କରି କୁଆଁପାଳ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ନେଇଥିଲେ। ହେଲେ ମିଶନ ଶକ୍ତି ମହିଳାମାନେ ଏକଜୁଟ ହୋଇ କୁଆଁପାଳ ବସଷ୍ଟାଣ୍ଡରେ ପହଞ୍ଚି ଦିଲୀପ ସାହୁଙ୍କୁ କ'ଣ ପାଇଁ କମେଣ୍ଟ ମାରୁଥିଲ ବୋଲି ପଚାରିବାବେଳେ ସେ ମାହାଙ୍ଗା ମିଶନ ଶକ୍ତି ମହିଳା ସଂଘର ସଭାନେତ୍ରୀ ସୁସ୍ମିତା ଦାସଙ୍କୁ ଅଶାଳୀନ ବ୍ୟବହାର କରିବା ସହ କୁଆଡ଼େ ତାଙ୍କ ହାତକୁ କାମୁଡ଼ି ପେଲାଠେଲା କରିଥିଲେ, ଯାହାକୁ ନେଇ ଉତ୍ତ୍ୟକ୍ତ ମହିଳାମାନେ ଦିଲୀପଙ୍କୁ ମାଡ଼ ମାରିବା ପାଇଁ ଗୋଡ଼ାଇଥିଲେ। ଏହାକୁ ଦେଖି କେତେଜଣ ଯୁବକ ମଧ୍ୟ ସାହୁଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ମାହାଙ୍ଗା ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ସାହୁଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ପରେ

### ତାତିଲେ ମିଶନ ଶକ୍ତି ମହିଳା

ମହିଳାମାନେ ସାହୁଙ୍କ ସମର୍ଥକ ରାମଚନ୍ଦ୍ର ବେହେରାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟ ଦିଲୀପ ଏବଂ ରାମଚନ୍ଦ୍ର ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅପରପକ୍ଷରେ ମିଶନ ଶକ୍ତି ମହିଳାଙ୍କୁ ତୁରନ୍ତ ନ୍ୟାୟ ନ ମିଳିଲେ ଆସନ୍ତା ଦିନରେ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ରାମଚନ୍ଦ୍ର ବେହେରାଙ୍କୁ ଯୋଗାଯୋଗ କରିବାରୁ ବିଧାୟକଙ୍କ ସମର୍ଥକମାନେ ଆକ୍ରୋଶମୂଳକ ଭାବେ ତାଙ୍କୁ ଆକ୍ରମଣ କରିଥିବା କହିଛନ୍ତି। ସେହିପରି ନ୍ୟାୟ ପାଇଁ ଲଢେଇ ପରିବାରର ସଂପାଦକ ଦିଲୀପ ସାହୁଙ୍କୁ ଯୋଗାଯୋଗ କରିବାରୁ ମୁଁ ଅସୁସ୍ଥ ଅଛି କହି ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇନଥିଲେ ।

## ୨୫ଦିନରେ ରାଜଧାନୀରୁ ୧.୪୯ କୋଟି ଲୁଟିଲେ ସାଇବର ଠକ

**ଭୁବନେଶ୍ୱର, ୨୬।୯ (ସତ୍ୟଜିତ୍ ରାଉତ):** ରାଜ୍ୟରେ ସାଇବର ଠକେଇ କମୁନାହିଁ। ସଚେତନତା ଓ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ପ୍ରତିଦିନ କେଉଁଠି ନା କେଉଁଠି ଲୋକେ ଠକେଇର ଶିକାର ହେଉଥିବା ଅଭିଯୋଗ ହେଉଛି। ଏବେ ପାର୍ବଣ ଋତୁରେ ସାଇବର ଅପରାଧୀ ଆହୁରି ଅଧିକ ସକ୍ରିୟ ହୋଇପଡିଥିବା ଜଣାପଡ଼ିଛି। ରାଜଧାନୀରେ ଚଳିତ ମାସ ସେପ୍ଟେମ୍ବରରେ ଏପର୍ଯ୍ୟନ୍ତ ୧୪ଟି ମାମଲା ରୁଜୁ ହୋଇଥିବାବେଳେ ୧ କୋଟି ୪୯ ଲକ୍ଷ ୪୮ ହଜାର ଟଙ୍କା ଲୁଟି ନେଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୋସିଆଲ ମିଡିଆ ଟେଲିଗ୍ରାମ୍‌ରେ ରୋଜଗାର ଦେବା, ଚାକିରି ଦେବା ଆଦି ବିଭିନ୍ନ ଆଳରେ ଏହି ଠକେଇ ହୋଇଥିବା ଜଣାପଡ଼ିଛି। ତେବେ ପାର୍ବଣ ଋତୁ ଚାଲିଥିବାରୁ ସାଇବର ଅପରାଧୀଙ୍କ ଜାଲରେ ନ ପଡ଼ିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## କଲେଜରେ ଅଧ୍ୟାପକମାନେ ୭ ଘଣ୍ଟା ଉପସ୍ଥିତ ରହିବେ

**ଭୁବନେଶ୍ୱର, ୨୬।୯ (ଅସମାପିକା ସାହୁ):** କଲେଜରେ ଅଧ୍ୟାପକଙ୍କ ଦୈନିକ ଉପସ୍ଥାନ ୭ଘଣ୍ଟା ରଖିବାକୁ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ବୈଠକରେ ସୁପାରିସ କରାଯାଇଛି। ଗତ ୧୬ ତାରିଖରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିଲା। ଯେଉଁଥିରେ ଅଧ୍ୟାପକଙ୍କ ଉପସ୍ଥାନ ଉପରେ ଗୁରୁତ୍ୱ ଦିଆଯାଇଛି। ଅଧ୍ୟାପକମାନେ ୭ଘଣ୍ଟା ରହୁଛନ୍ତି କି ନାହିଁ ତା'ର ମାସିକିଆ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ସେହିଭଳି ବୈଠକରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅତିକମ୍‌ରେ ୭୫% ରଖିବାକୁ ଗୁରୁତ୍ୱାରୋପ ଦିଆଯାଇଛି। ଏଥିସହିତ ଭଲ ନାକ୍ ଗ୍ରେଡ୍ ପାଇଥିବା କଲେଜକୁ ଭିତ୍ତିଭୂମି ପାଇଁ ଅଧିକ ଅର୍ଥ ମିଳିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ସମ୍ପ୍ରସାରଣ ହେବ ଭକ୍ତନିବାସ

**ପୁରୀ, ୨୬।୯ (ଅଜିତ ମହାନ୍ତି):** ବଡ଼ଦାଣ୍ଡ ନୀଳାଦ୍ରି ଭକ୍ତ ନିବାସ ପଛ ପାର୍ଶ୍ୱରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିରେ ପ୍ରବଚନ କକ୍ଷ, ପ୍ରସାଦସେବନ କକ୍ଷ ଏବଂ ୧୫୦ କକ୍ଷ ବିଶିଷ୍ଟ ଭକ୍ତନିବାସ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ନୀଳାଦ୍ରି ଭକ୍ତ ନିବାସ ପଛ ପାର୍ଶ୍ୱରେ ଥିବା ୩୨ ଏକର ଜମି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ପାଇଁ ବ୍ୟବହାର କରାଯିବ। ସେହି ଜମିରୁ ନୀଳାଦ୍ରି ଭକ୍ତ ନିବାସ ୧.୫୧୯ ଜମି ସଂରକ୍ଷଣ ରଖାଯାଇ ପ୍ରବଚନ କକ୍ଷ, ପ୍ରସାଦ ସେବନ କକ୍ଷ ସହ ଭକ୍ତ ନିବାସ ନିର୍ମାଣ କରାଯିବ। ରଥଯାତ୍ରା ସମୟରେ ନୀଳାଦ୍ରି ଭକ୍ତ ନିବାସରେ ଶ୍ରୀମନ୍ଦିର କାର୍ଯ୍ୟ ସହିତ ଜଡ଼ିତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ରହଣି ପାଇଁ ଯଥେଷ୍ଟ ହେଉ ନ ଥିବାରୁ ନୀଳାଦ୍ରି ଭକ୍ତ ନିବାସର ପୁନର୍ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର ସୂଚନା ଦେଇଛନ୍ତି।




ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ମଙ୍ଗଳବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ସଚେତନତା ବାର୍ତ୍ତା ସମ୍ବଳିତ ବାଲୁକା କଳା।

# ଗାଁ କଲ୍ୟାଣ ପାଣ୍ଠିକୁ ୟୁସି ଦେଉନାହାନ୍ତି ବିଡିଓ

କଟକ ସଦର, ୨୬।୯
(ସୁଶାନ୍ତ କୁମାର ଜେନା)

୨୦୨୧ - ୨୦୨୨ ଆର୍ଥିକ ବର୍ଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ପାଇଁ ପ୍ରତ୍ୟେକ ଗାଁ କଲ୍ୟାଣ ସମିତି ପାଣ୍ଠିରୁ ୫ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ହୋଇଥିଲା।

ଏହି କ୍ରମରେ ୨୦୨୧ ଡିସେମ୍ବର ୯ରେ ସଦର ବିଡିଓଙ୍କ ନିର୍ଦ୍ଦେଶ ଅନୁସାରେ ଏହି ବ୍ଲକ ଅନ୍ତର୍ଗତ ୧୧୪ଟି ଗାଁ କଲ୍ୟାଣ ସମିତି ପାଣ୍ଠି ପ୍ରତ୍ୟେକ ୫,୦୦୦ ଟଙ୍କା ଲେଖାଏ କଟକ ସଦର ବିଡିଓଙ୍କ ଆକାଉଣ୍ଟରେ ଜମା କରିଥିଲେ। ଇତିମଧ୍ୟରେ ଦେଢ଼ ବର୍ଷ ବିତିଯାଇଥିଲେ ସୁଦ୍ଧା ବ୍ଲକ କାର୍ଯ୍ୟାଳୟ ତରଫରୁ ସମ୍ପୃକ୍ତ ଗାଁ କଲ୍ୟାଣ ସମିତିକୁ ବିନିଯୋଗ ପ୍ରମାଣପତ୍ର(ୟୁସି) ଦିଆଯାଇ ନାହିଁ। ଫଳରେ ପରବର୍ତ୍ତୀ ବର୍ଷର ଅନୁଦାନ ପାଇବା ପାଇଁ ଠିକ୍ ସମୟରେ ୟୁସି ଦାଖଲ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଏ ସମ୍ପର୍କରେ କଟକ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୧, ୧୧୨/୧୬।୯।୨୦୨୩ରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ କଟକ ସଦର ସମେତ ଜିଲାର ୧୪ ବ୍ଲକ ଆକାଉଣ୍ଟରେ ଗାଁ କଲ୍ୟାଣ ସମିତିର ସଭାପତି ଏବଂ ଅଙ୍ଗନୱାଡ଼ି କେନ୍ଦ୍ରର ସମ୍ପାଦିକାମାନେ ୯୭ ଲକ୍ଷ ୬୦ହଜାର ଟଙ୍କା ୨୦୨୨ ଜାନୁୟାରୀ ମାସରେ ଜମା କରିଥିଲେ। ହେଲେ ଅଦ୍ୟାବଧି କୌଣସି ଗୋଟିଏ ହେଲେ ବ୍ଲକ ବିନିଯୋଗ ପ୍ରମାଣ ପତ୍ର ଦେଉନାହାନ୍ତି ବୋଲି ଜିଲା ଜନସ୍ୱାସ୍ଥ୍ୟ ପ୍ରକଳ୍ପ ଅଧିକାରୀ ଦୀପକ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପତ୍ର ସଂଖ୍ୟା ୧୬,୬୨୨/୨।୧୨।୨୦୨୧ ଅନୁସାରେ ଜନସ୍ୱାସ୍ଥ୍ୟ ସମ୍ବନ୍ଧିତ ଖର୍ଚ୍ଚପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ହଜାର ଟଙ୍କା ସହ ଜାତୀୟ ସ୍ୱାସ୍ଥ୍ୟ ମିଶନର ୧୦ହଜାର ଟଙ୍କା ଏଭଳି ମୋଟ ୧୫ ହଜାର ଟଙ୍କା ଲେଖାଏ ପ୍ରତ୍ୟେକ ଗାଁ କଲ୍ୟାଣ ସମିତି ଆକାଉଣ୍ଟକୁ ଆସିଥିଲା। ଉକ୍ତ ଟଙ୍କାରୁ ୫ହଜାର ଟଙ୍କା ଲେଖାଏ ପ୍ରତି ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ବଣ୍ଟନ ପାଇଁ ସ୍ୱତନ୍ତ୍ର ଶିବିର ଆୟୋଜନ କରିବାକୁ କୁହାଯାଇଥିଲା। ଏପରି କି ଉକ୍ତ ୫ହଜାର ଟଙ୍କାକୁ ବ୍ଲକ ଆକାଉଣ୍ଟରେ ଜମା କରିବାକୁ ବିଡିଓ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଗାଁ କଲ୍ୟାଣ ସମିତି ପକ୍ଷରୁ ଟଙ୍କା ଦାଖଲ ହୋଇଥିଲା। ହେଲେ ଉକ୍ତ ଟଙ୍କାର ବିନିଯୋଗ ପତ୍ର ଏଯାବତ୍ କୌଣସି ଗାଁ କଲ୍ୟାଣ ସମିତିକୁ ବିଡିଓ ଦାଖଲ କରି ନ ଥିବା ସୂଚନା ଅଧିକାର ବଳରେ ଗତ ୧୬ତାରିଖରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜାଣିବାକୁ ମିଳିଛି। ଏସମ୍ପର୍କରେ ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ସାହୁଙ୍କୁ ପଚାରିବାରୁ ଏନେଇ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

## ଗ୍ୟାସ୍ ସିଲିଣ୍ଡର ନିଆଁ ଲାଗି ମହିଳା ଗୁରୁତର

ବାରଙ୍ଗ, ୨୬।୯ (ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅଧୀନ ବଛିପୁର ଗ୍ରାମରେ ଗ୍ୟାସ ସିଲିଣ୍ଡର ଲିକ୍‌ରୁ ଅଗ୍ନିକାଣ୍ଡ ଘଟିବାରୁ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଛି। ଏଥିସହ ରୋଷେଇ ଘରେ ଥିବା ସମସ୍ତ ସାମଗ୍ରୀ ପୋଡ଼ିଯାଇଛି। ପ୍ରକାଶ ଯେ, ମଙ୍ଗଳାବାର ସନ୍ଧ୍ୟା ସମୟରେ ଗ୍ରାମର ରାଜେନ୍ଦ୍ର ବେହେରାଙ୍କ ସ୍ତ୍ରୀ ପୁଷ୍ପଲତା ରୋଷେଇ ଘରେ ରୋଷେଇ କରୁଥିଲେ। ଏହି ସମୟରେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡର ଲିକ୍ ହୋଇ ହାଠାତ୍ ନିଆଁ ଜଳିବାକୁ ଲାଗିଥିଲା। ନିଆଁ ଲିଭାଇବାକୁ ଯାଇ ପୁଷ୍ପଲତା ଆହତ ହୋଇଛନ୍ତି। ଅନ୍ୟପଟେ ନିଆଁର ମାତ୍ରା ବଢିବା ଦେଖି ପରିବାର ଲୋକ ଦମକଳକୁ ଖବର ଦେଇଥିଲେ। ବାରଙ୍ଗରୁ ଏକ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ରୋଷେଇ ଘରେ ଥିବା ସମସ୍ତ ଆସବାବପତ୍ର ଜଳିଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡରେ ୩୦ ହଜାରରୁ ଅଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବାର ପରିବାର ପକ୍ଷରୁ କୁହାଯାଇଛି।

## ଡିସେମ୍ବର ୩୧ ଯାଏ 'ମୋ ଖତ' ରିହାତି ବଢିଲା

ଭୁବନେଶ୍ୱର, ୨୬। ୯ (ବନ୍ଦନା ସେଠୀ)

ଜୈବିକ କମ୍ପୋଷ୍ଟ 'ମୋ ଖତ' ବ୍ୟବହାର ବଢାଇବା ପାଇଁ କେଜି ପିଛା ୧୦ଟଙ୍କା ରିହାତି କରାଯାଇଥିଲା। ଏହି ରିହାତି ସୁବିଧା ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଙ୍ଗଲ ଓ ପରିବେଶ ବିଭାଗ, କୃଷି ବିଭାଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ସଂଖ୍ୟାଲଘୁ ଏବଂ ପଛୁଆ ଶ୍ରେଣୀ କଲ୍ୟାଣ ବିଭାଗ, ହସ୍ତତନ୍ତ ବିଭାଗ ସମେତ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଝାରୁଦ୍ଦିନ୍



@ ବର୍ଷା



@ ଅନିଲ



@ ସୁବାଶିଷ



@ ଶ୍ରଦ୍ଧାଞ୍ଜଳି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁବକଙ୍କ ଗଳାକାଟି ହତ୍ୟା

ନିମାପଡ଼ା, ୨୬।୯ (ବିଚିତ୍ରାନନ୍ଦ ସାହୁ)/
ପିପିଲି (ପ୍ରଭାତ ମହାପାତ୍ର)



ପିପିଲି ନିକଟ ନିମାପଡ଼ା ଥାନା ଅଧୀନ ରେଞ୍ଚଠାରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ପିପିଲି ଥାନା ଅଧୀନ ଶିରିଆପୁର ଗ୍ରାମର ବାସୁଦେବ ଓଝା(୩୫)। ଖବରପାଇ ଅତିରିକ୍ତ ଏସ୍‌ପି ବିଷ୍ଣୁ ପତି, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ବାମଦେବ ସ୍ୱାଇଁ, ଏଏସ୍‌ଆଇ ଶିଶିର ମହାନ୍ତି ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଯୁବକଙ୍କ ମୃତଦେହ ସହ ବାଇକ୍ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ପହଞ୍ଚିବ ବୋଲି ଏସ୍‌ଡିପିଓ ମିଶ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଯୁବକ ଜଣଙ୍କ ଘରୁ ରେଞ୍ଚ ଶାସନ ଗ୍ରାମପଞ୍ଚାୟତର ଖରିଜା ସାହି ଗ୍ରାମକୁ ଯାଇଥିଲେ। ଯୁବକଙ୍କ ଗଳାକୁ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ହତ୍ୟା କରିଯାଇଥିବା ସ୍ଥାନୀୟ ସରପଞ୍ଚ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ମହାନ୍ତି, ସ୍ଥାନୀୟ ବାସିନ୍ଦା ଭାଗବତ ସାହୁ, ନରେନ୍ଦ୍ର ସାହୁ, ଅର୍ଜୁନ ଭୋଇ ପ୍ରମୁଖ କହିଛନ୍ତି। ଘଟଣାସ୍ଥଳରେ ମୃତକଙ୍କ ରକ୍ତଭିଜା ଶରୀର ଦେଖି ଜନ ମହଲରେ ଆତଙ୍କ ସୃଷ୍ଟି ହୋଇଛି। ତେବେ ହତ୍ୟାର କାରଣ ଜଣା ପଡ଼ିନାହିଁ। ସୂଚନା ଅନୁସାରେ, ବାସୁଦେବଙ୍କ ଶ୍ୱଶୁର ଘର ରେଞ୍ଚ ଅଞ୍ଚଳରେ ବୋଲି ଚର୍ଚ୍ଚା ହେଉଛି।

# ୬୭ ଅଙ୍କ ପ୍ରଚଳନ, ୧୪୩୧ ସାଲ ପ୍ରବେଶ

ପୁରୀ, ୨୬।୯ (ଅଜିତ ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ମଙ୍ଗଳବାର ଅବସରରେ ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୫ ଅଙ୍କ ଶେଷ ହୋଇଥିବାବେଳେ ସୁନିଆ ଅବସରରେ ୬୭ ଅଙ୍କ ଆରମ୍ଭ ଏବଂ ୧୪୩୧ ସାଲ ପ୍ରବେଶ କରିଛି। ଗଜପତିଙ୍କ ଶାସନରେ ଶୂନ (୦) ଏବଂ ୬କୁ ଗଣନା କରାଯାଏନାହିଁ। ତେଣୁ ୬୬ ଅଙ୍କ ପରିବର୍ତ୍ତେ ୬୭ ଅଙ୍କ ଗଣନା କରାଯାଇଛି। ଉତ୍କଳୀୟ ସାଂସ୍କୃତିକ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଉତ୍କଳ ନବବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ଲୋକଙ୍କ ଜାତକର ବର୍ଷ, ମାସ, ତାରିଖ ତିଥି ଓ ନକ୍ଷତ୍ର ଗଜପତିଙ୍କ ନାମରେ ଉଲ୍ଲେଖ ହୋଇଥାଏ। ସୁନିଆଠାରୁ



ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ ଅବସରରେ ଗଜପତି ରାଜା ଏବଂ ଅନ୍ୟମାନେ।

ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା ହୋଇଥାଏ। ସୁନିଆ ଅବସରରେ ମଙ୍ଗଳବାର ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଝୋଟି ପକାଯାଇଥିଲା। ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା। ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ

### ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ

ନୀତି ସମ୍ପନ୍ନ କରାଯାଇଥିଲା। ଏହାପରେ ଏକ ସୁନା ମୋହରରେ ୬୭ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ଷୋଳଶାସନ ବ୍ରାହ୍ମଣମାନେ ଗଜପତିଙ୍କୁ ଗୋଟିଏ ଲେଖାଏ ନଡ଼ିଆ ଭେଟିଦେଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ଗଜପତିଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ଗବେଷକଙ୍କ ସୂଚନା ଅନୁଯାୟୀ, ସୁନିଆରେ ଗଜପତି ମହାରାଜାଙ୍କ ନବବର୍ଷର ଆରମ୍ଭ ହୋଇଥାଏ। ଚଳିତ ବର୍ଷ ଗଜପତି ମହାରାଜାଙ୍କ ୬୭ ଅଙ୍କ ପ୍ରଚଳନ ହେଲା ଓ ୧୪୩୧ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ବୈଶାଖୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୱାହିଦାଙ୍କୁ ଗୁରୁ ଦତ୍ତ ଦେଇଥିଲେ ସୁଯୋଗ



**ମୁମ୍ବାଇ:** ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ୱାହିଦା ରେହମାନ ୧୯୫୫ ମସିହାରେ ହାଇଦ୍ରାବାଦରେ ରାସ୍ତାରେ ଯାଉଥିବା ବେଳେ ଭାରତୀୟ ଫିଲ୍ମ ନିର୍ମାତା ଗୁରୁ ଦତ୍ତଙ୍କ ନଜର ତାଙ୍କ ଉପରେ ପଡ଼ିଥିଲା। ସେ କିଏ ବୋଲି ପ୍ରଶ୍ନ କରିବାରୁ ଜଣେ ବିତରକ ତେଲୁଗୁ ଚଳଚ୍ଚିତ୍ର 'ରୋଜୁଲୁ ମାରାଇ'ର ନୃତ୍ୟଶିଳ୍ପୀ ବୋଲି କହିଥିଲେ। ପରେ ଦତ୍ତ ତାଙ୍କୁ ଦେଖା କରିବାକୁ ଆଗ୍ରହ ଜଣାଇ ତାଙ୍କ ଅଫିସକୁ ରେହମାନଙ୍କୁ ଡାକିଥିଲେ। ୱାହିଦା ଅତି ସାଧାରଣ ପୋଷାକ ପିନ୍ଧିଥିଲେ। ଏପରିକି ଓଠରେ ଲିପ୍‌ଷ୍ଟିକ ମଧ୍ୟ ଲଗାଇ ନ ଥିଲେ। ସେତେବେଳେ ଦତ୍ତ ତାଙ୍କ ସହ ୩ ବର୍ଷର ଚୁକ୍ତି କରିଥିଲେ। ୱାହିଦା ୧୯୫୫ରେ ୨ଟି ତେଲୁଗୁ ସିନେମା 'ରୋଜୁଲୁ ମାରାଇ' ଏବଂ 'ଜୟସିମା'ରେ ଅଭିନୟ କରିଥିଲେ। ପରେ ୨ ତାମିଲ ଚଳଚ୍ଚିତ୍ରରେ ମଧ୍ୟ ନୃତ୍ୟଶିଳ୍ପୀର ଅଭିନୟ କରିଥିଲେ। ଏହାପରେ ୧୯୫୬ରେ ଗୁରୁ ଦତ୍ତଙ୍କ ନିର୍ମିତ ତଥା ରାଜ ଖୋସ୍‌ଲାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସିଆଇଡି' ମାଧ୍ୟମରେ ଦତ୍ତ ୱାହିଦାଙ୍କୁ ହିନ୍ଦୀ ଦର୍ଶକଙ୍କ ସହ ପରିଚିତ କରାଇଥିଲେ। ଫିଲ୍ମରେ ପ୍ରସିଦ୍ଧ ଅଭିନେତା ଦେବ ଆନନ୍ଦଙ୍କ ସହ ୱାହିଦା ଏକାଠି ନଜରକୁ ଆସିଥିଲେ। ଏଥିରେ ଦେବ ଆନନ୍ଦ ପୋଲିସ ଭୂମିକାରେ ଅଭିନୟ କରିଥିଲେ। ୱାହିଦା ନୃତ୍ୟ କରୁଥିବାରୁ ସେ ଅଭିନୟ ବାବଦରେ ବେଶି ଜାଣି ନ ଥିଲେ। ପରେ ସେ ଦତ୍ତଙ୍କ ନିର୍ଦ୍ଦେଶିତ ସିନେମା 'ପ୍ୟାସା'ରେ ମୁଖ୍ୟ ଚରିତ୍ରରେ ନଜରକୁ ଆସିଥିଲେ। ୱାହିଦା ହିନ୍ଦୀ ସିନେମାରେ କାମ କରିବାକୁ ଚାହୁଁଥିଲେ। ଏହାପରେ ସେ ଅନେକ ହିନ୍ଦୀ ଫିଲ୍ମ, କିଛି ବଙ୍ଗାଳି, ମାଲାୟଲମ୍, ତେଲୁଗୁ ଏବଂ ଇଂଲିଶ ଫିଲ୍ମରେ ମଧ୍ୟ କାମ କରିଛନ୍ତି।

**20th Birthday**



**BAISAKHI SETHY**

Wishing you a many many happy returns of the day. Stay blessed, stay happy always.

ଧ-୧୪୧୧

# ପ୍ଲାଷ୍ଟିକ୍ ବୋତଲର ଭାସମାନ ଦ୍ୱୀପ



**ମେକ୍ସିକୋ ସିଟି:** ପୃଥିବୀର ଅନେକ ସ୍ଥାନରେ ଦ୍ୱୀପ ଅବସ୍ଥିତ, ଯାହାକି ପ୍ରାକୃତିକ। ହେଲେ ନିକଟରେ ଜଣେ ବ୍ୟକ୍ତି ଏକ ଦ୍ୱୀପ ତିଆରି କରିଛନ୍ତି। ଏବେ ତାଙ୍କ ତିଆରି ଦ୍ୱୀପକୁ ଆସୁଥିବା ପର୍ଯ୍ୟଟକଙ୍କ ମାଧ୍ୟମରେ ଟଙ୍କା ରୋଜଗାର କରୁଛନ୍ତି। ରିପୋର୍ଟ ମୁତାବକ, ମେକ୍ସିକୋର ବାସିନ୍ଦା ରିଚାର୍ଡ ସୋୱା ପୂର୍ବରୁ ଜଣେ କାର୍ପେଣ୍ଟର ଥିଲେ। ସେ ୧୩ ବର୍ଷ ବିଲ୍ଡର କାମ କରିବା ପରେ ପରିବେଶ ସମ୍ବନ୍ଧୀୟ କିଛି ତିଆରି କରିବାକୁ ନିଷ୍ପତ୍ତି ନେଲେ। ସେ ତାଙ୍କର ଭାସମାନ ଦ୍ୱୀପକୁ ସାହାରା ଦେବାକୁ ଦେଢ଼ ଲକ୍ଷ ପ୍ଲାଷ୍ଟିକ ବୋତଲକୁ ବ୍ୟବହାର କରିଛନ୍ତି, ଯେଉଁ ବୋତଲକୁ ଲୋକେ ଅଳିଆ ଭାବେ ଫିଙ୍ଗି ଦେଇଥିଲେ। ରିଚାର୍ଡ କହିଛନ୍ତି, ସେ ୬ ବର୍ଷ ପୂର୍ବେ ମେକ୍ସିକୋରେ ଏକ ଦ୍ୱୀପ ତିଆରି କରିଥିଲେ। ଏହାକୁ ମେରିଟାଇମ୍ ଅଫିସରଙ୍କ ସହିତ ଏକ ଇକୋଲୋଜିକାଲ ବୋଟ୍ ଭାବେ ରେଜିଷ୍ଟର ମଧ୍ୟ କରିଛନ୍ତି। ଏହି ଦ୍ୱୀପକୁ ଅନେକ ସାମୁଦ୍ରିକ ଜୀବ ତାଙ୍କ ବାସସ୍ଥାନ ବୋଲି ମାନନ୍ତି। ଏଥିସହ ସେଠାରେ ଅନେକ ପ୍ରକାର ଫୁଲଗଛ ମଧ୍ୟ ଲଗାଇଛନ୍ତି। ଧୀରେ ଧୀରେ ଏହି ଦ୍ୱୀପ ଆତ୍ମନିର୍ଭରଶୀଳ ହେବାକୁ ଲାଗିଛି। ଏଠାକୁ ଆସୁଥିବା ଅନେକ ପର୍ଯ୍ୟଟକଙ୍କଠାରୁ ସେ ରୋଜଗାର କରୁଛନ୍ତି। ସେହି ଟଙ୍କାରେ ସେ ନିଜର ଖର୍ଚ୍ଚ ତୁଲାଉଛନ୍ତି। ଏହି ଦ୍ୱୀପରେ ମନୁଷ୍ୟ ବ୍ୟବହୃତ କରୁଥିବା ସମସ୍ତ ଜିନିଷ ମହଜୁଦ ରହିଛି। ଏଠାରେ ରିଚାର୍ଡଙ୍କ ଏକ ଘର ମଧ୍ୟ ରହିଛି। ତା' ଛାତରେ ସେ ଏକ ସୋଲାର ପ୍ୟାନେଲ ମଧ୍ୟ ଲଗାଇଛନ୍ତି, ଯାହା ଫ୍ରିଜ୍ ଏବଂ ଷ୍ଟୋଭ ଭଳି ଉପକରଣକୁ ବିଦ୍ୟୁତ୍ ଦେଇଥାଏ। ବର୍ଷା ପାଣି ଚାଲୁଥିବା ଏକ ସିଙ୍କ୍, କମ୍ପୋଷ୍ଟ ପାଇଖାନା ଏବଂ ଏକ ସାୱାର ମଧ୍ୟ କରିଛନ୍ତି। ସେ ଦ୍ୱୀପରେ ଅନେକ ଜିନିଷର ଆବିଷ୍କାର କରିଛନ୍ତି। ତାଙ୍କ ପାଖରେ ଏକ ଡଙ୍ଗା ଅଛି, ଯାହା ବୋତଲରେ ପ୍ରସ୍ତୁତ ହୋଇଛି।

# ପୂଜା ହେଗ୍‌ଡେଙ୍କ ବିବାହ ଚର୍ଚ୍ଚା



**ମୁମ୍ବାଇ:** ସାଉଥ୍ ଅଭିନେତ୍ରୀ ପୂଜା ହେଗ୍‌ଡେ ତାଙ୍କ ଅଭିନୟର ଯାଦୁ ବଳରେ ମନୋରଞ୍ଜନ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ ହୋଇପାରିଛନ୍ତି। ତାଙ୍କ ସୋସିଆଲ ଏବଂ ବ୍ୟକ୍ତିଗତ ଜୀବନୀକୁ ନେଇ ସେ ଅନେକ ସମୟରେ ଚର୍ଚ୍ଚାର ପରିସରକୁ ଆସିଥାନ୍ତି। ତେବେ ନିକଟରେ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। କୁହାଯାଉଛି, ସେ ଖୁବ୍‌ଶୀଘ୍ର ବିବାହ କରିବେ। ଏକ ରିପୋର୍ଟରେ ଦର୍ଶାଯାଇଛି, ପୂଜା ମୁମ୍ବାଇର ଜଣେ କ୍ରିକେଟରଙ୍କୁ ବିବାହ କରିବାକୁ ଯାଉଛନ୍ତି। ହେଲେ ଏହାର କୌଣସି ତାରିଖ ଘୋଷଣା ହୋଇନାହିଁ। ପୂର୍ବରୁ ମଧ୍ୟ ପୂଜାଙ୍କ ନାମ କର୍ଣ୍ଣାଟକର ଜଣେ କ୍ରିକେଟରଙ୍କ ସହ ଯୋଡ଼ାଯାଇଥିଲା। ପରେ ତାହା ଗୁଜବ ବୋଲି ପୂଜା କହିଥିଲେ। ସେ ୨୦୧୨ରେ ତାମିଲ ମୁଭି 'ମୁଗାମୋଡ଼ି'ରେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୩ଟି ଫିଲ୍ମ କରିବା ପରେ ୨୦୧୬ରେ ଅଭିନେତା ହୃତିକ ରୋଶନଙ୍କ ସହ ସେ ଫିଲ୍ମ 'ମହେଞ୍ଜୋଦାରୋ'ରେ ବଲିଉଡ୍ ଡେବ୍ୟୁ କରିଥିଲେ। ଏହା ପରେ ସେ ଅନେକ ତେଲୁଗୁ ଫିଲ୍ମରେ କାମ କରିଛନ୍ତି। ପରେ ହିନ୍ଦୀ ସିନେମା ୨୦୧୯ରେ ହାଉସଫୁଲ ୪, ୨୦୨୨ରେ ସର୍କସରେ ନଜରକୁ ଆସିଛନ୍ତି। ଶେଷଥର ପାଇଁ ତାଙ୍କୁ ୨୦୨୩ରେ ବଲିଉଡ୍ ଭାଇଜାନ୍ ସଲମାନ ଖାନ୍‌ଙ୍କ 'କିସି କା ଭାଇ କିସି କି ଜାନ୍'ରେ ଦେଖିବାକୁ ମିଳିଥିଲା। ସେତେବେଳେ ମଧ୍ୟ ସଲମାନ ଏବଂ ପୂଜା ପରସ୍ପରଙ୍କୁ ଡେଟ୍ କରୁଥିବା ଖବର ସାମ୍ନାକୁ ଆସିଥିଲା।

**Classified Everyday**
0674-2580101, 2549949



MATRIMONIAL

GROOM WANTED

Age-34, Govt. ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7787907421. D-1410

47 ବର୍ଷର ମହିଳା, P.N.B Bankରେ କାର୍ଯ୍ୟରତ। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। 7656973285. D-1413



REAL ESTATE

SALE

Duplex sale at Bhubaneswar @ 57 lakhs only. Contact: 9777433701. D-75223

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ 30' road, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। 7894216209. D-75215

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604. D-75222



CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1384





RCC Godown 1600sqft. near Kesura (Puri Bypass), Bhubaneswar. Contact: 9853093344. D-71693

On Janpath 2300 and 1450sqft. fully furnished AC Commercial Officespace on 3rd floor. Lift available. 8598923231, 9437023231. D-71063





Newly open SPA positively health benefits with expert therapist. 9938843929. D-75150

Full body massage in homely atmosphere in all therapy. Mob: 8114881641. D-73444

Relax, Refresh your body, Mind at Saikrupa Spa with best therapies. 8984068077. D-1358

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75042

Spa Kerala body Massage only best Therapist @699/- Bhubaneswar. 9337672475. D-1364

**LOST**

Sale Deeds Lost- By virtue of an affidavit sworn before Notary, Dhenkanal, I, Sudhir Kumar Samal, aged 61 years S/o. Late Adhikari Samal, At/PO: Kharagprasad, PS-Motanga, Dist.-Dhenkanal do hereby state that the original copy of RSD No. 10501502493/2015, from Bhaskar Ch. Nath and others, A 7.80 dec., Mouza-Kharagprasad, Tahasil- Odapada, Dist.-Dhenkanal executed my favour at Sub-Registrar, Dhenkanal got misplaced and couldn't be traced out despite repeated search and it is beyond recovery. As such, lodged Dhenkanal Town PS, GD No. 013, dtd. 15.09.23 to that effect. This declaration regarding untraceability of the above mentioned Sale Deeds is required for all official purposes, which I have obtained a certified copy of the Sale Deeds may kindly be treated as original. D-74096

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଇପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୨୧ ବର୍ଷ ହେଲା ପାର୍କ ବନ୍ଦ



**ବର୍ଲିନ୍:** ବିଭିନ୍ନ ଅଞ୍ଚଳରେ ଲୋକଙ୍କ ପାଇଁ ଅନେକ ପାର୍କ ରହିଥାଏ। ହେଲେ ବର୍ଲିନ୍‌ରେ ଏପରି ଏକ ପାର୍କ ରହିଛି, ଯାହା ଦୀର୍ଘ ୨୧ ବର୍ଷ ଧରି ବନ୍ଦ ପଡ଼ିଛି। ପାର୍କର ନାମ ସ୍ପ୍ରି ପାର୍କ ଏବଂ ଏହା ଏକ ମନୋରଞ୍ଜନଭିତ୍ତିକ ପାର୍କ। ପାର୍କଟି ଖାଲି ପଡ଼ିବାରୁ ଏବେ ଏହାର ଥିମ୍ ବହୁ ଆତଙ୍କଜନକ ଭଳି ଲାଗୁଛି। ଏଠାରେ ଥିବା ବଡ଼ ବଡ଼ ଜିନିଷରେ କଳଙ୍କି ଲାଗି ଗଲାଣି। ରିପୋର୍ଟ ମୁତାବକ, ଏହି ପାର୍କ ୧୯୬୯ରେ ନିର୍ମାଣ କରାଯାଇଥିଲା। ପୂର୍ବରୁ ଏଠାକୁ ଅନେକ ଲୋକ ବୁଲିବାକୁ ଆସୁଥିଲେ। ହେଲେ ଥରେ ସେଠାରେ ଏକ ବଡ଼ ଧରଣର ଡ୍ରଗ୍ସ କାରବାର ଧରାପଡ଼ିବାରୁ ପାର୍କକୁ ସେପରି ଛାଡ଼ି ଦିଆଗଲା। ବର୍ଲିନର ସ୍ପ୍ରି ନଦୀ ପାଖରେ ଥିବା ଏହି ପାର୍କରେ ଏବେ ବି ଅନେକ ପ୍ରକାର ଖେଳନା ଥିବା ଦେଖିବାକୁ ମିଳିବ। ପୂର୍ବରୁ ଏହାର ନାମ କୁଲଟୁର୍ ପାର୍କ ପ୍ଲାଣ୍ଟରୱାଲ୍ଡ ରଖାଯାଇଥିଲା। ୭୦ ଦଶକରେ ଏହି ପାର୍କ ଅଧିକ ଜଣାଶୁଣା ଥିଲା। ବହୁସଂଖ୍ୟାରେ ଲୋକ ଏଠାକୁ ବୁଲିବାକୁ ଆସୁଥିଲେ। ସେତେବେଳେ ପାର୍କକୁ ପୂର୍ବ ଜର୍ମାନୀର କମ୍ୟୁନିଷ୍ଟ ସରକାର ଦେଖାଶୁଣା କରୁଥିଲା। ୧୯୯୧ରେ ପାର୍କର ସଞ୍ଚାଳକ ନୋର୍ବେର୍ଟ ୱିଟେ ଏହାକୁ ତାଙ୍କ ଅଧୀନକୁ ନେଇଗଲେ। ପରେ ସେ ଏହି ପାର୍କର ନାମ ବଦଳାଇ ସ୍ପ୍ରି ପାର୍କ ରଖିଦେଲେ। ଏହାପରେ ଅନେକ ମନୋରଞ୍ଜନଭିତ୍ତିକ ପାର୍କ ତିଆରି ହେବାରୁ ସରକାର ମଧ୍ୟ ଏହାର ଦେଖାଶୁଣା କରିବା ବନ୍ଦ କରିଦେଲେ। ଧୀରେ ଧୀରେ ପାର୍କରେ ଲୋକଙ୍କ ସଂଖ୍ୟା ମଧ୍ୟ କମିବାକୁ ଲାଗିଲା। ପରେ ୱିଟେ ଡ୍ରଗ୍ସ ମାମଲାରେ ଧରାପଡ଼ିଲେ। ଏହାପରେ ୨୦୦୨ରେ ଏହି ପାର୍କକୁ ବନ୍ଦ କରିଦିଆଗଲା।

**ମନେ ପଡ଼ନ୍ତି**

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



୰ ପ୍ରଦିପ୍ତ କୁମାର ମହାନ୍ତି
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।

ରାନୁ (ପତ୍ନୀ), ମିଟୁ, ଗଣ୍ଟୁ (ପୁତୁରା), ମାମୁନି (ଝିଅ), ପବନ (ଜ୍ୱାଇଁ), ବବ୍‌ଲୁ (ନାତି), କୁବୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ

ଧ-୧୪୦୬

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ସ୍ମୃତିରଞ୍ଜନ ମିଶ୍ର (ପପୁ)
ତଡାସ ରାମହଂସପୁର, ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭ (ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫ (ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)

ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୩୯୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ବୃନ୍ଦାବନ ପ୍ରଧାନ
ଆବିର୍ଭାବ: ୦୧।୦୧।୧୯୩୨
ତିରୋଧାନ: ୧୭।୦୯।୨୦୨୩

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରର୍ଥନା।

ଶୋକସନ୍ତପ୍ତ:- ଗୌରୀ ମା, ପ୍ରକାନ୍ତି ପ୍ରଧାନ, ବାବୁଆ -ରୋଜି, ଆବୁଆ- ରାନୁ, ବସନ୍ତ -ବିଦ୍ଧୁ, ବାବୁଲି- ଚାରୁ, ଖୋକ-ଚିନା, ସୁବାସ -ଜାପାନି, ରିଙ୍କୁ-ଶ୍ରଦ୍ଧା, ଚିଙ୍କୁ, ବନ୍ଧୁ ଓ ପରିବାରବର୍ଗ।

ଧ-୧୩୯୬

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ନିରଞ୍ଜନ ରାୟ
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ: ୦୪.୦୯.୨୦୧୭ (ଶୁକ୍ଳପକ୍ଷ ତ୍ରୟୋଦଶୀ)

ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

ଧ-୧୪୦୭

**ମୁଲାୟମଙ୍କ ପ୍ରତିମୂର୍ତ୍ତି ହଟାଗଲା**

ହାର୍ଦୋଇ: ପୂର୍ବରୁ ଅନୁମତି ନିଆ ନ ଯାଇ ଉତ୍ତରପ୍ରଦେଶର ହାର୍ଦୋଇରେ ଥିବା ସମାଜବାଦୀ ପାର୍ଟି କାର୍ଯ୍ୟାଳୟ ନିକଟରେ ଦଳର ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ନଗରପାଳିକା ପରିଷଦ ନୋଟିସ ଦେଇ ଏହାକୁ ହଟାଇଦେଇଛି। ମୁଲାୟମଙ୍କ ୬ ଫୁଟ୍ ଉଚ୍ଚର ପ୍ରତିମୂର୍ତ୍ତି ନଗରପାଳିକା ପରିଷଦ କାର୍ଯ୍ୟାଳୟ ନିକଟ ପାର୍ଟି ଅଫିସଠାରେ ଏକ ପ୍ଲାଟ୍‌ଫର୍ମରେ ସ୍ଥାପନ ହୋଇଥିଲା। ଦଳର ଜିଲା ସଭାପତି ବୀରେନ୍ଦ୍ର ଯାଦବ ଏହାକୁ ସ୍ଥାପନ କରିଥିଲେ। ଏନେଇ ପୌର ପ୍ରଶାସନ ଗତ ୨୩ ତାରିଖରେ ଯାଦବଙ୍କୁ ନୋଟିସ ଦିଆଯାଇଥିଲା।

## ନବୀନଙ୍କୁ ଶୂନ ମାର୍କ ମିଳିବ: ଜୟନାରାୟଣ

ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)

ଏକ ଜାତୀୟ ଗଣମାଧ୍ୟମ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ କେତେକାଂଶରେ କେନ୍ଦ୍ର ସରକାରଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟ ପୁଣି ଥରେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ବଢ଼ାଇଦେଇଛି। ତେବେ ଏହି କାର୍ଯ୍ୟକ୍ରମ ଅବସରରେ ବିକାଶମୂଳକ କାମ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ୧୦ରୁ କେତେ ମାର୍କ ଦେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଥିଲା। ମୋଦିଙ୍କୁ ସେ ୮ ମାର୍କ ଦେଇଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ କାମକୁ ଦେଖିଲେ ନବୀନଙ୍କୁ ୧୦ରୁ ୦ ମାର୍କ ମିଳିବ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଙ୍ଗଳବାର କହିଛନ୍ତି।

ଜୟନାରାୟଣ କହିଛନ୍ତି, ନବୀନଙ୍କୁ ୧୦ରୁ ଶୂନ ମିଳିବା କଥା। ରାଜ୍ୟରେ ସେମିତି କାମ ତ ଦେଖିପାରୁନୁ। ରାଜ୍ୟରେ ବିପିଏଲ୍ ସଂଖ୍ୟା ବଢ଼ିଚାଲିଛି। ସ୍କୁଲ ଏବଂ ଶିକ୍ଷା ଯାହା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା କଥା ଦୁଇଟି ଯାକ ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। କେନ୍ଦ୍ର ସରକାରଙ୍କ ଟଙ୍କାରେ ଯାହା ସବୁ ହେଉଛି ସେଥିରୁ କେବଳ ନାଁ ନେବାକୁ ସେମାନେ ଚେଷ୍ଟା କରୁଛନ୍ତି। ସବୁ କ୍ଷେତ୍ରରେ ଏମାନେ ବିଫଳ, ଏପରିକି କିଛି କ୍ଷେତ୍ର ଅଛି ଯେଉଁଥିରେ ଏ ସରକାର ସଫଳତା ହାସଲ କରିପାରିଛି। ଦାରିଦ୍ର୍ୟରେ ଝାଡ଼ଖଣ୍ଡ ପରେ ଓଡ଼ିଶା ରହିଛି। ନାରୀ ନିର୍ଯାତନା ଏବଂ ଦୁର୍ନୀତିରେ ଓଡ଼ିଶା ଏବେ ଭାରତବର୍ଷରେ ପ୍ରଥମ ସ୍ଥାନରେ ରହିଛି। ମୋଦି ସରକାର ଲେସ୍ କରପଟେଡ୍ ହେଲେ ନବୀନ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି ବୋଲି ସେ କହିଛନ୍ତି।

ଜୟନାରାୟଣଙ୍କ ପ୍ରତିକ୍ରିୟା ଉପରେ ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ଭାଜପା ବାଲାଙ୍କ ନିଷ୍ପତ୍ତି କିଭଳି ହେବ ସେକଥା ସେମାନେ ହିଁ ସ୍ପଷ୍ଟୀକରଣ ଦେଇପାରିବେ। ସେମାନେ କହିପାରିବେ ଏ ସରକାର କ'ଣ ସବୁ ଭୁଲ୍ କରିଛନ୍ତି ଯେଉଁଥିଲାଗି ଲୋକମାନେ ରାଜ୍ୟରେ ୫ ଥର ସରକାରରେ ବସାଇଲେଣି। କିନ୍ତୁ ସାଧାରଣରେ ସରକାରଙ୍କ ଭୁଲ୍ ଭ୍ରାନ୍ତି ଦେଖୁଥିଲେ ୨୩ ବର୍ଷର ସରକାର ରାଜ୍ୟରେ ନ ଥାଆନ୍ତା। ତେଣୁ ଭାଜପା ବାଲାଙ୍କ ମାର୍କ ଦରକାର ନାହିଁ କାରଣ ଲୋକମାନେ ବିଜେଡିକୁ ଯାହା ଦେବା କଥା ଦେଉଛନ୍ତି ବୋଲି ଶଶିଭୂଷଣ କହିଛନ୍ତି।

**ଦଳ କର୍ମକର୍ତ୍ତାଙ୍କୁ ଚିଠି ଲେଖିଲେ ନବୀନ**

# ଅକ୍ଟୋବର ୨ରୁ ବିଜେଡିର ପଦଯାତ୍ରା

ଭୁବନେଶ୍ୱର,୨୬।୯(ଅନିଲ ଦାସ)

ଚଳିତ ବର୍ଷ ବିଜୁ ଜନତା ଦଳ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏ 'ଜନସମ୍ପର୍କ ପଦଯାତ୍ରା' ପାଳନ କରିବ। ଅକ୍ଟୋବର ୨ ତାରିଖରେ 'ଗାନ୍ଧୀ ଜୟନ୍ତୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ', ଅକ୍ଟୋବର ୯ ତାରିଖରେ 'ଉତ୍କଳମଣି ଗୋପବନ୍ଧୁ ଦାସ ଜୟନ୍ତୀ' ଏବଂ ଅକ୍ଟୋବର ୧୧ ତାରିଖରେ 'ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ' ପାଳନ ସହିତ ଏ ବର୍ଷର 'ଜନସମ୍ପର୍କ ପଦଯାତ୍ରା' ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦଳର ସମସ୍ତ ଛାମୁଆ ସଙ୍ଗଠନର ରାଜ୍ୟ,



ନବୀନ ପଟ୍ଟନାୟକ

ଜିଲା ଓ ବ୍ଲକ ସଭାପତିଙ୍କ ସମେତ ବିଧାୟକ, ଏମ୍‌ପି, ପର୍ଯ୍ୟବେକ୍ଷକ ଓ ଦଳୀୟ ରାଜ୍ୟ କର୍ମକର୍ତ୍ତାମାନଙ୍କୁ ଏ ସମ୍ପର୍କରେ ଚିଠି ଲେଖିଛନ୍ତି । ଅକ୍ଟୋବର ୧୨ରୁ ମାସେବ୍ୟାପୀ ଦଳର ସକ୍ରିୟ

**ଅକ୍ଟୋବର ୧୨ରୁ ମାସେବ୍ୟାପୀ ହେବ ପ୍ରଶିକ୍ଷଣ ଶିବିର**

ସଦସ୍ୟମାନଙ୍କୁ ନେଇ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଜିଲା ପରିଷଦ ଜୋନସ୍ତରୀୟ ଓ ପୌରାଞ୍ଚଳସ୍ତରରେ ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ବୈଠକ ଓ ଜନସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ୱାର୍ଡରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ବାର୍ତ୍ତା ପହଞ୍ଚାଯିବ ବୋଲି ନବୀନ କହିଛନ୍ତି। ସେହିପରି ରକ୍ତଦାନ, ବୃକ୍ଷରୋପଣ ଭଳି ସାମାଜିକ ଓ ପରିବେଶ ପ୍ରତିବଦ୍ଧତାର କାର୍ଯ୍ୟକ୍ରମ ମଧ୍ୟ କରାଯିବ । ଡିସେମ୍ବର ୨୬ରେ ଦଳର ୨୭ତମ ପ୍ରତିଷ୍ଠା ଦିବସ ନିର୍ବାଚନମଣ୍ଡଳୀସ୍ତରରେ ପାଳନ କରାଯିବ। ଏହି ଅବସରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଓଡ଼ିଶାର ବିକାଶକୁ ଶୀର୍ଷ ସ୍ଥାନକୁ ନେବା ପାଇଁ ସଂକଳ୍ପ ନିଆଯିବ। ଏହି ପଦଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ଜିଲା ପର୍ଯ୍ୟବେକ୍ଷକ ଓ ଜିଲା ସଭାପତିମାନେ ତଦାରଖ କରିବେ। ଏହି ସାଙ୍ଗଠନିକ କାର୍ଯ୍ୟକ୍ରମରେ ଦଳର ସବୁ ଛାମୁଆ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ପଞ୍ଚାୟତ ଓ ପୌର ନିର୍ବାଚିତ ଲୋକ ପ୍ରତିନିଧି, ବିଧାୟକ ଓ ଏମ୍‌ପିମାନେ ସାମିଲ ହେବା ପାଇଁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ କାର୍ଯ୍ୟକ୍ରମ କିଭଳି ସୁଚାରୁରୂପେ ପ୍ରତ୍ୟେକ ସ୍ତରରେ ସମ୍ପନ୍ନ ହେବ ତା'ର ସବିଶେଷ ବିବରଣୀ ତାଙ୍କୁ ଜଣାଇବାକୁ ଦଳର ସଭାପତି ପରାମର୍ଶ ଦେଇଛନ୍ତି ।

## ବହୁ ଭାଜପା ବିଧାୟକ ବାଡ଼ ଡେଇଁବେ: ଦିଗ୍‌ବିଜୟ

ଭୋପାଳ,୨୬।୯ : ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ପାଇଁ ନିର୍ବାଚନ ଚଳିତ ବର୍ଷ ଶେଷରେ ଅନୁଷ୍ଠିତ ହେବ। ୭୮ଟି ଆସନରେ ଭାଜପା ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତେବେ ରାଜ୍ୟରେ ନିର୍ବାଚନ ପୂର୍ବରୁ ଭାଜପାରେ ବୃଦ୍ଧି ପାଉଥିବା ବିଦ୍ରୋହ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂଙ୍କ ଏକ ଦାବି ନେଇ ସେଠାକାର ରାଜନୈତିକ ମହଲ ସରଗରମ ହୋଇଛି। ଦିଗ୍‌ବିଜୟ କହିଛନ୍ତି, ବହୁ ଭାଜପା ନେତା କଂଗ୍ରେସରେ ଯୋଗ ଦେବାକୁ ଚାହୁଁଛନ୍ତି। କାରଣ ବିଧାନସଭା ନିର୍ବାଚନରେ ଭାଜପା ନେତାମାନେ ପରାଜୟ ଆଶଙ୍କାରେ କଂଗ୍ରେସରେ ଯୋଗଦେବାକୁ ଆଗ୍ରହୀ ଅଛନ୍ତି। ଅପରପକ୍ଷରେ ଦୀର୍ଘ ୧୮ ବର୍ଷ ଧରି ମଧ୍ୟପ୍ରଦେଶରେ କ୍ଷମତାରେ ଥିବା ଭାଜପା ସରକାର ଏବଂ ଏହାର ମନ୍ତ୍ରୀମାନେ ପାପ ଧୋଇ ପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଶ୍ଚିତ ଅଛନ୍ତି କି ବୋଲି



ଦିଗ୍‌ବିଜୟ ସିଂ

ସେ ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମ ସହ ଆଲୋଚନା ବେଳେ ଦିଗ୍‌ବିଜୟ କହିଛନ୍ତି, ମଧ୍ୟପ୍ରଦେଶରେ ଭାଜପାକୁ କ୍ଷମତାରୁ ହଟାଇବାକୁ ଲୋକେ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଶାସକ ଦଳର ନେତା ହୃଦୟଙ୍ଗମ କରି ସାରିଲେଣି। ତେଣୁ ଏବେ ଭାଜପା ନେତାଙ୍କ ବାଡ଼ ଡିଆଁ କଂଗ୍ରେସ ଶିବିର ଆଡ଼କୁ ମୁହାଁଇଛି ବୋଲି ସେ କହିଛନ୍ତି।

## ବିନା ଆଲୋଚନାରେ ବିଲ୍ ପାରିତ ଅଭିଯୋଗ ଆଣି କଂଗ୍ରେସର ଗୃହତ୍ୟାଗ

ଭୁବନେଶ୍ୱର, ୨୬।୯(ସୁନିତ୍ ମିଶ୍ର)

ବିଧାନସଭା ଅଧିବେଶନ ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରମିଳା ମଲ୍ଲିକ ମନ୍ତ୍ରୀ ଉଷା ଦେବୀଙ୍କୁ ଓଡ଼ିଶା ମ୍ୟୁନିସିପାଲ ଆଇନ (ଆମେଣ୍ଡମେଣ୍ଟ) ବିଲ୍ ଉପସ୍ଥାପନା କରିବାକୁ କହିଥିଲେ। ମନ୍ତ୍ରୀ ଉଷା ଦେବୀ ବିଲ୍ ଉପସ୍ଥାପିତ କରିଥିବା ବେଳେ ଏନେଇ ବିରୋଧୀଙ୍କ ସହ ବିନା ଆଲୋଚନାରେ ପାସ୍ କରାଯାଇଥିବା କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଅଭିଯୋଗ ଆଣିଥିଲେ। ଯେତେବେଳେ ଗୋଟିଏ ବିଲ୍ ଉପସ୍ଥାପନ କରାଯାଏ ସେ ସମୟରେ ବିରୋଧୀଙ୍କୁ ନେଇ ଗୃହରେ ଆଲୋଚନା ହେବା କଥା। ଏହା କରା ନ ଯିବା କେତେଦୂର ଯୁକ୍ତିଯୁକ୍ତ। ଯଦି ବିରୋଧୀଙ୍କ ସହ ଆଲୋଚନା ନ କରି ବିଲ୍ ଗୃହରେ ପାସ୍ କରାଯିବ ତେବେ ବିରୋଧୀ ଗୃହରେ କାହିଁକି ରହିବେ ବୋଲି କହି କଂଗ୍ରେସ ସଦସ୍ୟମାନେ ଗୃହତ୍ୟାଗ କରିଥିଲେ। ଏହାପରେ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କୁ କଂଗ୍ରେସ ସଦସ୍ୟମାନଙ୍କୁ ବୁଝାଇ ଗୃହକୁ ଆଣିବା ଲାଗି ପଠାଇଥିଲେ। ହେଲେ କଂଗ୍ରେସ ସଦସ୍ୟମାନେ ରାଜିହୋଇ ନ ଥିଲେ। ଶେଷରେ ମନ୍ତ୍ରୀ ଖାଲି ହାତରେ ଫେରିଥିଲେ। ପରବର୍ତ୍ତୀ ସମୟରେ ଭାଜପା ସଦସ୍ୟମାନଙ୍କୁ ନେଇ ଏହି ବିଲ୍ ଉପରେ ଆଲୋଚନା ଚାଲିଥିଲା। ଭାଜପା ସଦସ୍ୟ ସୂର୍ଯ୍ୟବଂଶୀ ସୂରଜ ଏବଂ ମୁକେଶ ମହାଲିଙ୍ଗ ଏହି ବିଲ୍ ଉପରେ ନିଜର କିଛି ମତ ରଖିଥିଲେ। ସୂର୍ଯ୍ୟବଂଶୀ କହିଥିଲେ, ୱାର୍ଡ କମିଟି ଗଠନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ହେଲେ ଏହି କମିଟି ସକ୍ରିୟ ଭାବେ କାର୍ଯ୍ୟ କରିବା ଦରକାର । ଇତି ମଧ୍ୟରେ ଅନ୍ୟ ୫ଟି ବିଲ୍ ଗୃହରେ ପାରିତ କରାଯାଇଥିଲା।

## ବିଜେଡିରେ ଯାଜପୁରର ଶତାଧିକ ଭାଜପା କର୍ମୀ

ଭୁବନେଶ୍ୱର,୨୬।୯(ଅନିଲ ଦାସ)

ଯାଜପୁର ନିର୍ବାଚନମଣ୍ଡଳୀର ଭାଜପା ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌମ୍ୟରଞ୍ଜନ ଧଳ ଏବଂ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ହୃଷୀକେଶ ମେକାପଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମକର୍ତ୍ତା ମଙ୍ଗଳବାର ଶଙ୍ଖଭବନଠାରେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝି ଉପସ୍ଥିତ ରହି ସମସ୍ତ ଭାଜପା କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଧଳ ଏବଂ ମେକାପ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି । ଯାଜପୁର ଜିଲାରେ ଭାଜପା ଜିଲା ସଭାପତିଙ୍କ ମନମୁଖି କାର୍ଯ୍ୟ ଏବଂ ଦଳରେ କାମ କରିବାର ସୁଯୋଗ ମିଳୁ ନ ଥିବାରୁ କ୍ଷୋଭପ୍ରକାଶ କରି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ଓ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପା ଛାଡି ବିଜେଡିରେ ମିଶିଥିବା କର୍ମକର୍ତ୍ତାମାନେ ହେଲେ ଯାଜପୁର ନିର୍ବାଚନମଣ୍ଡଳୀର ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚାର ଉପସଭାପତି ମନୋରମା ମିଶ୍ର, ମାଳନ୍ଦାପୁର ଗ୍ରାମପଞ୍ଚାୟତର ୱାର୍ଡମେମ୍ବର ଅଶୋକ ଧଳ, ଶମ୍ଭୁନାଥ ଦାସ, ଭୁବନେଶ୍ୱରପୁର ଗ୍ରାମପଞ୍ଚାୟତର ସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ବେରୁଡ଼ା ମୋର୍ଚ୍ଚାର ସଦସ୍ୟ କାଞ୍ଚନବାଳା ସାମଲଙ୍କ ସହ ଶତାଧିକ କର୍ମକର୍ତ୍ତା ଓ କର୍ମୀ । ମୁଖପାତ୍ର ପ୍ରିୟବ୍ରତ ମାଝି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମୁଖପାତ୍ର ତୁମ୍ବନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ ।



ଶଙ୍ଖ ଭବନଠାରେ ମଙ୍ଗଳବାର ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ଭାଜପା କର୍ମୀ।

## ଲୋକ କଲ୍ୟାଣ ପାଇଁ ସମଗ୍ର ବିଶ୍ୱକୁ ସମବେତ କରିବା ଗର୍ବର ବିଷୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୯ (ସୁନିତ୍ ମିଶ୍ର)

ଦୁନିଆକୁ ଭାରତ ଏବଂ ଏହାର ଯୁବକମାନଙ୍କ ପ୍ରତିଭା ଓ ପ୍ରଦର୍ଶନ ସମ୍ପର୍କରେ ଜଣାଅଛି। ଦୁନିଆର ପ୍ରଗତି ପାଇଁ ଭାରତର ପ୍ରଗତି ଏବଂ ଭାରତୀୟ ଯୁବକଙ୍କ ପ୍ରଗତି ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଜି-୨୦ ବିଶ୍ୱବିଦ୍ୟାଳୟ ଯୋଗାଯୋଗ ସମାପନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏହା କହିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ଜି-୨୦ ପ୍ରେସିଡେନ୍ସିକୁ ସଫଳତାର ସହ ସମାପନ କରିଛି। ଲୋକ କଲ୍ୟାଣ ଲାଗି ସମଗ୍ର ବିଶ୍ୱକୁ




ସମବେତ କରାଯିବା ଆମ ପାଇଁ ଗର୍ବର ବିଷୟ। ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା, ମହାମାରୀର ପରବର୍ତ୍ତୀ ଅବସ୍ଥା, ଉର୍ଜା ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ଜିଓପଲିଟିକାଲ ସମସ୍ୟା ଭଳି ଅନେକ ପ୍ରତିକୂଳ ପରିସ୍ଥିତିରେ ଏହି ସମ୍ମିଳନୀ ସଫଳତାର ସହ ଶେଷ ହୋଇଛି। ଆମର କୂଟନୀତି ଓ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ଓ ବୈଶ୍ୱିକ ନେତୃତ୍ୱର ଛବି ଯୋଗୁ ବିଶ୍ୱ କଲ୍ୟାଣ ପାଇଁ ଏହି ସମ୍ମିଳନୀ ସଫଳ ହୋଇପାରିଛି। ଜି-୨୦ର ବିଷୟବସ୍ତୁ ବସୁଧୈବ କୁଟୁମ୍ବକମ୍‌ର ବିଚାରକୁ ଆଗକୁ ନେଇ ଗ୍ଲୋବାଲ ସାଉଥ୍‌ର ସ୍ୱରକୁ ଉପସ୍ଥାପିତ କରିବା ସହ ଆଫ୍ରିକୀୟ ଦେଶ ସମୂହକୁ ଜି-୨୦ର ସଦସ୍ୟ ଭାବରେ ଗ୍ରହଣ କରାଯିବା ଆଉ ଏକ ବଡ଼ ସଫଳତା ବୋଲି ସେ କହିଛନ୍ତି।

## ଡ୍ରୋନ୍ ସାହାଯ୍ୟରେ ଔଷଧ ସିଞ୍ଚନ

**ଗୋଟିଏ ଏକରକୁ ଲାଗିବ ୫ରୁ ୮ ମିନିଟ୍**

ଭବାନୀପାଟଣା,୨୬।୯
(ଉତ୍ତମ କୁମାର ଦାଶ)

ଗୋଟିଏ ଏକର ଚାଷଜମିରେ ଔଷଧ ସିଞ୍ଚନ କରିବା ପାଇଁ ଚାଷୀଙ୍କୁ ଅତି କମ୍‌ରେ ୪ରୁ ୫ ଘଣ୍ଟା ସମୟ ଲାଗୁଥିଲା। ହେଲେ ଡ୍ରୋନ୍ ମାଧ୍ୟମରେ ଏହି ପ୍ରକ୍ରିୟା ବ୍ୟବହାର କଲେ ତାହା ଚାଷୀଙ୍କୁ ମାତ୍ର ୫ରୁ ୮ ମିନିଟ୍ ସମୟ ଲାଗିବ। ବୈଜ୍ଞାନିକ ପଦ୍ଧତିରେ ନିର୍ମିତ ଏହି ଡ୍ରୋନ୍ ବ୍ୟବହାରକୁ ନେଇ ଚାଷୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖିବାକୁ ମିଳିଛି। ଏପରିସ୍ଥଳେ କଳାହାଣ୍ଡି ଜିଲା ଜୟପାଟଣାରେ ସ୍ଥାନୀୟ ଚାଷୀଙ୍କୁ ଏହାର ଏକ ଡେମୋ ପ୍ରଦର୍ଶନ କରାଯାଇଛି। ଏହି ଡ୍ରୋନକୁ ଗରୁଡା ଏରୋସ୍ପେଶରୁ ଅଣାଯାଇଥିବାବେଳେ ନାବାର୍ଡ ସହାୟତାରେ ମାଣିକ୍ୟ ଦେବୀ ଫିଶ୍ ପ୍ରଡ୍ୟୁସର ସ୍ଥାନୀୟ ଚାଷଜମିରେ ଏହାର ଡେମୋ ପ୍ରଦର୍ଶନ କରିଥିଲେ। ଚାଷୀମାନେ ବିଭିନ୍ନ ପ୍ରକାର କୀଟନାଶକ ସିଞ୍ଚନ କରିବା ପାଇଁ ୧୦ରୁ ୧୫ ଲିଟର ତରଳ ଔଷଧକୁ ବୋହି ଚାଷ ଜମିକୁ ଯାଇ ଅତିକଷ୍ଟରେ ଔଷଧ ସିଞ୍ଚନ କରୁଥିବାବେଳେ ଡ୍ରୋନ୍ ମାଧ୍ୟମରେ ଏହି ତରଳ ଔଷଧ ସିଞ୍ଚନ କଲେ କମ ସମୟ ମଧ୍ୟରେ ଓ ବିନା କଷ୍ଟରେ ଚାଷଜମିରେ ଔଷଧ ସିଞ୍ଚନ କରିପାରିବେ ବୋଲି ଉପସ୍ଥିତ ଅଧିକାରୀ ପ୍ରକାଶ କରିଥିଲେ।



**ଅନ୍ୟାନ୍ୟ ଖବର**

### କେନ୍ଦ୍ରର ନୀତି ଝିଅଙ୍କ ପାଇଁ ସୁଯୋଗର ନୂଆ ଦ୍ୱାର ଖୋଲିବ: ମୋଦି

ନୂଆଦିଲ୍ଲୀ,୨୬।୯

ପାର୍ଲାମେଣ୍ଟର ନୂଆ ବିଲ୍ଡିଂରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ ହୋଇ ଦେଶ ପାଇଁ ନୂଆ ଭବିଷ୍ୟତର ଶୁଭାରମ୍ଭ କରିଛି। ତାଙ୍କ ସରକାରଙ୍କ ଏହି ନୀତି ଝିଅମାନଙ୍କ ଲାଗି ସୁଯୋଗର ନୂଆ ଦ୍ୱାର ଖୋଲିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ଏକ ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ସରକାରଙ୍କ ବିଭିନ୍ନ ବିଭାଗରେ ୫୧,୦୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ପରେ ପ୍ରଧାନମନ୍ତ୍ରୀ ରୋଜଗାର ମେଳାରେ ଏହା କହିଛନ୍ତି। ଶାସନ କ୍ଷେତ୍ରରେ ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ଯୋଜନାରେ ପ୍ରଯୁକ୍ତିର ବ୍ୟବହାର ଯୋଗୁ ଦୁର୍ନୀତି ଓ ଜଟିଳତା ଦୂର ହେବା ସହ ବିଶ୍ୱସନୀୟତା ବୃଦ୍ଧି ପାଇଥିବା ପ୍ରଧାନମନ୍ତ୍ରୀ ନବନିଯୁକ୍ତ କର୍ମଚାରୀମାନଙ୍କୁ କହିଥିଲେ। 'ନାଗରିକ ପ୍ରଥମେ' ଲକ୍ଷ୍ୟ ନେଇ କାର୍ଯ୍ୟ କରିବା ସହ ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ପାଇଁ ଟେକ୍‌ନୋଲୋଜିର ଉପଯୋଗ କରିବାକୁ ମୋଦି ସେମାନଙ୍କୁ ପରାମର୍ଶ ଦେଇଥିଲେ।

### ଘର ନିକଟରେ ଦଳିଦେଲା ହାତୀ

ଅନୁଗୋଳ,୨୬।୯(ଅମିତ କୁମାର ସାମଲ)

ଘରୁ ସାଇକେଲ ନେଇ ଏକ କମ୍ପାନୀକୁ ଡ୍ୟୁଟି କରିବାକୁ ଯାଉଥିବା ଅନୁଗୋଳ ଜିଲା ବଣ୍ଟାରପାଳ ବ୍ଲକ ଗଡ଼ସନ୍ତ୍ରୀ ଗ୍ରାମ ବାଇଝାଲିଆ ସାହିର ପ୍ରଫୁଲ୍ଲ ଭୋଇ (୪୨)ଙ୍କୁ ମଙ୍ଗଳବାର ଭୋର୍ ସମୟରେ ଦଳିଦେଇଛି ହାତୀ। ଘରଠାରୁ ମାତ୍ର ୫ଶହ ମିଟର ଦୂରରେ ଘଟିଥିବା ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ବନ ବିଭାଗ ଅଧିକାରୀମାନେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା।

## ଆତଙ୍କବାଦ ମୁକାବିଲାରେ ରାଜନୈତିକ ସୁବିଧା ଆଧାର ହୋଇପାରିବ ନାହିଁ: ଜୟଶଙ୍କର

ନୂଆଦିଲ୍ଲୀ,୨୬।୯

ଆତଙ୍କବାଦ ବା ଉଗ୍ରବାଦର ମୁକାବିଲାରେ ରାଜନୈତିକ ସୁବିଧାକୁ ଆଧାର କରାଯାଇ ପାରିବ ନାହିଁ ବୋଲି ଜାତିସଂଘକୁ ଭାରତ କହିଛି। ନିୟମାବଳୀ ଆଧାରିତ ନିର୍ଦ୍ଦେଶ ଏବଂ ଜାତିସଂଘ ଚାର୍ଟରକୁ ସମ୍ମାନ ଦେବା ଲାଗି ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବିଶ୍ୱ ସମୁଦାୟଙ୍କୁ ଆହ୍ୱାନ ଦେଇଛନ୍ତି। ଜାତିସଂଘ ସାଧାରଣ ସଭାର ୭୮ତମ ଅଧିବେଶନରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ବୋଧନ ଦେଇ ଜୟଶଙ୍କର ଅନ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବାକୁ ରାଷ୍ଟ୍ରଗୁଡ଼ିକୁ କହିଛନ୍ତି। ଭାରତ-କାନାଡା କୂଟନୈତିକ ବିବାଦ ଏବଂ ଚାଇନା ସହ ଉତ୍ତେଜନା ଲାଗି ରହିଥିବାବେଳେ ଜୟଶଙ୍କର ଏହାର ସମାଲୋଚନା କରିଛନ୍ତି। ଦେଶ ଅମୃତ କାଳରେ ପ୍ରବେଶ କରିଥିବାବେଳେ ସ୍ୱାଧୀନତାକୁ ୧୦୦ ବର୍ଷ ପୂରିବା ପାଇଁ ଆଉ ୨୫ ବର୍ଷ ବାକି ରହିଛି। ଏହି ୨୫ ବର୍ଷ ଅମୃତ କାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ପଦକ୍ଷେପ ନିଆଯିବା ସହ ବୃହତ୍ ଅଗ୍ରଗତି ଓ ପରିବର୍ତ୍ତନ ଆସିବ। ଭାରତର ଐତିହାସିକ ତଥା ସଫଳ ଚନ୍ଦ୍ର ଅଭିଯାନ ଚନ୍ଦ୍ରୟାନ-୩ ବିଶ୍ୱକୁ ତାହାର ଏକ ଝଲକ ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି।

### ପୁଣି ବିରୋଧୀ-ଶାସକ ମୁହାଁମୁହିଁ: ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୨୬।୯(ଅନିଲ ଦାସ)

ବିଧାନସଭାରେ ଭାଜପା ଓ ବିଜେଡି ପୁଣି ମୁହାଁମୁହିଁ ହୋଇଛନ୍ତି। ପ୍ରଶ୍ନକୁ ଅଗ୍ରାହ୍ୟ କରାଯିବା ପ୍ରତିବାଦରେ ଭାଜପା ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। କଲାବ୍ୟାଜ୍ ପିନ୍ଧି ଗୃହର ମଧ୍ୟଭାଗକୁ ଆସି ସେମାନେ ପ୍ରତିବାଦ କରିଛନ୍ତି। ବାଚସ୍ପତି ଜାଣିଶୁଣି ଭାଜପା ସଦସ୍ୟଙ୍କ ପ୍ରଶ୍ନକୁ ଅଗ୍ରାହ୍ୟ କରି ଦେଉଥିବା ଭାଜପା ସଦସ୍ୟମାନେ ଅଭିଯୋଗ କରିବା ସହ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇ ଭାଜପାକୁ ବିଜେଡି ସଭ୍ୟମାନେ ଅନୁରୂପ ଢଙ୍ଗରେ କଡ଼ା ଜବାବ ଦେଇଥିଲେ। ଉଭୟ ବିରୋଧୀ ଓ ଶାସକ ଦଳ ସଦସ୍ୟଙ୍କ ହଙ୍ଗାମା ଯୋଗୁ ପ୍ରଥମାର୍ଦ୍ଧ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ବରବାଦ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରମିଳା ମଲ୍ଲିକ ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ ଭାଜପା ସଦସ୍ୟମାନେ ସେମାନଙ୍କ ପ୍ରଶ୍ନକୁ ଅଗ୍ରାହ୍ୟ କରାଯାଉଥିବା ଅଭିଯୋଗ ଆଣି କଲାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ। ଭାଜପାକୁ କାଉଣ୍ଟର କରିବାକୁ ଶାସକ ଦଳର ସଦସ୍ୟମାନେ କେନ୍ଦ୍ର ଅବହେଳା ସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଥିଲେ । ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହ ଦୁଇଟି ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ଦାନା ବାନ୍ଧୁଛି ଲଘୁଚାପ

ଭୁବନେଶ୍ୱର, ୨୬।୯
(ଅସମାପିକା ସାହୁ)

ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ। ଉତ୍ତର ଆଣ୍ଡାମାନ ସାଗରରେ ୨୯ ତାରିଖରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହୋଇ ଲଘୁଚାପର ରୂପ ନେବ। ଏହାର ପ୍ରଭାବରେ ୨୯ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ଉତ୍ତର-ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ପାଗ ଅନୁକୂଳ ରହିଲେ ଲଘୁଚାପ ଘନୀଭୂତ ହୋଇ ଅବପାତ କିମ୍ବା ଗଭୀର ଅବପାତରେ ପରିଣତ ହୋଇପାରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ଦୁଇଦିନ ପରେ ପ୍ରଶାନ୍ତ ମହାସାଗରରୁ ବଙ୍ଗୋପସାଗରକୁ ଘୂର୍ଣ୍ଣିବଳୟ ପ୍ରବେଶ କରିବ।

## ଓଡ଼ିଶା ଓକିଲଙ୍କ ଅନୁପସ୍ଥିତିକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ,୨୬।୯

ଏକ ବ୍ୟକ୍ତିଗତ ସ୍ୱାଧୀନତା ମାମଲାରେ ନୋଟିସ୍ ଦିଆଯିବା ସତ୍ତ୍ୱେ ଓଡ଼ିଶା ସରକାରଙ୍କ ସ୍ଥାୟୀ ଓକିଲ ଅନୁପସ୍ଥିତ ରହିବାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଷ୍ଟିସ୍ ବି.ଆର୍. ଗଭାଇ, ପି.ଏସ୍. ନରସିଂହ ଏବଂ ପି.କେ. ମିଶ୍ରାଙ୍କ ଖଣ୍ଡପୀଠ ଜାମିନ ସମ୍ପର୍କିତ ଏକ ପିଟିଶନ୍‌ର ଶୁଣାଣି କଲାବେଳେ ଓଡ଼ିଶା ପକ୍ଷରୁ ଆଇନଜୀବୀ ଉପସ୍ଥିତ ନ ଥିବାରୁ ଖପା ହୋଇଥିଲେ। ରାଜ୍ୟ ସରକାର ନୋଟିସ୍‌ର ଜବାବ ଦେବା ଲାଗି ଖଣ୍ଡପୀଠ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅପେକ୍ଷା କରିପାରିବେ ନାହିଁ। ନୋଟିସ୍ ପାଇବା ପରେ ଅଦାଲତରେ ହାଜର ହେବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଜାମିନ ପାଇଁ ଓଡ଼ିଶା ହାଇକୋର୍ଟ ଅନେକ ସର୍ତ୍ତ ରଖିଥିବାରୁ କୀର୍ତ୍ତିରଞ୍ଜନ ବସ୍ତିଆ ଏହା ବିରୋଧରେ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ୍ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ଲଗାଇଥିବା ଅମାନତ ଜମା ଓ କ୍ୟାସ୍ ସିକ୍ୟୁରିଟିକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଆବେଦନକାରୀଙ୍କ ବିରୋଧରେ ଭୁବନେଶ୍ୱରର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏତଲା ଦାଏର କରିଥିଲେ। ସେ ୭ ବର୍ଷରୁ ଅଧିକ ଜେଲରେ କଟାଇସାରିଥିବାରୁ ତାଙ୍କୁ ଜାମିନ୍‌ରେ ଛାଡ଼ିଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଓଡ଼ିଶାର ମୁଖ୍ୟ ସଚିବଙ୍କ ନିକଟକୁ ନିର୍ଦ୍ଦେଶନାମାର ଏକ ନକଲ ପଠାଇବା ପାଇଁ ସୁପ୍ରିମକୋର୍ଟ ରେଜିଷ୍ଟ୍ରୀକୁ ନିର୍ଦ୍ଦେଶ ଦିଆଯାଇଛି।


ଏସିଆନ ଗେମ୍ସରେ ନିଙ୍ଗବୋ ଜିଆଙ୍ଗଶାନ ସେଲିଂ ସେଣ୍ଟରରେ ଅନୁଷ୍ଠିତ ପୁରୁଷ ଆରଏସ୍:ଏକ୍ସ କ୍ଲାସ୍ ଫାଇନାଲ ରେସ୍ ଅବସରରେ ଭାରତର ଇଆବାଦ ଅଲୀ।

# ସେଲିଂ: ନେହା ରୌପ୍ୟ, ଅଲୀଙ୍କୁ ବ୍ରୋଞ୍ଜ

ନିଙ୍ଗବୋ (ଚାଇନା), ୨୬।୯ (ପି.ଟି.)

ଏସିଆନ ଗେମ୍ସର ସେଲିଂ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ଏଥିରୁ ଭାରତକୁ ୨ଟି ପଦକ ମିଳିଛି। ୧୭ ବର୍ଷୀୟା ନେହା ଠାକୁର ରୌପ୍ୟ ଏବଂ ଇଆବାଦ ଅଲୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳିକା ଡିଙ୍ଗି ଆଇଏଲ୍‌ସିଏ-୪ ଇଭେଣ୍ଟରେ ନେହା ପ୍ରଭାବୀ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ପୁରୁଷ ୱିଣ୍ଡସର୍ଫର ଆର୍‌ଏସ୍:ଏକ୍ସ ଇଭେଣ୍ଟରେ ଅଲୀ ୫୨ ପଏଣ୍ଟ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଥାଇଲାଣ୍ଡର ନାଛାଫୋଙ୍ଗ୍ ଫୋନୋଫାରାଟ ରୌପ୍ୟ ଓ କୋରିଆର ୱନଉ ଚୋ ସ୍ୱର୍ଣ୍ଣ ପଦକ ପାଇଥିଲେ। ୧୪ ରେସ୍ ବିଶିଷ୍ଟ ଇଭେଣ୍ଟରେ ଅଲୀ ଦ୍ୱିତୀୟ ଓ ତୃତୀୟ ରେସ୍ ଫିନିଶ୍ କରି ନ ପାରିବାରୁ ତାଙ୍କ ମୋଟ ୫୯ ପଏଣ୍ଟରୁ ୭ ପଏଣ୍ଟ କାଢ଼ି ନିଆଯାଇଥିଲା। ଫଳରେ ରୌପ୍ୟ ପଦକ ବିଜୟୀ ପ୍ରତିଯୋଗୀଙ୍କଠାରୁ ତାଙ୍କର ପଏଣ୍ଟ ବ୍ୟବଧାନ ୨୩ ରହିଥିଲା। ଭୋପାଳର ନ୍ୟାଶନାଲ ସେଲିଂ ସ୍କୁଲର ପ୍ରତିଭାସମ୍ପନ୍ନ ସେଲର ନେହା ମୋଟ ୩୨ ପଏଣ୍ଟ ପାଇଥିଲେ। ମାତ୍ର ନେଟ୍ ସ୍କୋର ୨୭ ଥିବାରୁ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ନେଇଥିଲେ। ଏଥିରେ ଥାଇଲାଣ୍ଡର ନୋପାସୋମ ଖୁନବୋଞ୍ଜାନ ସ୍ୱର୍ଣ୍ଣ ଏବଂ ସିଙ୍ଗାପୁରର କିଏରା ମାରି କାର୍ଲି ବ୍ରୋଞ୍ଜ ପଦକ ପାଇଥିଲେ। ସେଲିଂରେ ପ୍ରତିଯୋଗୀମାନେ ଯେତେ ରେସ୍ କରିଥାନ୍ତି ସେଥିରୁ ସବୁଠାରୁ ଖରାପ ସ୍କୋରକୁ କାଢ଼ି ନିଆଯାଇଥାଏ। ସବୁଠାରୁ କମ୍ ନେଟ୍ ସ୍କୋରର ବିଜେତା ହୋଇଥାନ୍ତି। ନେହା ୫ମ ପର୍ଯ୍ୟାୟରେ ସବୁଠାରୁ ଖରାପ ୫ ପଏଣ୍ଟ ସ୍କୋର କରିଥିଲେ, ଯାହାକି ତାଙ୍କ ମୋଟ ସ୍କୋରରୁ କାଢ଼ି ନିଆଯାଇଥିଲା।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୫୩ | ୨୯ | ୧୩ | ୯୫ |
| ଦ.କୋରିଆ | ୧୪ | ୧୬ | ୧୯ | ୪୯ |
| ଜାପାନ | ୮ | ୨୦ | ୧୯ | ୪୭ |
| ଉଜ୍‌ବେକିସ୍ତାନ | ୫ | ୬ | ୧୧ | ୨୨ |
| ହଂକଂ | ୫ | ୪ | ୧୧ | ୨୦ |
| **ଭାରତ** | **୩** | **୪** | **୭** | **୧୪** |
| ଇଣ୍ଡୋନେସିଆ | ୩ | ୧ | ୫ | ୯ |
| ଚାଇନିଜ ତାଇପେ | ୨ | ୩ | ୩ | ୮ |
| ଥାଇଲାଣ୍ଡ | ୨ | ୦ | ୫ | ୭ |
| ଇରାନ | ୧ | ୪ | ୫ | ୧୦ |
| ମାଲେସିଆ | ୧ | ୨ | ୨ | ୫ |
| ୟୁଏଇ | ୧ | ୧ | ୩ | ୫ |
| ତାଜିକିସ୍ତାନ | ୧ | ୧ | ୧ | ୩ |
| ମକାଓ | ୧ | ୦ | ୨ | ୩ |
| କିର୍ଗିଜସ୍ତାନ | ୧ | ୦ | ୦ | ୧ |


ନେହା ଠାକୁର

# ଜାତୀୟ ରେକର୍ଡ ସତ୍ତ୍ୱେ ଭାରତ ୫ମ

ହାଙ୍ଗଝୋ, ୨୬।୯ (ପି.ଟି.)

ଏସିଆନ୍ ଗେମ୍ସ ସନ୍ତରଣର ୪x୧୦୦ ମିଟର ପୁରୁଷ ଦଳଗତ ଫାଇନାଲରେ ପ୍ରବେଶ କରି ପଞ୍ଚମ ସ୍ଥାନରେ ରହିଛି ଭାରତ। ମେଡଲି ରିଲେ ଟିମ୍ ମଙ୍ଗଳବାର ଜାତୀୟ ରେକର୍ଡ ଭାଙ୍ଗିବା ସହିତ ଏସିଆନ୍ ଗେମ୍ସ ଫାଇନାଲରେ ପ୍ରବେଶ କରିଥିଲା। ହିଟ୍-୧ରେ ସ୍ଥାନ ପାଇଥିବା ଶ୍ରୀହରି ନଟରାଜ, ଲିକିଥ୍ ସେଲ୍‌ଭରାଜ, ସାଜନ ପ୍ରକାଶ ଓ ତନିଶ ଜର୍ଜ ମାଥ୍ୟୁଙ୍କ ଭାରତୀୟ ଦଳ ୩:୪୦.୮୪ ସେକେଣ୍ଡର ସମୟ ନେଇ ଜାପାନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଜାକାର୍ତ୍ତା ଏସିଆନ୍ ଗେମ୍ସରେ ନଟରାଜ, ସନ୍ଦୀପ ସେଜୱାଲ, ପ୍ରକାଶ ଓ ଆରୋନ ଡି ସୌଜାଙ୍କ ଦ୍ୱାରା ରହିଥିବା ୩:୪୪.୯୪ ସେକେଣ୍ଡର ଜାତୀୟ ରେକର୍ଡ ଭାଙ୍ଗିଥିଲେ। ତେବେ ଫାଇନାଲରେ ଭାରତ ୩:୪୦.୨୦ର ଟାଇମିଂ ହାସଲ କରି ନୂଆ ଜାତୀୟ ରେକର୍ଡ କରିଥିଲା। ଅନ୍ୟ ଦୁଇ ସନ୍ତରଣକାରୀ ପଲକ ଯୋଶୀ ଓ ଶିବାଙ୍ଗୀ ଶର୍ମା ଫାଇନାଲକୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ୧୦୦ ମି. ଫ୍ରିଷ୍ଟାଇଲରେ ପଲକ ୨:୨୫.୮୧ ସେକେଣ୍ଡର ଟାଇମିଂ ସହିତ ୧୭ତମ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷରେ ଶିବାଙ୍ଗୀ ୨୦୦ ମି. ବ୍ୟାକ୍‌ଷ୍ଟ୍ରୋକ୍‌ରେ ୫୮.୩୧ ସେକେଣ୍ଡର ଟାଇମିଂ ସହ ୧୪ ତମ ସ୍ଥାନରେ ରହିଥିଲେ।

**ଟେନିସ୍:** ଭାରତୀୟ ଟେନିସ୍ ଖେଳାଳିଙ୍କୁ ମଙ୍ଗଳବାର ମିଶ୍ରିତ ଫଳ ମିଳିଛି। ସିଙ୍ଗଲ୍ସ ଇଭେଣ୍ଟରେ ସୁମିତ ନାଗଲ ଓ ଅଙ୍କିତା ରାଇନା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ରାମକୁମାର ରାମନାଥନ ଓ ଋତୁଜା ଭୋସଲେ ବିଦାୟ ନେଇଛନ୍ତି। ସୁମିତ ନାଗଲ କାଜାଖସ୍ତାନର ବେଇବିଟ ଜୁଖାୟେଭଙ୍କୁ ୭-୬(୯) ଓ ୬-୪ରେ ପରାସ୍ତ କରିଥିଲେ । ଅଙ୍କିତା ୬-୧, ୬-୨ରେ ହଂକଂର ଆଦିତ୍ୟା ପି. କରୁଣାରତ୍ନେଙ୍କୁ ହରାଇଥିଲେ। ଉଭୟ ଖେଳାଳି ବ୍ରୋଞ୍ଜ ପଦକରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ମିକ୍ସଡ ଡବଲ୍ସରେ ୟୁକି ଭାମ୍ବ୍ରି ଓ ଅଙ୍କିତା ରାଇନାଙ୍କ ଯୋଡି ପାକିସ୍ତାନର ଅକିଲ ଖାନ୍ ଓ ସାରା ଖାନଙ୍କୁ ୬-୦, ୬-୦ରେ ପରାସ୍ତ କରି ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଡବଲ୍ସରେ ଋତୁଜା ଓ କର୍ମାନ କୌର ଥଣ୍ଡିଙ୍କ ଯୋଡି ପରାଜିତ ହୋଇ ବିଦାୟ ନେଇଛନ୍ତି।

**ଫେନ୍ସିଂ:** ଭାରତୀୟ ଷ୍ଟାର ଫେନ୍ସର ଭବାନୀ ଦେବୀ ଏସିଆନ୍ ଗେମ୍ସରୁ ବିଦାୟ ନେଇଛନ୍ତି। ମହିଳା ସାବ୍ରେରେ ଭବାନୀ ୭-୧୫ରେ ଚାଇନା ଖେଳାଳି ୟାକି ଶାଓଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ଶାଓ ପ୍ରଥମ ରାଉଣ୍ଡରେ ୮-୩ରେ ଅଗ୍ରଣୀ ରହିଥିଲେ। ଦ୍ୱିତୀୟ ରାଉଣ୍ଡରେ ଆଉ ୭ ପଏଣ୍ଟ ହାସଲ କରିବା ସହିତ ସେ ସେମିରେ ପ୍ରବେଶ କରିଥିଲେ। ନିଜ ପୁଲ୍‌ରେ ୫ ପ୍ରତିଯୋଗୀଙ୍କୁ ପରାସ୍ତ କରି ଭବାନୀ ଦେବୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

**ଶୁଟିଂ:** ଶୁଟିଂର ୧୦ ମିଟର ମିକ୍ସଡ ଏୟାର ରାଇଫଲ ଇଭେଣ୍ଟରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛି ଭାରତ। ଦକ୍ଷିଣ କୋରିଆ ସହିତ ଚାଲିଥିବା ବ୍ରୋଞ୍ଜ ପଦକ ପ୍ଲେ ଅଫରେ ଦିବ୍ୟାଂଶ ସିଂ ପନୱର ଓ ରମିତା ଜିନ୍ଦଲଙ୍କ ଯୋଡି ୨୦-୧୮ରେ ପରାଜିତ ହୋଇଥିଲେ।

**ଜୁଡୋ:** ରାଜ୍ୟଗୋଷ୍ଠୀ ପଦକ ବିଜୟିନୀ ତୁଲିକା ମାନ୍ ଏକ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ୭୮+ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତୁଲିକା ମଙ୍ଗୋଲିଆର ଅମାରାଇଖାନ ଆଦିୟାସୁରେନଙ୍କଠାରୁ ୧୦-୦ରେ ପରାଜିତ ହୋଇଥିଲେ। ୨୫ ବର୍ଷୀୟ ତୁଲିକା ପୂର୍ବରୁ ମାକାଓର କିଙ୍ଗ୍ ଲାମ ଲାଇ ଓ ଜାପାନର ୱାକାବା ଟୋମିଟାଙ୍କୁ ନକ୍‌ଆଉଟ କରିଥିଲେ। ରିପିଚେଜରେ ଖେଳିବାର ସୁଯୋଗ ପାଇଥିଲେ ମଧ୍ୟ ପରାଜିତ ହୋଇଥିଲେ।

**ସ୍କ୍ୱାଶ୍:** ସ୍କ୍ୱାଶ୍‌ରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଅନହତ ସିଂ, ଜ୍ୟୋତ୍ସ୍ନା ଚିନ୍ନାପ୍ପା ଓ ତନ୍ୱୀ ଖନ୍ନାଙ୍କ ମହିଳା ଦଳ ପାକିସ୍ତାନକୁ ୩-୦ରେ ପରାସ୍ତ କରିଥିବା ବେଳେ ପୁରୁଷ ଦଳ ସିଙ୍ଗାପୁର ଓ କାତାରକୁ ୩-୦ରେ ହରାଇଛି।

**ବକ୍ସିଂ:** ଭାରତୀୟ ପୁରୁଷ ବକ୍ସର ସଚିନ ସିୱାଚ୍ ୫୭ କିଗ୍ରା ଓଜନ ବର୍ଗରେ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୯୨+ କିଗ୍ରା ଓଜନ ବର୍ଗରେ ନରେନ୍ଦର ବେରୱାଲ ମଧ୍ୟ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

## ହକି: ଭାରତର ବୃହତ୍ ବିଜୟ

ଏସିଆନ୍ ଗେମ୍ସ ହକିରେ ମଙ୍ଗଳବାର ଭାରତୀୟ ପୁରୁଷ ଦଳ ସିଙ୍ଗାପୁରକୁ ୧୬-୧ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ଅଧିନାୟକ ହରମନ୍‌ପ୍ରୀତ୍ ସିଂ(୨୪, ୩୯, ୪୦, ୪୨ ମିନିଟ) ଓ ମନଦୀପ୍ (୧୨, ୩୦ ଓ ୫୧ ମିନିଟ) ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଷେକ(୫୧ ଓ ୫୨), ବରୁଣ କୁମାର(୫୫ ଓ ୫୫) ଡବଲ ଗୋଲ ସେଇଥିବା ବେଳେ ଲଳିତ କୁମାର ଉପାଧ୍ୟାୟ(୧୬), ଗୁରୁଜଣ୍ଟ ସିଂ(୨୨), ବିବେକ ସାଗର ପ୍ରସାଦ(୨୩), ମନପ୍ରୀତ୍ ସିଂ(୩୭) ଓ ସମଶେର ସିଂ ୩୮ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।


ମହିଳା ୭୮ କେଜି ଜୁଡୋ ଅବସରରେ ଭାରତର ତୁଲିକା ମାନ୍ (ଧଳା ଜର୍ସି) ଓ ମଙ୍ଗୋଲିଆର ଅମାରାଇଖାନ ଆଦିୟାସୁରେନ।

# ଜାତୀୟ ସେଲିଂରେ ମନସ୍ୱିନୀଙ୍କୁ ସ୍ୱର୍ଣ୍ଣ

କଟକ, ୨୬।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

ମୁମ୍ବାଇରେ ଅନୁଷ୍ଠିତ ୱାଏଆଇ ଜାତୀୟ ସିନିୟର ସେଲିଂ ଚାମ୍ପିୟନଶିପରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ମିଳିଛି। ମହିଳା ସେଲର୍ ମନସ୍ୱିନୀ ମହାରଣା ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ପ୍ରତିଯୋଗିତାର ମହିଳା ଆରଏସ୍-ଏକ୍ସ ବର୍ଗରେ ସେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରୁଥିଲେ। ଏହି ଇଭେଣ୍ଟରେ ଚାମ୍ପିୟନ ହେବା ସହିତ ମନସ୍ୱିନୀ ସ୍ୱର୍ଣ୍ଣ ଜିତିଛନ୍ତି। ଉକ୍ତ ଚାମ୍ପିୟନଶିପରେ ଅନ୍ୟତମ ଓଡ଼ିଆ ଖେଳାଳି ଡି.ଶେଖର ରାଓ ମଧ୍ୟ ଭାଗ ନେଇଥିଲେ। ତେବେ ସେ ପୁରୁଷ ଆରଏସ୍-ଏକ୍ସ ବର୍ଗର ଫାଇନାଲ ରାଉଣ୍ଡରେ ୪ର୍ଥ ସ୍ଥାନ ହାସଲ କରିଥିଲେ। ଜାତୀୟ ଚାମ୍ପିୟନସିପରେ ପଦକ ବିଜୟୀ ମନସ୍ୱିନୀ ବୁଧବାର ଗୋଆ ଅଭିମୁଖେ ଯାତ୍ରା କରିବେ। ସେଠାରେ ଏକମାସ ଧରି ପ୍ରଶିକ୍ଷଣ ନେବେ। ନଭେମ୍ବର ୩ରୁ ଆରମ୍ଭ ହେବାକୁ ଥିବା ଜାତୀୟ କ୍ରୀଡ଼ା ନିମନ୍ତେ ସେ ପ୍ରସ୍ତୁତି କରିବେ ବୋଲି କୋଚ୍ ସବୀର ବକ୍ସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ମଙ୍ଗଳବାର ମୁମ୍ବାଇରେ ପହଞ୍ଚିବା ସହ ମନସ୍ୱିନୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାଲିଏଭା ବିପକ୍ଷ ଡୋପିଙ୍ଗ ମାମଲାର ବିଚାର ଆରମ୍ଭ

ଲାଉସାନେ, ୨୬।୯ (ଏପି)

ବେଜିଂ ଅଲିମ୍ପିକ୍ସ ୨୦୨୨ରେ ଏକ ଡୋପିଙ୍ଗ ମାମଲାରେ ଫସିଯାଇଥିବା ରୁଷିଆର ସ୍ୱଳ୍ପ ବୟସ୍କା ଫିଗ ସ୍କେଟର କାମିଲା ଭାଲିଏଭାଙ୍କର ବିଚାରକାର୍ଯ୍ୟ ସ୍ଥାନୀୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କ୍ରୀଡ଼ାର ଏହି ସର୍ବୋଚ୍ଚ ନ୍ୟାୟାଳୟର ଏକ ରୁଦ୍ଧଦ୍ୱାରରେ ଏହି ମାମଲାର ଶୁଣାଣି ଅତିକମ୍‌ରେ ୩ ଦିନ ଧରି ଚାଲିବ। ଭାଲିଏଭାଙ୍କ ବୟସ ଅଲିମ୍ପିକ୍ସ ସମୟରେ ମାତ୍ର ୧୫ ବର୍ଷ ହୋଇଥିଲା। ବର୍ତ୍ତମାନ ତାଙ୍କୁ ୧୭ ବର୍ଷ। ରୁଷିଆରୁ ସେ ଭିଡିଓ ଲିଙ୍କ୍ ଜରିଆରେ ତାଙ୍କର ସାକ୍ଷ୍ୟ ଦେବେ। ଚଳିତବର୍ଷ ଶେଷ ଆଡକୁ ଏହି ମାମଲାର ରାୟ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। କୋର୍ଟଙ୍କ ରାୟକୁ ୯ଜଣ ଆମେରିକୀୟ ସ୍କେଟର ପ୍ରତୀକ୍ଷା କରି ରହିଛନ୍ତି, ଯେଉଁମାନେ କି ଟିମ୍ ଇଭେଣ୍ଟରେ ଚାମ୍ପିୟନ ହୋଇପାରନ୍ତି। ବେଜିଂ ଅଲିମ୍ପିକ୍ସରେ ଏମାନେ ଭାଲିଏଭା ଓ ରୁଷୀୟମାନଙ୍କ ପଛକୁ ଦ୍ୱିତୀୟ ହୋଇଥିଲେ। ଭାଲିଏଭାଙ୍କଠାରୁ ସଂଗୃହୀତ ସାମ୍ପଲରୁ ହାର୍ଟ ଔଷଧର ମାତ୍ରା ଦେଖିବାକୁ ମିଳିଥିଲା। ଫିଗର ସ୍କେଟରଙ୍କ ଜେଜେବାପା ଜଣେ ହାର୍ଟ ରୋଗୀ। ସେ ବ୍ୟବହାର କରୁଥିବା ଗ୍ଲାସ କିମ୍ବା ପ୍ଲେଟରୁ ଔଷଧ କୌଣସି କାରଣରୁ ପେଟ ଭିତରକୁ ଚାଲିଯାଇଥାଇପାରେ ବୋଲି ଅନୁମାନ କରାଯାଉଛି।




ଡେରାଡୁନରେ ଅନୁଷ୍ଠିତ ଜାତୀୟ କରାଟେରେ ପଦକ ହାସଲକରି ମଙ୍ଗଳବାର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା କରାଟେକାଙ୍କୁ ଭୁବନେଶ୍ୱର ରେଳଷ୍ଟେଶନରେ ସ୍ୱାଗତ କରାଯାଉଛି। ଏହି ଅବସରରେ ରାଜ୍ୟ କରାଟେ ସଂଘ ସଦସ୍ୟଙ୍କ ସହ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ ଓ ପରାମର୍ଶଦାତା ପ୍ରବୀର ମିଶ୍ର ଉପସ୍ଥିତ ଥିଲେ।

# ସର୍ବାଧିକ ରନ୍: ଶୀର୍ଷରେ ସଚିନ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଭାରତରେ ଆୟୋଜିତ ହେବ। ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ପାକିସ୍ତାନର ଜାଭେଦ ମିଆଁଦାଦ ନିଜ କ୍ୟାରିୟରରେ ୬ଟି ଲେଖାଏ ବିଶ୍ୱକପ୍ ଖେଳିଛନ୍ତି। ବିଶ୍ୱକପ୍ ଖେଳିବା ସହିତ ଏଥିରେ ନିୟମିତ ରନ୍ ସ୍କୋର କରିବାରେ ସଚିନ ପ୍ରଥମ ସ୍ଥାନରେ ରହିଛନ୍ତି। ବିଶ୍ୱକପ୍ ଇତିହାସରେ ସର୍ବାଧିକ ରନ୍ ସ୍କୋର କରିଥିବା ୫ ଖେଳାଳିଙ୍କ ଉପରେ ନଜର...

**ସଚିନ ତେନ୍ଦୁଲକର: ୧୯୯୨-୨୦୧୧**

୧୯୯୨ରେ ପ୍ରଥମ ବିଶ୍ୱକପ୍ ଖେଳିଥିବା ସଚିନ ତେନ୍ଦୁଲକର ୬ ବିଶ୍ୱକପ୍ ଖେଳିଥିବା ବେଳେ ଥରେ ବିଶ୍ୱ ଚାମ୍ପିୟନ ଦଳର ସଦସ୍ୟ ରହିଛନ୍ତି। ସଚିନଙ୍କ ଅନ୍ତିମ ବିଶ୍ୱକପ୍ ୨୦୧୧ ମସିହାରେ ଭାରତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ସଚିନ ୬ ବିଶ୍ୱକପ୍‌ରେ ସମୁଦାୟ ୪୫ ମ୍ୟାଚ୍ ଖେଳିଥିବା ବେଳେ ସ୍କୋର କରିଛନ୍ତି ୨୨୭୮ ରନ। ତାଙ୍କର ଆଭରେଜ୍ ୫୬.୯୫ ରହିଥିବା ବେଳେ ଏଥିମଧ୍ୟରେ ସାମିଲ ରହିଛି ୬ ଶତକ ଓ ୧୫ ଅର୍ଦ୍ଧଶତକ। ସେହିପରି ବିଶ୍ୱକପ୍‌ରେ ତାଙ୍କର ସର୍ବୋଚ୍ଚ ସ୍କୋର ରହିଛି ୧୫୨ ରନ୍।

**ରିକି ପଣ୍ଟିଂ: ୧୯୯୬-୨୦୧୧**

ବିଶ୍ୱକପ୍ ଇତିହାସର ପଣ୍ଟିଂଙ୍କୁ ସବୁଠାରୁ ସଫଳ ଖେଳାଳି କହିଲେ ଅତ୍ୟୁକ୍ତି ହେବ ନାହିଁ। ଖେଳାଳି ଭାବରେ ସେ ୩ ଥର ଓ ଅଧିନାୟକ ଭାବରେ ୨ ଥର ବିଶ୍ୱକପ୍ ଟ୍ରଫି ହାସଲ କରିଛନ୍ତି। କ୍ୟାରିୟରରେ ୫ ବିଶ୍ୱକପ୍‌ରେ ପଣ୍ଟିଂ ୪୬ ମ୍ୟାଚ୍ ଖେଳିଛନ୍ତି। ୫ ଶତକ ଓ ୬ ଅର୍ଦ୍ଧଶତକ ସହିତ ସେ ସ୍କୋର କରିଛନ୍ତି ୧୭୪୩ ରନ୍।

**କୁମାର ସାଙ୍ଗାକାରା: ୨୦୦୩-୨୦୧୫**

ଶ୍ରୀଲଙ୍କା କ୍ରିକେଟ ଇତିହାସର ଶ୍ରେଷ୍ଠ ଉଇକେଟକିପର ବ୍ୟାଟର କୁମାର ସାଙ୍ଗାକାରା। ୨୦୦୩ରୁ ୨୦୧୫ ମଧ୍ୟରେ ସେ ୪ଟି ଦିନିକିଆ ବିଶ୍ୱକପ୍ ଖେଳିଛନ୍ତି। ୪ ସଂସ୍କରଣର ୩୭ ମ୍ୟାଚରେ ସେ ସ୍କୋର କରିଛନ୍ତି ୧୫୩୨ ରନ୍। ୫୬.୩୨ର ଆଭରେଜ ସହିତ ସେ ୫ ଶତକ ଓ ୪ ଅର୍ଦ୍ଧଶତକ ହାସଲ କରିଛନ୍ତି।

**ବ୍ରାଏନ୍ ଲାରା: ୧୯୯୨-୨୦୦୭**

ସଚିନ ଓ ପଣ୍ଟିଂଙ୍କ ଭଳି କିମ୍ବଦନ୍ତୀ କ୍ରିକେଟରଙ୍କ ତାଲିକାରେ ସାମିଲ ଥିଲେ ମଧ୍ୟ ୱେଷ୍ଟଇଣ୍ଡିଜର ଏହି କିମ୍ବଦନ୍ତୀ କ୍ରିକେଟର କେବେ ବିଶ୍ୱକପ ଜିତିପାରି ନାହାନ୍ତି। ୫ଟି ସଂସ୍କରଣର ବିଶ୍ୱକପ୍ ଖେଳିଥିବା ଲାରା ସମୁଦାୟ ୩୪ ମ୍ୟାଚ୍ ଖେଳିଛନ୍ତି। ଏଥିରୁ ସେ ୧୨୨୫ ରନ୍ ସ୍କୋର କରିଥିବା ବେଳେ ମାରିଛନ୍ତି ୨ ଶତକ ଓ ୭ ଅର୍ଦ୍ଧଶତକ।

**ଏବି ଡି ଭିଲିୟର୍ସ: ୨୦୦୭-୨୦୧୫**

ଦକ୍ଷିଣ ଆଫ୍ରିକାର ଏହି କରିତ୍‌କର୍ମା ଖେଳାଳି ଜଣଙ୍କ ନିଜ ପ୍ରଦର୍ଶନ ଜରିଆରେ ଛାପ ଛାଡିବାରେ ଧୁରନ୍ଧର। ମାତ୍ର ୩ଟି ବିଶ୍ୱକପ୍ ଖେଳିଥିଲେ ମଧ୍ୟ ୨୩ ମ୍ୟାଚରୁ ସେ ସ୍କୋର କରିଛନ୍ତି ୧୨୦୭ ରନ୍। ତାଙ୍କର ଆଭରେଜ୍ ୬୩.୫୨ ରହିଥିବା ବେଳେ ସେ ମାରିଛନ୍ତି ୪ ଶତକ ଓ ୬ ଅର୍ଦ୍ଧଶତକ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୮ ଦିନ**


ସଚିନ ତେନ୍ଦୁଲକର

# ସୋରିଷ ଚାଷ: ଜଉପୋକ ଦମନ



**ସୋ**ରିଷ ଚାଷରେ ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ପନିପରିବା ସମ୍ପର୍କରେ...



**ବି**ଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ୨-୩ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ।

# ବାୟୋଫ୍ଲକ୍ ପଦ୍ଧତିରେ ମାଛଚାଷ



**ସା**ଧାରଣତଃ ଆମ ଓଡ଼ିଆଙ୍କ ମଧ୍ୟରୁ ଅନେକ ମାଛ ପ୍ରିୟ। ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ଜଳରାଶିରୁ ମିଳୁଥିବା ମାଛର ଚାହିଦା ରାଜ୍ୟରେ ରହିଥାଏ। ରାଜ୍ୟରେ ଶିକ୍ଷିତ ବେକାର ଯୁବତୀଯୁବକ, ମତ୍ସ୍ୟ ଉଦ୍ୟୋଗୀମାନଙ୍କୁ ଏକ ବିକଳ୍ପ ପେସା ଯୋଗାଇ ଦେବାରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଉଛନ୍ତି। ବାୟୋଫ୍ଲକ୍ (ଜୈବପୁଞ୍ଜ) ଏହି ନୂତନ ଜ୍ଞାନକୌଶଳରୁ ଅନ୍ୟତମ।

ବାୟୋଫ୍ଲକ୍ ପଦ୍ଧତିଟି ସୀମିତ ସ୍ଥାନ ଓ ସୀମିତ ଜଳ ତଥା ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ଓ ଆୟ ନିମନ୍ତେ ପ୍ରଯୁଜ୍ୟ । ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ସଫଳତା ୨୫-୩୦ ଭାଗ କମ୍ ଖାଦ୍ୟ ଖର୍ଚ୍ଚରେ ଏହି ଚାଷଟି କରାଯାଏ। ଆମ ରାଜ୍ୟରେ ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ୧ହେକ୍ଟର (୧୦,୦୦୦ ବର୍ଗମିଟର ଜଳ ସୀମା) ପୋଖରୀରେ ପ୍ରାୟ ୫୦୦୦ କି.ଗ୍ରା. ମାଛ ଉତ୍ପାଦନ ହେଉଥିବା ବେଳେ ସେହି ପରିମାଣର ମାଛ ବାୟୋଫ୍ଲକ୍ ପଦ୍ଧତିରେ ମାତ୍ର ୧୫୦ ବର୍ଗମିଟର ସ୍ଥାନରେ ସ୍ଥାପିତ ୨ଟି ଛୋଟ ଛୋଟ କୁଣ୍ଡରୁ ଉତ୍ପାଦିତ ହୋଇପାରିବ।

**ବାୟୋଫ୍ଲକ୍ ପାଇଁ ଉପଯୋଗୀ ମାଛ**

ଏହି ପଦ୍ଧତିରେ ସୀମିତ ସ୍ଥାନରେ ବାୟୁ ପରିଚାଳନା ଦ୍ୱାରା ଚାଷ କରାଯାଏ। ଚାଷ କରାଯାଉଥିବା ମାଛ ସୃଷ୍ଟି ହେଉଥିବା ଫ୍ଲକ୍ ବା ଜୈବପୁଞ୍ଜକୁ ଖାଦ୍ୟ ରୂପେ ଗ୍ରହଣ କରିଥାଆନ୍ତି। ରାଜ୍ୟରେ ଚାହିଦା ଥିବା ମାଗୁର, ସିଙ୍ଗି,ପାବ୍‌ଦା, କଉ, ଜଳଙ୍ଗ ଜାତୀୟ, ବାୟୁ ଶ୍ୱସନକାର ମାଛ ବା ବିଲାତି ରୋହି, ଚିଲାଗିଆ ଇତ୍ୟାଦି ମାଛ ଏହି ପଦ୍ଧତି ଅନ୍ତର୍ଭୁକ୍ତ।

**ବାୟୋଫ୍ଲକ୍ ପଦ୍ଧତିର ସଫଳ ଉପାଦେୟତା**

➤ଏହା ଏକ ଜୈବ ସୁରକ୍ଷା ମାଛ ଉତ୍ପାଦନ ପ୍ରଣାଳୀ।

➤ଏହା ଏକ ପରିବେଶ ଅନୁକୂଳ ମତ୍ସ୍ୟଚାଷ।

➤ସୀମିତ ଜଳ ଓ ଜମିର ଠିକ୍ ବିନିଯୋଗ ହୋଇଥାଏ।

➤ଚାଷ ସମୟରେ ପ୍ରାୟତଃ ଜଳର ପରିବର୍ତ୍ତନ ଆବଶ୍ୟକ ପଡ଼ି ନ ଥାଏ।

➤ସୀମିତ ଜଳ ଓ ଜମିରୁ ଅଧିକ ମତ୍ସ୍ୟ ଉତ୍ପାଦନ ହୋଇଥାଏ।

➤ମାଛମାନେ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କମ୍ ଥାଏ।

➤ମାଛର ଖାଦ୍ୟ ଅପଚୟକୁ ଏଡ଼ାଇ ଦିଆଯାଇପାରେ।

**ବାୟୋଫ୍ଲକ୍ ପଦ୍ଧତିରେ ମାଛ ଉତ୍ପାଦନ ପ୍ରକ୍ରିୟା**

୧. ସ୍ଥିରୀକୃତ ସ୍ଥାନରେ ୪ ମିଟର ବ୍ୟାସ X ୧.୩ ମିଟର ଗଭୀରତା ଗୋଲାକାର କିମ୍ବା ଆୟତାକାର କୁଣ୍ଡ (ଟାଇପୋଲିନ୍, ସିମେଣ୍ଟ ରଡ୍ ଦ୍ୱାରା ବା ସମ୍ପୂର୍ଣ୍ଣ ସିମେଣ୍ଟ ଦ୍ୱାରା) ଆବଶ୍ୟକ। ଏହି କୁଣ୍ଡର ଜଳଧାରଣ କ୍ଷମତା ୧୨,୫୦୦ ଲିଟର ହେବା ଦରକାର। ଏଥିରେ କୁଣ୍ଡର ଜଳ ଅଞ୍ଚଳର ମଧ୍ୟଭାଗରୁ ଜଳ ନିଷ୍କାସନ ଓ ଉପରି ଭାଗରେ ଜଳ ପ୍ରବେଶ କରିବାର ସୁବିଧା କରାଯାଏ। ଚାଷୀର ଆର୍ଥିକ ସମ୍ବଳ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ଦେଖି ଦୁଇଟି, ଚାରୋଟି କିମ୍ବା ଛଅଟି କୁଣ୍ଡ ପ୍ରସ୍ତୁତ କରାଯାଇପାରେ।

> "ବାୟୋଫ୍ଲକ୍ ପଦ୍ଧତିଟି ସୀମିତ ସ୍ଥାନ ଓ ସୀମିତ ଜଳ ତଥା ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ଓ ଆୟ ନିମନ୍ତେ ପ୍ରଯୁଜ୍ୟ । ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ସଫଳତା ୨୫-୩୦ ଭାଗ କମ୍ ଖାଦ୍ୟ ଖର୍ଚ୍ଚରେ ଉକ୍ତ ଚାଷ କରାଯାଏ। ଆମ ରାଜ୍ୟରେ ପ୍ରଚଳିତ ମତ୍ସ୍ୟଚାଷ ପଦ୍ଧତିରେ ୧ ହେକ୍ଟର (୧୦,000 ବର୍ଗମିଟର ଜଳ ସୀମା) ପୋଖରୀରେ ପ୍ରାୟ ୫000 କି.ଗ୍ରା. ମାଛ ଉତ୍ପାଦନ ହେଉଥିବା ବେଳେ ସେହି ପରିମାଣର ମାଛ ବାୟୋଫ୍ଲକ୍ ପଦ୍ଧତିରେ ମାତ୍ର ୧୫0 ବର୍ଗମିଟର ସ୍ଥାନରେ ସ୍ଥାପିତ ୨ଟି ଛୋଟ ଛୋଟ କୁଣ୍ଡରୁ ଉତ୍ପାଦିତ ହୋଇପାରିବ।"

୨.ସୀମିତ ଜଳରାଶିରେ ମାଛଚାଷ କରାଯାଉଥିବାରୁ ୨୪ ଘଣ୍ଟା ଅନବରତ ବାୟୁ ସଞ୍ଚାଳନ କରାଯିବା ଆବଶ୍ୟକ। ତେଣୁ ବାୟୁ ସଞ୍ଚାଳନ ଯନ୍ତ୍ର (Are-aton) ଅନ୍ୟୁନ ଦୁଇଟି ସ୍ଥାପନ କରି ସେଥିରୁ ବାୟୁନଳୀ (air pipe) ସହ ବାୟୁ ଉଦ୍‌ଗାମୀ ପଥର (air stone) ସଂଯୋଗ କରି କୁଣ୍ଡ ମଧ୍ୟରେ (ପ୍ରତି କୁଣ୍ଡରେ ଅନ୍ୟୁନ ୯-୧୦ଟି) ପକାଯାଏ।

୩. କୁଣ୍ଡ ଜଳରେ ଅମ୍ଳତା ବା କ୍ଷାରିୟତା pH (୬.୫-୮.୫) ମଧ୍ୟରେ ରହିବା ଉଚିତ।

୪.ଅନବରତ ବାୟୁ ସଞ୍ଚାଳନ ଜରୁରୀ ଥିବାରୁ ସବୁବେଳେ ବିଦ୍ୟୁତ୍ ପ୍ରବାହ ନିଶ୍ଚିତ ହେବା ଉଚିତ। ସ୍ଥଳ ବିଶେଷରେ ଇନ୍‌ଭର୍ଟର ଓ ଛୋଟ ଜେନେରେଟର ବ୍ୟବସ୍ଥା ନିହାତି ଆବଶ୍ୟକ।

**ବାୟୋଫ୍ଲକ୍ କୁଣ୍ଡ ପ୍ରସ୍ତୁତି**

➤କୁଣ୍ଡକୁ ଭଲଭାବରେ ସଫାକରି ଶୁଖାଇ ଅନ୍ୟୁନ ୩ ଫୁଟ ପାଣି ପୂରାନ୍ତୁ। ଅମ୍ଳତା ବା କ୍ଷାରୀୟତା ପରୀକ୍ଷା ପରେ ଉପଯୁକ୍ତ ବାୟୁଚାଳନା ଦ୍ୱାରା ଦ୍ରବୀଭୂତ ଅମ୍ଳଜାନ ୬-୭ ମି.ଗ୍ରା. ନିଶ୍ଚିତ କରାଯାଏ ଏବଂ pH କୁ ୭-୮ଦିନ ମଧ୍ୟରେ ସ୍ଥିର ରଖାଯାଏ।

➤ତୃତୀୟ ଦିନ କୁଣ୍ଡରେ ୨୦୦ ଗ୍ରାମର ପ୍ରୋବାୟୋଟିକ୍ ପାଉଡରକୁ ୧ କି.ଗ୍ରା. ଗୁଡ଼ରେ ଭଲ ଭାବରେ ମିଶାଇ କୁଣ୍ଡରେ ପକାଯାଏ। ପରବର୍ତ୍ତୀ ୨ ଦିନ ୨୫ ଗ୍ରାମ୍ ଗୁଡ଼ ପ୍ରୟୋଗକରି ହିତକାରୀ ଜୀବାଣୁ ସୃଷ୍ଟି କରାଯାଏ।

➤ପ୍ରୋବାୟୋଟି ପାଉଡର ପଡ଼ିବାର ପରବର୍ତ୍ତୀ ଦିନ ଚାଷ ପାଇଁ ଉପଯୁକ୍ତ ମାଛ ପ୍ରଜାତି ନିମନ୍ତେ ଗୋଟା ଲୁଣ (୧ କି.ଗ୍ରା. ପ୍ରତି ୧୦୦୦ ଲିଟର ଜଳ ପାଇଁ) ପ୍ରୟୋଗ କରାଯାଏ। ଏହି ଚାଷ ପାଇଁ ଉଦ୍ଦିଷ୍ଟ ବାୟୋଫ୍ଲକ୍‌କୁ ବାନ୍ଧି ରଖିବାରେ ସାହାଯ୍ୟ କରେ ଏବଂ ଚାଷରୁ ଉତ୍ପନ୍ନ କ୍ଷତିକାରକ ନାଇଟ୍ରାଇଟ୍ ଗ୍ରାସ୍ ପ୍ରଭାବକୁ ଦୂରକରିଥାଏ।

➤ମାଛଚାଷ ପାଇଁ ଭାସମାନ ମାଛ ଖାଦ୍ୟ (୩୦ ପ୍ରତିଶତ ପୁଷ୍ଟିସାରଯୁକ୍ତ) ବ୍ୟବହୃତ ହୋଇଥାଏ। ଏହା ସହ ମାଛମାନଙ୍କ ଦ୍ୱାରା ସୃଷ୍ଟ ବର୍ଜ୍ୟବସ୍ତୁ (ଅବ୍ୟବହୃତ ଖାଦ୍ୟ ଏବଂ ମାଛର ମଳ ଇତ୍ୟାଦି) ନିୟମିତ ଭାସମାନ ଅବସ୍ଥାରେ ଥାଏ। ଏଥିରୁ ଆମୋନିଆ, ନାଇଟ୍ରାଇଟ୍ ଓ ନାଇଟ୍ରେଟ୍ ପରି କ୍ଷତିକାରକ ଗ୍ୟାସ୍ ସୃଷ୍ଟି ହୋଇଥାଏ।

➤ଏ କ୍ଷେତ୍ରରେ ବ୍ୟବହୃତ ଗୁଡ଼ରୁ ସୃଷ୍ଟି କାର୍ବନ ବା ଅଙ୍ଗାରକାମ୍ଳ ଓ ପ୍ରୋବାୟୋଟିକ ଯୋଗୁ ବର୍ଜ୍ୟ ଜୈବଖଣ୍ଡଗୁଡ଼ିକର ବିଘଟନ ଘଟିଥାଏ ଏବଂ ପ୍ରୋବାୟୋଟିକ୍‌ରେ ପରିଣତ ହୋଇ ବାୟୋଫ୍ଲକ୍ ସୃଷ୍ଟି କରିଥାଏ।

➤ପ୍ରାୟତଃ ପ୍ରୋବାୟୋଟିକ୍, ଗୁଡ଼ ପ୍ରୟୋଗର ୩ ଦିନ ପରେ ଏବଂ ଗୋଟାଲୁଣ ପ୍ରୟୋଗର ୧ ଦିନ ପରେ ଏହି ଫ୍ଲକ୍ ସୃଷ୍ଟି ହୋଇଥାଏ। (କ୍ରମଶଃ...)

**-ଦିଲୀପ କୁମାର ସାହୁ,**
ଅଧ୍ୟାପକ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର(ମତ୍ସ୍ୟବିଜ୍ଞାନ),ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର
**-ଡ. ମାନସ ରଞ୍ଜନ ପଟ୍ଟନାୟକ,**
ଅଧ୍ୟକ୍ଷ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର, ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

## ଅକ୍ଟୋବରରେ...



➤ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ୩/୪ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ସ୍ମୃତି, ଦେବୀ, ଧରଣୀ, ଟି.ଜି.-୩୮, ଟି.ଏସ୍.ଭି.-୨ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ ।

➤ଉନ୍ନତ କିସମ ସୂର୍ଯ୍ୟମୁଖୀ ଯଥା- ମଡର୍ନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫ ହେକ୍ଟର ପ୍ରତି ୧୦ କି.ଗ୍ରା. ଓ ସଙ୍କର ଜାତୀୟ ପିଏସି-୩୬, କେବିଏସ୍ଏଚ୍-୧, କେବିଏସ୍ଏଚ୍-୪୪ ଓ ଏମ୍ଏସ୍ଏଫ୍ଏଚ୍-୮ କିସମ ୭.୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ୧ କି.ଗ୍ରା. ବିହନ ପ୍ରତି କାର୍ବୋକ୍ସିନ୍ + ଥିରାମ୍ କିମ୍ବା ଟେବୁକୋନାଜୋଲ୍ ୨% ଡିଏସ୍ ୨ ଗ୍ରାମ୍‌ରୁ ୨.୫ ଗ୍ରାମ୍ ହିସାବରେ ୨ କି.ଗ୍ରା. ମଞ୍ଜି ପ୍ରତି ବ୍ୟବହାର କରନ୍ତୁ।

➤ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

➤ବର୍ଷା ଯୋଗୁ ଆଖୁ କିଆରିରେ



ପାଣି ଜମିଥିଲେ ନିଷ୍କାସନ କରନ୍ତୁ। ବିହନ ପାଇଁ କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ । ନାଳି ଶଡ଼ା ଆକ୍ରାନ୍ତ ବୁଦା ଉପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

## ସେବତୀ ଫୁଲଚାରା



**ବ**ର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ । ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଡ଼ା ଗୋବରଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

# ସଅଳ କିସମ ଧାନ କାଟିବା ପୂର୍ବରୁ...

**ସ**ଅଳ କିସମ ଧାନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ। ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।



# ପ୍ରାଣୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

(ଦ୍ୱିତୀୟ ଭାଗ)

ଗାଈଙ୍କ ଶରୀରରେ ଏଲ୍.ଏଚ୍ ହରମୋନ ଅଭାବ ଯୋଗୁ ଡିମ୍ବାଣୁ ସ୍ଖଳନ ହୁଏ ନାହିଁ। ଏଥିଯୋଗୁ ପ୍ରୋଜେଷ୍ଟିରନ୍ ଗାଈ ଗର୍ଭଧାରଣ କ୍ଷମତା ହରାଇ ବସେ । ତା' ସହ ଜନ୍ମିତ ବାଛୁରୀର ଓଜନ କମିଥାଏ। ବାହ୍ୟ ଉତ୍ତାପ ବୃଦ୍ଧିଜନିତ କାରଣ ନେଇ ଗାଈ ବାଛୁରୀ ପ୍ରସବ ହେବାର ୯୦ ଦିନ ମଧ୍ୟରେ ପୁନଃ ଗରମ ନ ଆସିବା ଯୋଗୁ ବାଛୁରୀ ଜନ୍ମ କରିବାର ବ୍ୟବଧାନ ବୃଦ୍ଧି ପାଇଥାଏ। ଫଳରେ ଗାଈଙ୍କ ପ୍ରଜନନ ଦକ୍ଷତା ହ୍ରାସ ପାଇଥାଏ। ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧି ସମୟରେ ପ୍ରାଣୀଙ୍କଠାରୁ ଜନ୍ମିତ ଛୁଆ ବା ବାଛୁରୀର ଶାରୀରିକ ଓଜନ କମ୍ ଦେଖାଯାଏ ଏବଂ ଗାଈର ଦୁଗ୍ଧଦେବା ଅବଧି ଓ ଦୁଗ୍ଧ ଉତ୍ପାଦନ କମିଯାଏ। ବିଶେଷଜ୍ଞମାନଙ୍କ ଦ୍ୱାରା ଆମ ରାଜ୍ୟର ସଙ୍କର ଗାଈ ବହୁଳ ସର୍ବେକ୍ଷଣ କରାଯାଇ ଅଞ୍ଚଳରେ ୨୦ ବର୍ଷ ଅବଧି କାଳ ମଧ୍ୟରେ ଦେଖାଯାଇଛି ଯେ, ଜଳବାୟୁର ପରିବର୍ତ୍ତନ ସହ ପରିବେଶର ଉତ୍ତାପ ବୃଦ୍ଧି ଯୋଗୁ ୧୧ପ୍ରତିଶତ ଗାଈ ଗରମକୁ ନ ଆସିବା, ୨୩ ପ୍ରତିଶତ ଗାଈ ବାରମ୍ବାର ଲେଉଟାଇବା, ୧୩ ପ୍ରତିଶତ ଗାଈ ବିଳମ୍ବରେ ବୟପ୍ରାପ୍ତଃ ହେବା ଆଦି ଦେଖାଦେବା ସହ ୧୬ ପ୍ରତିଶତ



ଗାଈଙ୍କଠାରେ ଜରାୟୁ ସଂକ୍ରମଣ ଆଦି ଅବସ୍ଥା ଦେଖାଦେଇଥାଏ। ସେହିପରି ୧୦ ପ୍ରତିଶତ ଗାଈଙ୍କର ଦୀର୍ଘ ଗରମ ଲକ୍ଷଣ, ୫ ପ୍ରତିଶତ ଗାଈଙ୍କର ନୀରବ ଗରମ ଦେଖାଯାଉଥିବା ବେଳେ ବାଛୁରୀ ଜନ୍ମ କରିବାର ବ୍ୟବଧାନ ୫୭୦ ଦିନ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଜଳବାୟୁର ହଠାତ୍ ପରିବର୍ତ୍ତନ, ପରିବେଶର ପ୍ରଭାବ ସହ ଉତ୍ତାପ ଓ ଆର୍ଦ୍ରତା ବୃଦ୍ଧି, ଆଲୋକର ତୀବ୍ରତା ଆଦି କାରଣ ପ୍ରାଣୀ ବିଶେଷକରି ଗାଈଙ୍କଠାରେ ଉପରୋକ୍ତ ସମସ୍ୟାମାନ ଦେଖାଯାଇଥାଏ। ସେହିଭଳି ଉପରୋକ୍ତ କାରଣ ଯୋଗୁ ଷଣ୍ଢମାନଙ୍କ ପ୍ରଜନନ ଦକ୍ଷତା ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ। ସାଧାରଣତଃ ଶୀତଦିନ ଅପେକ୍ଷା ଗ୍ରୀଷ୍ମଦିନେ ଷଣ୍ଢଙ୍କର ସିମନରେ ଶୁକ୍ରାଣୁର ଗାଢ଼ତା ଓ ଗତିଶୀଳତା ହ୍ରାସପାଇବା ସହ ବୀର୍ଯ୍ୟ ସ୍ଖଳନ ମଧ୍ୟ କମ୍ ଦେଖାଯାଇଥାଏ।

**ଦୁଗ୍ଧ ଉତ୍ପାଦନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ :** ଦୁଧିଆଳୀ ଗାଈଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଦୁଗ୍ଧ ଉତ୍ପାଦନରେ ହ୍ରାସ ପାଇଥାଏ। ସଙ୍କର ଜର୍ସିଗାଈ ତୁଳନାରେ ହଲଷ୍ଟିନ୍ ଗାଈଙ୍କଠାରେ ଜଳବାୟୁର ପ୍ରଭାବ ଅଧିକ ପଡ଼ିଥାଏ। ବାହ୍ୟ ଉତ୍ତାପ ବୃଦ୍ଧିର ପରୋକ୍ଷ ପ୍ରଭାବରେ ଗାଈଙ୍କର କ୍ଷୁଧାଶକ୍ତି କମିଯିବା ସହିତ କମ୍ ଖାଦ୍ୟ ଖାଇବା ଯୋଗୁ ୩୫ ପ୍ରତିଶତ ଦୁଗ୍ଧ ଉତ୍ପାଦନ କମିଯାଏ। ଯେତେବେଳେ ପରିବେଷ୍ଟିତ ଉତ୍ତାପ ଏବଂ ଉତ୍ତାପ-ଆର୍ଦ୍ରତାର ସୂଚନାଙ୍କର ପ୍ରଭାବସୀମା ଟପିଯାଏ, ସେତେବେଳେ ଦୁଗ୍ଧ ଉତ୍ପାଦନ କମ୍ ହେବା ଦେଖାଯାଏ। ଅନ୍ୟାନ୍ୟ ଋତୁ ତୁଳନାରେ ଗ୍ରୀଷ୍ମଦିନେ ପ୍ରସବ କରିଥିବା ଗାଈମାନେ ସାଧାରଣତଃ କମ୍ ଦୁଗ୍ଧ ଦେଇଥାନ୍ତି। ସେହିପରି ଗରମ ପରିବେଶରେ ଖରାରେ ରହିଥିବା ଗାଈ ଅପେକ୍ଷା ଗୁହାଳେ ରହିଥିବା ଗାଈମାନେ ୧୦.୭ ପ୍ରତିଶତ ଅଧିକ ଦୁଗ୍ଧ ଦେଇଥାନ୍ତି। ତେଣୁ ଜଳବାୟୁର ଉତ୍ତାପ ବୃଦ୍ଧି ସମୟରେ ଗୋରୁଙ୍କୁ କୃତ୍ରିମ ଥଣ୍ଡା ପରିବେଶରେ ରଖିବା ସହ ଦିନବେଳେ ସ୍ୱଳ୍ପ ପୁଷ୍ଟିସାରଯୁକ୍ତ ଖାଦ୍ୟ ବା ଦାନା, ସବୁଜ ଘାସ, ଡାଳପତ୍ର, ଛୁଇଁଜାତୀୟ ବରଗୁଡି ଲଟାପତ୍ର ଆଦି ସହିତ ଧାତବଲବଣ ଓ ଭିଟାମିନ, ଲୁଣ ଆଦି ଖାଇବାକୁ ଦେବା ଉଚିତ। ସକାଳ, ସନ୍ଧ୍ୟା ବା ରାତ୍ରର ଥଣ୍ଡା ପ୍ରହରରେ ସୁଷମ ଦାନାଜାତୀୟ ଖାଦ୍ୟ ଗୋରୁଙ୍କୁ ଖାଇବାକୁ ଦେବା ଉଚିତ।

**କୀଟମାନଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଗୋରୁଙ୍କଠାରେ ରୋଗ ବ୍ୟାପିବା :** ସେହିପରି କୀଟମାନଙ୍କ ଉପରେ ଜଳବାୟୁର ପ୍ରଭାବ ମଧ୍ୟ ପଡ଼ିଥାଏ । ଉତ୍ତାପ ବୃଦ୍ଧିର ପ୍ରଭାବରେ ଥଣ୍ଡା ଜଳବାୟୁ ଅଞ୍ଚଳରେ କୀଟମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଏ । ଏମାନଙ୍କ ବୃଦ୍ଧି, ପରିସର, ସଂଖ୍ୟା ଓ ବଞ୍ଚିବା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ । କେତେକ କୀଟଙ୍କର ଜୀବନଚକ୍ର ଶେଷହେବା ସହ ଆଉ କେତେ କୀଟମାନଙ୍କର ଜୀବନଚକ୍ର ବୃଦ୍ଧି ପାଇଥାଏ। ଅପକାରୀ କୀଟମାନଙ୍କର ପରାଶ୍ରୟୀଜନିତ ମୃତ୍ୟୁ ସଂଖ୍ୟା କମିବା ସହିତ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କର ସଂଖ୍ୟା ବୃଦ୍ଧି ଘଟେ । କୀଟମାନଙ୍କର ସଂଖ୍ୟା ବୃଦ୍ଧି ଘଟିଲେ ତାହା ଗୋରୁଙ୍କ ଉପରେ ପ୍ରଭାବ ପଡ଼ିବା ସହିତ ବିଭିନ୍ନ ରକ୍ତଜନିତ କୃମି ଯଥା – ଥେଇଲେରିଆ, ଟ୍ରିପାନୁସମା, ବେବେସିଆ ଆଦି ରୋଗର ପ୍ରାଦୁର୍ଭାବ ସମୁଦ୍ର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଦେଖାଦେଇଥାଏ। ଏମାନଙ୍କ ଦ୍ୱାରା ଗାଈଗୋରୁଙ୍କଠାରେ ଚର୍ମବିଣ୍ଡି ରୋଗ ବିସ୍ତାର କରେ ।

**-ଡା. ବୀରକିଶୋର ପରିଡ଼ା**
ମୋ : ୯୪୩୭୬୦୭୩୧୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୭/୨୦୨୩ Bhubaneswar, Wednesday, September 27/ 2023

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

ରାଜକୋଟ୍, ୨୬।୯ (ପି.ଟି.)

ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ବୁଧବାର ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଜିତିବା ସହ ସିରିଜ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି ଭାରତ। ଏହାଦ୍ୱାରା ଆଗାମୀ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ରୋହିତ ଶର୍ମାଙ୍କ ଦଳର ପ୍ରସ୍ତୁତି ଭଲ ରହିଛି ବୋଲି ଧାରଣା ସୃଷ୍ଟି ହେବ। କ୍ରିକେଟ ଇତିହାସରେ ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ଅଷ୍ଟ୍ରେଲିଆ ବିପକ୍ଷରେ କେବେ କ୍ଲିନ ସୁଇପ୍ ସିରିଜ ବିଜୟୀ ହୋଇପାରିନାହିଁ। ଫ୍ରଣ୍ଟ ଲାଇନ୍ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଏହି ସିରିଜରେ ପ୍ରାଧାନ୍ୟ ବିସ୍ତାର କରି ଖେଳୁଛି। ଭାରତ ରେକର୍ଡ କ୍ରମାଗତ ୪ ଦିନିକିଆ ବିଜୟ ସହ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବାକୁ ଚାହୁଁଛି। ଭାରତ ଯଦି ଚଳିତ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ରେ ବିଜୟ ଲାଭ କରେ ତେବେ ଅକ୍ଟୋବର ୮ରେ ଚେନ୍ନାଇଠାରେ ଦୁଇ ଦଳ ସେମାନଙ୍କ ବିଶ୍ୱକପ୍ ଓପନର ଖେଳିବା ପୂର୍ବରୁ ୫ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ଫେଭରାଇଟ ରହିବ। ଆଗକୁ ମେଗା ଇଭେଣ୍ଟକୁ ଲକ୍ଷ୍ୟ ରଖି ଉଭୟେ ଦଳରେ ବହୁ ଅଦଳ ବଦଳ କରୁଛନ୍ତି। ତେଣୁ ପୂର୍ବାନୁମାନରେ ଏପଟ ସେପଟ ହୋଇପାରେ। ତୃତୀୟ ଦିନିକିଆ ପାଇଁ ଭାରତରେ 'ୟଙ୍ଗ୍ ଗନ୍' ଶୁବମନ ଗିଲ୍ ଓ ଶାର୍ଦ୍ଦୂଳ ଠାକୁରଙ୍କୁ ବିଶ୍ରାମ ଦିଆଯାଇଛି। ଶୁବମନ ଗିଲ୍ ପ୍ରଥମ ଦୁଇ ଦିନିକିଆରେ ଯଥାକ୍ରମେ ୭୪ ଓ


ବ୍ୟାଟିଂ ଅଭ୍ୟାସ ପାଇଁ ଯାଉଛନ୍ତି ବିରାଟ କୋହଲି।

୧୦୪ ରନ ସଂଗ୍ରହ କରିଛନ୍ତି। ୫୦ ଓଭର ବିଶ୍ୱକପ୍ ବର୍ଷରେ ଗିଲ୍ ଏହି ଫର୍ମାଟରେ ପ୍ରଥମ ବ୍ୟାଟର ଭାବେ ୧ ହଜାର ରନ ପୂରଣ କରିବା ସହ ୧,୨୩୦ ରନ ସଂଗ୍ରହ କରିସାରିଛନ୍ତି। ତାଙ୍କର ଆଭରେଜ ୭୨.୩୫ ରହିଛି। ଭାରତର ଆଗଧାଡ଼ି ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲି ଦଳକୁ ଫେରିବା ସମ୍ଭାବନା ରହିଛି। କିଛି ଦିନ ବିଶ୍ରାମ ପରେ ଫର୍ମରେ ଥିବା କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଏହି ମ୍ୟାଚରେ ଖେଳିପାରନ୍ତି। ରୋହିତଙ୍କ ଅନୁପସ୍ଥିତିରେ ଗତ ଦୁଇଟି ମ୍ୟାଚରେ କେ.ଏଲ୍ ରାହୁଲ ଭାରତୀୟ ଦଳର ନେତୃତ୍ୱ ନେଇ ଆସୁଥିଲେ। ରାହୁଲ ଠିକଣା ସମୟରେ ଉଭୟ ବ୍ୟାଟିଂ ଓ ଉଇକେଟକିପିଙ୍ଗରେ ଭଲ ପ୍ରଦର୍ଶନ କରୁଛନ୍ତି। ଭାରତ ପାଇ ଏହା ଖୁସିର ବିଷୟ। ବିଶ୍ୱକପ୍ ପାଇଁ ଦଳ ଚୂଡ଼ାନ୍ତ କରିବା ପୂର୍ବରୁ ବରିଷ୍ଠ ସ୍ପିନର ରବିଚନ୍ଦ୍ର ଅଶ୍ୱିନଙ୍କୁ ଏହି ମ୍ୟାଚରେ ସୁଯୋଗ ଦେଇପାରେ। ସିରିଜରେ ଅଷ୍ଟ୍ରେଲିଆର ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନରେ ବିଫଳ ହୋଇଛି। କ୍ରମାଗତ ୫ଟି ଅନ୍ତର୍ଜାତୀୟ ଦିନିକିଆରେ ପରାଜିତ ହୋଇ ସାରିଥିବା ଅଷ୍ଟ୍ରେଲିଆକୁ ବିଶ୍ୱକପ୍ ପୂର୍ବରୁ ବିଜୟ ପଥକୁ ଫେରିବାକୁ ହେବ। କିଛି ମାସ ପୂର୍ବେ ଏହି ଦଳ ଭାରତକୁ ୨-୧ରେ ପରାସ୍ତ କରିଥିଲା। ସେତେବେଳେ ମିଚେଲ ଷ୍ଟାର୍କ ତାଙ୍କ ଚମତ୍କାର ଇନ୍ ସୁଇଂ ବୋଲିଂରେ ଭାରତୀୟ ଡାହାଣହାତୀ ବ୍ୟାଟରଙ୍କୁ ଅଡୁଆରେ ପକାଇଥିଲେ। ବିଶ୍ୱକପ୍ ପୂର୍ବରୁ ଏହା ଶେଷ ମ୍ୟାଚ ହୋଇଥିବାରୁ ଅଷ୍ଟ୍ରେଲିଆ ଏହାର ପ୍ରମୁଖ ବୋଲର ପ୍ୟାଟ୍ କୁମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ଖେଳାଇପାରେ। ଭାରତରେ ଚଳିତବର୍ଷ ଟପ୍ ଅର୍ଡରରେ ଟ୍ରାଭିସ ହେଡ୍ ଏବଂ ଷ୍ଟିଭ୍ ସ୍ମିଥ୍ ଓ ମାର୍ନସ ଲାବୁସେନଙ୍କର ପ୍ରଦର୍ଶନ ଆଶାନୁରୂପ ରହିନାହିଁ।

**ତୃତୀୟ ଦିନିକିଆ ଆଜି**

**ସ୍ଥାନ: ରାଜକୋଟ**
**ମ୍ୟାଚ ଆରମ୍ଭ : ଅପରାହ୍ନ ୧ଟା୩୦**
**ପ୍ରସାରଣ: ସ୍ପୋର୍ଟ୍ସ-୧୮**

## ଟେନିସ୍ ହଲ୍ ଅଫ୍ ଫେମ୍‌ରେ ପେସ୍ ପ୍ରଥମ ଏସୀୟ

ନୂଆଦିଲ୍ଲୀ, ୨୬।୯ (ପି.ଟି.): ଏକାଧିକ ଗ୍ରାଣ୍ଡସ୍ଲାମ ବିଜେତା ଭାରତର ଲିଆଣ୍ଡର ପେସ୍ ମଙ୍ଗଳବାର ପ୍ରଥମ ଏସୀୟ ପୁରୁଷ ଭାବେ ଇଣ୍ଟରନ୍ୟାଶନାଲ ହଲ୍ ଅଫ୍ ଫେମ୍ (ଆଇଟିଏଚ୍ଏଫ୍) ଖେଳାଳି କାଟେଗୋରି ପାଇଁ ମନୋନୀତ ହୋଇଛନ୍ତି। ୨୦୨୪ ବର୍ଷ ପାଇଁ ଖେଳାଳି କାଟେଗୋରି ଲାଗି ମନୋନୀତ ହୋଇଥିବା ୬ଜଣଙ୍କ ମଧ୍ୟରେ ୫୦ ବର୍ଷୀୟ ପେସ୍ ଅନ୍ୟତମ। ଅନ୍ୟମାନେ ହେଲେ କାରା ବ୍ଲାକ୍, ଆନା ଇଭାନୋଭିଚ୍, କାର୍ଲୋସ ମୋୟା, ଡାନିଲ ନେଷ୍ଟୋର ଓ ଫ୍ଲାଭିଆ ପେନେଟା। ପୂର୍ବରୁ ୨୦୧୯ରେ ଏସିଆରୁ ପ୍ରଥମ ମହିଳା ଖେଳାଳି ଭାବେ ଆଇଟିଏଚ୍ଏଫ୍‌କୁ ମନୋନୀତ ହୋଇଥିଲେ ଚାଇନାର ଲି' ନା। ସେ ଅଷ୍ଟ୍ରେଲିଆନ ଓପନ ଓ ଫ୍ରେଞ୍ଚ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ପେସ୍ ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୧୮ ଗ୍ରାଣ୍ଡସ୍ଲାମ ବିଜେତା। ଏହାଛଡ଼ା ସେ ପୂର୍ବତନ ନମ୍ବର ୱାନ ଡବଲ୍ସ ଖେଳାଳି। ପେସ୍ ତାଙ୍କ ୩ ଦଶନ୍ଧି ଧରି କ୍ୟାରିୟରରେ ଡବଲ୍ସରେ ୮ ଗ୍ରାଣ୍ଡସ୍ଲାମ, ୧୦ ମିକ୍ସଡ ଡବଲ୍ସ ଏବଂ ଉଭୟ ବିଭାଗରେ ଏକ କ୍ୟାରିୟର ସ୍ଲାମ୍ ହାସଲ କରିଛନ୍ତି। ପେସ୍ ମୋଟ ୪୬୨ ସପ୍ତାହ ଧରି ଏଟିପି ଡବଲ୍ସ ଟପ୍ ୧୦ରେ ରହିଥିଲେ। ତନ୍ମଧ୍ୟରେ ସେ ୩୭ ସପ୍ତାହ ନମ୍ବର ୱାନ ରହିଥିଲେ। ଟୁର୍‌ରେ ସେ ୫୫ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ପେସ୍ ଭାରତ ତରଫରୁ ଦୀର୍ଘ ୩୦ବର୍ଷ ଧରି ପ୍ରତିନିଧିତ୍ୱ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ